ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୭/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Friday, January 7/2022 | ★★★★★★

୪୮ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ଦ୍ରୁତ ବୋଲର ଭୂମିକାରେ ଅନୁଷ୍କା

୩ ବର୍ଷ ପରେ 'ଚକ୍‌ଦା ଏକ୍ସପ୍ରେସ୍' ଫିଲ୍ମ ଜରିଆରେ ବଲିଉଡ୍‌କୁ ଫେରିଛନ୍ତି ଅନୁଷ୍କା ଶର୍ମା। ଏଥିରେ ତାଙ୍କୁ ଦ୍ରୁତ ବୋଲର ଭୂମିକାରେ ଦେଖିବାକୁ ମିଳିବ।

୦୭

୦୮

## ଉସ୍‌ମାନ ଖ୍ୱାଜାଙ୍କ ଶତକ ହାସଲ

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆ ବ୍ୟାଟର ଉସ୍‌ମାନ ଖ୍ୱାଜା ଶତକ ହାସଲ କରିଛନ୍ତି।



# ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମା ବଢ଼ିଲା

### ଲୋକ ସଭା ପ୍ରାର୍ଥୀ ୯୫ ଲକ୍ଷ, ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ ଯାଏ ବ୍ୟୟ କରିପାରିବେ

ନୂଆଦିଲ୍ଲୀ,୬।୧: ଲୋକ ସଭା ଓ ବିଧାନସଭା ନିର୍ବାଚନ ଲାଗି ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସୀମାକୁ ବୃଦ୍ଧି କରାଯାଇଛି। ଲୋକ ସଭା ପ୍ରାର୍ଥୀଙ୍କ ଲାଗି ସର୍ବୋଚ୍ଚ ଖର୍ଚ୍ଚ ସୀମା ୭୦ ଲକ୍ଷ ଟଙ୍କା ଥିବାବେଳେ ଏହା ୯୫ ଲକ୍ଷକୁ ବୃଦ୍ଧି ହୋଇଛି। ସେହିପରି ବିଧାନସଭା ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚସୀମା ୨୮ ଲକ୍ଷରୁ ୪୦ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ନିର୍ବାଚନ କମିଶନ (ଇସି)ଙ୍କ ସୁପାରିସ ଆଧାରରେ ଆଇନ ମନ୍ତ୍ରଣାଳୟ ଉପରୋକ୍ତ ନିଷ୍ପତ୍ତି ନେଇଛି। ଖର୍ଚ୍ଚ ମୁଦ୍ରାସ୍ଫୀତି ସୂଚକାଙ୍କ ବଢ଼ିବା ସହ ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟାରେ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଏବଂ ମଣିପୁରରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସଂଶୋଧିତ ଖର୍ଚ୍ଚ ସୀମା ଲାଗୁ ହେବ। ୨୦୧୪ରେ ହୋଇଥିବା ସଂଶୋଧନ ଅନୁଯାୟୀ ବଡ଼ ରାଜ୍ୟଗୁଡ଼ିକରେ ଲୋକ ସଭା ପ୍ରାର୍ଥୀଙ୍କ ଖର୍ଚ୍ଚସୀମା ୭୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କୋଭିଡ୍ ସମୟରେ ଏହାକୁ ଅସ୍ଥାୟୀ ଭାବେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ଆମେରିକା ଗଣତନ୍ତ୍ର ପ୍ରତି ବିପଦ

# ବଲାଙ୍ଗୀରରେ ରାଜ୍ୟର ପ୍ରଥମ ଓମିକ୍ରନ୍ ମୃତ୍ୟୁ

ବଲାଙ୍ଗୀର ଅଫିସ/ ଲୋଇସିଂହା, ୬।୧(ଡି.ଏନ୍.ଏ.)

ଓମିକ୍ରନ୍ ସଂକ୍ରମଣ ଦେଖାଦେବା ପରେ କୁହାଯାଉଥିଲା ଯେ, ଏହା ଡେଲ୍‌ଟା ଭଳି ଅତି ଘାତକ ହେବନାହିଁ। ଏଥିରେ କେବଳ ସଂକ୍ରମଣ ବୃଦ୍ଧି ପାଇବ। କିନ୍ତୁ ଦିନକୁ ଦିନ ଏଥିଯୋଗୁ ଲୋକଙ୍କ ପ୍ରାଣହାନି ଘଟିଲାଣି। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ପ୍ରାଣ ହରାଇଥିବା ମହିଳା ରାଜ୍ୟର ପ୍ରଥମ ଓମିକ୍ରନ୍ ମୃତ୍ୟୁ ବୋଲି କୁହାଯାଉଛି।

ଓମିକ୍ରନ୍‌ଜନିତ ମୃତ୍ୟୁ ଜଣାପଡ଼ିବା ପରେ ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗର ଦୁଇଟି ଟିମ୍ ଡୁଙ୍ଗୁରିପାଲି ଗାଁରେ ପହଞ୍ଚି କଣ୍ଟାକ୍ଟ ଟ୍ରେସିଂ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୨୨ ତାରିଖରେ ଡୁଙ୍ଗୁରିପାଲି ଗାଁର ଜଣେ ୫୫ ବର୍ଷିୟା ମହିଳା ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କର ଷ୍ଟ୍ରୋକ୍ ହୋଇଥିବା ଜାଣି ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ପରେ ମହିଳା ଜଣକ କୋଭିଡ ପଜିଟିଭ୍ ବୋଲି ଜଣାପଡିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୭ତାରିଖରେ ବୁର୍ଲାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ମୃତଦେହ ଡୁଙ୍ଗୁରିପାଲି ଆଣି ସତ୍କାର କରିଥିଲେ। ଅନ୍ତିମ ସଂସ୍କାରର ୧୦ ଦିନ ପରେ ସମ୍ପୃକ୍ତ ମହିଳା ଓମିକ୍ରନ୍ ସଂକ୍ରମିତ ଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ତେବେ ସେ କିଭଳି ଭାବେ ଓମିକ୍ରନ୍ ସଂକ୍ରମିତ ହେଲେ ତାହା ସ୍ପଷ୍ଟ ହୋଇନାହିଁ। ମହିଳାଙ୍କ ମୃତଦେହ ସଂସ୍କାର ବେଳେ ପରିବାର, ଜ୍ଞାତିକୁଟୁମ୍ବ, ସମ୍ପର୍କୀୟ ତଥା ଗ୍ରାମବାସୀ ଉପସ୍ଥିତ ଥିବାରୁ ସେମାନେ କାଳେ ସଂକ୍ରମିତ ହୋଇଥିବେ ସନ୍ଦେହ କରି ଜିଲା ପ୍ରଶାସନ ପକ୍ଷରୁ ଏକ କଣ୍ଟାକ୍ଟ ଟ୍ରେସିଂ ଅଭିଯାନ ଆରମ୍ଭ କରାଯାଇଛି। ଜିଲାପାଳ ରାଣା କହିଛନ୍ତି ଯେ, ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜସ୍ୱ ବିଭାଗର ଟିମ୍ ଡୁଙ୍ଗୁରିପାଲି ଗାଁରେ କଣ୍ଟାକ୍ଟ ଟ୍ରେସିଂ କରୁଛନ୍ତି। ସିଡିଏମ୍‌ଓ ଡା. ସ୍ନେହଲତା ସାହୁ କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣା ଉପରେ ସ୍ୱତନ୍ତ୍ର ନଜର ରଖାଯାଇ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ସ୍ୱତନ୍ତ୍ର ଟିମ୍ ଗୁରୁବାର ଡୁଙ୍ଗୁରିପାଲି ଗାଁରେ ପହଞ୍ଚିବା ପରେ ଗାଁ ଲୋକଙ୍କ ସହ ଆଲୋଚନା କରିଛି। ସ୍ଥାନୀୟ ଆଶାକର୍ମୀ ସଞ୍ଜୁଲତା ତାଣ୍ଡି, ଅଙ୍ଗନୱାଡି କର୍ମୀ ପଦ୍ମାବତୀ ବେହେରା, ଗାଁର ଶମ୍ଭୁ ପ୍ରସାଦ ମହାକୁର, ପୀତାମ୍ବର କଣ୍ଟା, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବିକାଶ ବେହେରା ପ୍ରମୁଖ ମିଳିତ ବୈଠକରେ ଯୋଗଦେଇଥିଲେ। ୧୪ ଦିନ ପାଇଁ ସଙ୍ଗରୋଧ ପାଳନ ସହ କୋଭିଡ ଗାଇଡଲାଇନ୍ ପାଳନ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

# ଅନୁକମ୍ପା ପାଇଁ ମୋଦିଙ୍କ ଷ୍ଟଣ୍ଟ



## ସମାଲୋଚନା କଲେ ଟିକାଏତ୍

ନୂଆଦିଲ୍ଲୀ,୬।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବ ଜନସାଧାରଣଙ୍କ ଅନୁକମ୍ପା ହାସଲ ପାଇଁ 'ସୁରକ୍ଷାରେ ତ୍ରୁଟି' ଷ୍ଟଣ୍ଟ ଆପଣାଇଥିବା କୃଷକ ନେତା ରାକେଶ ଟିକାଏତ୍ ଗୁରୁବାର ସମାଲୋଚନା କରିଛନ୍ତି। ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ମୁଖପାତ୍ର ଟିକାଏତ୍ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ପଞ୍ଜାବକୁ ଯିବା ଉଚିତ ନ ଥିଲା। ମୋଦି ସେଠାରୁ ଜୀବିତ ଫେରିଆସିଥିବା କହୁଛନ୍ତି ବୋଲି ଆମେ ଶୁଣିଆସୁଛୁ। ତେଣୁ ଏହା ଏକ ଷ୍ଟଣ୍ଟ ଭଳି ମନେହେଉଛି। ବୁଧବାର ଫିରୋଜପୁର ସମେତ ଅନେକ ସ୍ଥାନରେ କୃଷକଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ☞ପୃଷ୍ଠା–୪

## ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି**



ନୂଆଦିଲ୍ଲୀ,୬।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି ସମ୍ପର୍କିତ ଏକ ପିଟିଶନର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ ହେବ। ଏନେଇ ସର୍ବୋଚ୍ଚ ଅଦାଲତ ଗୁରୁବାର ପଞ୍ଜାବ ସରକାରଙ୍କୁ ନୋଟିସ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପଞ୍ଜାବର ଫିରୋଜପୁର ଯାଉଥିବାବେଳେ କୃଷକମାନେ ଏହାକୁ ବିରୋଧକରି ରାସ୍ତା ଅବରୋଧ କରିଥିଲେ। ଫଳରେ ମୋଦି ଏକ ଫ୍ଲାଏଓଭର ଉପରେ ପ୍ରାୟ ୨୦ ମିନିଟ ଧରି ଫସିରହିବା ପରେ ସଭା ବାତିଲକରି ଦିଲ୍ଲୀ ଫେରିଯାଇଥିଲେ। ଏଥିଲାଗି ଭାଜପା ପଞ୍ଜାବର କଂଗ୍ରେସ ସରକାର ଉପରେ ଦୋଷ ଲଦିଥିବାବେଳେ ଏହି ପ୍ରସଙ୍ଗରେ ଜାତୀୟ ରାଜନୀତି ସରଗରମ ହୋଇଛି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ତାହା ସୁନିଶ୍ଚିତ କରିବା ଲାଗି ବରିଷ୍ଠ ଆଇନଜୀବୀ ମନିନ୍ଦର ସିଂ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରି ଏହାର ତ୍ୱରିତ ଶୁଣାଣି ନିମନ୍ତେ ପ୍ରାର୍ଥନା କରିଛନ୍ତି। ମନିନ୍ଦର କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ପଞ୍ଜାବ ପୋଲିସ ପକ୍ଷରୁ ନିଆଯାଇଥିବା ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କିତ ସମସ୍ତ ପ୍ରମାଣ ସଂଗ୍ରହ କରିବା ଲାଗି ବଠିଣ୍ଡା ଜିଲା ଜଜ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ନିବେଦନ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ ପଞ୍ଜାବ ସରକାରଙ୍କୁ ନୋଟିସ କରିଛନ୍ତି। ଏଥିସହ ଶୁକ୍ରବାର ପ୍ରଥମେ ଏହି ପ୍ରସଙ୍ଗରେ ବିଚାର କରାଯିବ ବୋଲି କହିଛନ୍ତି।

DADLS-61

ଓଡ଼ିଶା ସରକାର

ବିବାହ, ବ୍ରତ ଆଦି ସାମାଜିକ/ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି କି ?

ସାବଧାନ ରୁହନ୍ତୁ, ସତର୍କ ରୁହନ୍ତୁ !

'ଓମିକ୍ରନ୍' ପ୍ରଜାତି ଯୋଗୁଁ ଏବେ କରୋନା ସଂକ୍ରମଣର ଆଶଙ୍କା ବଢ଼ିଯାଇଛି। ଆମର ଜୀବନ ଓ ଜୀବିକା ସୁରକ୍ଷିତ ରଖିବା ପାଇଁ ଆମକୁ ଏବେ ଯଥେଷ୍ଟ ସତର୍କ ରହିବାକୁ ପଡିବ। ସାମାଜିକ ତଥା ଧାର୍ମିକ କାର୍ଯ୍ୟକ୍ରମ / ପର୍ବପର୍ବାଣି ସମୟରେ କୋଭିଡ୍ ସୁରକ୍ଷା ନିୟମ ଗୁଡିକୁ ନିଷ୍ଠାର ସହ ପାଳନ କରିବାକୁ ପଡିବ।

- ବିବାହ, ବ୍ରତ, ଶ୍ରାଦ୍ଧ, ଅନ୍ତ୍ୟେଷ୍ଟିକ୍ରିୟା ଆଦି ପାଳନ ସମୟରେ ସ୍ଥାନୀୟ ପ୍ରଶାସନର ଅନୁମୋଦିତ ସଂଖ୍ୟାର ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରିପାରିବେ।
- ପରିବାର ସଦସ୍ୟ ଓ ଅତିଥି ସଠିକ୍‌ଭାବେ ତ୍ରିସ୍ତରୀୟ ମାସ୍କ ପିନ୍ଧିବା ସହିତ ପରସ୍ପର ମଧ୍ୟରେ ସର୍ବନିମ୍ନ ଶାରୀରିକ ଦୂରତା (୬ ଫୁଟ୍) ବଜାୟ ରଖିବେ।
- କାର୍ଯ୍ୟକ୍ରମ ସ୍ଥଳୀର ପ୍ରବେଶ ପଥରେ ସାନିଟାଇଜର କିମ୍ବା ହାତ ଧୋଇବା ପାଇଁ ସାବୁନ୍ ଓ ପାଣିର ବ୍ୟବସ୍ଥା କରିବେ।
- ଭୋଜି ଭାତ କିମ୍ବା ବାଜା ରୋଷଣୀ ଆଦିରୁ ଦୂରେଇ ରହିବେ।
- ହାଟ / ବଜାର ଆଦିକୁ ଯିବା ସମୟରେ କୋଭିଡ୍ ପ୍ରତିରୋଧି ନିୟମ କଡାକଡି ଅନୁପାଳନ କରିବେ।
- କୌଣସି ପରିସ୍ଥିତିରେ ଜନଗହଳି ବା ଭିଡକୁ ପ୍ରଶ୍ରୟ ଦେବେ ନାହିଁ।



କାଶ | ଜ୍ୱର | ଶ୍ୱାସକ୍ରିୟାରେ କଷ୍ଟ

ଜ୍ୱର, କାଶ, ଗଳା ଦରଜ, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଦେଲେ ସଙ୍ଗରୋଧରେ ରହିବା ସହିତ ତୁରନ୍ତ କୋଭିଡ୍ ପରୀକ୍ଷା କରାଇ ନିଅନ୍ତୁ।




୧୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି କୋଭିଡ୍ ଟିକାର ୨ଟି ଡୋଜ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଶ୍ଚୟ ନିଅନ୍ତୁ। ୨ଟି ଡୋଜ୍ କୋଭିଡ୍ ଟିକା ନେଇସାରିଥିଲେ ମଧ୍ୟ କୋଭିଡ୍ ନିୟମ ମାନି ଚଳନ୍ତୁ।

ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ




ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ | ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ | ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ | ଜନଗହଳି ବା ଭିଡରୁ ଦୂରେଇ ରୁହନ୍ତୁ

ଅଧିକ ଜାଣିବା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ଦ୍ୱାରା ଜନହିତରେ ଜାରି

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-15001/13/0104/2122

www.licindia.in

ଏଲ୍‌ଆଇସି ପଲିସୀଧାରକ, ଧ୍ୟାନ ଦିଅନ୍ତୁ:

ପ୍ରସ୍ତୁତ ହେବା ପାଇଁ ଏହା ଜୀବନର ସର୍ବୋତ୍ତମ ସମୟ।

ଭାରତ ସରକାର ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ ଆକ୍ଟ, 1956 ରେ ସଂଶୋଧନ କରିଛନ୍ତି, ଯାହାକି କର୍ପୋରେସନ୍‌କୁ ଏହାର ପ୍ରସ୍ତାବିତ ସାର୍ବଜନିକ ପ୍ରସଙ୍ଗରେ ଅଂଶଧନ ସଂରକ୍ଷଣ କରିବାକୁ ଅନୁମତି ଦେଇଛି।*

ଅଂଶଗ୍ରହଣ କରିବାକୁ ସକ୍ଷମ ହେବା ନିମନ୍ତେ, ପଲିସୀଧାରକମାନେ ଦୁଇଟି ପଦକ୍ଷେପ ନେବା ଜରୁରୀ:

1 ଏଲ୍‌ଆଇସି ସହିତ ଆପଣଙ୍କର ବ୍ୟକ୍ତିଗତ ରେକର୍ଡଗୁଡିକ ଅପଡେଟ୍ କରନ୍ତୁ



- www.licindia.in ଭିଜିଟ୍ କରନ୍ତୁ ଏବଂ ଅନଲାଇନ୍‌ରେ ଆପଣଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) ପଞ୍ଜିକରଣ କରିବା ପାଇଁ ଆଇକନ୍ ଉପରେ କ୍ଲିକ୍ କରନ୍ତୁ।
- ଆପଣଙ୍କର ଜନ୍ମ ତାରିଖ, ଲିଙ୍ଗ, ଇମେଲ୍ ID, PAN, ପୂରା ନାମ, ମୋବାଇଲ ନମ୍ବର ଏବଂ ଏଲ୍‌ଆଇସି ପଲିସୀ ନମ୍ବର ଦିଅନ୍ତୁ।
- ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ଆପଣଙ୍କର PAN ରେକର୍ଡଗୁଡିକ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ।

କୌଣସି ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ।

2 ଏକ DEMAT ଆକାଉଣ୍ଟ ଖୋଲନ୍ତୁ (ଯଦି ଆପଣ ପାଖରେ ନାହିଁ)

- ଏକ DEMAT ଖାତା ଖୋଲିବାକୁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ପାଇଁ ଏହି ୱେବସାଇଟଗୁଡିକ ମଧ୍ୟରୁ କୌଣସିଟି ଭିଜିଟ୍ କରନ୍ତୁ:
  NSDL: https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=19
  CDSL: https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=18
- DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦସ୍ତାବିଜ୍ କୁ ପ୍ରଦାନ କରିବା ଜରୁରୀ:
  - ସାମ୍ପ୍ରତିକ ଫଟୋଗ୍ରାଫ
  - PAN କାର୍ଡ
  - ଠିକଣା ପ୍ରମାଣ
  - କ୍ୟାନସେଲ୍ ଚେକ୍
- DP ଅଧିକ ସୂଚନା ବି ଚାହିଁ ପାରନ୍ତି।

କୌଣସି ସହାୟତା ପାଇଁ ଆପଣଙ୍କର ବ୍ୟାଙ୍କର କିମ୍ବା ବ୍ରୋକରଙ୍କ ସହିତ ଯୋଗାଯୋଗ କରନ୍ତୁ।

ଦୟାକରି ଧ୍ୟାନ ଦିଅନ୍ତୁ

ଏହି ବିଜ୍ଞପ୍ତି କିମ୍ବା ପଲିସୀଧାରକଙ୍କ ସହ ଶେୟାର କରାଯାଉଥିବା କୌଣସି ସୂଚନା ନିଗମର ଇକ୍ୱିଟୀ ଶେୟାରର ଅଫର୍ ନୁହେଁ। ପଲିସୀଧାରକମାନେ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ନିକଟକୁ ଯିବାକୁ ପଡିବ ଏବଂ DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପୂରା ଦାୟୀ ରହିବାକୁ ପଡିବ। ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ପଲିସୀଧାରକ ବହନ କରିବେ। କୌଣସି ନିଶ୍ଚିତତା ନାହିଁ ଯେ ପଲିସୀଧାରକ ଯେକୌଣସି ପ୍ରସ୍ତାବିତ ପ୍ରଚଳନରେ ପଲିସୀଧାରକଙ୍କ ପାଇଁ ଶେୟାର ସଂରକ୍ଷଣ ଘଟଣା ନିମନ୍ତେ ମଧ୍ୟ ସେମାନେ ଆବେଦନ କରୁଥିବା ଯେକୌଣସି କିମ୍ବା ସମସ୍ତ ଇକ୍ୱିଟୀ ଶେୟାର ବଣ୍ଟନ କରାଯିବ। କର୍ପୋରେସନ୍ ଏହାର ଇକ୍ୱିଟୀ ଶେୟାରଗୁଡିକର ପ୍ରଦର୍ଶନକୁ ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ଏକ ସାଧାରଣ ଅଫରରେ କୌଣସି ବିନିଯୋଗ ସହିତ ଜଡିତ ବିପଦ ବିଷୟରେ ନିବେଶକମାନେ ସଚେତନ ହେବା ଆବଶ୍ୟକ ଅଟେ। ପଲିସୀଧାରକଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://licindia.in/ipo

*ପ୍ରସ୍ତାବିତ IPOର ସବିଶେଷ ତଥ୍ୟ ଚୂଡ଼ାନ୍ତ ହେବା ପରେ ସୂଚିତ କରାଯିବ।

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/RKS/2021-22/39/ORI

ଆମକୁ ଅନୁସରଣ କରନ୍ତୁ: LIC India Forever | IRDAI Regn No.: 512

# ସୁରକ୍ଷାରେ ତ୍ରୁଟି: ରାଷ୍ଟ୍ରପତିଙ୍କୁ ଅବଗତ କଲେ ମୋଦି

■ କଡ଼ା କାର୍ଯ୍ୟାନୁଷ୍ଠାନ ନେବ କେନ୍ଦ୍ର: ଅନୁରାଗ
■ ପଞ୍ଜାବ ସରକାର ଗଢ଼ିଲେ ତଦନ୍ତ କମିଟି

**ନୂଆଦିଲ୍ଲୀ,୬।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସୁରକ୍ଷାରେ ହୋଇଥିବା ତ୍ରୁଟି ସମ୍ପର୍କରେ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ୍ କରି ଅବଗତ କରାଇଛନ୍ତି। ରାଷ୍ଟ୍ରପତିଙ୍କ ସେକ୍ରେଟାରିଏଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ଏ ବିଷୟରେ ଟୁଇଟ୍ କରିଛନ୍ତି। ଏହା ପୂର୍ବରୁ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ପ୍ରଧାନମନ୍ତ୍ରୀଙ୍କୁ ଫୋନ୍ କରି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ।

ସେପଟେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଏହାର ତଦନ୍ତ ଲାଗି ଏକ ୨ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୋଦିଙ୍କ ଫିରୋଜପୁର ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟି ହୋଇନାହିଁ ଏବଂ ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ ବୋଲି ଚନ୍ନି କହିଛନ୍ତି। ଭାଜପାର ଏକ ପ୍ରତିନିଧି ଦଳ ପଞ୍ଜାବ ରାଜ୍ୟପାଳ ବନଓ୍ୱାରୀ ଲାଲ ପୁରୋହିତଙ୍କ ନିକଟରେ ଫେରାଦ ହୋଇଛି। ଭାଜପା ନେତାମାନେ ଚଣ୍ଡିଗଡ଼ରେ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ଗୃହମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧଓ୍ୱା ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ବରଖାସ୍ତ ପାଇଁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ନି ଏହି ଘଟଣାର ତଦନ୍ତ ପାଇଁ ଗଠନ କରିଥିବା କମିଟିକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ ବୋଲି ରାଜ୍ୟ ଭାଜପା ସଭାପତି ଅଶ୍ୱିନୀ ଶର୍ମା ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ବଡ଼ ଓ କଡ଼ା କାର୍ଯ୍ୟାନୁଷ୍ଠାନ ନେବ। ଦେଶର ନ୍ୟାୟିକ ବ୍ୟବସ୍ଥା ସମସ୍ତଙ୍କୁ ନ୍ୟାୟ ଦେଇଥାଏ। ଯେତେବେଳେ ବି ଏପରି ଭୁଲ୍ ହୁଏ ଜରୁରୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ବୋଲି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ବୈଠକ ପରେ ଅନୁରାଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭାଜପା ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ମୋଦିଙ୍କ ଦୀର୍ଘ ଜୀବନ କାମନା କରାଯାଇ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଛି। ଗୈରିକ ଦଳର ନେତାମାନେ ସୋସିଆଲ ମିଡିଆରେ ହ୍ୟାଶ୍‌ଟ୍ୟାଗ୍ 'ଲଙ୍ଗ୍ ଲିଭ୍ ପିଏମ୍ ମୋଦି' ବ୍ୟବହାର କରି ପୂଜାର୍ଚ୍ଚନା ସମ୍ପର୍କିତ ଫଟୋ ଶେୟାର କରିଛନ୍ତି।


ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଗୁରୁବାର ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ୍ କରୁଛନ୍ତି।

### ପଞ୍ଜାବରେ ରାଷ୍ଟ୍ରପତି ଶାସନ ପାଇଁ କେନ୍ଦ୍ରର ଚକ୍ରାନ୍ତ: ଚନ୍ନି

**ଚଣ୍ଡିଗଡ଼,୬।୧:** ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟିକୁ ଆଳକରି କେନ୍ଦ୍ର ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ମସୁଧା କରୁଥିବା ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଅଭିଯୋଗ ଆଣିଛନ୍ତି। ମୋଦିଙ୍କ ସହ ପଞ୍ଜାବରେ ଘଟିଥିବା ଘଟଣାର ତଦନ୍ତ ଲାଗି ଗୁରୁବାର କେନ୍ଦ୍ର ସରକାର ଏକ ତିନିଜଣିଆ କମିଟି ଗଠନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ରାମନାଥଙ୍କୁ ଭେଟି ସୁରକ୍ଷାରେ ତ୍ରୁଟି ନେଇ ଅବଗତ କରାଇବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚନ୍ନି କହିଛନ୍ତି, ବୁଧବାର ଯାହା ଘଟିଲା ତାହା ହେଉଛି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ କେନ୍ଦ୍ରର ଏକ ନାଟକୀୟ କୌଶଳ।

# ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର


ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ ନେତୃବୃନ୍ଦ ଜଣେ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରୁଛନ୍ତି।

### କୁଳମଣି ବରାଳ, ଦିବ୍ୟସିଂହଙ୍କ ମୃତ୍ୟୁକୁ ବର୍ଷେ

**ଭୁବନେଶ୍ୱର(ବ୍ୟୁରୋ)/ ମାହାଙ୍ଗା(ସ୍ୱ.ପ୍ର.),୬।୧**

ମାହାଙ୍ଗା ଡବଲ ମର୍ଡର ଘଟଣାକୁ ବର୍ଷେ ପୂରିଛି। ଏହି ଅବସରରେ ଗୁରୁବାର ମାହାଙ୍ଗାରେ ଆୟୋଜିତ ଏକ ସ୍ମୃତିସଭାରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବର୍ଷକ ତଳେ ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ଇତିମଧ୍ୟରେ ବର୍ଷେ ପୂରିଯାଇଛି। ତେଣୁ ମାମଲା କେଉଁ ଅବସ୍ଥାରେ ଅଛି ବୋଲି ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, କୁଳମଣି ହତ୍ୟା ଘଟଣାରେ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀଙ୍କ ନାମ ଏତଲାରେ ଥିଲା। ହେଲେ ଚାର୍ଜଶିଟରୁ ପୋଲିସ ତାଙ୍କ ନାମ ଏତଲାରୁ କାଟିଦେଲା। ଏପରିକି ମନ୍ତ୍ରୀଙ୍କ ବ୍ୟବସାୟିକ ପେଣ୍ଠସ୍ଥଳରେ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ ହେଲା। ଏହି ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଶୂନ। ଏଥିରୁ ରାଜ୍ୟର ଆଇନ୍‌ଶୃଙ୍ଖଳା ସ୍ଥିତି କିପରି ତାହା ଦର୍ଶାଉଛି। ପ୍ରକୃତରେ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଆ ଲୋକଙ୍କ ପାଇଁ ଚିନ୍ତା କି ଦରଦ ନାହିଁ, ଯେଉଁଥିଲାଗି ଏସବୁ ଘଟୁଛି ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଧର୍ମେନ୍ଦ୍ର ଟାର୍ଗେଟ କରିଛନ୍ତି। ମାହାଙ୍ଗାର ମାଟି ହେଉଛି କର୍ମବୀର ଗୌରୀଶଙ୍କର ରାୟ, ଗଣକବି ବୈଷ୍ଣବ ପାଣି ଓ ପଲ୍ଲିକବି ନନ୍ଦକିଶୋର ବଳଙ୍କ ପବିତ୍ର ମାଟି। ଗରିବଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଏହି ଦିବଂଗତ ଭାଜପା ନେତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ଗତ ବର୍ଷ ସ୍ୱର୍ଗତ କୁଳମଣି ବରାଳ ତାଙ୍କୁ ଭୁବନେଶ୍ୱରରେ ଭେଟିବା ସହ ମାହାଙ୍ଗା ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା କେଳେଙ୍କାରୀ ବା ଦଳୀୟ ଆଧାରରେ ବଣ୍ଟନ ବିଷୟରେ ଅବଗତ କରିଥିଲେ। ମାତ୍ର ତା'ପରଦିନ କୁଳମଣିଙ୍କୁ ହତ୍ୟା କରାଯିବା ବିଶ୍ୱାସଯୋଗ୍ୟ ହୋଇ ନ ଥିଲା। ରାଜ୍ୟରେ କ୍ଷମତାରେ ଥିବା ଲୋକମାନେ ସ୍ୱର୍ଗତ ବରାଳ ଓ ତାଙ୍କ ସହଯୋଗୀଙ୍କୁ ପିଏମ୍ ଆବାସ ଯୋଜନାରେ ସ୍ୱର ଉଠାଇବାରୁ ହତ୍ୟାକଲେ। ଓଡ଼ିଶା ରାଜନୀତିରେ ଏହା ସ୍ମରଣୀୟ ହୋଇ ରହିବ ବୋଲି ଧର୍ମେନ୍ଦ୍ର କହିଥିଲେ। ସ୍ମୃତି ସଭାରେ ପ୍ରଫେସର ଡ.ପ୍ରତାପ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟସାଧାରଣ ସମ୍ପାଦକ ଗୋଲଖ ମହାପାତ୍ର, ଉପସଭାପତି ପ୍ରଭାତି ପରିଡା, କଟକ ଜିଲାସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଜିଲା ପ୍ରଭାରୀ ଅମର ନାୟକ, ଶାରଦା ପ୍ରଧାନ, ବଜେନ୍ଦ୍ର ନାୟକ ଓ ଯାଜ୍ଞସେନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ନୃତାଙ୍ଗ ଗାଁ ମୁଣ୍ଡରେ ପ୍ରତିଷ୍ଠିତ କୁଳମଣି ବରାଳ ଏବଂ ଦିବ୍ୟସିଂହ ବରାଳଙ୍କ ପ୍ରତିମୂର୍ତ୍ତିକୁ ସମୀର ମହାନ୍ତି ଉନ୍ମୋଚିତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିକ୍ଷାବିତ୍ ମାଧବାନନ୍ଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ସ୍ମୃତି ପ୍ରଦୀପ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ୪ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ କୁଳମଣି ସ୍ମୃତିସଂସଦ ପକ୍ଷରୁ ଗରିବ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶେଷରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ରମାକାନ୍ତ ବରାଳ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭକ୍ତଚରଣ ସ୍ୱାଇଁଙ୍କ ସମେତ ୭ମଣ୍ଡଳ ସଭାପତି ଓ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ରଣପୁର ବିଧାୟକଙ୍କୁ ଅଣ୍ଡାମାଡ଼

■ ପଦାରେ ପଡ଼ିଲା ଶାସକ ଦଳ କନ୍ଦଳ
■ ଅସନ୍ତୁଷ୍ଟ କର୍ମୀ ଓ ସମର୍ଥକ ତାତିଲେ
■ ବିଧାୟକ କହିଲେ ଛୋଟ ବିବାଦ

**ନୟାଗଡ଼ ଅଫିସ/ରଣପୁର,୬।୧(ସ୍ୱ.ପ୍ର.)**

ଶହୀଦମାନଙ୍କୁ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୫ଦିନ ଧରି ପାଳିତ ହୋଇଥାଏ ରଣପୁର ମହୋତ୍ସବ 'ଅର୍ଜ୍ଜୁନ'। କିନ୍ତୁ କରୋନା କଟକଣା ଯୋଗୁ ୨ ବର୍ଷ ହେଲା ଏହି ମହୋତ୍ସବ ବନ୍ଦ ରହିଛି। ତେବେ ଚଳିତ ବର୍ଷ ରଣପୁର ବିକାଶ ନାଁରେ ଏକ ସଭା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣପୁର ବ୍ଲକ ଅଞ୍ଚଳର ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ଅନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ। ସଭା ଚାଲିଥିବାବେଳେ କେତେଜଣ ଅସନ୍ତୁଷ୍ଟ ସମର୍ଥକ ଓ ବିଜେଡି କର୍ମୀ ବିଧାୟକଙ୍କ ଉପରକୁ ଅଣ୍ଡାମାଡ଼ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ସଭାସ୍ଥଳ ଛାଡ଼ି ବିଧାୟକ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଭିତରକୁ ଚାଲି ଯାଇଥିଲେ। ତେବେ ଅସନ୍ତୁଷ୍ଟମାନେ ଏତିକିରେ ଚୁପ୍ ନ ହୋଇ ଡାକବଙ୍ଗଳା ଭିତରକୁ ଯାଇ ବିଧାୟକଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପୁଣି ଠେଲାପେଲା କରିଥିଲେ। ଦଳୀୟ କର୍ମୀ ଓ ସମର୍ଥକଙ୍କ ଏପରି ବ୍ୟବହାର ଦେଖି ବିଧାୟକ ସେଠାରୁ ମଧ୍ୟ ଚାଲି ଯାଇଥିଲେ। ତେବେ ରଣପୁର ବିଧାୟକ ପ୍ରଧାନ ଅଣ୍ଡାମାଡ ଓ ଠେଲାପେଲାକୁ ଅସ୍ୱୀକାର କରିଛନ୍ତି। କେତେଜଣ ସମର୍ଥକଙ୍କ ମଧ୍ୟରେ ଟିକିଏ ବିବାଦ ଦେଖା ଦେଇଥିଲା। ଦଳ ପକ୍ଷରୁ ଏହାକୁ ସମାଧାନ କରି ଦିଆଯାଇଥିଲା ବୋଲି ସେ ସଫେଇ ଦେଇଛନ୍ତି। ଏହାପରେ ସଭା ବନ୍ଦ ହୋଇଯାଇଥିଲା।

# ସଂରକ୍ଷଣ ଦାବିରେ ବିକ୍ଷୋଭ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସୋନପୁର,୬।୧(ନି.ପ୍ର.)**

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ପ୍ରସଙ୍ଗ ଜୋର ଧରିବାରେ ଲାଗିଛି। ପୂର୍ବ ୫ଟି ନିର୍ବାଚନରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ଚଳିତ ଥର ଏହି ବର୍ଗର ଜନସାଧାରଣଙ୍କୁ ବଞ୍ଚିତ କରାଯାଇଛି। ପ୍ରତିବାଦରେ ଭାଜପା ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ସୋନପୁର ବ୍ଲକ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟରେ ପଛୁଆ ବର୍ଗଙ୍କ ଜନସଂଖ୍ୟା ୫୪ ପ୍ରତିଶତରୁ ଊର୍ଦ୍ଧ୍ୱ। ତେବେ ରାଜ୍ୟ ସରକାରଙ୍କ ଓବିସି ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ କାରଣରୁ ଏହି ବର୍ଗ ନିର୍ବାଚନରେ ଭାଗ ନେବା ନେଇ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଥିବା ଭାଜପା ଅଭିଯୋଗ କରିଛି। ଏଣୁ ପଛୁଆ ବର୍ଗଙ୍କୁ ଯେଉଁ ସାମ୍ବିଧାନିକ ଅଧିକାର ଦିଆଯାଇଛି ତାହା ସୁନିଶ୍ଚିତ କରିବା ପରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଦଳ ଦାବି କରିଛି। ଏ ସମ୍ପର୍କରେ ଏକ ସ୍ମାରକପତ୍ର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଇଂ ରଘୁନାଥ ଜଗଦଲା, ସାନନ୍ଦ ମେହେର, ପ୍ରଫୁଲ୍ଲ ସାହୁ, ସଞ୍ଜୁକ୍ତା ହୋତା, ସୁନିତା ଗିରି, ସୁଦେଷ୍ଣା ନେଗୀ, ବଳରାମ ସୁନା, ପୂର୍ଣ୍ଣଚନ୍ଦ୍ର ବିଶି, ନିରଞ୍ଜନ ତ୍ରିପାଠୀ, ତ୍ରିଲୋଚନ ତରିଆ, ଗଙ୍ଗା ତରିଆ, ମନୋଜ କୁମାର ଓ ବାବୁଲୁ ସାଗର ଆନ୍ଦୋଳନର ନେତୃତ୍ୱ ନେଇଥିଲେ।


ସୋନପୁର ବ୍ଲକ ଅଫିସ ସମ୍ମୁଖରେ ଭାଜପା ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପଛୁଆବର୍ଗଙ୍କୁ ସଂରକ୍ଷଣ କରାଯାଉ: ଭାଜପା

**ଜୁନାଗଡ଼/ଧର୍ମଗଡ଼/ ଗୋଲାମୁଣ୍ଡା/ କୋକସରା,୬।୧(ଡି.ଏନ୍.ଏ.)**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗ (ଓବିସି)ଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଏହାକୁ ତୀବ୍ର ବିରୋଧ କରିଛି କଳାହାଣ୍ଡି ଜିଲା ଭାଜପା ଓବିସି ମୋର୍ଚ୍ଚା। ଏହାକୁ ନେଇ ଗୁରୁବାର ଜିଲାର ବିଭିନ୍ନ ବ୍ଲକରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୫ଟି ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗର ପ୍ରାର୍ଥୀମାନେ ୨୭ ପ୍ରତିଶତ ସଂରକ୍ଷଣ ଆଧାରରେ ନିର୍ବାଚନ ଲଢ଼ିଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାରଙ୍କ ଓବିସିବର୍ଗଙ୍କ ପ୍ରତି ବୈମାତୃକ ମନୋଭାବରୁ ଏହି ବର୍ଗ ନିର୍ବାଚନରେ ଭାଗ ନେବା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟରେ ଅନୁସୂଚିତ ଅଞ୍ଚଳ ଅନ୍ତର୍ଭୁକ୍ତ ଅନେକ ଜିଲା ରହିଛି। ସେଥିମଧ୍ୟରୁ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ମିଶି ୯୪ ପ୍ରତିଶତ ରହିଛି। ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଆଳ ଦେଖାଇ ରାଜ୍ୟ ସରକାର ଓବିସିବର୍ଗଙ୍କୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଞ୍ଚିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଆଧାରରେ ପ୍ରତିନିଧିତ୍ୱ କରିବା ପାଇଁ ପଛୁଆବର୍ଗଙ୍କୁ ସୁଯୋଗ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜୁନାଗଡ ବ୍ଲକରେ ଦାବିପତ୍ର ପ୍ରଦାନ ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସତ୍ୟ ରଞ୍ଜନ ବେହେରା, ଶିବରାମ ରାଉତ, ରାମକୃଷ୍ଣ ମେହେର, ପୀତାମ୍ବର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧର୍ମଗଡରେ ଓବିସି ମୋର୍ଚ୍ଚା ଜିଲା ସମ୍ପାଦକ ଝସକେତନ ପାରି, ଉପସଭାପତି ଟିକେରାମ ସାହୁ, ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଅକ୍ଷୟ ପାରି, ସେଣ୍ଡୋ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଗୋଲାମୁଣ୍ଡାରେ ଦାବିପତ୍ରରେ ପ୍ରଦାନ ସମୟରେ ବରିଷ୍ଠ ଭାଜପା ନେତା ଭାଗ୍ୟବାନ ବାଗ, ଲଳିତ ପ୍ରଧାନ, ଜୟନ୍ତ ସିଂ, ପ୍ରଦୀପ ପଣ୍ଡା, ବୈଶାଖୁ କେତକୀ, ବେଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୋକସରାରେ ଜିଲା ଭାଜପା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ଆମପାଣି ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ନୀଳକଣ୍ଠ ମାଝି, ଗଣପତି ହଂସ, ଭଜମନ ନାଏକ, ମୁକୁନ୍ଦ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଜୁନାଗଡରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ଦିଆଯାଉଛି।

# କୋଭିଡ୍ ନିୟମ ନ ମାନି ଉତ୍ସବ


ଲୋକାର୍ପଣ ଉତ୍ସବରେ କରୋନା ନିୟମ ନ ମାନି ଲୋକଙ୍କ ଗହଳି।

**ପଟ୍ଟାମୁଣ୍ଡାଇ, ୬।୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତରେ ଗୁରୁବାର ଆୟୋଜିତ ଉନ୍ନୟନ ମୂଳକ କାର୍ଯ୍ୟର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ପ୍ରତାପ ଦାସ, ବାଲିପାଟଣା ସରପଞ୍ଚ ସନ୍ଧ୍ୟାରାଣୀ ଜେନା, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଓ ପଟ୍ଟାମୁଣ୍ଡାଇ ଯୁବ ନଗର ସଭାପତି ମନୋଜ ନାୟକ ପ୍ରମୁଖ ଜନପ୍ରତିନିଧି ଯୋଗ ଦେଇଥିଲେ। ଏମାନେ କଟକଣା ପାଳନ କରିବା ତ ଦୂରର କଥା, ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା କଥାକୁ ଅନେକେ ଯେପରି ଭୁଲି ଯାଇଥିଲେ। କର୍ମୀଙ୍କ କଥା ଦୂରରେ ଥାଉ, ମଞ୍ଚ ଉପରେ ରହି ଉଦ୍‌ବୋଧନ ଦେଉଥିବା ନେତାମାନଙ୍କ ମୁହଁରେ ବି ମାସ୍କ ନ ଥିଲା। ଏହି ଉତ୍ସବରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ନିର୍ବାହୀ ଯନ୍ତ୍ରୀ ଦିଲୀପ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ବିଡିଓ ଭରତ ପରିଡା, ତହସିଲଦାର ଦିଲୀପ ସେଠୀ, ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟରେ ଓମିକ୍ରନ୍ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଉଥିବା ସତ୍ତ୍ୱେ ବିଜେଡିର ରାଜନୈତିକ କାର୍ଯ୍ୟକ୍ରମ ପାଇଁ ସରକାରୀ କଟକଣାକୁ ନ ମାନିବା, ସାଧାରଣ ଲୋକଙ୍କ ଜୀବନକୁ ବିପଦକୁ ଠେଲି ଦେଇଛି ବୋଲି ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କଲେ ଭାଜପା କର୍ମୀ

■ ଆସନ ସଂରକ୍ଷଣରେ ଚଞ୍ଚକତା ନେଇ ଭାଜପାର ଅଭିଯୋଗ
■ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲାପାଳ

**ଭଦ୍ରକ ଅଫିସ,୬।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ ସଂରକ୍ଷଣରେ ଚଞ୍ଚକତା ଓ ଟାଳଟୁଳ ନୀତି ପ୍ରତିବାଦରେ ଭଦ୍ରକ ଜିଲା ଭାଜପା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ଭାଜପାର ଉତ୍ତ୍ୟକ୍ତ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏପରି କି ଜିଲାପାଳଙ୍କ ଗାଡ଼ିର ନାମଫଳକ, କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଥିବା ଅଭିଯୋଗ ବାକ୍ସ, ଚେୟାର ଟେବୁଲ ଭାଙ୍ଗି ଦେଇଛନ୍ତି। ଦଳର ଛାମୁଆ କର୍ମୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଉଲ୍ଲେଖ ଥିବା ବିଭିନ୍ନ ଯୋଜନାଭିତ୍ତିକ ଫ୍ଲେକ୍ସକୁ ମଧ୍ୟ ଭାଜପା କର୍ମୀମାନେ ଚିରି ଦେଇଥିଲେ।

ପ୍ରଥମେ ଭାଜପା ନେତା, କର୍ମକର୍ତ୍ତା ଓ ସମର୍ଥକମାନେ ଗାନ୍ଧୀପଡ଼ିଆରୁ ଶୋଭାଯାତ୍ରାରେ ବାହାରି ସହର ମଧ୍ୟଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ପହଞ୍ଚି ପ୍ରତିବାଦ ସଭା ଆୟୋଜନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ପୌରୋହିତ୍ୟରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ, ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କ ଓବିସି ବିରୋଧୀ ନୀତି କହି ସମାଲୋଚନା କରିଥିଲେ। ଜିଲାରେ ଶାସକ ଦଳର ନେତାଙ୍କ ଇଙ୍ଗିତରେ ଆସନ ସଂରକ୍ଷଣ ତାଲିକା ପ୍ରସ୍ତୁତ ହୋଇଥିବା ଭାଜପା ନେତାମାନେ ଅଭିଯୋଗ କରିଥିଲେ। ସଂରକ୍ଷଣ ତାଲିକା ପ୍ରସ୍ତୁତିରେ ସବୁ ନୀତିନିୟମକୁ ଉଲ୍ଲଂଘନ କରାଯାଉଥିବା ବେଳେ ଏଥିରେ ପ୍ରଶାସନିକ ଅଧିକାରୀମାନେ ଶାସକ ଦଳର ହାତବାରିସି ସାଜୁଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମନସ୍ମିତା ଖୁଣ୍ଟିଆ, ଜଗନ୍ନାଥ ଦାଶ, ଶ୍ରୀହର୍ଷ ସ୍ୱାଇଁ, ଦେବାଂଶୁ ରାଉତ, ସୂର୍ଯ୍ୟବଂଶୀ ସୂରଜ, ସିଦ୍ଧାର୍ଥ ଶଙ୍କର ପତି, ଉଦୟ ନାରାୟଣ ମଲ୍ଲିକ, ଶଶିକାନ୍ତ ବିଶ୍ୱାଳ, ସୁରେଶ ସାମଲ, ବୁଦ୍ଧଦେବ ଜେନା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ପ୍ରତିବାଦ ସଭା ପରେ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ। ଭାଜପାର ଉତ୍ତ୍ୟକ୍ତ କର୍ମୀମାନେ ଏଭଳି ଭଙ୍ଗାରୁଜା କରିବା ଖବର ପାଇ ଏସ୍‌ପି ଚରଣ ସିଂ ମୀନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ଭାଜପା ଶାନ୍ତି ଉପାୟରେ ଗଣବିକ୍ଷୋଭ କରି ସ୍ମାରକପତ୍ର ପ୍ରଦାନ କରିବେ ବୋଲି ଭାବିଥିଲୁ। କିନ୍ତୁ ଏଭଳି ଭଙ୍ଗାରୁଜା କରିବା ଘଟଣା ଆଇନ ସଙ୍ଗତ ନୁହେଁ। ଏଣୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଭାଜପାର ଶୋଭାଯାତ୍ରା।



ଭଦ୍ରକ ଜିଲାପାଳଙ୍କ ଗାଡ଼ିର ନାମଫଳକ ଭଙ୍ଗାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୯୦,୩୬,୯୪୪ | ୫୪,୮୫,୩୪୮ | ୨୫,୭୧,୩୧,୨୫୮ |
| ଭାରତ | ୩,୫୧,୦୯,୨୮୬ | ୪,୮୨,୮୭୬ | ୩,୪୩,୪୨,୨୫୫ |
| ଓଡ଼ିଶା | ୧୦,୫୯,୭୭୩ | ୮୪୬୭(+୫୩) | ୧୦,୪୫,୭୧୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜିଠୁ ଷଷ୍ଠରୁ ଯୁକ୍ତ ୨ କ୍ଲାସ୍ ବନ୍ଦ

- ଶିକ୍ଷାନୁଷ୍ଠାନ ବନ୍ଦ ନେଇ ବିଜ୍ଞପ୍ତି
- ଜାରି ରହିବ ସମେଟିଭ ପରୀକ୍ଷା

**ଭୁବନେଶ୍ୱର,୬।୧(ବ୍ୟୁରୋ):** କୋଭିଡ୍ ସଂକ୍ରମଣର ଦ୍ରୁତଗତି ଏବଂ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବା ଦେଖି ରାଜ୍ୟ ସରକାର ଆସନ୍ତା ୭ ତାରିଖଠାରୁ କଟକଣାକୁ ଅଧିକ କଡ଼ାକଡ଼ି କରିଛନ୍ତି। ପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି। ତେବେ ଦଶମ ପିଲାଙ୍କ ସମେଟିଭ ପରୀକ୍ଷା ଚାଲୁ ରହିବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଘରୋଇ ଏବଂ ଅନ୍ୟ ବୋର୍ଡର ସ୍କୁଲଗୁଡିକରେ ଚାଲୁଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ୭ ତାରିଖରୁ ବନ୍ଦ ରହିବ। ଦଶମ ଓ ଦ୍ୱାଦଶ ଶ୍ରେଣୀର କମ୍ ପିଲାଙ୍କୁ ନେଇ ଡାଉଟ୍ କ୍ଲିଅରିଂ କ୍ଲାସ କରାଯାଇପାରିବ। ହେଲେ ଏ ନେଇ ସେମାନେ ଅଭିଭାବକମାନଙ୍କ ଦସ୍ତଖତ ଆଣିବା ପରେ ପିଲାଙ୍କୁ କ୍ଲାସରେ ସାମିଲ କରାଯିବ। କୋଭିଡ୍ ନିୟମ ମାନି ସମେଟିଭ ପରୀକ୍ଷା ଜାରି ରଖିବାକୁ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ୧୦ରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ପ୍ରଶାସନିକ ସ୍ତରରେ ଆଲୋଚନା

**କୋଟିଆ ବିବାଦ**

**ନୂଆଦିଲ୍ଲୀ,୬।୧:** କୋଟିଆ ବିବାଦ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ସହ ଏହାର ସମାଧାନ ନିମନ୍ତେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଆସନ୍ତା ୧୦ ତାରିଖରେ ଆଲୋଚନା କରିବେ। ଏନେଇ ଗୁରୁବାର ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ବିକାଶ ସିଂ ଅବଗତ କରିଛନ୍ତି। ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏକ କମିଟି ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ କମିଟି ସଦସ୍ୟଙ୍କ ସହ ଆସନ୍ତା ୧୦ରେ ଆଲୋଚନା କରିବାକୁ ସ୍ଥିର ହୋଇଛି। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ୪ ସପ୍ତାହ ସମୟ ଦିଆଯାଉ ବୋଲି ସିଂ ଅଦାଲତଙ୍କ ନିକଟରେ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ୨ଜଣିଆ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୪କୁ ଧାର୍ଯ୍ୟ କରିଛନ୍ତି। ଗତ ନଭେମ୍ବର ୯ରେ ଭୁବନେଶ୍ୱର ଲୋକସେବା ଭବନ ଠାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆନ୍ଧ୍ରପ୍ରଦେଶ ପ୍ରତିପକ୍ଷ ଜଗନ୍ ମୋହନ ରେଡ୍ଡୀଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଏଥିରେ କୋଟିଆ ଦ୍ୱୀପପୁଞ୍ଜ ବିବାଦ ସହ ନେରେଡି ବ୍ୟାରେଜ, ଝଞ୍ଜାବତୀ ଜଳ ପ୍ରପାତ, ପୋଲାଭରମ୍, ବାହୁଦା ନଦୀ ଜଳ ଛାଡ଼ିବା, ବାଲିମେଳା ଏବଂ ଅପର ସିଲେରୁ ଜଳ ବିଦ୍ୟୁତ୍ କ୍ଷେତ୍ର ଆଦି ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ପାଇଁ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ କାମ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଓଡ଼ିଶା ସରକାର ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରତି ବିରୋଧାଭାବ ଅଗ୍ରହଣୀୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୧(ବ୍ୟୁରୋ):** ପଞ୍ଜାବ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ଦେଖାଦେଇଥିବା ତ୍ରୁଟିକୁ ନେଇ ପଞ୍ଜାବ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ଏଭଳି ତ୍ରୁଟିକୁ ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି ଯେ ଭାରତର ପ୍ରଧାନମନ୍ତ୍ରୀ ହେଉଛନ୍ତି ଏକ ଅନୁଷ୍ଠାନ। ଏହି ଅନୁଷ୍ଠାନର ଗରିମା ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପ୍ରତ୍ୟେକ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ଆମ ଗଣତନ୍ତ୍ରରେ ଏହାକୁ ନେଇ ଦେଖାଦେଉଥିବା ବିରୋଧ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କ୍ୟାପିଟାଲ ହସ୍ପିଟାଲ ଡାକ୍ତରଙ୍କ ସମେତ ୩ ପଜିଟିଭ୍

**ଭୁବନେଶ୍ୱର,୬।୧(ବ୍ୟୁରୋ):** ଭୁବନେଶ୍ୱରର ଏକାଧିକ ଅଞ୍ଚଳରେ କରୋନା ତା'ର କାୟା ବିସ୍ତାର କରିବା ପରେ କ୍ୟାପିଟାଲ ହସ୍ପିଟାଲରେ ପଶିଛି। ଗୁରୁବାର ହସ୍ପିଟାଲର ଜଣେ ଡାକ୍ତରଙ୍କ ସମେତ ୩ଜଣଙ୍କର ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟ ଦୁଇ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଫାର୍ମାସିଷ୍ଟ ଓ ଆଉଜଣେ ହସ୍ପିଟାଲର ମ୍ୟାନେଜର ଅଛନ୍ତି। ସେମାନଙ୍କୁ ସଙ୍ଗରୋଧରେ ରଖାଯିବା ସହ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଅଟକିବା ଘଟଣା ।**




# ୨ହଜାର ମୁହାଁ ସଂକ୍ରମଣ, ଆହୁରି ବଢ଼ିବ

- ଦିନକରେ ଚିହ୍ନଟ ହେଲେ ୧୮୯୭ ଆକ୍ରାନ୍ତ
- ରାଜ୍ୟରେ ଓମିକ୍ରନ୍‌ର ସିଭିୟରିଟି ନାହିଁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଲାଣି। ବୁଧବାର ୨୮ ଜିଲାରୁ ୧୨୧୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ୨ହଜାର ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୧୮୯୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାସହ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ସଂକ୍ରମଣ ଚିନ୍ତା ବଢ଼ାଇଛି। ଏଭଳି ସ୍ଥଳେ ସଂକ୍ରମଣ ଆଗକୁ ଆହୁରି ବଢିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେବା ସହ ସତର୍କ କରାଇଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ସଂକ୍ରମଣ ବଢିବ। କରୋନା ଭଳି ସବୁ ଜିଲାରେ ଓମିକ୍ରନ ଉପସ୍ଥିତି ଦେଖାଦେଲାଣି। ତେବେ ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ସିଭିୟରିଟି ନାହିଁ। ଯଦି ସେଭଳି ପରିସ୍ଥିତି ଦେଖାଦିଏ, ତେବେ ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଏବେ ଟିକାକରଣ ଓ ସର୍ଭେଲାନ୍ସ ଜାରି ରହିଛି। ଆଇସିୟୁ ବେଡ୍ ବଢାଇବାକୁ ମଧ୍ୟ ବ୍ୟବସ୍ଥା କରାଯାଉଛି। ବିଶେଷକରି ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ ବାଲେଶ୍ୱରରେ ସଂକ୍ରମଣ ଅଧିକ ରହୁଥିବାରୁ ଏ ସମସ୍ତ ଜିଲା ଉପରେ ସରକାରଙ୍କ ନଜର ରହିଛି। ତେବେ ଲୋକମାନେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା ଓ କୌଣସି ସ୍ଥାନରେ ଗହଳି ନ କରିବା ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ୧୮୯୭ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୧୧୦୬ ଓ ସ୍ଥାନୀୟ ସଂକ୍ରମିତ ୭୯୧ଜଣ ରହିଥିବାବେଳେ ୧୮ ବର୍ଷ ବୟସ ମଧ୍ୟରେ ୨୫୮ଜଣ ଅଛନ୍ତି। ତେବେ ଦୈନିକ ସଂକ୍ରମଣରେ ଖୋର୍ଦ୍ଧା ଜିଲା ସବୁବେଳେ ଶୀର୍ଷରେ ରହି ଆସିଛି। ଏହି ଜିଲାରୁ ସର୍ବାଧିକ ୬୬୯ଜଣ ଆକ୍ରାନ୍ତ ରହିଛନ୍ତି। ରାଜ୍ୟରେ ଏବେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୫୯ହଜାର ୭୭୩କୁ ବୃଦ୍ଧି ପାଇଛି। ଏଥିସହ କରୋନାରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ୭୮ବର୍ଷୀୟ ଭୁବନେଶ୍ୱର ବାସିନ୍ଦା। ତେବେ ବର୍ତ୍ତମାନ ରାଜ୍ୟରେ ମୋଟ ୫ ହଜାର ୭୩୯ଜଣ ସକ୍ରିୟ ଆକ୍ରାନ୍ତ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

### ୨୭ଲକ୍ଷ ଲୋକ ପ୍ରଥମ ଡୋଜ୍ ଟିକା ନେଇନାହାନ୍ତି

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ପ୍ରାୟ ୨୭ଲକ୍ଷ ଲୋକ ପ୍ରଥମ ଡୋଜ୍ ଓ ୨୬ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ସେମାନଙ୍କୁ ତୁରନ୍ତ ଉଭୟ ଡୋଜ୍ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଉଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ଗୁରୁବାର ସୂଚନା ଦେଇଛନ୍ତି। ଏପଟେ ରାଜ୍ୟରେ ଜାନୁୟାରୀ ୩ରୁ ୧୫ରୁ ୧୮ବର୍ଷ ବୟସ ବର୍ଗଙ୍କ ଟିକାକରଣ ଆରମ୍ଭ ହୋଇଛି। ବୁଧବାର ୧,୧୨୫ଟି ସ୍ୱତନ୍ତ୍ର କେନ୍ଦ୍ରରେ କିଶୋରଙ୍କୁ ଟିକାକରଣ କରାଯାଇଥିଲା। ଗୋଟିଏ ଦିନରେ ୮୦ ହଜାରରୁ ଊର୍ଦ୍ଧ୍ୱ କିଶୋର ଟିକା ନେଇଛନ୍ତି। ଏହାକୁ ମିଶାଇ ମୋଟ୍ ୨ଲକ୍ଷ ୬୪ହଜାର କିଶୋରଙ୍କ ଟିକାକରଣ କରାଯାଇଛି।

## ବିଦ୍ୟୁତ୍ ଭିତ୍ତିଭୂମିକୁ ଅଗ୍ରାଧିକାର ଦିଆଯାଉଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଆର୍ଥିକ ପ୍ରଗତିକୁ ଗତିଶୀଳ କରାଇବାରେ ବିଦ୍ୟୁତ୍ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଭିତ୍ତିଭୂମିକୁ ଅଗ୍ରାଧିକାର ଦିଆଯାଉଛି। ଏ କ୍ଷେତ୍ରରେ ଓଡ଼ିଶା ପର୍ଯ୍ୟାପ୍ତ ପୁଞ୍ଜିନିବେଶ କରିଆସୁଛି। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି, ପରିବହନ ଏବଂ ଯୋଗାଣକୁ ଗୁରୁତ୍ୱ ଦିଆଯାଉଛି। ନିଅଣ୍ଟିଆରୁ ବଳକା ବିଦ୍ୟୁତ୍ ସକାଶେ ଆଗୁଆ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକସେବା କନ୍‌ଭେନଶନ ହଲ୍‌ରେ ଗୁରୁବାର ଆୟୋଜିତ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍)ରେ ଯୋଗଦେଇଥିବା ୬୦ ମ୍ୟାନେଜମେଣ୍ଟ ଟ୍ରେନି ଏବଂ ୧୭୫ ଜୁନିୟର ଟେକ୍ନିସିଆନଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ମୋଡ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ନିକଟରେ ୯୯ଟି ୩୩ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଷ୍ଟେଶନ ନିର୍ମାଣ କରିବାକୁ ୧୮୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୨୦୧୦ରୁ ଓପିଟିସିଏଲ୍ ୨ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇଛି। ଓପିଟିସିଏଲ୍‌ରେ ଯୋଗ ଦେଇଥିବା ମ୍ୟାନେଜମେଣ୍ଟ ଟ୍ରେନି ଓ ଜୁନିୟର ଟେକ୍ନିସିଆନମାନେ ବିଦ୍ୟୁତ୍ ଶକ୍ତି ଭଳି ଜଟିଳ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ରାଜ୍ୟର ଚାଷୀ, ଉଦ୍ୟୋଗୀ ଏବଂ କ୍ଷୁଦ୍ର ଶିଳ୍ପଗୁଡ଼ିକ ଯେପରି ନିରବଚ୍ଛିନ୍ନ ଉତ୍ତମ ବିଦ୍ୟୁତ୍ ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓପିଟିସିଏଲ୍ ନିର୍ଦ୍ଦେଶକ (ଅପରେଶନ) ଧନ୍ୟବାଦ ଦେଇଥିଲେ।

## ଆକାଂକ୍ଷୀ ଜିଲାରେ ମଜଭୁତ ହେବ ୪-ଜି ସେବା

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରାଜ୍ୟର ଦୁର୍ଗମ ତଥା ଆଭ୍ୟନ୍ତରୀଣ ଗ୍ରାମରେ ଇଣ୍ଟରନେଟ୍ ସେବା ମଜଭୁତ୍ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୧୦ ଆକାଂକ୍ଷୀ ଜିଲାର ୩,୯୩୩ ଗ୍ରାମରେ ୪-ଜି ସଂଯୋଗୀକରଣ ପାଇଁ ନୂତନ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଓଡ଼ିଶାର ମୋଟ ୪୪ ଆକାଂକ୍ଷୀ ଜିଲାର ୭,୨୮୭ ଗ୍ରାମରେ ୪-ଜି ମୋବାଇଲ ସେବା ଉପଲବ୍ଧ ହେବ। ଏହା କାର୍ଯ୍ୟକାରୀ ହେଲେ ଦୁର୍ଗମାଞ୍ଚଳବାସୀ ବେତାର ଯୋଗାଯୋଗ କ୍ଷେତ୍ରରେ ଉପକୃତ ହେବ।

ଓଡ଼ିଶାର ୧୦ ଆକାଂକ୍ଷୀ ଜିଲା ବଲାଙ୍ଗୀର, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୂଆପଡ଼ା, ରାୟଗଡ଼ା ଏବଂ ନବରଙ୍ଗପୁରର ୩,୯୩୩ ଅସଂଯୋଗୀ ଗ୍ରାମରେ ମୋବାଇଲ୍ ଟାୱାର ସ୍ଥାପନ କରାଯିବ। ଏହି ପ୍ରକଳ୍ପରେ ୩,୨୧୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ବାମପନ୍ଥୀ ମାଓବାଦୀପ୍ରବଣ ୯ ଜିଲାରେ ୪୨୧.୬୬ କୋଟି ଟଙ୍କା ବ୍ୟୟରେ ୪୮୩ ମୋବାଇଲ ଟାୱାର ସ୍ଥାପନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ମାର୍ଚ୍ଚ ୨୦୨୩ ସୁଦ୍ଧା ସରିବ। ସେହିପରି ୧୧ ଜିଲାରେ ୨୭୨ ନୂଆ ଡାକଘର ଖୋଲିବ। ଅଦ୍ୟାବଧି ୧୨୮ ଡାକଘର କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ଅବଶିଷ୍ଟ ୧୪୪ଟି ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଆରମ୍ଭ ହେବ। ସମସ୍ତ ଡାକଘରେ ୫୪୪ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ସଙ୍ଗୀତା ସିଂହଦେଓ ଭିଡିଓ କନ୍‌ଫରେନ୍ସରେ ଯୋଡ଼ି ହୋଇଥିଲେ। ବିଏସ୍‌ଏନ୍‌ଏଲ୍ ମୁଖ୍ୟ ମହାପ୍ରବନ୍ଧକ ହରିଶ ଚନ୍ଦ୍ର ମହାନ୍ତି, ବଳରାମ ପାଲ୍, ବିଜୟ କୁମାର ନାୟକ, ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁଙ୍କ ସମେତ ୧୦ ଆକାଂକ୍ଷୀ ଜିଲାର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

କେନ୍ଦ୍ର ସରକାର ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ ବଢ଼ାଇବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶାରେ ସେମିକଣ୍ଡକ୍ଟରର ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସିଲିକା ଓ ମଧୁର ଜଳର ସୁବିଧା ରହିଛି। ଓଡ଼ିଶାର ବିକାଶ ପାଇଁ ଏକ 'ସେମି କଣ୍ଡକ୍ଟର ୟୁନିଟ୍' ପ୍ରତିଷ୍ଠା ପାଇଁ ଧର୍ମେନ୍ଦ୍ର କେନ୍ଦ୍ରମନ୍ତ୍ରୀ ବୈଷ୍ଣବଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରସ୍ତାବିତ 'ସେମିକଣ୍ଡକ୍ଟର ୟୁନିଟ୍' ହେବା ଦ୍ୱାରା ପୂର୍ବଭାରତ ସମେତ ଓଡ଼ିଶା ଉପକୃତ ହୋଇପାରିବ ବୋଲି ସେ କହିଛନ୍ତି।

## ଆଜିଠାରୁ ଭୁବନେଶ୍ୱର ବିମାନବନ୍ଦର ଯାତ୍ରୀଙ୍କର ଆର୍‌ଟି-ପିସିଆର ଟେଷ୍ଟ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ମଧ୍ୟ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ଭୁବନେଶ୍ୱର ବିମାନବନ୍ଦର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିଛି।

ବିମାନରେ ଭୁବନେଶ୍ୱର ଆସୁଥିବା ସମସ୍ତ ଯାତ୍ରୀଙ୍କର ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ଏହି ନିର୍ଦ୍ଦେଶ ଶୁକ୍ରବାରଠାରୁ ଲାଗୁ କରାଯିବ। ବିଏମ୍‌ସି ପକ୍ଷରୁ ବିମାନବନ୍ଦରରେ ଯାତ୍ରୀଙ୍କ ଟେଷ୍ଟ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ।

ଏହି ନିର୍ଦ୍ଦେଶ ଅନୁଯାୟୀ,ବିମାନ ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀମାନେ ଡବଲ୍ ଡୋଜ୍ ଟିକା ନେଇଥିଲେ ବା ନେଗେଟିଭ୍ ରିପୋର୍ଟ ଥିଲେ ମଧ୍ୟ ସେମାନଙ୍କର ପୁଣି ଥରେ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେଶନରେ ରହିବେ। ଯଦି ରିପୋର୍ଟ ପଜିଟିଭ ଆସେ, ତା'ହେଲେ ପ୍ରୋଟୋକଲ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।


5th DEATH ANNIVERSARY
"Five years have passed away...
Your memories were along the way
We have shared and we will say
All our lives your memories will stay."





Gopal Chandra Mohanty
Ex - Principal Secretary
Law Department, Govt. of Odisha
Ex - Chairman
State Law Revision Committee
- Fondly Remembered by -
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya, Samyantaka, Anwesha



Azadi Ka Amrit Mahotsav
ଓଡ଼ିଶାରେ
ରେଳ ସଂଯୋଗର ସୁଦୃଢୀକରଣ ଉଦ୍ଦେଶ୍ୟରେ
ଆଉ ଏକ ସୋପାନ





ଭଦ୍ରକରୁ ବାଲେଶ୍ୱର ପର୍ଯ୍ୟନ୍ତ 08411 ଭଦ୍ରକ - ଭୁବନେଶ୍ୱର ଏକ୍ସପ୍ରେସ ସ୍ପେଶାଲ ସେବା ସଂପ୍ରସାରଣର ଶୁଭାରମ୍ଭ
(ବାଲେଶ୍ୱର ଷ୍ଟେସନଠାରେ ଅପରାହ୍ଣ 12.30 ଘଟିକା ସମୟରେ)

ବାଲେଶ୍ୱର ଓ ଗୋପୀନାଥପୁର ମଧ୍ୟରେ ଯାତ୍ରୀ ସେବା ପ୍ରଚଳନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ
(ନୀଳଗିରିଠାରେ ଅପରାହ୍ଣ 01.30 ଘଟିକା ସମୟରେ)

ବସ୍ତା ଷ୍ଟେସନର ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ
(ବସ୍ତା ଷ୍ଟେସନଠାରେ ଅପରାହ୍ଣ 03.45 ଘଟିକା ସମୟରେ)

ଜଳେଶ୍ୱର ଷ୍ଟେସନରେ ନୂତନ ଷ୍ଟେସନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ
(ଜଳେଶ୍ୱର ଷ୍ଟେସନଠାରେ ଅପରାହ୍ଣ 04.30 ଘଟିକା ସମୟରେ)

ଉପକାର
- ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହ ବାଲେଶ୍ୱର ର ଉତ୍ତମ ସଂଯୋଗ ।
- ବାଲେଶ୍ୱର ଓ ପାର୍ଶ୍ୱବର୍ତ୍ତି ଭିତିରି ଅଂଚଳ ଯଥା ଗୋପୀନାଥପୁର, ଧୋବସିଲା, କୁଲଡିହା, ବିମ୍ବୁରିଆ ଇତ୍ୟାଦି ପାଇଁ ରେଳ ନେଟୱର୍କର ସଂପ୍ରସାରଣ, ଯାହା ଦ୍ୱାରା ଏହି ଅଂଚଳର ଯାତ୍ରୀମାନେ ପ୍ରମୁଖ ଷ୍ଟେସନ ଯଥା ବାଲେଶ୍ୱର ଓ ଭଦ୍ରକ ଆଡ଼କୁ ଯାତ୍ରା କରିପାରିବେ ।
- ବସ୍ତାଠାରେ ଷ୍ଟେସନ ଭବନର ବିକାଶ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ସ୍ଥାପନ ଦ୍ୱାରା ନିକଟବର୍ତ୍ତି ଗ୍ରାମ ଯଥା ଅଗରଡା, ଆଖୁଆରି, ବଡ଼ବଜାର, ଭରଦା ଇତ୍ୟାଦିର ଯାତ୍ରୀମାନେ ଉପକୃତ ହୋଇପାରିବେ ।
- ଜଳେଶ୍ୱରରେ ନୂଆ ଷ୍ଟେସନ ଭବନ ସହିତ ଅତ୍ୟାଧୁନିକ ବ୍ୟବସ୍ଥା ଓ ବିଶ୍ୱଶ୍ରେଣୀୟ ଯାତ୍ରୀ ସୁବିଧା ଦ୍ୱାରା ସମଗ୍ର ଜଳେଶ୍ୱର ଟାଉନ ସହ ନିକଟବର୍ତ୍ତି ଗ୍ରାମ ଯଥା ନନ୍ଦିକା, ଅର୍ଜୁନ କଲ୍ୟାଣପୁର,ବିଗଲ୍ଲୁଡ ଇତ୍ୟାଦିର ଯାତ୍ରୀମାନେ ଉପକୃତ ହୋଇ ପାରିବେ । ଦକ୍ଷିଣ ଭାରତ ଓ ପୁରୀ ସହିତ ସଂଯୋଗକାରୀ ପ୍ରମୁଖ ଟ୍ରେନ ଏହି ଷ୍ଟେସନରେ ସୂଚୀ ଅନୁସାରେ ରହଣୀ କରିବ ।

ଅଶ୍ୱିନୀ ବୈଷ୍ଣବ
ରେଲୱେ, ସଂଚାର,
ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ମନ୍ତ୍ରୀ, ଭାରତ ସରକାରଙ୍କ
ଦ୍ୱାରା ସଂପାଦିତ ହେବ
ସଦୟ ଉପସ୍ଥିତି
ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ
ସମ୍ମାନିତ ଅତିଥି
ସରୂପ କୁମାର ଦାସ, ବିଧାୟକ — ବାଲେଶ୍ୱର ଠାରେ
ସୁକାନ୍ତ କୁମାର ନାୟକ, ବିଧାୟକ — ନୀଳଗିରି ଠାରେ
ନିତ୍ୟାନନ୍ଦ ସାହୁ, ବିଧାୟକ — ବସ୍ତା ଠାରେ
ଅଶ୍ୱିନି କୁମାର ପାତ୍ର, ବିଧାୟକ — ଜଳେଶ୍ୱର ଠାରେ
ତାରିଖ: 07 ଜାନୁଆରୀ 2022
follow us on:
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବାରତ
PR- 536

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କଂଗ୍ରେସର ଘୃଣା ବିରୋଧୀ ଦଳକୁ ଆପରାଧିକ ଷଡ଼ଯନ୍ତ୍ରକାରୀରେ ପରିଣତ କରିଛି।

– ମୁଖ୍‌ତାର ଆବ୍ବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ବଡ଼ ଗଲେ ଫସର ଫାଟି
ସାନ ଆଇଲେ ବେସର ବାଟି।**

ବେଳେ ବେଳେ ଉଚ୍ଚ ପଦପଦବୀ ବ୍ୟକ୍ତି କୌଣସି ଏକ କାର୍ଯ୍ୟକୁ କରିବାପାଇଁ ଚେଷ୍ଟା କରି ସେଥିରେ ସଫଳ ହୋଇପାରୁ ନ ଥିବାବେଳେ ଏହା ସେମାନଙ୍କ ନିକଟରେ ଅସାଧ ହୋଇପଡୁଥିବା ଜଣାଯାଇଥାଏ। ସେହି କାର୍ଯ୍ୟକୁ ଜଣେ ସୀମିତ ଶକ୍ତି ଥିବା ସାଧାରଣ କ୍ଷମତାଧାରୀ ବ୍ୟକ୍ତି ବାହାଦୁରି ନେବା ଉଦ୍ଦେଶ୍ୟରେ କରିବାକୁ ଆଗଭର ହେଉଥିବା ଦେଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବନ୍ଧୁ ପରିଗୁଣ ଅଧାବାଟରୁ,
ଗାଁ ପରିମଳ ଧୋବାତୁଠରୁ।**

ବନ୍ଧୁର ମହତ୍ତ୍ୱ ତା' ପ୍ରାରମ୍ଭିକ ଆଚରଣରୁ ହିଁ ଜଣାପଡ଼ିଯାଏ। ଅନ୍ତରର ନିର୍ମଳତାରୁ ଆଚରଣକୁ ଜାଣିହୁଏ। ସେହିପରି ଧୋବାତୁଠରୁ ଗାଁର ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଣ ବିସ୍ଫୋରଣରେ ଯୁବକ ଗୁରୁତର

**ବାରିପଦା ଅଫିସ,୬।୧**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସମର ସାହୁ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବୈଶିଙ୍ଗା ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାଣ ତିଆରି ବେଳେ ବିସ୍ଫୋରଣ ଘଟି ତାଙ୍କ ବାମ ହାତ ଓ ମୁଣ୍ଡ କ୍ଷତବିକ୍ଷତ ହୋଇଥିବା ବେଳେ ଏକ ଆଜବେଷ୍ଟସ ଘର ମଧ୍ୟ ନଷ୍ଟ ହୋଇଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଏନ୍‌ଇଇଟି–ପିଜି ନାମଲେଖାରେ ଇଡବ୍ଲ୍ୟୁଏସ୍ କୋଟାକୁ ନେଇ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୬।୧(ପି.ଟି.)**



ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ସଂରକ୍ଷଣକୁ ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷମାନଙ୍କୁ ଲିଖିତ ମତାମତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଦିନ ହେଲା ଆମେ ମାମଲାର ଶୁଣାଣି କରୁଛୁ। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆମକୁ କାଉନସେଲିଂ ଆରମ୍ଭ କରିବାକୁ ହେବ ବୋଲି ଖଣ୍ଡପୀଠ କହିଥିଲେ। ନାମଲେଖା ପ୍ରକ୍ରିୟାର ମଧ୍ୟଭାଗରେ ନିୟମାବଳୀରେ ପରିବର୍ତ୍ତନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ତେବେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ଓବିସି ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀଙ୍କ ପାଇଁ ବାର୍ଷିକ ଆୟସୀମା ୯ ଲକ୍ଷ ମାନଦଣ୍ଡର ପୁନର୍ବିଚାର ପୂର୍ବରୁ କିମ୍ବା ପରେ ସେମାନଙ୍କୁ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରାଯିବା ଗ୍ରହଣୀୟ ହେବନାହିଁ ବୋଲି ବୁଧବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ। ସୂଚନାଯୋଗ୍ୟ, ୨୦୨୧–୨୨ ଶିକ୍ଷାବର୍ଷରୁ ଓବିସି ଏବଂ ଇଡବ୍ଲୁଏସ୍ କୋଟା କାର୍ଯ୍ୟକାରୀ କରିବା ଲାଗି ଗତବର୍ଷ ଜୁଲାଇ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏନ୍‌ଇଇଟି–ପିଜି ନାମଲେଖା ପାଇଁ ଆଶାୟୀ ପ୍ରାର୍ଥୀମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଇଡବ୍ଲୁଏସ୍ ଚୟନ ଲାଗି ବାର୍ଷିକ ୮ ଲକ୍ଷ ଟଙ୍କା ଆୟ ସୀମା ମାନଦଣ୍ଡ ଯଥାର୍ଥ ନୁହେଁ ବୋଲି ଦର୍ଶାଇ ସେମାନେ ଏହାର ବିରୋଧ କରିଥିଲେ। ଏନ୍‌ଇଇଟି–ପିଜି କାଉନସେଲିଂ ବିଳମ୍ବକୁ ନେଇ ଫେଡେରେଶନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ୍ ବ୍ୟାନରରେ ଦିଲ୍ଲୀ ସମେତ ଦେଶର ବିଭିନ୍ନ ହସ୍ପିଟାଲରେ ରେସିଡେଣ୍ଟ ଡାକ୍ତରମାନେ ବହୁସଂଖ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାମଲେଖା ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ଓବିସି ଏବଂ ଇଡବ୍ଲୁଏସ୍ ସଂରକ୍ଷଣ ମାପଦଣ୍ଡରେ ସଂଶୋଧନ ଯୋଗୁ ଚୂଡ଼ାନ୍ତ ଚୟନ ଆହୁରି ବିଳମ୍ବିତ ହେବ ବୋଲି ମହାସଂଘ କହିଛି। ପ୍ରତିବର୍ଷ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ସ୍ନାତକୋତ୍ତର)ରେ ପ୍ରାୟ ୪୫,୦୦୦ ପ୍ରାର୍ଥୀ ପିଜି ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ ହୋଇଥାନ୍ତି। କରୋନା ମହାମାରୀ ଯୋଗୁ ୨୦୨୧ରେ ଏନ୍‌ଇଇଟି–ପିଜି ପରୀକ୍ଷା ସେପ୍ଟେମ୍ବର ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା। ଚଳିତ ବର୍ଷ କୌଣସି କନିଷ୍ଠ ଡାକ୍ତରଙ୍କୁ ସାମିଲ କରାଯାଇ ନ ଥିବାରୁ ଦ୍ୱିତୀୟ ଓ ତୃତୀୟ ବର୍ଷ ପିଜି ଡାକ୍ତର ରୋଗୀ ଚିକିତ୍ସା କରୁଛନ୍ତି। ଏଥିପାଇଁ ସେମାନଙ୍କୁ ସପ୍ତାହରେ ୮୦ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାକୁ ପଡୁଛି ଓ ଅନେକ କୋଭିଡ୍‌ରେ ସଂକ୍ରମିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ନାତକୋତ୍ତର ପାଠ୍ୟକ୍ରମକୁ ୩ ବର୍ଷ କରିବାକୁ ଏବଂ ପ୍ରଥମ ବର୍ଷ ସ୍ନାତକୋତ୍ତର ଡାକ୍ତରଙ୍କୁ ରୋଗୀ ଚିକିତ୍ସାରେ ସାମିଲ କରିବାକୁ ସେମାନେ ଦାବି କରିଥିଲେ।

# କମ୍ ସମୟରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ

**ଭୁବନେଶ୍ୱର,୬।୧(ବ୍ୟୁରୋ):** କୋଭିଡ୍ ମାର୍ଗଦର୍ଶିକା କଡାକଡି ଅନୁପାଳନ କରାଯାଇ ଚଳିତବର୍ଷର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ଏନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ପ୍ରତିବର୍ଷ ପରି ମହାତ୍ମା ଗାନ୍ଧୀ ମାର୍ଗରେ ଖୁବ୍ କମ୍ ସମୟ ମଧ୍ୟରେ ଉତ୍ସବ ପାଳନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରାମଧୂନ ପରିକ୍ରମା, ରାଜଭବନରୁ ଏଜି ଛକ ଏବଂ ମହାତ୍ମା ଗାନ୍ଧୀ ମାର୍ଗର ଉତ୍ସବସ୍ଥଳ ପର୍ଯ୍ୟନ୍ତ ଜାତୀୟ ପତାକାରେ ସଜିତ କରାଯିବ। ସାମାଜିକ ଗଣମାଧ୍ୟମ, କମନ୍‌ଫିଡ୍, ଟିଭି ଫଟୋ ଓ ଖବର ପ୍ରକାଶନ ଏବଂ ଗଣମାଧ୍ୟମକୁ ଏ ସଂକ୍ରାନ୍ତ ଖବର ପ୍ରେରଣର ବ୍ୟବସ୍ଥା କରାଯିବ। ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡ଼ିକରେ ଭିଡିଓ ୱାଲ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ପ୍ରଦର୍ଶନ ହେବ। ବୈଠକରେ ବିଭାଗର ନିର୍ଦ୍ଦେଶକ ନିରଞ୍ଜନ ସେଠୀ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି, ବିଭାଗୀୟ ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଜି ପ୍ରକାଶ ପାଇବ ମହାନଗର ନିଗମର ସାନି ଚିଠା ସଂରକ୍ଷଣ ତାଲିକା

**ଭୁବନେଶ୍ୱର, ୬।୧ (ବ୍ୟୁରୋ):** ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ମହାନଗର ନିଗମର ସାନି ଚିଠା ଆସନ ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ ତାଲିକା ପ୍ରକାଶ କରିବ ଗୃହ ଓ ନଗର ଉନ୍ନୟନ ବିଭାଗ। ଆସନ୍ତା ୧୬ ତାରିଖ ସୁଦ୍ଧା ଅଭିଯୋଗ ଓ ପ୍ରସ୍ତାବ ଦାଖଲ କରାଯିବ। ଏହାପରେ ଚୂଡ଼ାନ୍ତ ଚିଠା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ତାଲିକା ବିଭାଗ ପକ୍ଷରୁ ପ୍ରକାଶ କରାଯିବ। ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), କଟକ ମହାନଗର ନିଗମ (ସିଏମ୍‌ସି) ଓ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ସଂଶୋଧିତ ଚିଠା ଆସନ ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ ତାଲିକା ବିଭାଗକୁ ପ୍ରଦାନ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏହି ତାଲିକାରେ ଓବିସି ବର୍ଗଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ସ୍ଥାନରେ ଏହି ଆସନଗୁଡ଼ିକୁ ଅଣସଂରକ୍ଷିତ ରଖାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମରେ ପୂର୍ବରୁ ୬୭ ୱାର୍ଡ ମଧ୍ୟରୁ ୪୭ ୱାର୍ଡ ସଂରକ୍ଷିତ ରଖାଯାଇଥିଲା ଓ ୨୦ଟି ୱାର୍ଡ ଅଣସଂରକ୍ଷିତ ଥିଲା। ସେହିପରି ସଂରକ୍ଷିତ ୪୭ ୱାର୍ଡ ମଧ୍ୟରୁ ୧୮ଟି ପଛୁଆବର୍ଗ (ମହିଳା ଓ ପୁରୁଷ)ଙ୍କ ପାଇଁ ସଂରକ୍ଷିତ ରହିଥିଲା। ଏବେ ତାହା ଉଚ୍ଛେଦ କରାଯାଇଥିବାରୁ ମୋଟ ୩୮ଟି ଆସନ ଅଣସଂରକ୍ଷିତ ଥିବାବେଳେ ୨୯ଟି ଆସନ ସଂରକ୍ଷିତ ରହିଥିବା ସୂଚନା ମିଳିଛି। ତେବେ ତାଲିକାରେ କ'ଣ ପରିବର୍ତ୍ତନ ହୋଇଛି ଓ କେତୋଟି ଆସନ କାହା ପାଇଁ ସଂରକ୍ଷିତ ରହିଛି ତାହା ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ତାଲିକା ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ।

ପ୍ରଥମ ପୃଷ୍ଠାରୁ...

## ଅନୁକମ୍ପା ପାଇଁ...

କରାଯାଇଥିଲା। ମୋଦିଙ୍କ ବାଟ ଓଗାଳିବା ପାଇଁ କେହି ଚାହୁଁ ନ ଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ମତରେ ଭାଜପା ସଭାରେ ଚୌକିଗୁଡ଼ିକ ଖାଲିପଡ଼ିଥିବାରୁ ମୋଦି ଫେରିଯାଇଥିଲେ। ତେଣୁ ସୁରକ୍ଷାରେ ତ୍ରୁଟି ଯୋଗୁ ନା କୃଷକଙ୍କ ଆକ୍ରୋଶ ଲାଗି ମୋଦି ଅଧାବାଟରୁ ଫେରିଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଟିକାଏତ୍ ଦାବି କରିଛନ୍ତି।

ପ୍ରକାଶ ଯେ, କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ଉଚ୍ଛେଦ ହେବା ପରେ ପଞ୍ଜାବକୁ ଏହା ଥିଲା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ଆସନ୍ତା ଫେବୃଆରୀ–ମାର୍ଚ୍ଚରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ମୋଦି ଫିରୋଜପୁର ସଭାରେ ୪୨,୭୫୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଥାଆନ୍ତେ। କିନ୍ତୁ କ୍ଷୁବ୍ଧ ଚାଷୀଙ୍କ ବିରୋଧ ଯୋଗୁ ସେ ଫ୍ଲାଏଓଭରରେ ଫସିରହିଥିଲେ। ଦିଲ୍ଲୀକୁ ଫେରିବାବେଳେ ଏୟାରପୋର୍ଟରେ ପଞ୍ଜାବର ପୋଲିସ ଅଧିକାରୀମାନଙ୍କୁ କହିଥିଲେ, ମୁଁ ଜୀବିତ ଫେରିଆସିଥିବାରୁ ମୁଖ୍ୟମନ୍ତ୍ରୀ ଚନ୍ନିଙ୍କୁ ଧନ୍ୟବାଦ ଜଣାଇଦେବେ।

## ପ୍ରାର୍ଥୀଙ୍କ ନିର୍ବାଚନ...

୭୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ବର୍ତ୍ତମାନ ୯୫ ଲକ୍ଷ ଟଙ୍କା ହୋଇଛି। ସେହିପରି ଛୋଟ ରାଜ୍ୟଗୁଡ଼ିକ ପାଇଁ ପ୍ରାର୍ଥୀଙ୍କ ଖର୍ଚ୍ଚସୀମା ୫୪ ଲକ୍ଷ ଟଙ୍କା ଥିଲା, ଯାହାକୁ ୭୫ ଲକ୍ଷ ଟଙ୍କାକୁ ବଢ଼ାଯାଇଛି। ସେହିପରି ବଡ଼ ରାଜ୍ୟରେ ବିଧାନସଭା ପ୍ରାର୍ଥୀଙ୍କ ଖର୍ଚ୍ଚସୀମା ୨୮ ଲକ୍ଷରୁ ୪୦ ଲକ୍ଷକୁ ବଢ଼ିଥିବାବେଳେ ଛୋଟ ରାଜ୍ୟରେ ଏହାକୁ ୨୦ ଲକ୍ଷରୁ ୨୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

୨୦୧୪ରୁ ଇତିମଧ୍ୟରେ ଦରଦାମ୍ ଯଥେଷ୍ଟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚର ସର୍ବୋଚ୍ଚ ସୀମାର ସମୀକ୍ଷା କରିବା ଲାଗି ଇସି ଏକ କମିଟି ଗଠନ କରିଥିଲେ। ବଜାର ଦର ଓ ଭୋଟର ସଂଖ୍ୟା ବୃଦ୍ଧିକୁ ନଜରରେ ରଖି ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୧୨ରୁ ୪୨ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଲାଗି କମିଟି ସୁପାରିସ କରିଥିଲା। ସୂଚନାଯୋଗ୍ୟ, ୨୦୧୪ରେ ଭୋଟର ସଂଖ୍ୟା ୮୩.୪ କୋଟି ଥିବାବେଳେ ୨୦୨୧ରେ ତାହା ୯୩.୬ କୋଟିକୁ ବୃଦ୍ଧି ପାଇଛି। ସେହିପରି ୭ ବର୍ଷ ମଧ୍ୟରେ ଖର୍ଚ୍ଚ ମୁଦ୍ରାସ୍ଫୀତି ସୂଚକାଙ୍କ ୨୪୦ରୁ ବଢ଼ି ୩୧୭ରେ ପହଞ୍ଚିଛି।

**classifieds** **Everyday** 0674-2580101, 2549302





**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। **93371-03361, 8249776268.** D-22761

Duplex Ready to move near Vani Vihar University. 1.03 Crore, Visit: tinyurl.com/BBSR2 or call 943-731-3333, 943-887-4333. D-22773

ପୁରୀ ଶ୍ରୀମନ୍ଦିର ପାଖରୁ **6** କିଲୋମିଟର ଦୂରରେ ଅତିଶୀଘ୍ର ଘରକରିବା ଯୋଗ୍ୟ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ **700** ଟଙ୍କା, **25** ଫୁଟ ରାସ୍ତା ସହ ଇଲେକ୍ଟ୍ରି, ପାଣି ସୁବିଧା ଅଛି। ଯୋଗାଯୋଗ– **6372897984/ 6370556429.** D-22764

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି । 8249243709, 7894433357.** D-71756

ଭୁବନେଶ୍ୱରଠାରୁ ପୁରୀ ମଙ୍ଗଳପୁର ଠାରେ 660 ଡିସିମିଲ୍ ଜାଗା ବିକ୍ରିହେବ। 9337817295. D-59886

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455. D- 22747

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D–71767

VSS Nagar ହାଟକୁ ଲାଗି BDA approval gharabari plot sqft.-2700/-ରେ କିଣନ୍ତୁ। 7788888879. D-71769

**30' road** ଘରବାରି ପ୍ଲଟ୍ ପାଚେରି ସହ **Sum Hospitalରୁ 4K.M.** ଘଙ୍ଗାପାଟଣାରେ ମିଳୁଛି। **Owner- 8249779595.** D-71763

ଭୁବନେଶ୍ୱର ପୁରୀ ପିପିଲି ବାଇପାସ୍‌ରେ 130 ଡିସିମିଲ୍ commercial ଜାଗା ବିକ୍ରିହେବ। 9938310085. D-59887

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757





For rent 3Big Room, Two Toilets, Big Kitchen, Big Balcony, 2nd Floor at Gautam Nagar, Bhubaneswar near fortuner Hotel. Rent- 16,000/-, Call-9437033691. D-70256

House at Nayapalli near DAV/ Stewart School for Family. 9438490107. D-71842





Ashirvaad Saloon and SPA get good massage for your health tha best therapy. 7077181074. D-71843

One hour any therapy by expert therapist @800 only. 9078484455. D-71461

All types massage refreshing your body mind expert lady therapy. 7008773793. D-71462

Newly open Spa New Year Dhamaka @699/, smart therapist. 7846814019. D-71464

Newly open Spa Offer Price 599/-, positively health benefits. 8455987557. D-71463

Newly Open Saikrupa Panchakarma Spa positively health benefits with expert. 8984068077. D-22723





Saree variety Fancy 250 pieces @ ₹200/- each immediate sale. Contact: 9090057547. D-22776

**AFFIDAVIT**

By the virtue of an affidavit dt. 17.11.2021 before the Notary public Bhubaneswar, I Bibhuti Behera, A/P- Unit-4 Machha Market Behind Kar Clinic, BBSR-01, Dist.- Khordha, I have changed my name from Babuli Behera to Bibhuti Behera according to my Aadhaar Card name for all future purpose. D-22772

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ବିଭିନ୍ନ ସମସ୍ୟା ମଧ୍ୟରେ ରହିବେ। ପ୍ରଶାସନିକ କ୍ଷେତ୍ରରେ ସ୍ଥିରତା, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନକରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକ ଓ କୌଣସି ବିବାଦୀୟ ପରିବେଶ ସୃଷ୍ଟି କରିପାରେ। ପରୋକ୍ଷ ଶତ୍ରୁତା, ବାଣିଜ୍ୟରେ କ୍ଷତି, ଜମିଜମା କାରବାରରେ ଦ୍ୱନ୍ଦ୍ୱ ଅସ୍ଥିରତାର ମୁଖ୍ୟ କାରଣ ପାଲଟି ଯିବ।

**ବୃଷ**: ମନ ଭାରାକ୍ରାନ୍ତ ରହିଲେ ମଧ୍ୟ କର୍ମକ୍ଷେତ୍ର ଆଦୌ ପ୍ରଭାବିତ ହେବ ନାହିଁ। ଆନୁଷ୍ଠାନିକ ଓ ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ପ୍ରିୟଜନଙ୍କ ମିଥ୍ୟାଭିଯୋଗ ଓ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତାରେ ପୀଡ଼ିତ ହେବାକୁ ପଡ଼ିପାରେ। ବକ୍ତୃତା, ଗବେଷଣା, ରଚନାତ୍ମକ କାମ, ସାହିତ୍ୟ ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ।

**ମିଥୁନ**: ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ପରିଜନଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିପାରନ୍ତି। ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ବସ୍ତ୍ରଭୂଷଣାଦି ଖରିଦ କରିବା ପାଇଁ ମନ ବଳାଇବେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ସଙ୍ଗକୁ ସୁନାମ ଅର୍ଜନ କରିବେ।

**କର୍କଟ**: ମାନସିକ ଚାପଗ୍ରସ୍ତ ହେତୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବ। ବ୍ୟବସାୟକୁ ସଙ୍କୁଚିତ କରିନେବାର ଯୋଜନା କରିବାକୁ ମନ ବଳାଇପାରନ୍ତି। ନିଜର ଅଭିଳାଷ ପୂରଣ ଦିଗରେ ଯୋଜନା ପ୍ରସ୍ତୁତ କରିବାକୁ ମନସ୍ଥ କରିବେ।

**ସିଂହ**: କର୍ମକ୍ଷେତ୍ରର ପ୍ରତ୍ୟେକ ଅସଂଗତି ଦୂର କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର, ନିର୍ମାଣ, ପରିବହନ ଓ ମାଲି ମକଦ୍ଦମା କ୍ଷେତ୍ରରେ ବ୍ୟସ୍ତ ରହିବେ। ପରିବାରର ବ୍ୟୟ ବୃଦ୍ଧି ସଙ୍ଗକୁ ପିଲାଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ମଘା ନକ୍ଷତ୍ର ସହକର୍ମୀଙ୍କ ଦୌରାତ୍ମ୍ୟରୁ ଅତିଷ୍ଠ ହେବେ।

**କନ୍ୟା**: ବିଦେଶ ଯାତ୍ରାର ସୁଯୋଗ ଲାଭ କରିପାରନ୍ତି। ପାରବାରିକ କ୍ଷେତ୍ର, ପ୍ରଶାସନିକ ସେବା, ଆଇନ ଅଦାଲତ, ସଂଗଠନ ଓ ପ୍ରକାଶନ, ଏଜେନ୍ସିପ୍‌ରେ ସଫଳତା ହାସଲ କରିବେ। ନୂତନ ପ୍ରକଳ୍ପ, ଅର୍ଥନୈତିକ ସଂସ୍କାର, କୂଟନୀତି, ଚୁକ୍ତିପତ୍ର, ସଭାସମିତି,ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ଅପ୍ରିୟସତ୍ୟ କହି ଅପଦସ୍ଥ ହେବେ।

**ତୁଳା**: ଶାରୀରିକ ଅସୁସ୍ଥତା କାରଣରୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିପାରେ। ନୂତନ ଯାନ୍ତ୍ରିକ ଜିନିଷ କ୍ରୟ କରିବେ। ରଚନାତ୍ମକ କାର୍ଯ୍ୟ, ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଜମିଜମା, ଅର୍ଥ ସମ୍ପର୍କ, ଦୂର ଯାତ୍ରା, କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ।

**ବିଛା**: ପାରିବାରିକ ସମସ୍ୟାର ସମାଧାନ ଆଶା ମଉଳି ଯାଇପାରେ। ଜ୍ୟେଷ୍ଠା ନକ୍ଷତ୍ରର କ୍ରୀଡ଼ା, ଚଳଚ୍ଚିତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ମାଲିମକଦ୍ଦମା, ଗୃହସୀମା, ପ୍ଲଟିଙ୍ଗ୍ କାରବାର, ପ୍ରତିଯୋଗିତା କ୍ଷେତ୍ରରେ ଆଗ ଧାଡ଼ିରେ ରହିବେ। ଅଭାବ ନ ଥିଲେ ମଧ୍ୟ କୌଣସି କାମ ନ ହେବାରୁ ଅଶାନ୍ତ ରହିପାରନ୍ତି।

**ଧନୁ**: ଦିନଟିରେ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି। ବ୍ୟବହାରିକ ପରିବର୍ତ୍ତନ ହେତୁ ପାରିବାରିକ କ୍ଷେତ୍ରରେ, ସ୍ନେହ, ସମ୍ପର୍କର ବନ୍ଧନ ଶିଥିଳ ହୋଇଯାଇପାରେ। କଚେରି ମାମଲା, କଳା, ସାହିତ୍ୟ, ସଙ୍ଗୀତ ଆସର, ଭ୍ରମଣ, ପ୍ରଭୃତିର ସୁଯୋଗ ପାଇବେ।

**ମକର**: ଆଜି ନୂତନ ଯୋଜନା, ରାଜନୀତି, ସଭା ସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ। ବ୍ୟବସାୟ କ୍ଷେତ୍ର, ଦୂରଯାତ୍ରା, ପର୍ଯ୍ୟଟନ, ପରିଭ୍ରମଣ ସକାଶ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥ, ସମ୍ମାନ, ପ୍ରତିଷ୍ଠା ସଙ୍ଗକୁ ବନ୍ଧୁଙ୍କ ଶୁଭ କାମନାରେ ମନ ପ୍ରଫୁଲ୍ଲିତ ରହିବ। ଜମିଜମା କ୍ରୟ ବିକ୍ରୟରେ ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ**: ଦୃଢ଼ ମନୋବଳ ହେତୁ ବିବାଦୀୟ ଘଟଣାର ଫଇସଲା, ନୂତନ ଗୃହ, ଜମିଜମା କ୍ରୟ ବିକ୍ରୟରେ ସଫଳତା ପାଇବେ। ସରକାରୀ ସ୍ତରରେ ଅଟକି ରହିଥିବା କାମ, ଉଚ୍ଚଶିକ୍ଷା, ପରୀକ୍ଷା, ଗବେଷଣା, ଅନୁସନ୍ଧାନରେ ଅଗ୍ରଗତି ଘଟିବ। ପରିବାର କିମ୍ବା ଆତ୍ମୀୟମାନଙ୍କ ବେଖାତିର ମନୋଭାବ ପରିସ୍ଥିତିକୁ ଜଟିଳ କରିଦେଇପାରେ।

**ମୀନ**: ଶାରୀରିକ ସୁସ୍ଥତା ସହ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରାଇ ପ୍ରଶଂସାର ପାତ୍ର ହୋଇପାରନ୍ତି। ପରିବାରରେ ଆକସ୍ମିକ ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁଁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ନିର୍ମାଣ, ପରିବହନ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ଲାଭ କରିପାରନ୍ତି ।

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ

# ଆମେରିକା ଗଣତନ୍ତ୍ର ପ୍ରତି ବିପଦ



ମାଇକେଲ୍ ଲିଣ୍ଡ

ୱାଶିଂଟନ୍ ଡିସିରେ ୬ ଜାନୁୟାରୀ ୨୦୨୧ରେ ଯାହା ଘଟିଥିଲା ସେଥିରୁ ବହୁତ କିଛି ଶିଖିବାକୁ ବାକି ରହିଛି। କାପିଟୋଲରେ ଟ୍ରମ୍ପଙ୍କ ସପକ୍ଷବାଦୀ ବିଦ୍ରୋହୀ ଜୋରଜବରଦସ୍ତି ପ୍ରବେଶ କରିଥିଲେ। ଆମେରିକାର ସାମ୍ବିଧାନିକ ବ୍ୟବସ୍ଥାକୁ ନଷ୍ଟ କରିବା ଲାଗି ଏହା ଥିଲା ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ୟମ। ହେଲେ ଆମେରିକୀୟ ସାମ୍ବିଧାନିକ ବ୍ୟବସ୍ଥା ଏଭଳି ପ୍ରୟାସକୁ ବାଧା ଦେଇଥିବା ଉକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି । ଏ ସମ୍ପର୍କିତ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ଉପରାଷ୍ଟ୍ରପତି ମାଇକ୍ ପେନ୍ସି ଡେମୋକ୍ରାଟ୍ ପ୍ରାର୍ଥୀ ଜୋ ବାଇଡେନ୍ଙ୍କ ଇଲେକ୍ଟୋରାଲ କଲେଜ ଭୋଟ ବିଜୟର ଫଳାଫଳକୁ ସ୍ୱୀକୃତି ଦେବାକୁ ମନା କରିବା ଭଳି ଏକ ହାସ୍ୟାସ୍ପଦ ଯୋଜନା ଟ୍ରମ୍ପଙ୍କ ସମର୍ଥନରେ କରାଯାଇଥିଲା। ଏହାର ଧାରଣା ଥିଲା ଭିନ୍ନ। ଅନଧିକୃତ ମତଦାତା, କଂଗ୍ରେସର ରିପବ୍ଲିକାନ୍ ସଦସ୍ୟମାନଙ୍କ ଦ୍ୱାରା ସୃଷ୍ଟି ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ଟ୍ରମ୍ପଙ୍କୁ ଦ୍ୱିତୀୟ ଥର ରାଷ୍ଟ୍ରପତି କରିବା ଯୋଜନା କରାଯାଇଥିଲା। କିନ୍ତୁ ପ୍ରମୁଖ ରିପବ୍ଲିକାନ୍‌ମାନେ ଏଥିରେ ଭାଗ ନେବା ଲାଗି ମନା କରିଦେବାରୁ ଏହି ଯୋଜନା ଫସରଫାଟିଗଲା। ଆର୍ଟର୍ନି ଜେନେରାଲ ୱିଲିୟମ୍ ବାର୍ ଏବଂ ଅନ୍ୟ ଉଚ୍ଚପଦସ୍ଥ କାର୍ଯ୍ୟକାରୀ ଶାଖା ଅଧିକାରୀମାନେ ଟ୍ରମ୍ପଙ୍କ ଯୋଜନାରେ ସାମିଲ ହୋଇ ମଧ୍ୟ ଯେଭଳି ଏହି ଯୋଜନାରୁ ନିଜକୁ ଦୂରେଇ ରଖିଥିଲେ ଠିକ୍ ସେମିତି ଏଥିରେ ପେନ୍ସିଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ସେଥିରୁ ସେ ଜାଣିଶୁଣି ନିଜେ ଦୂରେଇ ରହୁଥିଲେ। ଏପରିକି ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ରିପବ୍ଲିକାନ୍ ଶାସିତ ଜର୍ଜିଆ, ମିଚିଗାନ ଏବଂ ପେନସିଲଭାନିଆର ଶାସକୀୟ ପଦାଧିକାରୀ, ଫେଡେରାଲ ଜଜ୍‌ମାନେ ଏହି ସ୍ଥିତିରେ ସେମାନଙ୍କ ମତ ନ ବଦଳାଇ ସାହସିକତାର ସହ ଏହାକୁ ସାମ୍ନା କରିଥିଲେ।

ନିର୍ବାଚନ ଫଳାଫଳକୁ ଚ୍ୟାଲେଞ୍ଜ କରିଥିବା କଂଗ୍ରେସର ଅଧିକାଂଶ ରିପବ୍ଲିକାନ୍ କେବଳ ଏକ ଔପଚାରିକ ଭାବେ ଏଥିରେ ସାମିଲ ଥିଲେ ବୋଲି ମନେ କରୁଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ,ଏଭଳି ଔପଚାରିକତା ସେମାନଙ୍କୁ କଠୋର ଦକ୍ଷିଣପନ୍ଥୀ ଭୋଟରଙ୍କ ଆକ୍ରମଣରୁ ରକ୍ଷା କରିବ। ଅନ୍ୟ ପଟେ ସେହି ରିପବ୍ଲିକାନ୍‌ମାନେ ପୂର୍ବରୁ ୨୦୦୧, ୨୦୦୫ ଏବଂ ୨୦୧୭ରେ ଷ୍ଟେଟ୍‌ଗୁଡ଼ିକରୁ ପ୍ରାପ୍ତ ନିର୍ବାଚନ ଫଳାଫଳକୁ ଚ୍ୟାଲେଞ୍ଜ କରିଥିବା ଡେମୋକ୍ରାଟ୍‌ଙ୍କ ପଥ ଅନୁସରଣ କରୁଥିଲେ। ଯଦିଓ ଟ୍ରମ୍ପ୍ ପ୍ରଶାସନରେ ବିରୋଧାଭାସ ରହିଥିଲା ଏବଂ ଟ୍ରମ୍ପଙ୍କ ଦେଶଦ୍ରୋହୀ ଯୋଜନାକୁ ପାର୍ଟି ଦବାଇ ଦେଇଥିଲା, ତଥାପି ୨୦୨୪ରେ ସମାନ ପ୍ରକାର ଯୋଜନା ସଫଳ ହେବ ବୋଲି ଅନେକ ଡେମୋକ୍ରାଟ୍ ଯୁକ୍ତି ବାଢନ୍ତି। କିନ୍ତୁ ପରାଜିତ ରିପବ୍ଲିକାନ୍ ପକ୍ଷରୁ ପୁନର୍ବାର ଇଲେକ୍ଟୋରାଲ କଲେଜ ଭୋଟକୁ ପରିବର୍ତ୍ତନ କରିବାର କୌଣସି ପ୍ରୟାସ ଲାଗି କଂଗ୍ରେସର ଶହେ ନ ହେଲେ ବି ଅଳ୍ପ କେତେ ଜଣ ରିପବ୍ଲିକାନ ସଦସ୍ୟ, ଷ୍ଟେଟ୍ ଲେଜିସ୍‌ଲେଚର୍ ଏବଂ ଫେଡେରାଲ୍ କୋର୍ଟଗୁଡ଼ିକର ସମନ୍ୱୟ ରହିବା ଓ ସହଯୋଗ ମିଳିବାର ସମ୍ଭାବନା ନାହିଁ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ବିଷୟ ନାହିଁ। ହଁ, ଭୟ ଓ ଆତଙ୍କ ସୃଷ୍ଟିକରୁଥିବା ବ୍ୟକ୍ତିମାନେ କହିପାରନ୍ତି ଯେ, ୨୦୨୦ରେ ଯେଭଳି ସ୍ଥିତି ସୃଷ୍ଟି ହେଲା ୨୦୨୪ ବେଳକୁ ସେମିତି ରହିବା ସମ୍ଭାବନା ନାହିଁ। ଅନେକ ପରିବର୍ତ୍ତନ ହୋଇଥିବ। ସେତେବେଳେ ଟ୍ରମ୍ପ୍ ସମର୍ଥିତ ପଦାଧିକାରୀମାନେ କେତେକ ପ୍ରମୁଖ ନିର୍ବାଚନୀ ପ୍ରଶାସନିକ ପଦବୀରେ ରହିଥିବେ। କିନ୍ତୁ ଉକ୍ତ ଟ୍ରମ୍ପ୍‌ବାଦୀ ଗୋଷ୍ଠୀଗୁଡ଼ିକୁ ପେନ୍ସି ଓ ବାର୍‌ଙ୍କ ଭଳି ସମର୍ଥକଙ୍କଠାରୁ ଅତ୍ୟଧିକ ବିଶ୍ୱାସୀ ଓ ଶୃଙ୍ଖଳିତ ହେବାକୁ ପଡ଼ିବ। ଏକ ଜଟିଳ ଷଡ଼ଯନ୍ତ୍ରରେ ପ୍ରତ୍ୟେକ ତାଙ୍କ ରାଜନୈତିକ ଭବିଷ୍ୟତକୁ ବିପଦରେ ପକାଇବାକୁ ପ୍ରସ୍ତୁତ ରହିବାକୁ ହେବ। ପୁନର୍ବାର ଏଭଳି ଏକ ଷଡ଼ଯନ୍ତ୍ର ମୁଖ୍ୟତଃ ଜଣେ ବିଶ୍ୱାସଘାତକ ଯିଏ କି ନିୟମିତ ଭାବେ ଅନ୍ୟ ଲୋକଙ୍କୁ କାମରେ ଲଗାଏ ଓ ପରେ ସେମାନଙ୍କୁ ଦୂରକୁ ଫିଙ୍ଗିଦିଏ, ତା'କୁ ହିଁ ଲାଭ ପହଞ୍ଚାଇବ।

ରିପବ୍ଲିକାନ୍ ପ୍ରାର୍ଥୀମାନଙ୍କ ଉପରେ ଟ୍ରମ୍ପଙ୍କର ଅତ୍ୟଧିକ ପ୍ରଭାବ ରହିଛି। ଯେଉଁମାନଙ୍କର ପ୍ରାଥମିକ ଓ ସାଧାରଣ ନିର୍ବାଚନରେ ଜିତିବାର ସମ୍ଭାବନା ରହିଛି, ସେ ସେମାନଙ୍କୁ କୌଣସି ପ୍ରକାରେ ସମର୍ଥନ କରିବାକୁ ଚାହାନ୍ତି। ହେଲେ ତାଙ୍କ ସାଙ୍ଗଠନିକ ଆଧାର ଉପରେ ତାଙ୍କର ନିୟନ୍ତ୍ରଣ ଅସ୍ପଷ୍ଟ ରହିଛି। ସେ ଯେତେବେଳେ କୋଭିଡ୍-୧୯ ଟିକାକୁ ସମର୍ଥନ କଲେ ସେତେବେଳେ ତାଙ୍କୁ ସାଧାରଣରେ ସମ୍ମାନ ଦେଉଥିବା ଅନେକ ସମର୍ଥକଙ୍କ ବିରୋଧ ଏହାକୁ ପ୍ରତିପାଦିତ କରିଦେଲା। ଏହି ସବୁ କାରଣ ଯୋଗୁ, ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ଦ୍ୱାରା ୨୦୨୪ ନିର୍ବାଚନ ପରେ ଟ୍ରମ୍ପ୍ କିମ୍ବା ତାଙ୍କ ସମର୍ଥକମାନଙ୍କ ମଧ୍ୟରୁ କୌଣସି ଜଣଙ୍କୁ ରାଷ୍ଟ୍ରପତି ଭାବେ ଅଭିହିତ କରିବାର ଯୋଜନା ସମ୍ଭବତଃ ରାଜନୈତିକ କ୍ଷେତ୍ରର ଏକ ରୋମାଞ୍ଚକର ତଥା କାଳ୍ପନିକ କାହାଣୀ ପାଲଟିବ। ୨୦୨୪ରେ ଟ୍ରମ୍ପ୍ ନୋମିନେଟ୍ ହୋଇ ଇଲେକ୍ଟୋରାଲ କଲେଜ କିମ୍ବା ସଂଖ୍ୟାଗରିଷ୍ଠ ପପୁଲାର ଭୋଟରେ ସ୍ପଷ୍ଟ ବିଜୟ ଲାଭ କରିବା ଅସମ୍ଭବ । ଏହା ବାଦ୍ ଆଗକୁ ଭୟ ସୃଷ୍ଟିକାରୀ ଶ୍ୱେତ ରାଷ୍ଟ୍ରବାଦୀ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାର ସମ୍ଭାବନା କମ୍। ଏହା ବଦଳରେ ଟ୍ରମ୍ପ ତାଙ୍କ ଦ୍ୱିତୀୟ ପାଳିରେ ଜଣେ ଅଧିକ ନିଷ୍ପ୍ରଭାବୀ ଶାସକ ହେବାର ଅଧିକ ସମ୍ଭାବନା ରହିଛି। ରୂଢ଼ିବାଦୀ ରିପବ୍ଲିକାନ୍‌ଙ୍କ ପ୍ରଭାବ ଥିବା ପାର୍ଟିରେ ପ୍ରଥମ ପାଳିରେ ଯେଭଳି ତାଙ୍କର କର୍ତ୍ତୃତ୍ୱ ରହିଥିଲା ତାହା ରହିବାର ସମ୍ଭାବନା ନାହିଁ। ଯଦି ଇଟାଲୀୟ ଗଣତନ୍ତ୍ର ସିଲଭିଓଙ୍କ ତିନିପାଳି ପ୍ରଧାନମନ୍ତ୍ରୀତ୍ୱରେ ତିଷ୍ଠି ରହିପାରିଲା ତେବେ ଟ୍ରମ୍ପଙ୍କ ଦୁଇପାଳିରେ ବି ତିଷ୍ଠି ରହିବ। ଆମେରିକୀୟ ଗଣତନ୍ତ୍ର ବିପଦରେ ନାହିଁ ବୋଲି ଏ ମଧ୍ୟରୁ କୌଣସି ଗୋଟିଏ ବି ସୂଚନା ଦେଉନାହିଁ। ବାସ୍ତବରେ ଟ୍ରମ୍ପଙ୍କ ଭଳି ଲୋକପ୍ରିୟ ହେବାକୁ ଚାହୁଁଥିବା ନେତାମାନେ ଦେଶରେ ଏକ ରୋଗର ଲକ୍ଷଣ। ଆମେରିକାର ଦ୍ୱିଦଳୀୟ ରାଜନେତିକ ବ୍ୟବସ୍ଥାର ସଙ୍କଳ୍ପ ଏବଂ ସେମାନଙ୍କ କାର୍ଯ୍ୟ ମଧ୍ୟରେ ସମ୍ପର୍କ ନ ରହିବା ହିଁ ପ୍ରକୃତରେ ଆମେରିକାର ଗଣତନ୍ତ୍ର ପ୍ରତି ସବୁଠୁ ବଡ଼ ବିପଦ। ଟ୍ରମ୍ପଙ୍କ ପୂର୍ବରୁ ଅନେକ ଦଶନ୍ଧି ଧରି ଏହି ସମସ୍ୟା ରହିଛି ଏବଂ ଏହା ତାଙ୍କ ଉତ୍ଥାନରେ ବି ସାହାଯ୍ୟ କରିଛି।

ଅନ୍ୟପଟେ ଜଗତୀକରଣର ସଙ୍କଳ୍ପ ନିଆଯାଇଥିଲେ ମଧ୍ୟ ହାଇଟେକ୍ 'ନଲେଜ ଇକୋନୋମୀ'ରେ ଅଧିକ ଆମେରିକୀୟଙ୍କ ପାଇଁ ନୂଆ ଓ ଭଲ ନିଯୁକ୍ତି ସୃଷ୍ଟି କରାଯାଇପାରିଲା ନାହିଁ। ଏହା ବଦଳରେ ଆମେରିକା ମୌଳିକ ଉତ୍ପାଦିତ ଜିନିଷ ସହିତ ଔଷଧ ଓ ଚିକିତ୍ସା ଉପକରଣ ଲାଗି ଚାଇନା ଓ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ ହୋଇଛି। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ କମ୍ ମଜୁରିରେ ଚାକିରି ସୃଷ୍ଟି କରାଯାଇଛି, ଯାହାର କୌଣସି ଲାଭ ନାହିଁ। ସେହିଭଳି ୨୦୦୦ରେ ଶ୍ରେଷ୍ଠ ଅର୍ଥନୀତିଜ୍ଞମାନେ ଦାବି କରିଥିଲେ ଯେ, ବିଶ୍ୱ ମାକ୍ରୋଇକୋନୋମିକ୍ସରେ ' ଗ୍ରେଟ୍ ମଡରେଶନ' ଏକ ନୂଆ ମାନକକୁ ପ୍ରତିନିଧିତ୍ୱ କରିଥିଲା। କିନ୍ତୁ ଏହା ଆସେଟ ବବ୍‌ଲ ଉପରେ ନିର୍ଭରଶୀଳ ହେଲା ଓ ତାହାର ପତନ ଘଟିଲା, ଯାହା ବିଶ୍ୱ ବିତ୍ତୀୟ ସଙ୍କଟ ଓ ପରେ ପରେ ବୃହତ୍ ମାନ୍ଦାବସ୍ଥାର କାରଣ ପାଲଟିଲା। ଆଫଗାନିସ୍ତାନ, ଇରାକ୍, ସିରିଆ ଏବଂ ଲିବ୍ୟାରେ ଆମେରିକାର ହସ୍ତକ୍ଷେପ ତା'ର ବିଫଳତାକୁ ମଧ୍ୟ ସ୍ପଷ୍ଟ କଲା।

ଏଭଳି ବିପର୍ଯ୍ୟୟଗୁଡ଼ିକର ସୃଷ୍ଟିକର୍ତ୍ତାଙ୍କ ମଧ୍ୟରୁ ଅନେକ ପ୍ରତିଷ୍ଠିତ ଏକ୍ସପର୍ଟ ଭାବେ ଆକର୍ଷଣୀୟ କ୍ୟାରିୟର ଗଢ଼ିପାରିଛନ୍ତି। ଆଉ କେତେ ଜଣଙ୍କ ବିତ୍ତୀୟ ଓ ପ୍ରତିଷ୍ଠାରେ କ୍ଷତି ସହିଛନ୍ତି। ଯେତେବେଳେ ଏକ ଜାତୀୟ ସରକାର ବହୁବାର ବିଫଳ ହୁଏ ଓ ଅଧିକ କ୍ଷତି ସହେ ଏବଂ ମୁଖ୍ୟ ଧାରାର ଗଣମାଧ୍ୟମ ଉତ୍ସଗୁଡ଼ିକ ଏହି ବିଫଳତାଗୁଡ଼ିରେ ଭାଗୀଦାରି ରହେ , ସେତେବେଳେ ଲୋକେ ନିମ୍ନ ଧରଣର ବିକଳ୍ପ ମିଡିଆ ଉତ୍ସ କିମ୍ବା ନିଜକୁ ଅତ୍ୟଧିକ ପ୍ରତିପାଦିତ କରିବାକୁ ଚାହୁଁଥିବା ଟ୍ରମ୍ପଙ୍କ ଭଳି ବାହାରୁ ରାଜନେତାଙ୍କୁ ଖୋଜିବାରେ କେହି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। ନିର୍ବାଚନ ଫଳାଫଳକୁ ବଦଳାଇବାକୁ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କ ବେଆଇନ ଏବଂ ଅନୈତିକ ପ୍ରଚେଷ୍ଟାକୁ ଆମେରିକୀୟମାନେ ପ୍ରତିରୋଧ କରିବା ଆବଶ୍ୟକ। କିନ୍ତୁ ନୀତିରେ ବାରମ୍ବାର ବିଫଳ ହେଉଥିବା ପାରମ୍ପରିକ ବା ରୂଢ଼ିବାଦୀ ରାଜନେତାଙ୍କ ଉପରେ ଲୋକଙ୍କ ବିଶ୍ୱାସର ଅଭାବ ହିଁ ବାସ୍ତବରେ ଆମେରିକାର ଗଣତନ୍ତ୍ର ପ୍ରତି ଏକ ଦୀର୍ଘ ମିଆଦୀ ବିପଦ। ଲୋକଙ୍କ ବିଶ୍ୱାସର ଅଭାବ ଯୋଗୁ ଆମେରିକାର କ୍ଷମତାଶାଳୀ ନେତୃତ୍ୱ କିମ୍ବା ବ୍ୟକ୍ତିତ୍ୱଙ୍କୁ କେହି ଦୋଷ ଦେଉନାହାନ୍ତି , ବରଂ ନିଜକୁ ଦୋଷ ଦେଉଛନ୍ତି।

**ପ୍ରଫେସର ଅଫ୍ ପ୍ରାକ୍ଟିସ୍, ଲିଣ୍ଡନ ବି. ଜନ୍‌ସନ ସ୍କୁଲ ଅଫ୍ ପବ୍ଲିକ ଆଫେୟାର୍ସ, ୟୁନିଭର୍ସିଟି ଅଫ୍ ଟେକ୍ସାସ୍, ଅଷ୍ଟିନ, ଆମେରିକା**

# ସଜାଗ ହେବା ବେଳ



ବିପ୍ଳବ

ଦିଲ୍ଲୀ ବାୟୁ ପ୍ରଦୂଷଣ ସମସ୍ତଙ୍କୁ ଚିନ୍ତାରେ ପକେଇ ଦେଇଛି। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ତାଗିଦ କରିବାକୁ ପଡ଼ିଲା ଆଉ ସରକାର କଠୋର ନିଷ୍ପତ୍ତି ସ୍ୱରୂପ ସ୍କୁଲ ବନ୍ଦ ରଖିବାକୁ ବାଧ୍ୟ ହେଲେ। ଖାଦ୍ୟ, ବସ୍ତ୍ର, ବାସଗୃହ ମଣିଷର ମୌଳିକ ଆବଶ୍ୟକତା ହେଲେ ମଧ୍ୟ ପ୍ରକୃତି ସୃଷ୍ଟ ଜଳ ଆଉ ବାୟୁ ଜୀବ ଜଗତ ଅବା ମଣିଷ ସମାଜର ମୌଳିକ ଆବଶ୍ୟକତା ଠୁଁ ଆହୁରି ଜରୁରୀ। ଜଳ ବିନା କିଛି ଘଣ୍ଟା ବଞ୍ଚିହେବ ମାତ୍ର ବାୟୁ ବିନା କିଛି ମୁହୂର୍ତ୍ତ। ବାୟୁରେ ଥିବା ଅମ୍ଳଜାନ ଜୀବଜଗତ ପାଇଁ ଈଶ୍ୱରଙ୍କ ବରଦାନ ବା ପ୍ରକୃତିର ଆଶୀର୍ବାଦ ସଦୃଶ। ଏଇ ଅମ୍ଳଜାନ ଆମକୁ ସବୁଜ ବୃକ୍ଷଲତାଠାରୁ ମିଳିଥାଏ। ମାତ୍ର ବାୟୁମଣ୍ଡଳରୁ ଧୀରେ ଧୀରେ ଅମ୍ଳଜାନ ହ୍ରାସ ପାଇ ବିଷାକ୍ତ ଗ୍ୟାସଗୁଡିକର ପରିମାଣ ବୃଦ୍ଧି ପାଇଛି, ଯାହା ପ୍ରାଣୀ ଜଗତ ପାଇଁ କ୍ଷତିକାରକ। କେବଳ ଦିଲ୍ଲୀ ନୁହେଁ, ଆମ ଓଡ଼ିଶାର ଭୁବନେଶ୍ୱରରେ ବି ପ୍ରଦୂଷଣ ହାର ବୃଦ୍ଧି ପାଇଛି ବୋଲି ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଏବେ ଭୁବନେଶ୍ୱରରେ ଗଡୁଛି ପ୍ରାୟ ଦଶ ଲକ୍ଷ ଗାଡ଼ି, ଆଉ ସେମାନେ ଦୈନିକ ଛାଡୁଛନ୍ତି ହଜାରେ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ। ସାରା ସହର କନଷ୍ଟ୍ରକ୍‌ଶନ ଜୋନ୍ ପାଲଟିବା ସହ ସବୁଜବଳୟ ଉଭାନ ହୋଇଯାଇଛି। ପ୍ରାକୃତିକ ଜଳାଶୟଗୁଡ଼ିକ ପୋତା ହେଇଯିବା ଆଉ ତା'ଉପରେ ବିଲ୍‌ଡିଂ ଠିଆ କରିଦେବାର ନିଶା ଏବେ କିଛି ଲୋକଙ୍କୁ ଘାରିଛି। ଏହା ମଧ୍ୟମ ଧରଣର ବିପଦ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ପଷ୍ଟ କରିଛି। ଭୁବନେଶ୍ୱରର ପରିସ୍ଥିତି ଦିଲ୍ଲୀ ପରି ହୋଇ ନ ଥିଲେ ମଧ୍ୟ ପାଖାପାଖି ଅବସ୍ଥା। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଚିହ୍ନଟ କରିଥିବା ପ୍ରଦୂଷିତ ସହର ଭିତରେ ଓଡ଼ିଶାର ଭୁବନେଶ୍ୱର ସହିତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର ଓ ରାଉରକେଲା ରହିଛି। ମାତ୍ର ଏ ବିଷୟରେ ଉଭୟ ସରକାର ଓ ଜନସାଧାରଣ କେହି ଚିନ୍ତା କରୁନାହାନ୍ତି। ଆଉ ଏଥିପାଇଁ କ୍ରନିକ ଅବଷ୍ଟ୍ରକ୍ଟିଭ୍ ପଲ୍‌ମୁନାରୀ ଡିଜିଜ୍ (ସିଓପିଡି) ରୋଗ ବୃଦ୍ଧି ପାଇଛି। ଧୂଳି, ଧୂଆଁ ଆଉ ଧୂମ୍ରପାନ ଏହି ରୋଗର ମୁଖ୍ୟ କାରଣ। ବିଭିନ୍ନ ଖଣି ଖାଦାନରୁ ନିର୍ଗତ ବିଷାକ୍ତ ଗ୍ୟାସ, ଚାଷ ଜମିରେ ବ୍ୟବହୃତ ରାସାୟନିକ ସାର, ମଶାବତିର ବିଷାକ୍ତ ଧୂଆଁ ଇତ୍ୟାଦି ପ୍ରାଣୀ ଜଗତ ଉପରେ ଖରାପ ପ୍ରଭାବ ପକାଇଥାଏ। ଆଉ ବାୟୁ ମଣ୍ଡଳ ବି ପ୍ରଦୂଷିତ କରିଥାଏ। ସୁସ୍ଥ ଲୋକଟିଏ ଏମିତି ପରିବେଶରେ କିଛି ଦିନ ରହିଲେ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା ସହିତ ଫୁସ୍‌ଫୁସ୍‌ଜନିତ ସମସ୍ୟା ଭୋଗେ।

କେବଳ ଦିଲ୍ଲୀ ବା ଭୁବନେଶ୍ୱର ନୁହେଁ ଦେଶର ଅନ୍ୟାନ୍ୟ ଜନବହୁଳ ସହରର ବାୟୁ ପ୍ରଦୂଷଣ ହେବାରେ ଲାଗିଛି। ୟୁରୋପ ପରିବେଶ ଏଜେନ୍ସି(ଇଇଏ) ଏକ ରିପୋର୍ଟ ପ୍ରକାଶ କରିଛି, ଯେଉଁଥିରେ କୁହାଯାଇଛି ବାୟୁ ପ୍ରଦୂଷଣ ଯୋଗୁ ୨୦୧୯ରେ ୟୁରୋପରେ ୩.୭ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ବାୟୁମଣ୍ଡଳରେ ନାଇଟ୍ରୋଜେନ୍ ଡାଇଅକସାଇଡ୍ ବୃଦ୍ଧି କାରଣରୁ ଏମିତି ଅକାଳ ମୃତ୍ୟୁ ଭୋଗିଲେ ଲୋକେ। ଯଦି ୟୁରୋପୀୟ ଦେଶଗୁଡିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ )ର ନିର୍ଦ୍ଦେଶନାମା ପାଳନ କରିଥାନ୍ତେ ତେବେ ୧.୭ଲକ୍ଷ ଲୋକଙ୍କୁ ବଞ୍ଚାଯାଇ ପାରିଥାନ୍ତା। ଗ୍ରୀନ୍ ପିସ୍ ଦକ୍ଷିଣ-ପୂର୍ବ ଏସିଆର ରିପୋର୍ଟ ଅନୁଯାୟୀ ଭାରତର ବାୟୁ ପ୍ରଦୂଷଣ ଯୋଗୁ୨୦୨୦ରେ ୧.୨୦ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଛି। ଏହା ଆମ ପାଇଁ ଏକ ସତର୍କ ଘଣ୍ଟି।

ଦେଶର ଶିଳ୍ପ ବିପ୍ଳବ ଆରମ୍ଭ ହେବା ପରେ ଜଙ୍ଗଲ କଟା ଆରମ୍ଭ ହେଲା। ବିଜ୍ଞାନର ନୂତନ ଉଦ୍ଭାବନ ମଣିଷ ସମାଜ ପାଇଁ ଗୋଟେ ପଟେ ବରଦାନ ସଦୃଶ ହେଲା ବେଳେ ଅଜାଣତରେ ଘାତକ ପ୍ରମାଣିତ ହୋଇଛି। ଚିକିତ୍ସା ବିଜ୍ଞାନ ଲୋକଙ୍କର ଆୟୁଷ ବୃଦ୍ଧି କରିବାରେ ସାହାଯ୍ୟ କଲା। ସେଥିପାଇଁ କେବେ ଶିଳ୍ପ ପାଇଁ, କେବେ ବାସଗୃହ ପାଇଁ, କେବେ ଚାଷ ଜମି ପାଇଁ ବୃକ୍ଷ ବଳିପଡ଼ିବା ସହିତ ଜଙ୍ଗଲ ସମ୍ପଦର ଦ୍ରୁତ ହ୍ରାସ ଘଟିଲା। ପ୍ରାକୃତିକ ଜଙ୍ଗଲ ସଫାକରି କେବଳ କାଗଜ କଲମରେ କୃତ୍ରିମ ଜଙ୍ଗଲ ସୃଷ୍ଟିକରି ବନ ମହୋତ୍ସବ ପାଳିବାର ଫେଶନ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ମାନବ ସମାଜ ପାଇଁ। କ'ଣ ଏହାର ବିକଳ୍ପ ? ଏଠି ପ୍ରଶ୍ନ ଉଠେ ସରକାର ବା କୋର୍ଟକଚେରି କ'ଣ ବାୟୁପ୍ରଦୂଷଣକୁ ରୋକିପାରିବେ, ଯଦି ମାନବ ନିଜେ ସତର୍କ ନ ହେବ!

ଏବେ ସଜାଗ ହେବାର ବେଳ। ପ୍ରାଥମିକ ସ୍ତରରେ ଏହି କାର୍ଯ୍ୟ ଆମଠୁ ଆରମ୍ଭ ହେବା ଦରକାର। ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ବୃକ୍ଷଲତା ହ୍ରାସ, କଳକାରଖାନା ବୃଦ୍ଧି, ଜନସଂଖ୍ୟା ବୃଦ୍ଧି ଆଉ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର। ଦୈନନ୍ଦିନ ଜୀବନରେ ଆମେ ପ୍ରାକୃତିକ ଗ୍ୟାସ, ତୈଳ ତଥା ଗାଡ଼ିର ବ୍ୟବହାରକୁ ହ୍ରାସ କରିପାରିବା। ପେଟ୍ରୋଲ, ଡିଜେଲ ଚାଳିତ ଗାଡ଼ି ବଦଳରେ ବ୍ୟାଟେରି ଚାଳିତ ଗାଡ଼ିକୁ ଗୁରୁତ୍ୱ ଦେବା। ଗ୍ୟାସ ଚାଳିତ ଉପକରଣ ବଦଳରେ ସୌରଶକ୍ତି ବା ବିଦ୍ୟୁତ ଚାଳିତ ଇଣ୍ଡକସନ ରେଞ୍ଜକୁ ବ୍ୟବହାର କରି ପାରିବା। କୃଷି କ୍ଷେତରେ ରାସାୟନିକ ସାରର ବହୁଳ ବ୍ୟବହାର ରୋକି ଜୈବିକ ସାର ତଥା ଗୋବର, ଗୋ ମୂତ୍ର, ଖତ ଇତ୍ୟାଦି ବ୍ୟବହାରକୁ ଗୁରୁତ୍ୱ ଦେବା। କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସକୁ ବାୟୁମଣ୍ଡଳକୁ ନ ଛାଡ଼ି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ତାକୁ ନଷ୍ଟ କରିବା ଉଚିତ। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରାକୃତିକ ଉପାୟରେ ସୃଷ୍ଟ ବୃକ୍ଷ ବା ଜଙ୍ଗଲର ରକ୍ଷଣାବେକ୍ଷଣ କରିବା। ତେବେ ଯାଇ ନିଜେ ବଞ୍ଚିବା ସହିତ ଆମ ଉତ୍ତର ପିଢ଼ିକୁ ନିଃଶ୍ୱାସପ୍ରଶ୍ୱାସରେ ସାହାଯ୍ୟ କରିପାରିବା।

**ମକୁନ୍ଦପୁର, ବାଙ୍କୀ**
**ମୋ: ୯୪୩୭୪୬୮୦୧୬**

## ଏଇ ଭାରତରେ

ପବନରୁ ମିଳୁଥିବା ପାଣି ଜଳ ସଙ୍କଟ ଦୂର କରିବ। ଏଥିପାଇଁ ବିଶ୍ୱ ସ୍ତରରେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି ବୈଜ୍ଞାନିକମାନେ। ହେଲେ ଭାରତର ଏକ ଷ୍ଟାର୍ଟଅପ୍ ଏ କ୍ଷେତ୍ରରେ କିଛି ପାଦ ଆଗକୁ ବଢ଼ିଛି। ବେଙ୍ଗାଲୁରୁସ୍ଥିତ ଷ୍ଟାର୍ଟଅପ୍ 'ଉରାଭୁ ଲ୍ୟାବ୍'ର ୪ ଜଣ ଇଞ୍ଜିନିୟରଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ସେମାନେ ଏକ ପ୍ରୋଟୋଟାଇପ ନିର୍ମାଣ କରିଛନ୍ତି; ଯାହା ପବନରୁ ଦିନକୁ ୫ ଲିଟର ପାଣି ସଂଗ୍ରହ କରୁଛି। ଏହାର ନାମ ରଖାଯାଇଛି ଉରାଭୁ ଏମ୍‌ଡବ୍ଲ୍ୟୁଜି। ସବୁଠୁ ବଡ଼ କଥା ହେଉଛି, ଏହି ମେଶିନ୍ ଶତପ୍ରତିଶତ ଅକ୍ଷୟ ଶକ୍ତି ଦ୍ୱାରା ପରିଚାଳିତ। ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି), କାଲିକଟର ସ୍ୱପ୍ନିଲ ଶ୍ରୀବାସ୍ତବ ଏବଂ ଭେଙ୍କଟେଶ ଆର୍ ପ୍ରଥମେ ବର୍ଷାଜଳ ଅମଳ ଏବଂ ୱେଷ୍ଟ ୱାଟର ଟ୍ରିଟମେଣ୍ଟ ଉପରେ କାମ କରୁଥିଲେ। ପରେ ସେମାନେ ଏହାକୁ ଆରମ୍ଭ କରିଛନ୍ତି। ୨୦୧୯ରେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ପ୍ରଦୀପ ଗର୍ଗ ଓ କୋଏମ୍ବାଟୁର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଗୋବିନ୍ଦ ବାଲାଜୀ ଯୋଗ ଦେବା ପରେ ସେମାନେ ଏହାକୁ ଚୂଡ଼ାନ୍ତ ରୂପ ଦେଇପାରିଛନ୍ତି। ସେମାନେ ଦୁଇପ୍ରକାର ମେଶିନ ନିର୍ମାଣ କରିଛନ୍ତି। ଏହାକୁ ଘରେ ଓ ବିଭିନ୍ନ ଅନୁଷ୍ଠାନରେ ଲଗାଯାଇପାରିବ। ଉରାଭୁ ଇଣ୍ଟର୍‌ନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ (ଆଇଏସ୍‌ଓ) ଏବଂ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ(ଡବ୍ଲ୍ୟୁଏଚ୍‌ଓ)ର ମାନକ ଅନୁଯାୟୀ ଫିଟ କରାଯାଇଛି। ପବନରୁ ସଂଗୃହୀତ ଜଳ ମଧ୍ୟ ନ୍ୟାଶ୍‌ନାଲ ଆକ୍ରିଡେଶନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କ୍ୟାଲିବରେଶନ ଲାବୋରେଟୋରିଜ (ଏନ୍‌ଏବିଏଲ୍)ର ସ୍ୱୀକୃତି ପାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୭

- ଆଲଜେରିଆର ମୁସ୍‌ଲିମ ଗେରିଲାମାନେ ଏକ ଗ୍ରାମ ଉପରେ ଆକ୍ରମଣ କରି ୧୬ ଜଣ ଲୋକଙ୍କୁ ହତ୍ୟା କରିଛନ୍ତି।
- ଅପରାଧୀ ହସ୍ତାନ୍ତର କ୍ଷେତ୍ରରେ ଭାରତ ଓ ବ୍ରିଟେନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି।
- ତାମିଲ ଫିଲ୍ମ ଅଭିନେତ୍ରୀ ପି.କେ. ସରସ୍ୱତୀଙ୍କ ୬୬ ବର୍ଷ ବୟସରେ ପରଲୋକ।
- ମୁଖ୍ୟମନ୍ତ୍ରୀ ଭୈରୋ ସିଂ ଶେଖାୱତଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ରାଜସ୍ଥାନର ଜଳସେଚନ ରାଷ୍ଟ୍ରମନ୍ତ୍ରୀ ପୂଜାଲାଲଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଘୋଷଣା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 2 | 1 | 9 |
| | | 8 | | | | | | |
| | 3 | | | 5 | | | | 4 |
| | | | 6 | 8 | | | | |
| 3 | | | | | 4 | | 2 | |
| 4 | 9 | | 5 | | | | | |
| 8 | | 9 | | | | 1 | | |
| | 5 | 3 | | | 6 | | 7 | |
| | | | | | 5 | 6 | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 6 | 3 | 8 | 5 | 4 | 2 | 7 |
| 3 | 7 | 2 | 6 | 4 | 1 | 5 | 8 | 9 |
| 8 | 4 | 5 | 9 | 7 | 2 | 1 | 6 | 3 |
| 7 | 2 | 4 | 8 | 3 | 9 | 6 | 5 | 1 |
| 1 | 5 | 9 | 2 | 6 | 4 | 7 | 3 | 8 |
| 6 | 8 | 3 | 1 | 5 | 7 | 9 | 4 | 2 |
| 5 | 9 | 7 | 4 | 2 | 3 | 8 | 1 | 6 |
| 2 | 6 | 1 | 5 | 9 | 8 | 3 | 7 | 4 |
| 4 | 3 | 8 | 7 | 1 | 6 | 2 | 9 | 5 |

ଗତକାଲିର ଉତ୍ତର

# ଭଲ ମଣିଷର ପରିଭାଷା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଋଷିପ୍ରତିମ ଆଚାର୍ଯ୍ୟ ହରିହରଙ୍କୁ ଯଦି କିଏ ନମସ୍କାର କରୁଥିଲେ, ସେ ତତ୍‌କ୍ଷଣାତ୍ ସେହି ବ୍ୟକ୍ତିଙ୍କୁ ପ୍ରତିନମସ୍କାର ଜଣାଇ କହୁଥିଲେ, 'ଭଲ ମଣିଷ ହୁଅ'। ଇତିହାସ ସୂଚାଇଦିଏ ଯେ ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ସିନୋପ୍ (ଖ୍ରୀ.ପୂ. ୪୧୦-୩୨୩) ସେ ସମୟରେ ମଧ୍ୟ ଦିନ ବେଳା ଏକ ଲଣ୍ଠନ ଲଗାଇ ଭଲ ଲୋକ ସନ୍ଧାନରେ ଥିଲେ। ମନେରଖିବାକୁ ହେବ ଯେ, ଧନ ଓ ତଥାକଥିତ କ୍ଷମତା କ୍ଷଣସ୍ଥାୟୀ। ଏ ସଂସାରରେ କେବଳ ଆଦର୍ଶ ଓ ମୂଲ୍ୟବୋଧ ହିଁ ମୃତ୍ୟୁ ପରେ ମଧ୍ୟ ବଞ୍ଚିରହେ। ସେଦିନ ଦିଗ୍‌ବିଜୟୀ ସମ୍ରାଟ ଆଲେକ୍‌ଜାଣ୍ଡାର ନିଜର ଆସନ୍ନମୃତ୍ୟୁକୁ ଜାଣିପାରି ଅନୁଚରମାନଙ୍କୁ କହିଥିଲେ, ସେ ମରିଗଲା ପରେ ତାଙ୍କ ଦୁଇ ହାତକୁ ଅନୁଚରମାନେ ମେଲାଇ ଦେବେ। ଗଲା ବେଳକୁ କ'ଣ ନେଇଗଲେ ! ଏହା ହୁଏତ କିମ୍ବଦନ୍ତୀ ବା ଉପକଥା ହୋଇପାରେ ; କିନ୍ତୁ ଏହାର ଅନ୍ତରାଳରେ ଥିବା ଜୀବନର ଚିରନ୍ତନ ସତ୍ୟକୁ କିଏ ଅସ୍ୱୀକାର କରିପାରିବ ?

ଏକଥା ସ୍ୱୀକାର୍ଯ୍ୟ ଯେ ନୈତିକ ମୂଲ୍ୟବୋଧର ଅବକ୍ଷୟ ଚିନ୍ତାନାୟକଙ୍କୁ ବ୍ୟସ୍ତ ବିବ୍ରତ କରୁଛି। କିନ୍ତୁ ଅଧଃପତନ ସତ୍ତ୍ୱେ ଆମ ପାଖରେ ଏପରି କିଛି ଭଲ ଲୋକ ଅଛନ୍ତି; ସେମାନଙ୍କ କଥା ଚିନ୍ତା କଲାବେଳକୁ ମୁଣ୍ଡ ଆମର ଆପେ ଆପେ ନଇଁଯାଏ।

ବେଶି ଦିନର କଥା ନୁହେଁ। ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମ୍‌ଙ୍କ କଥା ମନେପଡୁଛି। ତାଙ୍କୁ ଜୋତା ପିନ୍ଧାଇବା ପାଇଁ ଜଣେ କର୍ମଚାରୀ ରାଷ୍ଟ୍ରପତି ଭବନରେ ଥାଆନ୍ତି। ରାଷ୍ଟ୍ରପତିଙ୍କ ଏହି ସେବାରେ ନିୟୋଜିତ କର୍ମଚାରୀ ଯେତେବେଳେ କଲାମ୍‌ଙ୍କୁ ଜୋତା ପିନ୍ଧାଇବାକୁ ଉଦ୍ୟତ ହେଲେ ; ସେ ଏ କାର୍ଯ୍ୟରୁ ତାଙ୍କୁ ବିରତ ହେବାକୁ କହିଲେ। ଏଥିରେ ଲୋକଟି ପ୍ରଥମେ କିଛି ବୁଝିପାରିଲା ନାହିଁ। ସେ ଭାବିଲା ବୋଧହୁଏ ରାଷ୍ଟ୍ରପତି ତା' ଉପରେ ଅସନ୍ତୁଷ୍ଟ ହୋଇ ତାକୁ ଚାକିରିରୁ ବିଦା କରିବାକୁ ଚାହୁଁଛନ୍ତି। ତା'ର ମନୋଭାବକୁ ହୃଦୟଙ୍ଗମ କରି କଲାମ୍ କହିଲେ, ତୁମେ ଆଜିଠାରୁ ଏପରି ହୀନ କାର୍ଯ୍ୟ କରିବ ନାହିଁ କିନ୍ତୁ ନିର୍ଭୟ ରୁହ ଯେ, ତୁମ ଚାକିରି ଯିବ ନାହିଁ। ପରେ କହିଲେ, ମୁଁ ଯେମିତି ମଣିଷ ; ତୁମେ ମଧ୍ୟ ସେପରି ଜଣେ ମଣିଷ। ଜଣେ ମଣିଷ ଆଉ ଜଣେ ମଣିଷକୁ ଜୋତା ପିନ୍ଧାଇବ ; ଏ ପ୍ରକାର ସାମନ୍ତବାଦୀ ଚିନ୍ତାଧାରାକୁ ମୁଁ ପସନ୍ଦ କରେ ନାହିଁ। ଏ କଥା ଭାବିଲା ବେଳକୁ ଆମ ସମୟର ଜଣେ ଅଫିସର (ବର୍ତ୍ତମାନ ଅବସରପ୍ରାପ୍ତ)ଙ୍କ କଥା ମନେପଡୁଛି। ତାଙ୍କ ସରକାରୀ ବାସଭବନଠାରୁ ମାତ୍ର ୧୦୦ ମିଟର ଦୂରରେ ଏକ ମନ୍ଦିର ଥିଲା। ସେ ପ୍ରତ୍ୟହ ମଠା ପିନ୍ଧି ସରକାରୀ ଗାଡ଼ିରେ ଏହି ମନ୍ଦିରକୁ ଯାଆନ୍ତି। ଗାଡ଼ିରୁ ଓହ୍ଲାଇବା ମାତ୍ରେ ଡ୍ରାଇଭର ତାଙ୍କ ଗୋଡ଼ରୁ ଜୋତା ବାହାର କରିଥାଏ ଏବଂ ପୂଜା ସାରି ମନ୍ଦିରକୁ ଫେରିଲା ବେଳକୁ ତାଙ୍କୁ ଜୋତା ମଧ୍ୟ ପିନ୍ଧେଇଦିଏ।

ବର୍ତ୍ତମାନ ଏ ଯୁଗର ଜଣେ ଦଧିଚିଙ୍କ କଥା କହୁଛି। ସେ ହେଉଛନ୍ତି ବିଶିଷ୍ଟ ସମାଜସେବୀ ତଥା ଡା. ସୁପ୍ରଭା ଦାସ। ଅଳ୍ପଦିନ ତଳେ ତାଙ୍କର ତିରୋଧାନ ହୋଇଛି। ତାଙ୍କର ଇଚ୍ଛାନୁସାରେ ତାଙ୍କ ମରଶରୀରକୁ ଫକୀର ମୋହନ ଭେଷଜ ମହାବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ସହାୟତା ନିମନ୍ତେ ହସ୍ତାନ୍ତର କରାଯାଇଛି। ଲୋକସେବକ ମଣ୍ଡଳକୁ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଦାନ କରିଦେଇଛନ୍ତି। ଅସୁସ୍ଥ ହେବା ପୂର୍ବରୁ ସେ ପ୍ରିୟଦର୍ଶିନୀ ମହିଳା ସମିତି ନାମରେ ଏକ ଅନୁଷ୍ଠାନ ଗଢ଼ି ବିଭିନ୍ନ ସେବାମୂଳକ କାର୍ଯ୍ୟ କରୁଥିଲେ।

ସେଦିନ କଥା ପ୍ରସଙ୍ଗରେ ମୋର ସହକର୍ମୀ ମଧୁସୂଦନ ବାବୁ କହିଲେ, ସମୁଦ୍ର ଅତଳ ଗର୍ଭରୁ ରତ୍ନ ମିଳିବା ହୁଏତ ସମ୍ଭବ ହୋଇପାରେ ; କିନ୍ତୁ ଭଲ ରାଜନେତାଟିଏ ଏ ଯୁଗରେ ମିଳିବା କଷ୍ଟ। ମୁଁ ତତ୍‌କ୍ଷଣାତ୍ ତାଙ୍କ କଥାର ପ୍ରତିବାଦ କରି କହିଲି, ସେମାନଙ୍କ ସଂଖ୍ୟା ହୁଏତ ସ୍ୱଳ୍ପ ହୋଇପାରେ ; ବର୍ତ୍ତମାନ ସମୟରେ ମଧ୍ୟ ଆମମାନଙ୍କ ଚାରିପାଖରେ ଏପରି ବହୁ ନେତା ଅଛନ୍ତି ବା ଥିଲେ ଯେଉଁମାନଙ୍କ ବ୍ୟକ୍ତିତ୍ୱ ଆମକୁ ବିମୋହିତ କରିଥାଏ। ଏମାନେ ଆତ୍ମପ୍ରଚାର ଠାରୁ ଦୂରରେ ରହି ନୀରବରେ ସାଧନାରତ। ଏ କଥା କହି ମୁଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଏବଂ ସଦାଶିବ ତ୍ରିପାଠୀଙ୍କ ଉଦାହରଣ ଦେବି।

ନବବାବୁ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ସେଦିନ କୌଣସି କାରଣରୁ ସେ ବିଧାନସଭାରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଲେ। ସେତେବେଳେ ବିଧାନସଭାର ସଦସ୍ୟଙ୍କ ସଂଖ୍ୟା ଥିଲା ୧୪୦। ଆସ୍ଥା ଭୋଟ୍‌ରେ ନବବାବୁ ବିଜୟୀ ହେଲେ, କିନ୍ତୁ ମାତ୍ର ଜଣେ ବା ଦୁଇଜଣ ଲୋକ ଆସ୍ଥାଭୋଟ୍ ବିରୋଧରେ ଭୋଟ୍ ଦେଲେ। ନବବାବୁଙ୍କର ସିଦ୍ଧାନ୍ତ ଥିଲା ଯଦି ମୁଖ୍ୟମନ୍ତ୍ରୀ ହୋଇ ସେ ଜଣେ ବା ଦୁଇଜଣ ସଦସ୍ୟଙ୍କର ଆସ୍ଥାଭାଜନ ହୋଇପାରୁ ନାହାନ୍ତି ; ସେ କ୍ଷେତ୍ରରେ ସେ ଆଉ ମୁଖ୍ୟମନ୍ତ୍ରୀ ପଦରେ ରହିବା ଉଚିତ ନୁହେଁ। ନିଜ ସିଦ୍ଧାନ୍ତରେ ଅଟଳ ରହି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସେଇଦିନ ନିଜର ବେଡ଼ିଂ ଧରି, ସରକାରୀ ବାସଗୃହ ଛାଡ଼ି ତାଙ୍କ ସାଧନାପୀଠ ଅନୁଗୋଳ ସ୍ଥିତ ବାଜିରାଉତ ଛାତ୍ରାବାସକୁ ଚାଲିଗଲେ। ଏହାପରେ ସେ କେବେ ଆଉ କ୍ଷମତାକୁ ଫେରିନାହାନ୍ତି କିମ୍ବା ନିର୍ବାଚନରେ ଲଢ଼ି ନାହାନ୍ତି। ଆଜିକାଲି ତ ବାଧ୍ୟବାଧକତାରେ ନ ପଡ଼ିଲେ କୌଣସି ମନ୍ତ୍ରୀ ଇସ୍ତଫା ଦେବାର ଜାଣିନାହୁଁ। ନବବାବୁଙ୍କ ବିଷୟରେ ଆଉ ଗୋଟେ କଥା ମନେପଡୁଛି। ମୁଁ ତାଙ୍କୁ କେବେ ଦେଖି ନ ଥିଲି। ୮୦ ଦଶକର କଥା। ନବବାବୁ ଏକ ହାୱାନୀ ଓ ଧୋତି ପିନ୍ଧି ବେଡିଂ କାନ୍ଧେଇ ରାସ୍ତାରେ ଯାଉଥାନ୍ତି। ପାଦରେ ହଳେ ହାୱାଇ ଚପଲ ଥାଏ। ଚପଲ ଦୁଇଟି ଘୋରି ହୋଇ ମୁଣ୍ଡା ପାଲଟିଯାଇଥାଏ। ଧୂଳିଧୂସରିତ ଦେହ ! ମତେ ଜଣେ ପଛରୁ ଚିହ୍ନାଇ ଦେଲା, ସେ ହେଉଛନ୍ତି ନବକୃଷ୍ଣ ଚୌଧୁରୀ। ମୋର ମୁଣ୍ଡଟି ଆପେ ଆପେ ନଇଁଗଲା। ନବକୃଷ୍ଣ ଚୌଧୁରୀଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଯଥା ଭାଇ ଗୋପବନ୍ଧୁ ଚୌଧୁରୀ, ଭାଉଜ ରମାଦେବୀ, ସ୍ତ୍ରୀ ମାଳତୀ ଦେବୀ ଏବଂ ଝିଆରୀ ଅନ୍ନପୂର୍ଣ୍ଣା ମହାରଣାଙ୍କର ସ୍ୱାଧୀନତା ସଂଗ୍ରାମ ପାଇଁ ତ୍ୟାଗ ଓ ତିତୀକ୍ଷାର ଅନ୍ତ ନାହିଁ ! ଓଡ଼ିଶାରେ ବୋଧହୁଏ ଗୋଟିଏ ପରିବାରର ଏତେଗୁଡ଼ିଏ ଲୋକ ସ୍ୱାଧୀନତା ସଂଗ୍ରାମରେ ନିଃସ୍ୱାର୍ଥପର ଭାବେ ଯୋଗଦାନ କରିଥିଲେ ! ରମାଦେବୀ ଗାନ୍ଧିଜୀଙ୍କ ଆହ୍ୱାନରେ କାଠଯୋଡ଼ି ନଦୀକୂଳରେ ହେଉଥିବା ସଭାରେ ମହାତ୍ମା ଗାନ୍ଧୀଙ୍କ ଉପସ୍ଥିତିରେ ନିଜର ସମସ୍ତ ସୁନାଗହଣା ଦାନ କରିଥିଲେ।

ସଦାଶିବ ତ୍ରିପାଠୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଅଞ୍ଚଳର କିଛି ଲୋକ ନିର୍ବାଚନ ମଣ୍ଡଳୀର ଅସୁବିଧା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କଲେ। ସେ ଏହାର ଉତ୍ତରରେ କହିଥିଲେ, ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନା ନବରଙ୍ଗପୁରର ମୁଖ୍ୟମନ୍ତ୍ରୀ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବରଙ୍ଗପୁର ସମେତ ସମଗ୍ର ଓଡ଼ିଶାର ବିକାଶ ପ୍ରତି ଧ୍ୟାନ ଦେବା ହେଉଛି ତାଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏହି ପଦେ କଥାରେ ତାଙ୍କ ଭୋଟ୍ ଚାଲିଗଲା। ସେ ଏହା ପରେ ଆଉ କେବେ ବିଧାନସଭାକୁ ନିର୍ବାଚିତ ହୋଇ ଆସିନାହାନ୍ତି। ଆଜିକାଲି ନେତାଙ୍କର ପ୍ରଥମ ଲକ୍ଷ୍ୟ ହେଉଛି ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଏବଂ ପରେ ରାଜ୍ୟ ବା ଦେଶ କଥା।

କହିବାର କଥା ହେଲା, କିଏ ଛାତିରେ ହାତବାଡ଼େଇ କହିଲେ ସେ ସାଧୁ ବା ନୀତିନିଷ୍ଠ ହୋଇଯିବ ନାହିଁ। ଅସଲକଥା ହେଉଛି ତା'ର କାର୍ଯ୍ୟ ଏବଂ ବିଚାରଧାରା ଦ୍ୱାରା ଲୋକେ ପ୍ରଭାବିତ ହେବା ଦରକାର। ବର୍ତ୍ତମାନ ଏପରି ଲୋକଙ୍କୁ ଖୋଜି ବାହାର କରି ଏକ ସୁନ୍ଦର ସମାଜ ଗଠନରେ ଆସନ୍ତୁ ବ୍ରତୀ ହେବା !

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ଓଡ଼ିଶା ସରକାର**
**ମୋ: ୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ଉପାନ୍ତ ଅଞ୍ଚଳ ଓ ସ୍ୱାସ୍ଥ୍ୟସେବା

ମହାଶୟ,
ନିକଟରେ ସରକାର ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏୟାର ଆମ୍ବୁଲାନ୍ସ ସେବା ଘୋଷଣା କରିବାଟା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏଇ ଯୋଜାନଟିରେ କେବଳ ସହରାଞ୍ଚଳ ଏବଂ କେତେକ ଗ୍ରାମାଞ୍ଚଳର ରୋଗୀମାନେ ବିଶେଷ ଉପକୃତ ହୋଇପାରିବେ। ଆଜି ମଧ୍ୟ ଉପାନ୍ତ ଅଞ୍ଚଳରେ ସାଧାରଣ ଆମ୍ବୁଲାନ୍ସ ସେବାଟିଏ ପହଞ୍ଚିପାରିନାହିଁ। ଏଥିଯୋଗୁ ସେହି ଅଞ୍ଚଳର ରୋଗୀମାନେ ଖଟିଆରେ ବୁହାହୋଇ ଚିକିତ୍ସା ପାଇଁ ମେଡିକାଲକୁ ଯିବାର ନଜିର ରହିଛି। ଏହିକ୍ରମରେ ଗୁରୁତର ରୋଗୀମାନେ କେତେକାଂଶରେ ବାଟରେ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ ଉପାନ୍ତ ଅଞ୍ଚଳରେ ଅତ୍ୟନ୍ତ ଆବଶ୍ୟକ ଥିବା ଆମ୍ବୁଲାନ୍ସ ସେବା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଭୃତିକୁ ପହଞ୍ଚାଇବା ପାଇଁ ଉପକ୍ରମ କରନ୍ତୁ। ଏହାଦ୍ୱାରା ସେହିସବୁ ଅଞ୍ଚଳର ଜନସାଧାରଣ ସହଜରେ ସ୍ୱାସ୍ଥ୍ୟସେବା ପାଇପାରିବେ ଏବଂ ମୃତ୍ୟୁହାର ମଧ୍ୟ ବହୁ ପରିମାଣରେ ରୋକାଯାଇପାରିବ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିଣିଥିଲା ଛତାଟିଏ
ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା
ତାଗଦା କରିଛି ସୁଧ !

–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏପିୱାଇରେ ଆଉ ୬୫ ଲକ୍ଷ ସାମିଲ

**ମୁମ୍ବାଇ,୬।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିରେ ଅଟଳ ପେନସନ ଯୋଜନା(ଏପିୱାଇ)ର ଶୁଭାରମ୍ଭ କରାଯାଇଥିଲା। ୨୦୧୫ ମଇ ୯ ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୩.୬୮ କୋଟି ଉପଭୋକ୍ତା ଯୋଡ଼ି ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ଅଦ୍ୟାବଧି ସମୟ ମଧ୍ୟରେ ନୂତନ ଭାବେ ୬୫ ଲକ୍ଷ ଉପଭୋକ୍ତା ସାମିଲ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ପେନସନ ପାଣ୍ଠି ନିୟାମକ ଏବଂ ଉନ୍ନତୀକରଣ କର୍ତ୍ତୃପକ୍ଷ (ପିଏଫ୍ଆର୍ଡିଏ) ଅଧ୍ୟକ୍ଷ ସୁପ୍ରତିମ ବନ୍ଦୋପାଧ୍ୟାୟ କହିଛନ୍ତି ଯେ, ସମାଜର ସବୁଠାରୁ ନିମ୍ନସ୍ତରରେ ରହୁଥିବା ବ୍ୟକ୍ତି ବିଶେଷଙ୍କୁ ଏହି ପେନସନ ସୁବିଧା ଯୋଗାଣ ଦିଗରେ କାର୍ଯ୍ୟ କରାଯାଉଛି। ଏଥିଲାଗି ସେବା ଯୋଗାଣ କରୁଥିବା ବ୍ୟାଙ୍କଗୁଡ଼ିକର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉଲ୍ଲେଖଯୋଗ୍ୟ ୧୮ରୁ ୪୦ ବର୍ଷ ବୟସ୍କ ବ୍ୟକ୍ତିବିଶେଷ ଏପିୱାଇ ସୁବିଧା ନେଇପାରିବେ। ୬୦ ବର୍ଷ ବୟସ ପରେ ୧ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ପେନସନ ସୁବିଧା ଉପଲବ୍ଧ ରହିଛି। ସେହିଭଳି ସବସ୍କ୍ରାଇବରଙ୍କ ମୃତ୍ୟୁ ହେଲେ ତାଙ୍କ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ପେନସନ ସୁବିଧା ଏବଂ ଉଭୟଙ୍କ ମୃତ୍ୟୁ କ୍ଷେତ୍ରରେ କର୍ପସ ରାଶି ନୋମିନିଙ୍କୁ ମଧ ମିଳିବ ବୋଲି ଯୋଜନା ରହିଛି।

# ଡଞ୍ଜୋରେ ରିଲାଏନ୍ସ ଡିଜିଟାଲର ନିବେଶ



**ମୁମ୍ବାଇ,୬।୧**

ଦେଶର ପ୍ରମୁଖ ବ୍ୟବସାୟିକ ସଂସ୍ଥା ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲ ପକ୍ଷରୁ ଭାରତର ପ୍ରମୁଖ କ୍ୱିକ୍ କମର୍ସ କମ୍ପାନୀ ଡଞ୍ଜୋରେ ୨୦ କୋଟି ଡଲାର ନିବେଶ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନିବେଶ ଦ୍ୱାରା ରିଟେଲ କ୍ଷେତ୍ରରେ ରିଲାଏନ୍ସ ରିଟେଲର ସ୍ଥିତି ଆହୁରି ଦୃଢ଼ ହେବ ବୋଲି ରିଲାଏନ୍ସ ପକ୍ଷରୁ କୁହାଯାଇଛି। ଏହି ନିବେଶ ଜରିଆରେ ଡଞ୍ଜୋର ୨୫.୮% ଅଂଶଧନର ମାଲିକାନା ହାସଲ କରିଛି ରିଲାଏନ୍ସ ରିଟେଲ। ଡଞ୍ଜୋକୁ ବିଭିନ୍ନ ସଂସ୍ଥାରୁ ମୋଟ ୨୪ କୋଟି ଡଲାରର ନିବେଶ ରାଶି ମିଳିଛି। ବିଭିନ୍ନ କମ୍ପାନୀରୁ ହାସଲ କରିଥିବା ପାଣ୍ଠିକୁ ବ୍ୟବହାରକରି ଡଞ୍ଜୋ ପକ୍ଷରୁ ଛୋଟ ଆକୃତିର ଗୋଦାମଗୁଡ଼ିକୁ ନେଇ ଏକ ନେଟ୍‌ୱର୍କ ବିକଶିତ କରାଯିବ, ଯେଉଁଥିରେ ତତ୍କାଳ ଡେଲିଭରି ପାଇଁ ସାମଗ୍ରୀଗୁଡ଼ିକୁ ରଖାଯିବ। ଏହା ସହିତ ବି୨ବି ନେଟ୍‌ୱର୍କର ସମ୍ପ୍ରସାରଣ କରିବା ଉପରେ ମଧ କମ୍ପାନୀ ଗୁରୁତ୍ୱ ଦେଉଛି। କମ୍ପାନୀର ଉପସ୍ଥିତି ବର୍ତ୍ତମାନ ଦେଶର ୭ ପ୍ରମୁଖ ମେଟ୍ରୋ ସହରରେ ଉପଲବ୍ଧ ରହିଛି। ଏହି ସେବା ଓ ସୁବିଧା ଖୁବ୍‌ଶୀଘ୍ର ୧୫ଟି ଅଗ୍ରଣୀ ସହରକୁ ସମ୍ପ୍ରସାରଣ କରାଯିବ। କ୍ୱିକ୍ କମର୍ସ କ୍ଷେତ୍ରରେ ଏହାର ଆକାର ୫୦ବିଲିଅନ ଆମେରିକୀୟ ଡଲାର ହୋଇଥିବା ବେଳେ ଡଞ୍ଜୋ ହେଉଛି ସେହି ବଜାରର ଅଗ୍ରଣୀ ସଂସ୍ଥା। ନିକଟରେ କମ୍ପାନୀ ବାଙ୍ଗାଲୋରରେ ଏହାର ସେବା ଆରମ୍ଭ କରିଥିଲା। ୧୫-୨୦ ମିନିଟ୍ ଭିତରେ ଫଳ ଓ ପନିପରିବା ହୋମ୍ ଡେଲିଭରି କରିବା ଉପରେ କମ୍ପାନୀ ଗୁରୁତ୍ୱାରୋପ କରୁଛି। ପାଣ୍ଠି ପ୍ରଦାନ ବ୍ୟତୀତ ଡଞ୍ଜୋ ଓ ରିଲାଏନ୍ସ ପରସ୍ପର ସହିତ ଆଉ କିଛି ବ୍ୟବସାୟିକ ବୁଝାମଣା ମଧ କରିବାର ଯୋଜନା ରହିଛି। ରିଲାଏନ୍ସ ରିଟେଲ ଦ୍ୱାରା ପରିଚାଳିତ ହେଉଥିବା ରିଟେଲ ଷ୍ଟୋର ପାଇଁ ଡଞ୍ଜୋ ପକ୍ଷରୁ ହାଇପର ଲୋକାଲ ଲଜିଷ୍ଟିକ୍ସ ସୁବିଧା ପ୍ରଦାନ କରାଯିବ ଏବଂ ଏହା ସହିତ ଜିଓ ମାର୍ଟର ମର୍ଚ୍ଚାଣ୍ଟ ନେଟ୍‌ୱର୍କ ପାଇଁ ଦୂରଦୂରାନ୍ତ ପର୍ଯ୍ୟନ୍ତ ଡେଲିଭରି ସୁବିଧା ପ୍ରଦାନ କରାଯିବ।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, ଅନ୍‌ଲାଇନ ଉପଯୋଗିତା କ୍ଷେତ୍ରରେ ପରିବର୍ତ୍ତନ ହେଉଥିବା ଆମେ ଦେଖିପାରୁଛୁ ଏବଂ ଏହି କ୍ଷେତ୍ରରେ ଡଞ୍ଜୋ ଅତ୍ୟନ୍ତ ପ୍ରଭାବିତ କରିଛି। ଡଞ୍ଜୋ ସହିତ ହୋଇଥିବା ବୁଝାମଣା ଜରିଆରେ ଆମେ ରିଲାଏନ୍ସ ରିଟେଲ ଉପଭୋକ୍ତାମାନଙ୍କୁ ଅଧିକ ସୁବିଧା ଦେଇପାରିବୁ ଏବଂ ରିଲାଏନ୍ସ ରିଟେଲ ଷ୍ଟୋରଗୁଡ଼ିକରୁ ଉତ୍ପାଦକୁ ଦ୍ରୁତଗତିରେ ଡେଲିଭରି ଦେଇ ଗ୍ରାହକଙ୍କୁ ନୂଆ ଅନୁଭୂତି ପ୍ରଦାନ କରିବୁ। ଆମ ସହିତ ଯୋଡ଼ି ହୋଇଥିବା ବ୍ୟବସାୟୀମାନଙ୍କୁ ମଧ ଡଞ୍ଜୋର ହାଇପର ଲୋକାଲ ଡେଲିଭରି ନେଟ୍‌ୱର୍କର ଲାଭ ମିଳିବ। ସେହିଭଳି ଡଞ୍ଜୋର ସିଇଓ ଏବଂ ସହ ପ୍ରତିଷ୍ଠାତା କବୀର ବିଶ୍ୱାସ କହିଥିଲେ, ଏହି ସେବାର ପ୍ରତିଷ୍ଠା ପରଠାରୁ ଗ୍ରାହକମାନଙ୍କୁ ଏକ ଉତ୍କୃଷ୍ଟ ଅନୁଭବ ପ୍ରଦାନ କରିବା ଲାଗି ଆମେ ଉଦ୍ୟମ କରୁଛୁ ଏବଂ ଏହି ପାଣ୍ଠି ହାସଲ ପର୍ଯ୍ୟାୟ ବା ଫଣ୍ଡିଂ ରାଉଣ୍ଡ ଆମର ଦୃଷ୍ଟିକୋଣ ପ୍ରତି ଏକ ସୁନ୍ଦର ମାନ୍ୟତା। ରିଲାଏନ୍ସ ରିଟେଲର ଏହି ନିବେଶ ସହିତ ଆମ ପାଖରେ ଏକ ଦୀର୍ଘମିଆଦୀ ବୁଝାମଣା ରହିବ ଯାହା ସହିତ ଆମେ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିପାରିବୁ ବୋଲି ସେ କହିଛନ୍ତି।

## ପ୍ରାଣୀ, ପ୍ରକୃତି, ଆବେଗକୁ ଅନୁସରଣ କରିବାକୁ ହେବ




### ୨୦ତମ ନାଲ୍‌କୋ ଅଭିଭାଷଣ ସମାରୋହ

**ଭୁବନେଶ୍ୱର,୬।୧**

ବିଜ୍ଞାନ, ପ୍ରକୃତି ଏବଂ ଈଶ୍ୱରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରାଣୀ, ପ୍ରକୃତି ଏବଂ ଆବେଗ ଆଦି ତ୍ରିଗୁଣକୁ ମଣିଷକୁ ଅନୁସରଣ କରିବାକୁ ହେବ। ଗୁରୁବାର ନାଲ୍‌କୋର ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର (ଏନ୍‌ଆର୍‌ଟିସି)ଠାରେ ଅନୁଷ୍ଠିତ ନାଲ୍‌କୋର ପ୍ରତିଷ୍ଠା ଦିବସରେ ଆୟୋଜିତ ୨୦ତମ ଅଭିଭାଷଣ ସମାରୋହ (ଲକ୍ଚର ସିରିଜ)ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗେଣଶୀ ଲାଲ୍ ଏହା କହିଛନ୍ତି। ଏହି ଅବସରରେ ସେ ନାଲ୍‌କୋର କର୍ମଚାରୀ ଏବଂ ଅଂଶଧନକାରୀଙ୍କୁ ସମ୍ବୋଧନ କରିଥିଲେ। ସେହିପରି ପରିବେଶ ଏବଂ ଲୋକଙ୍କ ପ୍ରତି ନାଲ୍‌କୋର ଥିବା ଅଙ୍ଗୀକାରବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ରାଜ୍ୟପାଳଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଅଭିଭାଷଣ ସମାରୋହ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ନାଲ୍‌କୋର ଅଭିଭାଷଣ ସମାରୋହ କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏ.ପି.ଜେ. ଅବ୍‌ଦୁଲ କଲାମ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ନାଗାଲାଣ୍ଡର ପୂର୍ବତନ ରାଜ୍ୟପାଳ ରବୀନ୍ଦ୍ର ନାରାୟଣ ରବି ଏବଂ ଡ. ସୁବ୍ରମଣ୍ୟମ ସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ନାଲ୍‌କୋ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଜିନ୍ଦଲ



### ପ୍ରକଳ୍ପ ଅଗ୍ରଗତି ସହ ଖଣି ସମ୍ମୁଖ ଅବରୋଧ ହଟାଇବାକୁ ଗୁରୁତ୍ୱ ଦେଇଛନ୍ତି ନବୀନ

**ଭୁବନେଶ୍ୱର,୬।୧**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ବୁଧବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତକରି ଜେଏସ୍‌ପିଏଲ୍ ଅନୁଗୋଳ ଇସ୍ପାତ କାରଖାନାର ବାର୍ଷିକ କ୍ଷମତା ୨୫.୨ ନିୟୁତ ଟନ୍‌କୁ ବୃଦ୍ଧିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଜେଏସ୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା, ଗ୍ରୁପ ଆଡଭାଇଜର (ଲିଗାଲ୍, କର୍ପୋରେଶନ ଆଫେୟାର୍ସ ଏବଂ ସଷ୍ଟେନବିଲିଟି) ମନୀଷ ଖାରବନ୍ଦା, ଜେପିଏଲ୍ ଅଧ୍ୟକ୍ଷ ଏ.କେ.ଝା ଏବଂ ଜେଏସ୍‌ପିଏଲ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉକ୍ତ ବୈଠକରେ ଜିନ୍ଦଲଙ୍କ ସହ ଉପସ୍ଥିତ ଥିଲେ। ଜେଏସ୍‌ପିଏଲ୍ ଅନୁଗୋଳରେ ବାର୍ଷିକ ୬ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ଇସ୍ପାତ କାରଖାନା ସ୍ଥାପନ କରିଛି। ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟେଟ୍ ହାଇ ଲେଭଲ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି କାରଖାନାର କ୍ଷମତା ୨୦୩୦ ସୁଦ୍ଧା ବାର୍ଷିକ ୨୫.୨ ନିୟୁତ ଟନକୁ ବୃଦ୍ଧି ସହ ଉକ୍ତ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଥିଲା। କମ୍ପାନୀର ଉକ୍ତ ପ୍ରକଳ୍ପର କ୍ଷମତା ସମ୍ପ୍ରସାରଣ ହେବା ପରେ ଜେଏସ୍‌ପିଏଲ୍‌ର ଅନୁଗୋଳ ଇସ୍ପାତ କାରଖାନା ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ହେବ ବୋଲି ଆକଳନ କରାଯାଇଛି। ଏହି ସମ୍ପ୍ରସାରଣ ଯୋଗୁ ଓଡ଼ିଶାରେ ଜେଏସ୍‌ପିଏଲ୍‌ର ପୁଞ୍ଜିନିବେଶ ୪୫ ହଜାର କୋଟି ବଦଳରେ ୧ଲକ୍ଷ କୋଟିରୁ ଅଧିକ ହେବା ସହିତ ରାଜ୍ୟରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି କମ୍ପାନୀର ବଡ଼ବିଲସ୍ଥିତ କାଶିଆ ଖଣି ଫାଟକ ସାମ୍ନାରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଅବରୋଧ ସମ୍ପର୍କରେ ମଧ ଜିନ୍ଦଲ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମ୍ପାନୀର ଖଣି କାର୍ଯ୍ୟ ସୁପରିଚଳନା କରିବା ପାଇଁ ଉକ୍ତ ଅବରୋଧ ହଟାଇବାକୁ ଜିନ୍ଦଲ ମୁଖ୍ୟ ଶାସନ ସଚିବଙ୍କ ସହଯୋଗ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଗତ ଖଣି ନିଲାମରେ ୧୧୮.୧୦% ପ୍ରିମିୟମ ଦେଇ କାଶିଆ ଆଇରନ ଏବଂ ଡୋଲୋମାଇଟ୍ ବ୍ଲକର ଖଣି ଲିଜ୍ ପାଇଥିଲା। କମ୍ପାନୀ ଆବଶ୍ୟକ ଅପ୍ ଫ୍ରଣ୍ଟ ପେମେଣ୍ଟ, ସୁରକ୍ଷା ଡିପୋଜିଟ ଏବଂ ଷ୍ଟାମ୍ପ ଡ୍ୟୁଟି ବାବଦକୁ ପ୍ରାୟ ୧୫୦୦ କୋଟି ଟଙ୍କା ଜମା କରିବା ପରେ ଗତ ବର୍ଷ ନଭେମ୍ବରରେ ଉକ୍ତ ଖଣି ପାଇଁ ଲିଜ୍ ଡିଲ୍ ସ୍ୱାକ୍ଷର ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ମଧ ପ୍ରମୁଖ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ପ୍ରମୁଖ ଶାସନ ସଚିବ (ଇସ୍ପାତ ଏବଂ ଖଣି) ଦେଓରଞ୍ଜନ କୁମାର ସିଂଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

## ଡିସେମ୍ବରରେ ୧୬% ହ୍ରାସ ପାଇଲା ଯାନ ବିକ୍ରି

**ନୂଆଦିଲ୍ଲୀ,୬।୧:** ଗତ ବର୍ଷ (୨୦୨୧) ଡିସେମ୍ବର ଶେଷ ସୁଦ୍ଧା ମୋଟର ଯାନର ରିଟେଲ ବିକ୍ରି ପ୍ରାୟ ୧୬% ହ୍ରାସ ପାଇଛି। ୨୦୧୯ ଡିସେମ୍ବର ତୁଳନାରେ ଏହି ବିକ୍ରି ୬% ହ୍ରାସ ହୋଇଛି। ବିଶେଷ କରି ୩ ଚକିଆ ଏବଂ ବାଣିଜ୍ୟିକ ଯାନ ବିକ୍ରି ଯଥାକ୍ରମେ ୫୯% ଏବଂ ୧୪% ବୃଦ୍ଧି ଘଟିଛି। ସେହିଭଳି ୨ ଚକିଆ, ପାସେଞ୍ଜର ଯାନ ଏବଂ ଟ୍ରାକ୍ଟର ବିକ୍ରି ଯଥାକ୍ରମେ -୨୦%, -୧୧% ଏବଂ -୧୦% ରହିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସାରା ଦେଶରେ ସେମିକଣ୍ଡକ୍ଟର ଅଭାବ ପାସେଞ୍ଜର ଯାନ ବିକ୍ରିକୁ ପ୍ରଭାବିତ କରି ରଖିଛି। ଏଥିଲାଗି ଗ୍ରାହକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଫଳରେ ୨ ଚକିଆ ଯାନ ବିକ୍ରି କ୍ଷେତ୍ରରେ କୌଣସି ସୁଧାର ପରିଲକ୍ଷିତ ହୋଇନାହିଁ।

## ୟୁକୋ ବ୍ୟାଙ୍କର ୭୯ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୬।୧**

ସାରା ଦେଶରେ ୟୁକୋ ବ୍ୟାଙ୍କର ୭୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ୟାଙ୍କର ଶାଖା ଏବଂ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ପ୍ରତିଷ୍ଠା ଦିବସ ଆଗ୍ରହର ସହିତ ପାଳନ କରିବା ସହ ବ୍ୟାଙ୍କର ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ଅଭିଯାନ, କୁଇଜ୍, ତର୍କ, ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ଏହି ଅବସରରେ ଏଗ୍ରିକଲ୍‌ଚରାଲ କ୍ରେଡିଟ୍ ପୋର୍ଟଫୋଲିଓ ବୃଦ୍ଧି ପାଇଁ ତ୍ୱରିତ କୃଷି ଋଣ ମଞ୍ଜୁର ନିମନ୍ତେ ଏକ ଏଗ୍ରିକଲ୍ଚରାଲ ଲୋନ୍ ହବ୍ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଉଦ୍‌ଘାଟନ ହୋଇଥିଲା। ଏଥିସହ ରାଜ୍ୟର ସମସ୍ତ ଶାଖା ପ୍ରତିଷ୍ଠା ଦିବସର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଅଧିକରୁ ଅଧିକ ସଞ୍ଚୟ ଏବଂ ଚଳନ୍ତି ଜମା ଆକାଉଣ୍ଟ ଖୋଲିବା ପାଇଁ ପଦକ୍ଷେପ ନେବେ। ଏହି ଅବସରରେ ଏଟିଏମ୍ ଏବଂ ଶାଖା କାର୍ଯ୍ୟାଳୟର ପରିସରଗୁଡ଼ିକ ଉତ୍ତମ ରୂପେ ସାଜସଜ୍ଜା ହୋଇଥିବା ସହ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାର ପ୍ରତିବଦ୍ଧତା ସହ ସ୍ୱାଗତ କରାଯାଇଥିଲା। ଅନେକ ଶାଖାରେ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗ୍ରାହକ ସମ୍ମିଳନୀର ମଧ ଆୟୋଜନ କରାଯାଇଥିଲା।

## ଫୁରସତ୍

# ଦ୍ରୁତ ବୋଲର ଭୂମିକାରେ ଅନୁଷ୍କା




ମୁମ୍ବାଇ: ୩ ବର୍ଷର ଅନ୍ତରାଳରେ ପୁଣି ଶୁଟିଂ ସେଟ୍‌କୁ ଫେରିଲେ ଅଭିନେତ୍ରୀ ଅନୁଷ୍କା ଶର୍ମା। 'ଚକ୍‌ଦା ଏକ୍ସପ୍ରେସ୍' ଜରିଆରେ ସେ ବଲିଉଡ୍‌କୁ କମ୍‌ବ୍ୟାକ୍ କରିଛନ୍ତି। ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଫିଲ୍ମର ଫାଷ୍ଟ ଲୁକ୍ ଶେୟାର କରିଛନ୍ତି। ଫିଲ୍ମଟି ଭାରତୀୟ ମହିଳା କ୍ରିକେଟର ପୂର୍ବତନ କ୍ୟାପଟେନ୍ ଝୁଲନ୍ ଗୋସ୍ୱାମୀଙ୍କ ଜୀବନୀ ଉପରେ ଆଧାରିତ। ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ। ବିଶ୍ୱ କ୍ରିକେଟ ଇତିହାସରେ ଶ୍ରେଷ୍ଠ ଦ୍ରୁତ ମହିଳା ବୋଲରମାନଙ୍କ ମଧ୍ୟରେ ଅନ୍ୟତମ ଝୁଲନଙ୍କ ଚରିତ୍ରରେ ଅନୁଷ୍କା ନଜର ଆସିବେ। ପ୍ରୋସିତ୍ ରାୟ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଫାଷ୍ଟ ଲୁକ୍‌ର ଭିଡିଓ ୧ମିନିଟ୍ ୪ ସେକେଣ୍ଡର ହୋଇଥିବାବେଳେ ଅନୁଷ୍କା ସେଥିରେ ବଙ୍ଗାଳୀ କହୁଥିବା ଦେଖାଯାଇଛି। ଦୁନିଆ ଯାକର ଲୋକେ ଝୁଲନ୍ ଗୋସ୍ୱାମୀଙ୍କୁ ଚକ୍‌ଦା ଏକ୍ସପ୍ରେସ୍ ନାମରେ ଜାଣନ୍ତି। ସେଥିପାଇଁ ଫିଲ୍ମର ନାମ ଏପରି ରଖାଯାଇଛି। ଅନୁଷ୍କା ଫିଲ୍ମର ପ୍ରଥମ ଲୁକ୍ ସେୟାର କରି ଲେଖିଛନ୍ତି କି: 'ବଳିଦାନର କାହାଣୀ ଥିବାରୁ ଏହି ଫିଲ୍ମ ସ୍ୱତନ୍ତ୍ର। ଝୁଲନ୍ ସେହି ସମୟରେ କ୍ରିକେଟ ଦୁନିଆରେ ପାଦ ଦେଇଥିଲେ, ଯେତେବେଳେ ଏ ବିଷୟରେ ଭାବିବା ମଧ ମହିଳାଙ୍କ ପାଇଁ କଷ୍ଟକର ଥିଲା। ଏହି ଫିଲ୍ମ ମହିଳାଙ୍କ ପାଇଁ ଏକ ପ୍ରେରଣାଦାୟୀ ହେବ।' ଅନୁଷ୍କା ଶେଷ ଥର ୨୦୧୮ର ଫିଲ୍ମ 'ଜିରୋ'ରେ କାମ କରିଥିଲେ। ଏଥିରେ ତାଙ୍କ ସହ ଶାହରୁଖ୍ ଖାନ୍ ଏବଂ କ୍ୟାଟ୍ରିନା କୈଫ୍ ନଜର ଆସିଥିଲେ।

## ଗ୍ରାମୀ ଆୱାର୍ଡ ସ୍ଥଗିତ



ଲସ୍ ଆଞ୍ଜେଲସ: ଆମେରିକାର ଲସ୍ ଆଞ୍ଜେଲସରେ ହେବାକୁ ଥିବା ୬୪ତମ ଗ୍ରାମୀ ଆୱାର୍ଡ ସ୍ଥଗିତ କରି ରଖାଯାଇଛି। ବିଶ୍ୱରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ସମାରୋହକୁ ବନ୍ଦ କରାଯାଇଛି। ଆସନ୍ତା ୩୧ ତାରିଖରେ ଗ୍ରାମୀ ଆୱାର୍ଡ ଆୟୋଜନ ହେବାକୁ ସ୍ଥିର କରାଯାଇଥିଲା। ଦ ରେକର୍ଡିଂ ଏକାଡେମୀ ଏହି ପ୍ରତିଷ୍ଠିତ ପୁରସ୍କାରର ଆୟୋଜନ କରିଥାଏ। ରେକର୍ଡିଂ ଏକାଡେମୀ ପକ୍ଷରୁ କୁହାଯାଇଛି ଯେ, ଜାନୁୟାରୀ ୩୧ରେ ହେବାକୁ ଥିବା ଏହି ସମାରୋହକୁ ସାମୟିକ ଭାବେ ବାତିଲ କରାଯାଇଛି। ଏଥିଯୋଗୁ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ତେବେ ଖୁବଶୀଘ୍ର ଏହାର ଆୟୋଜନ ନେଇ ତାରିଖ ଘୋଷଣା କରାଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞ, ପ୍ରଶାସନିକ ଅଧିକାରୀ, କଳାକାର ଓ ସହଯୋଗୀଙ୍କ ମତାମତ ପରେ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ରେକର୍ଡିଂ ଏକାଡେମୀ କହିଛି। ସୂଚନାଯୋଗ୍ୟ, ଗତ ବର୍ଷ ନଭେମ୍ବରରେ ଏଥିପାଇଁ ନୋମିନେଶନ ଘୋଷଣା କରାଯାଇଥିଲା। ୨୦୨୧ରେ ମଧ କରୋନା ଯୋଗୁ ଗ୍ରାମୀ ଆୱାର୍ଡ ପ୍ରଭାବିତ ହୋଇଥିଲା। ଜାନୁୟାରୀ ପରିବର୍ତ୍ତେ ମାର୍ଚ୍ଚରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇଥିଲା ଆୟୋଜନ କରାଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**




**ସାହିଲ୍ ଶେଖର ଜେନା (ସିପୁ)**
ସୁନ୍ଦରପୁର, ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୁମର ୨୨ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ପାପା, ମାମି, ସାଙ୍ଗସାଥୀମାନେ ।
ଧ-୭୧୮୪୪

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଅନୁପମା ସାହୁ (ଝୁନୁ)**
ଉପର ବାଘଲୁଣ୍ଡା, ଧଳପୁର, ଢେଙ୍କାନାଳ
ଆବିର୍ଭାବ: ୧୩।୦୬।୧୯୬୯
ତିରୋଧାନ: ୨୦୨୧- ପୌଷମାସ ଶୁକ୍ଳପକ୍ଷ ପଞ୍ଚମୀ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମ ସ୍ମୃତିରେ ଯେଉଁ ସବୁ ଭଲ କାମ କରି ଛାଡ଼ି ଚାଲି ଯାଇଛ, ତାହା ଅଭୁଲା ସ୍ମୃତି ହୋଇ ଚିରଦିନ ଆମମାନଙ୍କ ମଧ୍ୟରେ ରହିଥିବ। ତୁମର ସ୍ନେହ, ଆଦର୍ଶ, ଭଲପାଇବାର ସ୍ମୃତିକୁ ପାଥେୟ କରି ବାକି ଜୀବନ ବିତାଇବୁ। ତେଣୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣ କମଳରେ ତୁମ୍ଭର ଅମରାତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ତୁମର ସ୍ୱାମୀ- ନରୋତ୍ତମ, ପୁତ୍ର: ଅନିଲ, ସୁନିଲ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୩୭୭

## ୩ ଦିନ ୩୩୦ ଫୁଟ୍‌ରେ ଝୁଲି ରହିଲା ଟ୍ରକ୍

ବେଜିଂ: ପାହାଡ଼ିଆ ରାସ୍ତାରେ ଯିବାବେଳେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ସେଠାରେ ୩ ଦିନ ଧରି ଝୁଲି ରହିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଚାଇନାରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଯେଉଁଠି ଏକ ଟ୍ରକ୍ ୩୩୦ ଫୁଟ ଉଚ୍ଚରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ୩ ଦିନ ଧରି ସେଠାରେ ଝୁଲି ରହିଥିଲା। ବରଫ ଜମିଯିବା କାରଣରୁ ଟ୍ରକ୍‌ଟି ସେଠାରେ ଅଟକିଯାଇଥିଲା। ଫଳରେ ଟ୍ରକ ଡ୍ରାଇଭର ମଧ ଗାଡ଼ି ଭିତରେ ଫସି ରହିଥିଲେ। ରିପୋର୍ଟ ମୁତାବକ, ଘଟଣାଟି ନୂଆ ବର୍ଷ ଦିନ ଘଟିଥିଲା। ଟ୍ରକଟି ସେହି ସ୍ଥାନରେ ଜାନୁୟାରୀ ୧ରୁ ୩ ତାରିଖ ଯାଏ ଝୁଲି ରହିଥିଲା। ସେହି କାରଣରୁ ହାଇୱେ ୩ ଦିନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଚତୁର୍ଥ ଦିନରେ ସର୍ଭିସ୍ କର୍ମଚାରୀ ଆସି ଟ୍ରକରୁ ଡ୍ରାଇଭରଙ୍କୁ ବାହାର କରିବା ସହ ଗାଡ଼ିକୁ ଉଦ୍ଧାର କରିଥିଲେ।





## ମିନିଟ୍‌ରେ ବତକର ୧୧ ପ୍ରକାର କୌଶଳ

ଲଣ୍ଡନ: ବତକ ପାଣିରେ ଖେଳୁଥିବା କି ବଗିଚାରେ ବୁଲୁଥିବା ଦେଖିଥିବେ। କେବେ ଆପଣ ଶୁଣିଛନ୍ତି କି ବତକ ମଧ ଅନେକ କୌଶଳ ଦେଖାଇ ପାରିବ। ଯେମିତି କି ପିଆନୋ ବଜାଇବା, ଘଣ୍ଟି ବଜାଇବା। ଏମିତି ଏକ ବତକ ଇଂଲଣ୍ଡରେ ଦେଖିବାକୁ ମିଳିଛି। ୪୨ ବର୍ଷୀୟ ଜୋ ନଟ୍‌କିନ୍ସ ଖାକି କେମ୍ପବେଲ ନାମକ ଏକ ବତକ ରଖିଛନ୍ତି। ସେ ତାକୁ ବିଭିନ୍ନ ପ୍ରକାରର ଟ୍ରେନିଂ ଦେଇ ୩୦ ପ୍ରକାରର କୌଶଳ ଶିଖାଇଛନ୍ତି। ବତକଟି ୧ ମିନିଟ୍‌ରେ ୧୧ ପ୍ରକାରର କୋଶଳ କରି ଦେଖାଇପାରୁଛି। ୧୧ ପ୍ରକାରର କୌଶଳ ମଧ୍ୟରୁ ଘଣ୍ଟି ବଜାଇବା, ଗୋଟେ ଦିଗରେ ବୁଲିବା, ପିଆନୋ ବଜାଇବା, ଲୁଚିବା, ଟ୍ରେନରର ଆଖି ପାଖରେ ବୁଲିବା ଆଦି ବିଭିନ୍ନ ପ୍ରକାରର କୌଶଳ କରିପାରୁଛି। ଟ୍ରେନର ଜୋ ଗିନିଜ୍ ବୁକ ଅଫ୍ ୱାର୍ଲ୍ଡ ରେକର୍ଡରେ ଖାକି କେମ୍ପବେଲର ନାମ ଲେଖାଇବାକୁ ପ୍ରସ୍ତୁତି କରୁଛନ୍ତି।

**CLASSIFIED DISPLAY** — ALL EDITION - B/W (Everyday)
MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଡାକାର ରାଲିର ଗୁରୁବାର ଅନୁଷ୍ଠିତ ଚତୁର୍ଥ ଷ୍ଟେଜ୍ ଅବସରରେ ହୋଣ୍ଡା ରାଇଡର ଜୋଆନ ବାରେଡା।

# ଦକ୍ଷିଣ ଆଫ୍ରିକା ବିଜୟୀ

**ଜୋହାନ୍ସବର୍ଗ, ୬ା୧**

ୱାଣ୍ଡରର୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ଭାରତକୁ ପରାସ୍ତ କରିଛି। ଭାରତ ପକ୍ଷରୁ ୨୪୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ଗୁରୁବାର ୪ର୍ଥ ଦିବସରେ ୩ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରି ନେଇଥିଲା। ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ଥିତିକୁ ଚାଲି ଆସିଛି। ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଅଧିନାୟକ ଡିନ୍ ଏଲଗାର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଠାରେ ଭାରତ ଯଦିଓ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା ତେବେ ଖେଳାଳିଙ୍କ ମନରେ ସେପରି ଲଢୁଆ ମନୋବୃତ୍ତି ପ୍ରକାଶ ପାଇ ନ ଥିଲା। ବିରାଟ କୋହଲିଙ୍କ ଅନୁପସ୍ଥିତିରେ କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇଥିବା ଲୋକେଶ ରାହୁଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଖେଳାଳିଙ୍କଠାରେ ମ୍ୟାଚ ଜିତିବାର ଭୋକିଲା ମନୋଭାବ ଦେଖିବାକୁ ମିଳି ନ ଥିଲା। ଫଳରେ ଜୋହାନ୍ସବର୍ଗ ପିଚ୍‌ରେ ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଥିଲା। ଅନ୍ୟପକ୍ଷରେ ୱାଣ୍ଡରର୍ସରେ ଭାରତ ୬ ଟେଷ୍ଟରେ ପ୍ରଥମ ପରାଜୟ ଲଭିଥିଲା। ଦୁଇ ଦେଶ ମଧ୍ୟରେ ତୃତୀୟ ଟେଷ୍ଟ କେପ୍‌ଟାଉନ୍‌ରେ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ।

ବର୍ଷା ଯୋଗୁ ଚତୁର୍ଥ ଦିବସ ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବ ଦିନର ଅସମାପ୍ତ ସ୍କୋର ୧୧୮/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକଙ୍କ ସ୍ମରଣୀୟ ଇନିଂସ ସହାୟତାରେ ବିଜୟ ଦିଗରେ ଅଗ୍ରସର ହୋଇଥିଲା। ଭାରତୀୟ ବୋଲରମାନେ ସମ୍ପୂର୍ଣ୍ଣ ପ୍ରଭାବହୀନ ରହିଥିବାବେଳେ ମହମ୍ମଦ ସାମି ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଏଲଗାରଙ୍କ ସହ ତୃତୀୟ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୮୨ ରନର ଭାଗୀଦାରି ଗଢ଼ିବାପରେ ରସି ଭାନ୍ ଡର୍ ଡୁସେନ ୪୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ୧୮୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏଲଗାର ୯୬ (୧୦ ଚୌକା) ଏବଂ ଟେମ୍ବା ବଭୁମା ୨୩ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଏ ଦୁହେଁ ୬୮ ରନ ଯୋଗ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସାମି, ଶାର୍ଦ୍ଦୂଳ ଠାକୁର ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ଅଧିନାୟକଭାବେ ଟେଷ୍ଟରେ ଏଲଗାର ଭାରତ ବିପକ୍ଷରେ କୌଣସି ଏକ ଇନିଂସରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ୧୯୯୨-୯୩ରେ ଡର୍ବାନରେ କେ.ୱେସେଲ୍ସ ୧୧୮ ରନ କରି ଏହି ତାଲିକାର ଶୀର୍ଷରେ ଅଛନ୍ତି।




ଟେମ୍ବା ବଭୁମା ଓ ଡିନ୍ ଏଲଗାର ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୦୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୨୯। ଭାରତ ଦ୍ୱିତୀୟ ଇନିଂସ: ୨୬୬। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୨୪୩/୩( ଡିନ୍ ଏଲଗାର-୯୬*, ରସି ଭାନ୍ ଡର୍ ଡୁସେନ-୪୦, ଏଡେନ ମାରକ୍ରାମ-୩୧, କିଗାନ ପିଟରସନ-୨୮, ଟେମ୍ବା ବଭୁମା-୨୩*, ମହମ୍ମଦ ସାମି-୧/୫୫, ଶାର୍ଦ୍ଦୂଳ ଠାକୁର-୧/୪୭, ରବିଚନ୍ଦ୍ରନ ଅଶ୍ୱିନ-୧/୨୬)।

## ଏଫ୍‌ଆଇଏଚ୍ ଫେଭରାଇଟ୍ ମ୍ୟାଚ

**ନୂଆଦିଲ୍ଲୀ, ୬ା୧ (ପି.ଟି.):** ୨୦୨୧ ବର୍ଷର ଶ୍ରେଷ୍ଠ ହକି ମ୍ୟାଚ ପୁରସ୍କୃତ ହେବ। ଏଥିଲାଗି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଭାରତୀୟ ହକି ଟିମ୍‌କୁ ନେଇ ଖେଳାଯାଇଥିବା ୪ଟି ମ୍ୟାଚ ସୁପାରିସ କରିଛି। ତନ୍ମଧ୍ୟରେ ଟୋକିଓରେ ପୁରୁଷ ହକି ଦଳର ଐତିହାସିକ ବ୍ରୋଞ୍ଜ ପଦକ ମ୍ୟାଚ ରହିଛି। ଗତବର୍ଷର ସେମାନଙ୍କ ଫେଭରାଇଟ୍ ମ୍ୟାଚ ସପକ୍ଷରେ ଭୋଟ ଦେବା ଲାଗି ହକିପ୍ରେମୀମାନଙ୍କୁ ଏଫ୍‌ଆଇଏଚ୍ ତରଫରୁ ଏକ ସୁଯୋଗ ଦିଆଯାଇଥିଲା। ଟୋକିଓ ଗେମ୍ସରେ ଭାରତର ପୁରୁଷ ଦଳ ଜର୍ମାନୀ ବିପକ୍ଷରେ ୫-୪ ଗୋଲ୍‌ରେ ରୋମାଞ୍ଚ ବିଜୟ ସହ ୪୧ବର୍ଷ ପରେ ପ୍ରତିଯୋଗିତାରେ ଏକ ବ୍ରୋଞ୍ଜ ଜିତିଥିଲା। ଭାରତୀୟ ମହିଳା ଦଳ ସମ୍ପୃକ୍ତ ଥିବା ଦୁଇଟି ମ୍ୟାଚ ମଧ୍ୟ ପୁରସ୍କାର ଦୌଡ଼ରେ ରହିଛି। ତନ୍ମଧ୍ୟରୁ ଗୋଟିଏ ଟୋକିଓ ଅଲିମ୍ପିକ୍ସରେ ବିଶ୍ୱର ୨ ନମ୍ବର ଅଷ୍ଟ୍ରେଲିଆ ବିପକ୍ଷ କ୍ୱାର୍ଟରଫାଇନାଲରେ ୧-୦ ଗୋଲରେ ବିଜୟ ରହିଛି। ଅନ୍ୟଟି ହେଲା ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଗ୍ରେଟ୍ ବ୍ରିଟେନଠାରୁ ଅଳ୍ପକେ ୩-୪ ଗୋଲରେ ପରାଜୟ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ମ୍ୟାଚଟି ହେଉଛି ଭାରତୀୟ ଜୁନିୟର ଦଳକୁ ନେଇ। ଗତବର୍ଷ ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍ ଓପନରେ ଫ୍ରାନ୍ସ ବିପକ୍ଷରେ ଲଢୁଆ ପ୍ରଦର୍ଶନ ସହ ୪-୫ ଗୋଲରେ ଦଳର ପରାଜୟ ବରଣ। ଭୋଟଗ୍ରହଣ କାର୍ଯ୍ୟ ଜାନୁୟାରୀ ୧୦ ପର୍ଯ୍ୟନ୍ତ ଚାଲିବ। କିଛିଦିନ ପରେ ବିଜେତା ଘୋଷଣା କରାଯିବ।

## ବାରେଡା ୪ର୍ଥ ଷ୍ଟେଜ୍ ବିଜେତା

**ରିୟାଦ, ୬ା୧(ପି.ଟି.):** ହୋଣ୍ଡାର ଜୋଆନ ବାରେଡା ଡାକାର ରାଲି ୪ର୍ଥ ଷ୍ଟେଜ୍ ବିଜେତା ହୋଇଛନ୍ତି। ମୋନଷ୍ଟର ଏନର୍ଜି ହୋଣ୍ଡା ଟିମ୍‌ର ଚିଲିଆନ ରାଇଡର ପାବ୍‌ଲୋ କ୍ୱିଣ୍ଟାନିଲା ରନର୍ସ-ଅପ୍ ହୋଇଛନ୍ତି। ପ୍ରଥମ ଭାରତୀୟ ଟିମ୍ ଭାବେ ଡାକାର ରାଲିର ଏକ ଷ୍ଟେଜ୍ ଜିତିଥିବା ହିରୋ ମୋଟୋ ସ୍ପୋର୍ଟ୍ସ ଟିମ୍ ରାଲିର ରାଇଡରମାନଙ୍କ ୪ର୍ଥ ଷ୍ଟେଜ୍ ପ୍ରଦର୍ଶନ ଭଲ ରହିଛି। ରାଲି ଜିପି କ୍ଲାସ୍‌ରେ କୋକ୍ୱିମ ରୋଡ୍ରିଗୁଏଜ୍ ଓ ଆରୋନ୍ ମାରେ ଯଥାକ୍ରମେ ୨୪ତମ ଓ ୨୬ତମ ସ୍ଥାନରେ ରହିଥିଲେ। ୪୬୫ କିଲୋମିଟରର ବିଶିଷ୍ଟ ଷ୍ଟେଜ୍ ୪ ଡାକାରା ରାଲିର ସବୁଠାରୁ ଦୀର୍ଘତମ। ଏହାର ୭୯ ପ୍ରତିଶତ ମାଟି, ୧୨ ପ୍ରତିଶତ ବାଲୁକାସ୍ତୂପ, ୭ ପ୍ରତିଶତ ବାଲି ଏବଂ ୨ ପ୍ରତିଶତ ଶୁଷ୍କ ହ୍ରଦର ରାସ୍ତା ରହିଥିଲା।

## ଜୋକୋଭିଚ୍‌ଙ୍କ ଭିଜା ବାତିଲ କଲା ଅଷ୍ଟ୍ରେଲିଆ

**ବ୍ରିସ୍‌ବେନ, ୬ା୧(ଏପି)**

ସର୍ବିୟାର ଷ୍ଟାର ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କୁ ବର୍ତ୍ତମାନ ପାଇଁ ଅଷ୍ଟ୍ରେଲିଆ ପ୍ରବେଶ ମନା ହୋଇଛି। ତାଙ୍କ ଭିଜାକୁ ମଧ୍ୟ ବାତିଲ କରିଦିଆଯାଇଛି। କାରଣ କୋଭିଡ୍ ଟିକାକରଣ ନିୟମରୁ ରିହାତି ପାଇବା ଲାଗି ସେ ଆବଶ୍ୟକ କାଗଜପତ୍ର ଦାଖଲ କରିପାରିନାହାନ୍ତି। ଫଳତଃ ସେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଆଶା ମଉଳି ଯାଇଛି। ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଜୋକୋଭିଚ୍ ମଙ୍ଗଳବାର ସୋସିଆଲ ମିଡିଆରେ ଘୋଷଣା କରିଥିଲେ ଯେ, ଅଷ୍ଟ୍ରେଲିଆନ ଓପନରେ ଖେଳିବା ପରିପ୍ରେକ୍ଷୀରେ ଭିକ୍ଟୋରିଆ ପ୍ରଦେଶ ତାଙ୍କୁ କଠୋର ଟିକାକରଣ ନିୟମରୁ ଛାଡ଼ କରିଛି। ବୁଧବାର ବିଳମ୍ବିତ ରାତିରେ ସେ ଅଷ୍ଟ୍ରେଲିଆରେ ଅବତରଣ କରିଛନ୍ତି। କିନ୍ତୁ ଅଷ୍ଟ୍ରେଲିଆର ସୀମା ସୁରକ୍ଷା ବାହିନୀ ଏକ ବିବୃତିରେ କହିଛି ଜୋକୋଭିଚ୍‌ଙ୍କ ପାଖରେ ଦେଶରେ ପ୍ରବେଶ ଲାଗି ଦରକାର ପଡୁଥିବା ଆବଶ୍ୟକ କାଗଜପତ୍ର ନ ଥିଲା। ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଜୋକୋଭିଚ୍‌ଙ୍କ ପାଖରେ ବୈଧ ଡାକ୍ତରୀ କାଗଜପତ୍ର ନ ଥିଲା। ଯାହାଫଳରେ ସୀମା ସୁରକ୍ଷା କର୍ମଚାରୀମାନେ ତାଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେଇନାହାନ୍ତି। ଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ ଗ୍ରେଗ୍ ହଣ୍ଟ କହିଛନ୍ତି, ସର୍ବୀୟ ଖେଳାଳି ଜଣକ ଯେଉଁ କାଗଜପତ୍ର ଦାଖଲ କରିଥିଲେ, ତାହା ସୀମା ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିବାରୁ ତାଙ୍କ ଭିଜା ବାତିଲ କରାଯିବା ସ୍ୱାଭାବିକ। ଭିଜା ବାତିଲ ହେବା ଦ୍ୱାରା ଜୋକୋଭିଚ୍ ନିଷ୍ପତ୍ତି ବିରୋଧରେ ଆବେଦନ କରିପାରିବେ ନାହିଁ। ଜୋକୋଭିଚ୍‌ଙ୍କ ଦେଶ ସର୍ବିୟା ରାଷ୍ଟ୍ରପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମେଲବୋର୍ନସ୍ଥିତ ତୁଲାମାରିନ୍ ଏୟାରପୋର୍ଟରେ ଅଟକ ରଖାଯିବା ଦ୍ୱାରା ଷ୍ଟାର ଖେଳାଳିଙ୍କୁ ଏକପ୍ରକାର ନିର୍ଯାତନା ଭଳି। ସୂଚନାଯୋଗ୍ୟ, ଜୋକୋଭିଚ୍ କରୋନା ଭ୍ୟାକ୍ସିନ ନେଇଛନ୍ତି କି ନା ତାହା ବାହାରେ ପ୍ରକାଶ କରିବାକୁ ରାଜି ହେଉନାହାନ୍ତି। ବିମାନବନ୍ଦରରେ ୮ ଘଣ୍ଟା ଅଟକ ରଖିବା ବେଳେ ଇମିଗ୍ରେଶନ କର୍ମଚାରୀମାନେ ତାଙ୍କୁ ଏକ ହେଟେଲକୁ ସ୍ଥାନାନ୍ତର କରିଛନ୍ତି। ସର୍ବୀୟଖେଳାଳିଙ୍କ ପ୍ରତ୍ୟର୍ପଣ ଯୋଜନା ଚାଲିଛି। ଅନ୍ୟପଟେ ଜୋକୋଭିଚ୍‌ଙ୍କ ଓକିଲମାନେ ଭିଜା ରୁଲିଂକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।



ନୋଭାକ ଜୋକୋଭିଚ୍।

## ତୃତୀୟକୁ ଉଠିଲା ଜାମସେଦପୁର

**ବାମ୍ବୋଲିମ୍, ୬ା୧:** ଶେଷଭାଗ ନାଟକୀୟ ଘଟଣାକ୍ରମ ପରେ ଜାମସେଦପୁର ଏଫ୍‌ସି ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡକୁ ୩-୨ ଗୋଲରେ ପରାସ୍ତ କରିଛି। ଫଳରେ ଜାମସେଦପୁର ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଲମ୍ଫ ମାରିଛି। ପୂର୍ବରୁ ଏହି ଦଳ ୬ଷ୍ଠ ସ୍ଥାନରେ ଥିଲା। ଅନ୍ୟପକ୍ଷରେ ନର୍ଥଇଷ୍ଟ ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଇଞ୍ଜୁରି ଟାଇମ୍‌ରେ ୨ଟି ଗୋଲ ହୋଇଥିଲା। ଜାମସେଦପୁର ପକ୍ଷରୁ ଜୋର୍ଡାନ ମୁରେ ୪୪, ବୋରିସ ସିଂ ଥଙ୍ଗଜାମ ୫୬ ଓ ଈଶାନ ପଣ୍ଡିତ ୯୦+୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ନର୍ଥଇଷ୍ଟ ପକ୍ଷରୁ ଡେସ୍‌ହୋମ୍ ବ୍ରାଉନ୍ ୪ର୍ଥ ଓ ୯୦+୧ ମିନିଟରେ ୨ଟି ଗୋଲ ଦେଇଥିଲେ। ଜାମସେଦପୁର ୧୦ ମ୍ୟାଚରୁ ୪ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୧୬ ପଏଣ୍ଟରେ ପହଞ୍ଚିଛି।

## ଫାଇନାଲ୍‌ରେ ଭଦ୍ରକ ୟୁନିକ୍ ଇଲେଭେନ୍

**ଯାଜପୁର ଟାଉନ,୬ା୧(ଡି.ଏନ.ଏ.)**

ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ସହାୟତା ଓ ମେଲବୋର୍ନ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଭଦ୍ରକ ୟୁନିକ୍ ଇଲେଭେନ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।

ଉକ୍ତ ମ୍ୟାଚ୍ ୟୁନିକ୍ ଇଲେଭେନ୍ ଭଦ୍ରକ ଓ ଷ୍ଟାର ଇଲେଭେନ ଝାଡ଼ଖଣ୍ଡ ବୋକାରୋ ମଧ୍ୟରେ ହୋଇଥିଲା। ପ୍ରଥମେ ଷ୍ଟାର ଇଲେଭେନ ବୋକାରୋ ଟସ୍ ଜିତି ବ୍ୟାଟିଂ କରିଥିଲା। ଦଳ ୩୪.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୮୧ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଜୟ ଜେନା ୪୮ରନ ଓ ପ୍ରେମ କୁମାର ୬୦ରନ ସଂଗ୍ରହ କରିଥିଲେ। ୟୁନିକ୍ ଇଲେଭେନ ଦଳ ପକ୍ଷରୁ ବୋଲର କ୍ଷମା ସାଗର ବଳ ୭ ଓଭର ବୋଲିଂ କରି ୨୩ରନ ଦେଇ ୩ ଉଇକେଟ ଓ ପ୍ରଦୀପ୍ତ କୁମାର ଦାସ ୭ ଓଭର ବୋଲିଂ କରି ୪୨ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟୁନିକ୍ ଇଲେଭେନ ୨୩.୫ ଓଭର ଖେଳି ୫ ଉଇକେଟ ହରାଇ ୧୮୫ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ୫୩ ରନ ଓ କ୍ଷମା ସାଗର ବଳ ୪୯ରନ ସଂଗ୍ରହ କରିଥିଲେ।

ମ୍ୟାଚ୍‌ରେ କ୍ଷମା ସାଗର ବଳ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରୀକାନ୍ତ ଶାସ୍ତ୍ରୀ, ଅଜୟ ନାୟକ ଓ ଅଶୋକ ସିଂ ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଆଶୁତୋଷ ପାଣି ଓ ଶାରଦା ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲା ବେଳେ ସ୍କୋରର ଭାବେ ଯଯାତି କେଶରୀ ସାମଲ ଓ ବିକାଶ ଧଳ ଯୋଗ ଦେଇଥିଲେ। ଶୁକ୍ରବାର ଫାଇନାଲ୍ ମ୍ୟାଚ୍ ୟୁନିକ୍ ଇଲେଭେନ୍ ଭଦ୍ରକ ଓ ରାଞ୍ଚି ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ।



କ୍ଷମା ସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ପାଇରେଟ୍ସ-ଥାଲାଇଭାସ ମ୍ୟାଚ ଟାଇ

**ବେଙ୍ଗାଲୁରୁ, ୬ା୧**

ସ୍ଥାନୀୟ ହ୍ୱାଇଟ୍ ଫିଲ୍ଡ ଶେରାଟନ ଗ୍ରାଉଣ୍ଡରେ ଗୁରୁବାର ପାଟଣା ପାଇରେଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଖେଳାଯାଇଥିବା ଚଳିତ ଭିଭୋ ପ୍ରୋ କବାଡ଼ି ଲିଗ୍‌ର ୩୬ତମ ମ୍ୟାଚ ୩୦-୩୦ରେ ଟାଇ ଭାବେ ଶେଷ ହୋଇଛି। ମ୍ୟାଚରେ ଥାଲାଇଭାସ ତରଫରୁ ଅଜିଙ୍କ୍ୟ ପାୱାର ୧୨ ପଏଣ୍ଟ ଏବଂ ପାଇରେଟ୍ସ ତରଫରୁ ମୋନୁ ଗୋୟାତ ୯ ପଏଣ୍ଟ ସ୍କୋର କରିଥିଲେ। କୌତୂହଳର ବିଷୟ ଯେ, ଏହି ମ୍ୟାଚ ପାଇଁ କୋଚ୍ ଉଦୟ କୁମାର ଥାଲାଇଭାସ ଲାଇନ୍‌ଅପ୍‌ରେ ପରିବର୍ତ୍ତନ କରିଥିଲେ। ମନଜିତ ଓ କେ. ପ୍ରାପାଜାନଙ୍କୁ ଦଳରେ ସାମିଲ କରିଥିଲେ। ପୂର୍ବ ମ୍ୟାଚଗୁଡ଼ିକରେ ଥାଲାଇଭାସକୁ ସହାୟତା କରିଆସିଥିବା ଅଜିଙ୍କ୍ୟ ପାୱାର ଡଗ୍‌ଆଉଟରୁ ଆରମ୍ଭ କରିଥିଲେ। ଏଥିସହିତ ଅଧିନାୟକ ସୁରଜିତ ସିଂଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ତାମିଲ ଥାଲାଇଭାସ ପ୍ରାଧାନ୍ୟବିସ୍ତାର କରି ଖେଳିଥିଲା। ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବ ବୋଲି ଆଶା କରାଯାଉଥିଲା। ମାତ୍ର ୩ ଥର ଚାମ୍ପିୟନ ପାଟନା ଦଳର ମୋନୁ ଗୋୟାତ ଦଳର ଷ୍ଟାର ଖେଳାଳି ଭାବେ ଉଭା ହୋଇ ଦୃଢ଼ସ୍ଥିତିରେ ଥିବା ତାମିଲ ଥାଲାଇଭାସ ଡିଫେନ୍ସ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରିଥିଲେ। ପାଟନାର ଖେଳାଳିମାନେ ଡିଫେଣ୍ଡ ଓ ଆଟାକ୍‌ରେ ସଫଳ ରହିଥିଲେ। ଥାଲାଇଭାସ ଦଳକୁ ସେମାନଙ୍କ ଦୁର୍ବଳତାର ବିଶେଷ ଫାଇଦା ଉଠାଇବାକୁ ଦେଇ ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ମିନିଟରେ ପାଟଣା ଦଳ ପ୍ରଥମ ଅଲଆଉଟ ସଫଳତା ହାସଲ କରିବା ଦ୍ୱାରା ୧୮-୧୨ରେ ଅଗ୍ରଣୀ ଲାଭ କରିଥିଲା। ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ବୁଲ୍ସ ୩୮-୩୧ରେ ପିଙ୍କ୍ ପାନ୍ଥର୍ସକୁ ପରାସ୍ତ କରିଛି।



ଗୁରୁବାର ପାଟଣା ପାଇରେଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଖ୍ୱାଜାଙ୍କ ଶତକ: ଅଷ୍ଟ୍ରେଲିଆର ଇନିଂସ ଘୋଷଣା

**ସିଡ୍‌ନୀ,୬ା୧**

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ମିଡଲ ଅର୍ଡର ବ୍ୟାଟର ଉସ୍‌ମାନ ଖ୍ୱାଜାଙ୍କ ଶତକ ସହାୟତାରେ ବିଶାଳ ସ୍କୋର ହାସଲ କରି ଇନିଂସ ଘୋଷଣା କରିଛି। ଟସ୍ ଜିତି ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୩୪ ଓଭରରେ ୮ ଉଇକେଟ ହରାଇ ୪୧୬ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଓଭରରେ ବିନା କ୍ଷତିରେ ୧୩ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ଥାଇ ଇଂଲଣ୍ଡ ଏବେ ୪୦୩ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ହାସିବ ହମିଦ ୨ ଓ ଜ୍ୟାକ କ୍ରଲି ୨ ରନକରି ଅପରାଜିତ ରହିଛନ୍ତି।

**ସୁଯୋଗର ଫାଇଦା ଉଠାଇଲେ ଖ୍ୱାଜା**

ଖ୍ୱାଜାଙ୍କ ଶତକ ଦ୍ୱିତୀୟ ଦିବସର ମୁଖ୍ୟ ଘଟଣା ଥିଲା। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୬/୩ରୁ ଅଷ୍ଟ୍ରେଲିଆ ଗୁରୁବାର ଇନିଂସ ଘୋଷଣା କରିଥିଲା। ଓଭରନାଇଟ ସ୍କୋର ୬ ଓ ୪ରୁ ଖେଳ ଆରମ୍ଭ କରିଥିଲେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଓ ଖ୍ୱାଜା। ସ୍ମିଥ୍ ୬୭ ରନ କରି ଷ୍ଟୁଆର୍ଟ ବ୍ରଡଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେ କ୍ୟାରିୟରର ୩୩ତମ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଏହି କ୍ରମରେ ୭,୬୯୬ ରନ ସଂଗ୍ରହ କରି ଜଷ୍ଟିନ ଲାଙ୍ଗରଙ୍କୁ ଅତିକ୍ରମ କରିଥିଲେ। ସେହିପରି ଖ୍ୱାଜା ବ୍ରଡଙ୍କ ଦ୍ୱାରା ବୋଲ୍ଡ ହେବା ପୂର୍ବରୁ ୧୩୭ ରନର ଶତକୀୟ ଇନିଂସ ଖେଳିଥିଲେ। ସେ ୪୧୦ ମିନିଟ୍ କ୍ରିଜ୍‌ରେ ରହି ୨୬୦ଟି ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ମାରିଥିଲେ। ସେ ଆଶେସ୍‌ରେ ଦ୍ୱିତୀୟ ଓ କ୍ୟାରିୟରର ନବମ ଶତକ ଅର୍ଜନ କରିଛନ୍ତି। ଖରାପ ଫର୍ମ ପାଇଁ ତାଙ୍କୁ ୨୦୧୯ରେ ବାଦ୍ ଦିଆଯାଇଥିଲା। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ତାଙ୍କୁ ସୁଯୋଗ ମିଳି ନ ଥିଲା। ତେବେ କୋଭିଡ୍-୧୯ ପଜିଟିଭ ହେବା କାରଣରୁ ଫର୍ମରେ ଥିବା ଟ୍ରାଭିସ ହେଡ ଦଳରୁ ବାଦ୍ ପଡିଥିଲେ ଓ ତାଙ୍କ ସ୍ଥାନରେ ଖ୍ୱାଜାଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରାଯାଇଥିଲା। ମିଳିଥିବା ସୁଯୋଗର ଫାଇଦା ଉଠାଇବାରେ ଖ୍ୱାଜା ସଫଳ ହୋଇଛନ୍ତି। ଚତୁର୍ଥ ଉଇକେଟରେ ସ୍ମିଥ୍ ଓ ଖ୍ୱାଜା ୧୧୫ ରନ ସଂଗ୍ରହ କରିଥିଲେ। ଖ୍ୱାଜା ଏଥିସହ ୩୦୦୦ ଟେଷ୍ଟ ରନ ପୂରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାମେରନ ଗ୍ରୀନ ୫, ଉଇକେଟକିପର ବ୍ୟାଟର ଆଲେକ୍ସ କାରେ ୧୩, ଅଧିନାୟକ ପ୍ୟାଟ କମିନ୍ସ ୨୪ ରନକରି ଆଉଟ ହୋଇଥିବା ବେଳେ ମିଚେଲ ଷ୍ଟାର୍କ ୩୪ ଓ ନାଥନ ଲିୟନ ୧୬ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ତରଫରୁ ବୋଲିଂରେ ବ୍ରଡ୍‌ଙ୍କୁ ବାଦ୍ ଦେଲେ ଅନ୍ୟମାନେ ବିଫଳ ହୋଇଥିଲେ। ବ୍ରଡ୍ ସର୍ବାଧିକ ୫, ଜେମ୍ସ ଆଣ୍ଡରସନ, ମାର୍କ ଉଡ୍ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ନୂଆ ବଲ୍‌ରେ ଇଂଲଣ୍ଡ ବୋଲରମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ୩ଟି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ଆଶେସ ବଜାୟ ରଖିଛି।



ଶତକ ହାସଲପରେ ଅଷ୍ଟ୍ରେଲିଆର ଉସ୍‌ମାନ ଖ୍ୱାଜା।




୫ ଉଇକେଟ ସଫଳତା ପରେ ବଲ୍ ପ୍ରଦର୍ଶନ କରୁଛନ୍ତି ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍।

**ଆଶେସ ଚତୁର୍ଥ ଟେଷ୍ଟ**

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୧୩୪ ଓଭରରେ ୪୧୬/୮ (ଖ୍ୱାଜା-୧୩୭, ସ୍ମିଥ୍- ୬୭, ଷ୍ଟାର୍କ ୩୪*, ଲିୟନ- ୧୬*, ବ୍ରଡ୍- ୫/୧୦୧)। ଇଂଲଣ୍ଡ ପ୍ରଥମ ଇନିଂସ-୫ ଓଭରରେ ୧୩/୦ (ହମିଦ-୨*, କ୍ରଲି- ୨*)



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୭/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Friday, January 7/2022 | ପୃଷ୍ଠା-୧



**ପାକ୍ ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଆୟେଶା**

ଲାହୋର ହାଇକୋର୍ଟର ବିଚାରପତି ଆୟେଶା ମଲିକଙ୍କୁ ପାକିସ୍ତାନ ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି।

୦୨

୦୮

**ମିଥାଲି ଅଧିନାୟିକା**

ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ମିଥାଲି ରାଜଙ୍କୁ ଭାରତୀୟ ଦଳର ଅଧିନାୟିକା ମନୋନୀତ କରାଯାଇଛି।



# ପ୍ରକଳ୍ପ ବିରୋଧରେ ଲାଠି ଶୋଭାଯାତ୍ରା



ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରି ଢିଙ୍କିଆ ଗ୍ରାମର ଲୋକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଭୁବନେଶ୍ୱର/କୁଜଙ୍ଗ, ୬।୧(ବ୍ୟୁରୋ/ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଥିବା ଲୋକେ ଗୁରୁବାର ଲାଠି ଶୋଭାଯାତ୍ରା କରି ଢିଙ୍କିଆ, ମାହାଳ ଓ ପାଟଣା ଗ୍ରାମ ପରିକ୍ରମା କରିଛନ୍ତି। ଏହି ଶୋଭାଯାତ୍ରାବେଳେ ପୋଲିସକୁ ଢିଙ୍କିଆ ଗାଁ ଭିତରକୁ ପୂରାଇ ନ ଦେବାପାଇଁ ମହିଳାମାନେ ଗାଁ ମୁଣ୍ଡରେ କରାଯାଇଥିବା ଫାଟକକୁ ଜଗି ରହିଥିଲେ। ଶୋଭାଯାତ୍ରା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଢିଙ୍କିଆରେ ମାନବିକ, ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରାଯାଉଛି । ଏଣୁ ସେଠାରେ ଲୋକଙ୍କର ଜୀବନ ଏବଂ ଜୀବିକା ବିପନ୍ନ ହୋଇପଡ଼ିଛି ବୋଲି ଆଲୋଚନା ହୋଇଥିଲା। ଆନ୍ଦୋଳନକୁ ସମର୍ଥନ ଜଣାଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ୧୫ ଜଣିଆ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଢିଙ୍କିଆ ଗସ୍ତ କରି ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଏହାର ନେତୃତ୍ୱ ନେଇଥିଲେ। ପରେ ପ୍ରତିନିଧି ଦଳ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ ପାରାଦୀପ ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଓ ପ୍ରଶାସନର ମାତ୍ରାଧିକ କାର୍ଯ୍ୟକଳାପ ସମ୍ପର୍କରେ ସେମାନେ ଅବଗତ କରାଇବା ସହ ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ କହିଥିଲେ। ଢିଙ୍କିଆ ଅଞ୍ଚଳରୁ ତୁରନ୍ତ ପୋଲିସ ଛାଉଣି ପ୍ରତ୍ୟାହାର କରିବା, ବଳ ପ୍ରୟୋଗ କରି ପାନ ବରଜ ନ ଭାଙ୍ଗିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଥିଲା।

ତହସିଲଦାର ଓ ଅତିରିକ୍ତ ଏସ୍‌ପି ବଳ ପ୍ରୟୋଗ ପ୍ରସଙ୍ଗକୁ ଖଣ୍ଡନ କରିଥିବାବେଳେ ପାନବରଜ ଲୋକଙ୍କ ସହମତି ଭିତ୍ତିରେ ଅଧିଗ୍ରହଣ କରାଯାଉଛି ☞ପୃଷ୍ଠା-୬

# କଟକରେ ୨୪ ଘଣ୍ଟିଆ ପାଇପ ପାଣି

**ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

- ୭୯୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ
- ସହର ପାଇଁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ପାଇଁ ଭିତ୍ତି ସ୍ଥାପନ



କଟକ ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଏବଂ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କଟକ ସହର ପାଇଁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ପାନୀୟ ଜଳ କାର୍ଯ୍ୟକ୍ରମ ଦ୍ୱାରା କଟକ ସହରର ସବୁ ପରିବାର ୨୪ ଘଣ୍ଟିଆ ପାଇପ ପାଣିର ସୁବିଧା ପାଇପାରିଛନ୍ତି। ଏହାଦ୍ୱାରା ସହରର ୧ ଲକ୍ଷ ୪୦ ହଜାର ପରିବାରର ୭ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ଏଥିପାଇଁ ୭୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ସହିତ ରାଜ୍ୟର ୬୦ଟି ସହରର ସବୁ ପରିବାରକୁ ୨୪ ଘଣ୍ଟିଆ ପାଇପ ପାଣିର ସୁବିଧା ଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ୧୧୪ ସହରରେ ସବୁ ପରିବାରକୁ ୨୪ ଘଣ୍ଟିଆ ପାଇପ ପାଣିର ସୁବିଧା ଯୋଗାଇ ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକର ଦୁଇଟି ଜୋନ୍‌ରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ସାରା ସହର ପାଇଁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ୩୬୦ କୋଟି ଟଙ୍କା ବିନିଯୋଗ କରାଯିବ। ଡିସେମ୍ବର ୨୦୨୩ ସୁଦ୍ଧା ପୂରା ସହରକୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଜରିଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ରାଜ୍ୟ ସରକାରଙ୍କ ୫-ଟି ଆଭିମୁଖ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କେବଳ ସାରା ଦେଶ ନୁହେଁ, ସାରା ପୃଥିବୀର ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଏକ ରୋଲ୍ ମଡେଲ ହୋଇପାରିଛି। ଏହି କାର୍ଯ୍ୟକ୍ରମ ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ଜାତୀୟ ନୀତିରେ ଅନୁସୃତ ହୋଇଛି ଏବଂ ଅମୃତ ୨.୦ରେ ସାମିଲ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହିତ ମୁଖ୍ୟମନ୍ତ୍ରୀ ୪୩୦ କୋଟି ଟଙ୍କାରେ ନିର୍ମିତ ୩ଟି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି,ଭଲ ପିଇବା ପାଣି ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶୁଦ୍ଧ ଓ ନିରାପଦ ପାନୀୟଜଳ ଯୋଗାଇ ଦେବାରେ ଆମର ଉଦ୍ୟମ ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

ଏହି ଅବସରରେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ☞ପୃଷ୍ଠା-୬





ଏଲ୍‌ପିଜି ଦର ଦ୍ୱିଗୁଣିତ କରିବା କାଜାଖସ୍ତାନ ସରକାରଙ୍କୁ ମହଙ୍ଗା ପଡ଼ିଛି। ଏହି ତୈଳ ସମୃଦ୍ଧ ରାଷ୍ଟ୍ରରେ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ୫ ଦିନ ହେଲା ହଜାର ହଜାର ବିକ୍ଷୋଭକାରୀ ବ୍ୟାପକ ହିଂସା ଭିଆଇଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ପୋଲିସ ଓ ସୈନ୍ୟବାହିନୀ ଗୁଳିଚଳାଇବାରୁ ଅନେକଙ୍କ ମୃତ୍ୟୁ ଘଟିଛି। ବିକ୍ଷୋଭକାରୀଙ୍କ ପ୍ରକୃତ ମୃତ୍ୟୁସଂଖ୍ୟା ଜଣାପଡ଼ି ନ ଥିବାବେଳେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୧୮ ପୋଲିସ ଅଧିକାରୀଙ୍କ ଜୀବନ ଯାଇଛି। ଦଙ୍ଗା ଭିଆଇବା ଅଭିଯୋଗରେ ପ୍ରାୟ ୨୩୦୦ ଜଣଙ୍କୁ ଗିରଫ କରାଯାଇଛି। ଶାନ୍ତି ରକ୍ଷାରେ ବିଫଳ ହେବା ପରେ ପ୍ରଧାନମନ୍ତ୍ରୀ ଅସ୍‌କାର ମାମିନ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପ୍ରଥମ ଉପପ୍ରଧାନମନ୍ତ୍ରୀ ଅଲିଖାନ୍ ସ୍ମାଇଲୋଭ୍‌ଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ରୂପେ ରାଷ୍ଟ୍ରପତି କାସ୍ୟମ-ଜୋମାର୍ଟ ତୋକାୟେଭ୍ ନିଯୁକ୍ତ କରିଛନ୍ତି। ଶାନ୍ତି ବଜାୟ ପାଇଁ ବିଶ୍ୱ ସମୁଦାୟ ପରାମର୍ଶ ଦେଇଛି।

## ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ତେଜିଲା ଆନ୍ଦୋଳନ

# ଏଲ୍‌ପିଜି ନିଆଁରେ କାଜାଖସ୍ତାନ

**ନୂର୍ ସୁଲତାନ, ୬।୧**

୧୯୯୧ରେ ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା କାଜାଖସ୍ତାନ ବିଶ୍ୱର ନବମ ବୃହତ୍ତମ ଦେଶ। ଏହାର ଉତ୍ତରରେ ରୁଷିଆ ଓ ପୂର୍ବରେ ରହିଛି ଚାଇନା ସୀମା। ଭରପୂର ତୈଳ ଉତ୍ସ ରଣନୈତିକ ଓ ଆର୍ଥିକ କ୍ଷେତ୍ରରେ କେନ୍ଦ୍ରୀୟ ଏସିଆରେ କାଜାଖସ୍ତାନର ଗୁରୁତ୍ୱ ବଢ଼ାଇଥିବାବେଳେ ରନ୍ଧନ ଗ୍ୟାସ୍ ମୂଲ୍ୟକୁ ନେଇ ଦେଶରେ ଦେଖାଦେଇଛି ବଡ଼ ଧରଣର ବିଭ୍ରାଟ। ଏଲ୍‌ପିଜି ଦର ବୃଦ୍ଧିକୁ ବିରୋଧ କରି ଆନ୍ଦୋଳନକାରୀ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ସ୍ୱାଧୀନତା ପରେ କାଜାଖସ୍ତାନରେ ଏଭଳି ସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା। ରବିବାରଠାରୁ ହଜାର ହଜାର ସଂଖ୍ୟାରେ ଲୋକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ରାଷ୍ଟ୍ରପତିଙ୍କ ବାସଭବନ ସମେତ ବହୁ ସରକାରୀ ଅଫିସ୍‌ରେ ପଶି ନିଆଁ ଲଗାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ପୋଲିସ ଫାୟାରିଂ କରିଛି। ଏଥିରେ ବହୁ ସଂଖ୍ୟାରେ



ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ଯାନବାହନଗୁଡ଼ିକରେ ନିଆଁ ଲଗାଇଦେଇଛନ୍ତି ବିକ୍ଷୋଭକାରୀ।

### ୧୮ ପୋଲିସ ମୃତ

ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଆନ୍ଦୋଳନକାରୀଙ୍କ ଆକ୍ରମଣରେ ୧୮ ପୋଲିସ ଅଧିକାରୀ ନିହତ ହୋଇଛନ୍ତି। ୧ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅଲ୍‌ମାଟି ସହରରେ ହିଂସା ଉଗ୍ରରୂପ ନେଇଛି। ପ୍ରଧାନମନ୍ତ୍ରୀ ଅସ୍‌କାର ମାମିନ୍ ଇସ୍ତଫା ଦେବା ପରେ ଅଲିଖାନ୍ ସ୍ମାଇଲୋଭ୍ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଦେଶରେ ୨ ସପ୍ତାହ ପାଇଁ ଜରୁରିକାଳୀନ ସ୍ଥିତି ଜାରି କରାଯାଇଛି।

### ହିଂସାକାଣ୍ଡର କାରଣ

କାଜାଖସ୍ତାନରେ ଏଲ୍‌ପିଜିକୁ କାର୍ ଇନ୍ଧନ ଭାବେ ବ୍ୟବହାର କରାଯାଏ। ସରକାର ଏହାର ମୂଲ୍ୟ ଦୁଇ ଗୁଣା କରିଦେବା ପରେ ଗତ ୨ ତାରିଖରେ ଝାନାଓଜେନ୍‌ର ମାଙ୍ଗ୍ୟସ୍ତାଉ ଅଏଲ ହବ୍‌ରେ ଶତାଧିକ ସଂଖ୍ୟାରେ ଲୋକ ବିକ୍ଷୋଭକୁ ଓହ୍ଲାଇଥିଲେ। କ୍ରମେ ଏହି ଆନ୍ଦୋଳନ କାଜାଖସ୍ତାନର ଅନ୍ୟାନ୍ୟ ସହରକୁ ବ୍ୟାପିଥିଲା। ଇନ୍ଧନ ଦର କମାଇବାକୁ ଗତ ମଙ୍ଗଳବାର ସରକାର ଘୋଷଣା କରିଥିଲେ। ହେଲେ ବୁଧବାର ରାଷ୍ଟ୍ରପତି ତୋକାଏଭ୍ ହଠାତ୍ ସରକାର ଭଙ୍ଗ କରିଥିଲେ। ଏହାପରେ ବିକ୍ଷୋଭ ହିଂସାର ରୂପ ନେଇଛି। ବିକ୍ଷୋଭକାରୀ ରାଷ୍ଟ୍ରପତି ଏବଂ ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ 'ବୃଦ୍ଧ ବ୍ୟକ୍ତି ବିଦା ହେବା ଜରୁରୀ' ନାରା ଦେଉଛନ୍ତି। ହିଂସା ନିୟନ୍ତ୍ରଣ ବାହାରକୁ ଯିବାରୁ ରାଷ୍ଟ୍ରପତି ତୋକାୟେଭ୍ ସାମରିକ ମେଣ୍ଟ କଲେକ୍ଟିଭ୍ ସିକ୍ୟୁରିଟି ଟ୍ରିଟି



କାସ୍ୟମ ଜୋମାର୍ଟ ତୋକାୟେଭ୍

ଅର୍ଗାନାଇଜେଶନ (ସିଏସ୍‌ଟିଓ)କୁ ସାହାଯ୍ୟ ମାଗିଛନ୍ତି। ସିଏସ୍‌ଟିଓରେ ରୁଷିଆ, ଆର୍ମେନିଆ, ବେଲାରୁଷ୍, କାଜାଖସ୍ତାନ, କିର୍ଗିଜ୍‌ସ୍ତାନ ଏବଂ ତାଜିକିସ୍ତାନ ରହିଛନ୍ତି। ହିଂସା ଭିଆଉଥିବା ଲୋକଙ୍କୁ ଅନ୍ୟ ଦେଶରୁ ଆର୍ଥିକ ସହାୟତା ମିଳୁଥିବା ତୋକାୟେଭ୍ ଅଭିଯୋଗ କରିଛନ୍ତି। ଏପରି କି ସେମାନଙ୍କୁ ସେ ଆତଙ୍କବାଦୀ ଆଖ୍ୟା ମଧ୍ୟ ଦେଇଛନ୍ତି। ସାରା ଦେଶରେ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ବ୍ୟାଙ୍କଗୁଡ଼ିକରେ ମଧ୍ୟ କାମ ବନ୍ଦ ରହିଛି। କାଜାଖସ୍ତାନରେ ବିଦେଶୀ ନାଗରିକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି।

### ରୁଷିଆକୁ ଇୟୁର ଚେତାବନୀ

ରୁଷିଆ କାଜାଖସ୍ତାନର ଏକ ପ୍ରମୁଖ ରଣନୈତିକ ସହଯୋଗୀ। କାଜାଖସ୍ତାନ ରାଷ୍ଟ୍ରପତିଙ୍କ ଅନୁରୋଧକ୍ରମେ ରୁଷିଆ ହିଂସା ନିୟନ୍ତ୍ରଣ ପାଇଁ ସେଠାକୁ ସୈନ୍ୟ ପ୍ରେରଣ କରିଛି। ହିଂସାର ସୁଯୋଗ ନେଇ ରୁଷିଆ କାଜାଖସ୍ତାନର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ଉପରେ ଆଞ୍ଚ ନ ଆଣିବାକୁ ୟୁରୋପୀୟ ସଂଘ(ଇୟୁ) ଚେତାବନୀ ଦେଇଛି। ମସ୍କୋ ଦୀର୍ଘଦିନ ଧରି କାଜାଖସ୍ତାନରେ ସୈନ୍ୟ ମୁତୟନ କରିପାରେ ବୋଲି ଇୟୁ ଆଶଙ୍କା କରିଛି। ସେଠାରେ ଶାନ୍ତି ବଜାୟ ରହିବା ନିହାତି ଜରୁରୀ। ଆବଶ୍ୟକ ପଡ଼ିଲେ କାଜାଖସ୍ତାନକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଇୟୁର ଜଣେ ମୁଖପାତ୍ର କହିଛନ୍ତି। ତେବେ କାଜାଖସ୍ତାନ ନିଜ ସମସ୍ୟା ନିଜେ ସମାଧାନ କରିପାରିବ। ଏଥିପାଇଁ ବାହ୍ୟ ହସ୍ତକ୍ଷେପ ଅନାବଶ୍ୟକ ବୋଲି ରୁଷିଆ କହିଛି।

- ବିଶ୍ୱ ତୈଳ ଭଣ୍ଡାରର ୩ ପ୍ରତିଶତ କାଜାଖସ୍ତାନରେ ରହିଛି। ଏଠାରେ କୋଇଲା, ପ୍ରାକୃତିକ ଗ୍ୟାସ୍, ୟୁରାନିୟମ, ମୂଲ୍ୟବାନ୍ ଧାତୁ ସମେତ ବିପୁଳ ପରିମାଣର ଖଣିଜ ସମ୍ପଦ ଗଚ୍ଛିତ ରହିଛି।
- କାଜାଖସ୍ତାନ ଫାର୍ମ କାଜାତୋମ୍‌ପ୍ରୋମ୍ ବିଶ୍ୱର ବୃହତ୍ତମ ୟୁରାନିୟମ ଉତ୍ପାଦକ। ହିଂସାଯୋଗୁ ୟୁରାନିୟମ ଦରଦାମ୍‌ରେ ବୃଦ୍ଧି ଘଟିବାର ଆଶଙ୍କା ରହିଛି।
- ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଥିବା ଲୋକଙ୍କୁ ଦମନ କରାଯିବା ସେଠାରେ ସାଧାରଣ ଘଟଣା। ତେଣୁ ଏବେ ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ ହେଁ କେହି ଆନ୍ଦୋଳନର ନେତୃତ୍ୱ ନେଇନାହାନ୍ତି।
- ପୋଲିସ ପ୍ରାୟ ୩ ହଜାର ଲୋକଙ୍କୁ ଗିରଫ କରିଛି।
- ୨୦୧୯ରେ ପୂର୍ବତନ ରାଷ୍ଟ୍ରପତି ନୂରସୁଲ୍‌ତାନ ନଜରବୟେଭ୍ (୮୧) ତାଙ୍କ ସହଯୋଗୀ ତୋକାୟେଭ୍‌ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନଜରବୟେଭ୍ ଜାତୀୟ ସିକ୍ୟୁରିଟି କାଉନସିଲ୍ ଅଧ୍ୟକ୍ଷ ପଦବୀ ନିଜ ହାତରେ ରଖିଥିବାବେଳେ ଗତ ବୁଧବାର ତୋକାୟେଭ୍ ଏହି ଦାୟିତ୍ୱ ନିଜ ହାତକୁ ନେଇଥିବା ଘୋଷଣା କରିଥିଲେ।
- ନଜରବୟେଭ ଏପରି ଭାବେ ତୋକାୟେଭ୍‌ଙ୍କୁ ବଡ଼ ପଦବୀ ହସ୍ତାନ୍ତର କରିବା ଲୋକଙ୍କ ମନରେ କ୍ରୋଧ ଜାଗ୍ରତ କରିଛି, ଯାହା ବିକ୍ଷୋଭକୁ ଆହୁରି ତୀବ୍ର କରିଛି।

## ସଂକ୍ଷେପରେ

### 'ବୁଲ୍ଲି ବାଈ' ମାଷ୍ଟରମାଇଣ୍ଡ ଗିରଫ

**ନୂଆଦିଲ୍ଲୀ/ଗୁଆହାଟୀ, ୬।୧:** ଜଣାଶୁଣା ତଥା ସମାଜରେ ପରିଚିତ ଶତାଧିକ ମୁସଲମାନ ମହିଳାଙ୍କ ଫଟୋ ବୁଲ୍ଲି ବାଈ ଆପ୍‌ରେ ଛାଡ଼ି ନିଲାମ ପାଇଁ ବିଜ୍ଞାପନ ଦେବା ମାମଲାରେ ପୋଲିସ ଗୁରୁବାର ଏହାର



ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ଆସାମର ଜୋରାହାଟରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୀରଜ ବିଷ୍ଣୋଇ (୨୧)ଙ୍କୁ ଗିରଫ ପରେ ଦିଲ୍ଲୀ ଅଣାଯାଇଛି। ସେ ତାଙ୍କ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ପୂର୍ବରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶ୍ୱେତା ସିଂ ଏବଂ ଦୁଇ ଇଞ୍ଜିନିୟରିଂ ଛାତ୍ର ମୟଙ୍କ ରାୱଲ ଓ ବିଶାଲ କୁମାର ଝାଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି। ସୂଚନା ଅନୁସାରେ, ଜୋରହାଟ୍‌ର ବାସିନ୍ଦା ତଥା ବି. ଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ବିଷ୍ଣୋଇ ଭୋପାଳରେ ପାଠ ପଢୁଥିଲେ। ସେ ହିଁ ଗିଟ୍‌ହବ୍ ପ୍ଲାଟ୍‌ଫର୍ମରେ ବୁଲ୍ଲି ବାଈ ଆପ୍ ଏବଂ ଏହାର ଟୁଇଟର ହ୍ୟାଣ୍ଡେଲ ତିଆରି କରିଥିଲେ। ଦିଲ୍ଲୀ ପୋଲିସର ଇଣ୍ଟେଲିଜେନ୍ସ ଫ୍ୟୁଜନ ଏବଂ ଷ୍ଟ୍ରାଟେଜିକ୍ ଅପରେଶନ୍ସ(ଆଇଏଫ୍‌ଏସ୍‌ଓ) ୟୁନିଟ୍ ତାଙ୍କୁ ଗିରଫ କରିଥିଲା।

### ପାକ୍ ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଆୟେଶା



**ଇସ୍‌ଲାମାବାଦ,୬।୧:** ଲାହୋର ହାଇକୋର୍ଟର ବିଚାରପତି ଆୟେଶା ମଲିକଙ୍କୁ ପାକିସ୍ତାନ ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି। ପାକ୍ ନ୍ୟାୟିକ କମିଶନ ଗୁରୁବାର ଜଷ୍ଟିସ୍ ଆୟେଶାଙ୍କ ପଦୋନ୍ନତିକୁ ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ସେ ପାକିସ୍ତାନ ସର୍ବୋଚ୍ଚ ଅଦାଲତର ପ୍ରଥମ ମହିଳା ବିଚାରପତି ହେବାକୁ ଯାଉଛନ୍ତି। ହାର୍ଭାର୍ଡ ଲ' ସ୍କୁଲ୍‌ରୁ ଏଲଏଲ୍‌ଏମ୍‌ରେ ସ୍ନାତକ କରିଥିବା ଆୟେଶା ୨୦୧୨ରେ ଲାହୋର ହାଇକୋର୍ଟର ବିଚାରପତି ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ଏକ ପ୍ରମୁଖ କର୍ପୋରେଟ ଓ ବ୍ୟବସାୟିକ ଆଇନ ସଂସ୍ଥାର ଅଂଶୀଦାର ଥିଲେ।

### ସୁରଟରେ ଗ୍ୟାସ୍ ଲିକ୍: ୬ ମୃତ

**ଅହମଦାବାଦ,୬।୧:** ଗୁଜରାଟର ସୁରଟ ସହରରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଗୁରୁବାର ସକାଳେ ଗ୍ୟାସ୍ ଲିକ୍ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୦ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସଚିନ ଶିଳ୍ପାଞ୍ଚଳ ବାହାରେ ଥିବା ଟ୍ୟାଙ୍କରୁ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ସେଠାରେ ଥିବା କର୍ମଚାରୀମାନେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ପୋଲିସ କହିବା ଅନୁଯାୟୀ,ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେବା ସମୟରେ ସଚିନ ଗୁଜରାଟ ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ କର୍ପୋରେଶନରେ କର୍ମଚାରୀମାନେ ଶୋଇଥିଲେ। ଅସୁସ୍ଥମାନଙ୍କୁ ସୁରଟ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଟୁଇଟର ଯୋଗେ ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ସେ ଅସୁସ୍ଥ ଲୋକମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୧୨୫ ବିମାନଯାତ୍ରୀ କୋଭିଡ୍ ପଜିଟିଭ୍

**ନୂଆଦିଲ୍ଲୀ,୬।୧:** ଇଟାଲୀ ରାଜଧାନୀ ରୋମ୍‌ରୁ ଆସିଥିବା ଏକ ଚାର୍ଟାର୍ଡ ବିମାନର ୧୬୦ ଯାତ୍ରୀଙ୍କ ମଧ୍ୟରୁ ୧୨୫ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିମାନଟି ଅମୃତସର ବିମାନବନ୍ଦରରେ ଅବତରଣ କରିବା ପରେ ଯାତ୍ରୀମାନଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ବିମାନରେ ୧୯ ପିଲା (୫ ବର୍ଷରୁ କମ୍)ଙ୍କୁ ମିଶାଇ ୧୭୯ ଯାତ୍ରୀ ଥିଲେ। ଏହା ରୋମ୍‌ରୁ ଆସି ବାଟରେ ଜର୍ଜିଆ ରାଜଧାନୀ ଟିବ୍‌ଲିସିରେ ଇନ୍ଧନ ଭରିବା ପାଇଁ ଅବତରଣ କରିଥିଲା। ଗୁରୁବାର ଦିନ ୧୧ଟା ୨୦ରେ ଏହା ଅମୃତସରର ଶ୍ରୀ ଗୁରୁ ରାମଦାସ୍‌ଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗାଇଡ୍‌ଲାଇନ ଅନୁଯାୟୀ ୫ ବର୍ଷରୁ କମ୍ ପିଲାମାନଙ୍କୁ ବାଦ୍ ଦେଇ ଅନ୍ୟ ୧୬୦ ଜଣଙ୍କର ଆର୍‌ଟି-ପିସିଆର ପରୀକ୍ଷା କରାଯାଇଥିଲା। କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ୧୨୫ ଯାତ୍ରୀଙ୍କୁ ସେମାନଙ୍କ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇ ଦିଆଯାଇଛି।

# ଜିଲା ସ୍ତରରେ କୋଭିଡ୍ କଣ୍ଟ୍ରୋଲ ରୁମ୍ ଖୋଲ

**ନୂଆଦିଲ୍ଲୀ,୬।୧(ପି.ଟି.)**

ଜିଲା ଓ ସବ୍‌ଡିଭିଜନ ସ୍ତରରେ କୋଭିଡ୍-୧୯ କଣ୍ଟ୍ରୋଲ ରୁମ୍ ଖୋଲି ହୋମ୍ ଆଇସୋଲେଶନରେ ଥିବା ସମସ୍ତ ରୋଗୀଙ୍କ ଦୈନିକ ସ୍ଥିତି ରିପୋର୍ଟ ସଂଗ୍ରହ କରିବାକୁ କେନ୍ଦ୍ର ସରକାର ଗୁରୁବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। କଣ୍ଟ୍ରୋଲ ରୁମଗୁଡ଼ିକରେ ପର୍ଯ୍ୟାପ୍ତ କର୍ମଚାରୀ ରହିବେ। ସେମାନେ ନିଜ ଅଞ୍ଚଳର କୋଭିଡ୍ ସଂକ୍ରମଣ ଓ ଆଇସୋଲେଶନରେ ଥିବା ରୋଗୀଙ୍କ ସ୍ଥିତି ସମ୍ପର୍କରେ ଖବର ସଂଗ୍ରହ କରି ଜିଲା ପ୍ରଶାସନ ନିକଟରେ ଦାଖଲ କରିବେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆରତି ଆହୁଜା ରାଜ୍ୟଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ଜିଲାରେ କେତେ କୋଭିଡ୍ ପରୀକ୍ଷା କେନ୍ଦ୍ର, ଆମ୍ବୁଲାନ୍ସ ରହିଛି ତାହାର ସବିଶେଷ ରିପୋର୍ଟ କଣ୍ଟ୍ରୋଲ ରୁମ୍ ନିକଟରେ ରହିବ। ସଂକ୍ରମିତଙ୍କୁ କୋଭିଡ୍ ହସ୍ପିଟାଲ କିମ୍ବା ଆଇସୋଲେଶନ ସେଣ୍ଟରକୁ ନେବା ଲାଗି ପ୍ରତି କଣ୍ଟ୍ରୋଲ ରୁମ୍‌କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦେବାକୁ କୁହାଯାଇଛି।

### ପରୀକ୍ଷା ବଢ଼ାଇବା ଲାଗି କେନ୍ଦ୍ରର ପରାମର୍ଶ

ଓମିକ୍ରନ୍ ଭାରିଆଣ୍ଟର ଦ୍ରୁତ ସଂକ୍ରମଣ ଏବଂ ଅଧିକାଂଶ ରୋଗୀଙ୍କଠାରେ କୌଣସି ଲକ୍ଷଣ ଦେଖାଯାଉ ନ ଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ତେଣୁ କୋଭିଡ୍ ପରୀକ୍ଷା ବଢ଼ାଇବା ଲାଗି କେନ୍ଦ୍ର ସରକାର ସଂକ୍ରମଣ ବୃଦ୍ଧି ପାଉଥିବା ଓଡ଼ିଶା ସମେତ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ରୋକାଯାଇପାରିବ। ମାମଲା ଓ ପଜିଟିଭିଟି ହାର ବଢୁଥିବାବେଳେ ତାମିଲନାଡୁ, ପଞ୍ଜାବ, ଓଡ଼ିଶା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମିଜୋରାମ, ମେଘାଳୟ, ଜମ୍ମୁ-କଶ୍ମୀର ଏବଂ ବିହାରରେ କୋଭିଡ୍-୧୯ ପରୀକ୍ଷା ଯଥେଷ୍ଟ ହ୍ରାସ ପାଇଥିବାରୁ ଏହା ଚିନ୍ତାର ବିଷୟ ବୋଲି କେନ୍ଦ୍ର କହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆରତି ଆହୁଜା ବୁଧବାର ଉପରୋକ୍ତ ରାଜ୍ୟକୁ ପତ୍ର ଲେଖି ପରୀକ୍ଷା ବଢ଼ାଇବା ପାଇଁ କହିଛନ୍ତି। ଯଥେଷ୍ଟ ପରୀକ୍ଷା କରା ନ ଗଲେ, କୋଭିଡ୍ ଗୋଷ୍ଠୀ ସଂକ୍ରମଣ ସ୍ତରରେ ପହଞ୍ଚିଛି କି ନାହିଁ ତାହା ଜଣାପଡ଼ିବ ନାହିଁ।

ଚିନ୍ତାଜନକ ଭାରିଆଣ୍ଟ ଓମିକ୍ରନ୍ ଆସିବା ପରେ ଟିକାକରଣ ସତ୍ତ୍ୱେ ଅଧିକାଂଶ ଦେଶରେ ସଂକ୍ରମଣ ବହୁଗୁଣିତ ହୋଇଛି। ସେଥିପାଇଁ ଆମକୁ ଅଧିକ ସତର୍କ ରହିବା ସହ ସଂକ୍ରମଣ କମାଇବା ଦିଗରେ ଉଦ୍ୟମ ଜାରି ରଖିବାକୁ ହେବ ବୋଲି ଆହୁଜା କହିଛନ୍ତି।

# ଦେଶରେ ୯୦,୯୨୮ ନୂଆ ମାମଲା

**ନୂଆଦିଲ୍ଲୀ,୬।୧**

### ଦିନକରେ ୪୯୫ ଓମିକ୍ରନ୍ ସଂକ୍ରମିତ

ଭାରତରେ ଗୋଟିଏ ଦିନରେ ସର୍ବାଧିକ ୪୯୫ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ନୂଆ ଭାରିଆଣ୍ଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୬୩୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମହାରାଷ୍ଟ୍ରରେ ସର୍ବାଧିକ ୭୯୭ ଜଣ ଓମିକ୍ରନ୍ ପଜିଟିଭ୍ ହୋଇଥିବାବେଳେ ଦିଲ୍ଲୀରେ ୪୬୫, ରାଜସ୍ଥାନରେ ୨୩୬, କେରଳରେ ୨୩୪, କର୍ନାଟକରେ ୨୨୬, ଗୁଜରାଟରେ ୨୦୪ ଏବଂ ତାମିଲନାଡୁରେ ୧୨୧ ଜଣ ନୂଆ ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି।



ଦେଶରେ ଦିନକରେ ୯୦,୯୨୮ ନୂଆ କୋଭିଡ୍ ମାମଲା ଚିହ୍ନଟ ହୋଇଛି, ଯାହାକି ଗତ ୨୦୦ ଦିନ ମଧ୍ୟରେ ସର୍ବାଧିକ। ଏହାକୁ ମିଶାଇ ଦେଶରେ ମୋଟ କୋଭିଡ୍ ମାମଲା ସଂଖ୍ୟା ୩, ୫୧,୦୯,୨୮୬ରେ ପହଞ୍ଚିଛି। ଗତବର୍ଷ ଜୁନ୍ ୧୦ରେ ଭାରତରେ ଦୈନିକ ସଂକ୍ରମଣ ୯୧,୭୦୨ ଥିଲା। ଗୁରୁବାର ୩୨୫ ଜଣଙ୍କ ମୃତ୍ୟୁକୁ ମିଶାଇ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୨,୮୭୬ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୨,୮୫,୪୦୧କୁ ବୃଦ୍ଧି ପାଇଛି, ଯାହାକି ମୋଟ ସଂକ୍ରମଣର ୦.୮୧ ପ୍ରତିଶତ।



୮୧ ବର୍ଷୀୟା ଶାନ୍ତି ବାଈ ଜବଲପୁର ରାସ୍ତାରେ ଗୁରୁବାର ସାଇକେଲ ଚଳାଉଛନ୍ତି। ସେ ଲୋକଙ୍କ ଘରେ ମୂଲ ଲାଗି ଚଳନ୍ତି। ଏଥିପାଇଁ ତାଙ୍କୁ ଦିନକୁ ୨୨ କି.ମି. ଯିବାକୁ ପଡ଼ିଥାଏ ବୋଲି ଶାନ୍ତି ବାଈ କହିଛନ୍ତି।

# ନିର୍ବାଚନୀ ରାଲି ସମ୍ଭବ ନୁହେଁ

### ଇସିଙ୍କୁ ଜଣାଇଲା କୋଭିଡ୍ ଟାସ୍କଫୋର୍ସ

**ନୂଆଦିଲ୍ଲୀ,୬।୧**

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ବଡ଼ ରାଲି ଓ ରୋଡ୍ ଶୋ' ଆୟୋଜନ କରିବା ସମ୍ଭବ ନୁହେଁ ବୋଲି ନୀତି ଆୟୋଗ ସଦସ୍ୟ ତଥା ଭାରତର କୋଭିଡ୍ ଟାସ୍କଫୋର୍ସ ମୁଖ୍ୟ ଭି.କେ. ପଲ୍ ଗୁରୁବାର ନିର୍ବାଚନ କମିଶନ (ଇସି)ଙ୍କୁ ଅବଗତ କରାଇଛନ୍ତି। ରାଜନୈତିକ ଦଳଗୁଡ଼ିକ ନିଜଆଡୁ ବୃହତ ରାଲି ଓ ରୋଡ୍ ଶୋ' ବନ୍ଦ କରିଦେବା ଉଚିତ ବୋଲି ନିର୍ବାଚନ କମିଶନ କହିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ୫ ରାଜ୍ୟର କୋଭିଡ୍ ସ୍ଥିତି ସମେତ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି ନିର୍ବାଚନ କମିଶନ। ସଂକ୍ରମଣ ବୃଦ୍ଧି ସତ୍ତ୍ୱେ କିଭଳି ନିରାପଦର ସହ ଗଣତାନ୍ତ୍ରିକ ପ୍ରକ୍ରିୟା ଶେଷ ହେବ ସେନେଇ ଇସି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କଠାରୁ ମତାମତ ସଂଗ୍ରହ କରିଛନ୍ତି।

ଅନ୍ୟ ଏକ ବୈଠକରେ ଇସି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲାଙ୍କ ସହ ଆଲୋଚନା କରିଥିଲେ। ଇସି ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କ ସମେତ ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ, ଆଇସିଏମ୍‌ଆର୍ ମୁଖ୍ୟ ବଳରାମ ଭାର୍ଗବଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ୫ ରାଜ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ କୋଭିଡ୍ ଟିକାଦାନ ଉପରେ ଇସି ଗୁରୁତ୍ୱ ଦେଇଛନ୍ତି।

### ଭର୍ଚୁଆଲ ସଭା, ଅନ୍‌ଲାଇନ ଭୋଟିଂ ସମ୍ଭବ କି: ହାଇକୋର୍ଟ

**ନୈନିତାଲ,୬।୧(ପି.ଟି.)**

ଉତ୍ତରାଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନରେ ଭର୍ଚୁଆଲ ରାଲି ଓ ଅନ୍‌ଲାଇନ ମତଦାନ କରାଯାଇପାରିବ କି ବୋଲି ସେଠାକାର ହାଇକୋର୍ଟ ଭାରତର ନିର୍ବାଚନ କମିଶନ (ଇସି)ଙ୍କୁ ପ୍ରଶ୍ନ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୟ କୁମାର ମିଶ୍ରା ଏବଂ ଜଷ୍ଟିସ୍ ଏନ୍.ଏସ୍. ଧନିକଙ୍କୁ ନେଇ ଗଠିତ ଉତ୍ତରାଖଣ୍ଡ ହାଇକୋର୍ଟର ଖଣ୍ଡପୀଠ ବୁଧବାର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଉପରୋକ୍ତ ପ୍ରଶ୍ନ ପଚାରିଥିଲେ। ରାଜ୍ୟରେ କୋଭିଡ୍ ଏବଂ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ବିଧାନସଭା ନିର୍ବାଚନ ସ୍ଥଗିତ ରଖିବା ଲାଗି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଖଣ୍ଡପୀଠ ଇସିଙ୍କୁ ନିର୍ବାଚନ ରାଲି ଓ ମତଦାନର ବିକଳ୍ପ ସମ୍ପର୍କରେ ବିଚାର କରିବା ଲାଗି ପରାମର୍ଶ ଦେଇଛନ୍ତି। ନିକଟରେ ଡେରାଡୁନ୍‌ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ରାଲି କରିବା ପରେ କୋଭିଡ୍ ସଂକ୍ରମିତ ହୋଇଥିବା ଆବେଦନକାରୀ ଶିବ ଭଟ୍ଟଙ୍କ ଓକିଲ ହାଇକୋର୍ଟଙ୍କୁ ଜଣାଇଥିଲେ। ବିଶାଳ ସମାବେଶ କରିବା ଜନସାଧାରଣଙ୍କ ପାଇଁ ବିପଜ୍ଜନକ ହୋଇପାରେ ବୋଲି ସେ ସତର୍କ କରାଇଦେଇଛନ୍ତି। ଜାନୁୟାରୀ ୧୨ରେ ଜନସ୍ୱାର୍ଥ ମାମଲାର ପରବର୍ତ୍ତୀ ଶୁଣାଣି ଥିବାବେଳେ ଏହା ପୂର୍ବରୁ ଜବାବ ଦାଖଲ କରିବା ଲାଗି ଅଦାଲତ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**କମିଲା ଶୀତ: ଆସୁଛି ବର୍ଷା**

ଭୁବନେଶ୍ୱର,୬ା୧(ବ୍ୟୁରୋ): ଚଳିତ ବର୍ଷ ରାଜ୍ୟରେ ନିୟମିତ ବ୍ୟବଧାନରେ ବର୍ଷା ଲାଗି ରହୁଛି। ରାଜ୍ୟକୁ ମଧ୍ୟ ବାରମ୍ବାର ପଶ୍ଚିମା ବାୟୁ ପ୍ରବାହିତ ହେଉଛି। ଏଥିଯୋଗୁ ଆସନ୍ତା ୮ ତାରିଖରୁ ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତା ୮ରୁ ୧୦ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ ରାଜ୍ୟର ୧୧ଟି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ସେହି ଜିଲାଗୁଡ଼ିକ ହେଲା ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ କେନ୍ଦୁଝର ।

## ସଂକ୍ଷେପରେ

### ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଗୋବିନ୍ଦ

**ମମିତା ମେହେର ହତ୍ୟା ମାମଲା**




କଟକ ଅଫିସ,୬ା୧: ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଏବେ ଜେଲ୍‌ରେ ଥିବାରୁ ଜାମିନ ଆବେଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ମହାଲିଙ୍ଗର ଏକ ସ୍କୁଲର ଅଧକ୍ଷା ମମିତାଙ୍କୁ ଗତ ଅକ୍ଟୋବର ୮ରେ ଅଭିଯୁକ୍ତ ଗୋବିନ୍ଦ କାରରେ ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କୁ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମ ପରିସର ପଡ଼ିଆରେ ଗାତ ଖୋଳି ପୋତି ଦେଇଥିଲେ। ମମିତାଙ୍କୁ ଗୋବିନ୍ଦ ଅପହରଣ କରିଥିବା ନେଇ ପରିବାର ଲୋକେ ପ୍ରଥମେ ଅଭିଯୋଗ ଆଣିଥିଲେ। ପରେ ପୋଲିସ ଗୋବିନ୍ଦଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ହେଲେ ସୁବିଧା ଦେଖି ଗୋବିନ୍ଦ ପୋଲିସ କବଳରୁ ଖସି ପଳାଇଥିଲେ। ବହୁ ଖୋଜାଖୋଜି ପରେ ଗୋବିନ୍ଦଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସୂଚନା ଆଧାରରେ ଅକ୍ଟୋବର ୧୯ରେ ମମିତାଙ୍କ ମୃତଦେହକୁ ମାଟି ତଳୁ ପୋଲିସ ଉଦ୍ଧାର କରିଥିଲା। ପରେ ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ତାଙ୍କ ବହିଷ୍କାର ଦାବିରେ ବିରୋଧୀ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲେ।

# ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ଏନ୍‌ଏଚ୍‌ଏମ୍ ପୋର୍ଟାଲ ହ୍ୟାକ୍ କରି ୫.୧ କୋଟି ଠକେଇ ମାମଲା**

ଭୁବନେଶ୍ୱର,୬ା୧(ବ୍ୟୁରୋ)

ସୋନପୁର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପୋର୍ଟାଲ ହ୍ୟାକ୍ କରି ଇ-ଚେକ୍ ଜରିଆରେ ୫.୧ କୋଟି ଠକେଇ ମାମଲାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା( ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ରାଉରକେଲାର ବିକାଶ କୁମାର ମାନସିଂ। ତାଙ୍କୁ ମଙ୍ଗଳବାର ସୋନପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ରାଜକିଶୋର ନାୟକ, ଅନନ୍ତ ଚରଣ ପ୍ରଧାନ, ଅବିନାଶ ପ୍ରଧାନ ଓ ସମୀର କୁମାର ପତିଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଏଯାବତ୍ ଅଭିଯୁକ୍ତଙ୍କଠାରୁ ୩ କୋଟି ୩୦ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିରେ ଆଉ



ବିକାଶ କୁମାର ମାନସିଂ

କେତେଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ଇଓଡବ୍ଲ୍ୟୁ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ବିକାଶ ଜଣେ ବ୍ୟବସାୟୀ ହୋଇଥିବା ବେଳେ ଏମ୍/ଏସ୍ ନାଚୁରାଲ୍ସ ନାମକ ସଂସ୍ଥାର ସେ ମାଲିକ। ଅନ୍ୟତମ ଅଭିଯୁକ୍ତ ସମୀର ଉକ୍ତ ସଂସ୍ଥାର କର୍ମଚାରୀ ଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ରାଜକିଶୋର ୨୦୧୬ରୁ ୨୦୨୦ ମସିହା ପର୍ଯ୍ୟନ୍ତ ସୋନପୁର ଏନ୍‌ଏଚ୍‌ଏମ୍‌ରେ ଅସ୍ଥାୟୀ ଭିତ୍ତିରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ୨୦୨୧ ଡିସେମ୍ବରରୁ କଟକ ଓଲଟପୁରର ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟରରେ ଚାକିରି କରିଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ଅନନ୍ତ ଓ ଅବିନାଶ ହେଉଛନ୍ତି ରାଜକିଶୋରଙ୍କ ସମ୍ପର୍କୀୟ। ୨୦୨୧ ମାର୍ଚ୍ଚରେ ବିକାଶଙ୍କ ବୁଦ୍ଧିରେ ଅଭିଯୁକ୍ତମାନେ ନୂଆ କୌଶଳରେ ଟଙ୍କା ହଡ଼ପ ପାଇଁ ଯୋଜନା କରିଥିଲେ। ରାଜକିଶୋର ଏନ୍‌ଏଚ୍‌ଏମ୍ ପୋର୍ଟାଲ ଓ ଅଫିସ୍‌ର କିଛି ଗୁପ୍ତ ତଥ୍ୟ ଜାଣିଥିଲେ। ଏହାଦ୍ୱାରା ସେମାନେ ଏନ୍‌ଏଚ୍‌ଏମ୍ ପୋର୍ଟାଲକୁ ହ୍ୟାକ୍ କରି ୫ କୋଟି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଇ-ଚେକ୍ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସୋନପୁର ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ନକଲି ଷ୍ଟାମ୍ପ ତିଆରି କରି ତାହାକୁ ସୋନ୍‌ପୁର ଏସ୍‌ବିଆଇ ଶାଖାରେ କ୍ଲିୟରାନ୍ସ କରିଥିଲେ। ଏପ୍ରିଲ ୭ରେ ଏମ୍/ଏସ୍ ନାଚୁରାଲ୍ସ ନାମରେ ଥିବା ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିଲା। ଏମ୍/ଏସ୍ ନାଚୁରାଲ୍ସ ଆକାଉଣ୍ଟରୁ ଅଭିଯୁକ୍ତମାନେ ପର୍ଯ୍ୟାୟକ୍ରମେ ଟଙ୍କା ଉଠାଇ ନେଇଥିଲେ। ତେବେ ଠକେଇ ବିଷୟରେ ଜଣାପଡିବା ପରେ ସୋନପୁର ସିଡିଏମ୍‌ଓ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମେ ୧ରେ ଏକ ମାମଲା (ନଂ-୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପାଟଶାଢ଼ି ଚୋରି କରି ଜେଲ ଗଲେ ଏଆର୍‌ଆଇ

ସମ୍ବଲପୁର,୬ା୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଅଫିସରେ କାର୍ଯ୍ୟରତ ଏଆର୍‌ଆଇ ସନ୍ଧ୍ୟାରାଣୀ ଦୋରା ପାଟଶାଢି ଚୋରି ଅଭିଯୋଗରେ ଗିରଫ ହୋଇଛନ୍ତି। ଟାଉନ ଥାନା ପୋଲିସ ତାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ଗତ ୧ ତାରିଖରେ ଭିଏସ୍‌ଏସ୍ ମାର୍ଗର ଏକ ମଲ୍‌ରୁ ପାଟଶାଢି ଚୋରି ହୋଇଥିଲା। ଏ ନେଇ ମଲ୍ ମ୍ୟାନେଜର ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅଭିଯୁକ୍ତ ସନ୍ଧ୍ୟାରାଣୀ ଏକ ପାଟଶାଢି ବ୍ୟାଗ ଭିତରେ ଭର୍ତ୍ତି କରି ନେଇଯାଇଥିବା ଜଣାପଡିଥିଲା। ଗିରଫ ପରେ ତାଙ୍କଠାରୁ ଚୋରି ଶାଢି ଜବତ ହୋଇଛି। ଶାଢିର ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି



ଏଆର୍‌ଆଇ ସନ୍ଧ୍ୟାରାଣୀ ଦୋରା ।

କହିଥିଲେ। ଏ ସମ୍ପର୍କରେ ଯୁଯୁମୁରା ତହସିଲଦାର ଅଭିଷେକ ସାହୁ କହିଛନ୍ତି, ସନ୍ଧ୍ୟାରାଣୀ କବରାପାଲି ଆର୍‌ଆଇ ଅଫିସରେ ପୋଷ୍ଟିଂ ହୋଇଥିଲେ। ହେଲେ କିଛିଦିନ ହେଲା ତହସିଲ ଅଫିସକୁ ଡେପୁଟେଶନରେ ଆସି କାମ କରୁଥିଲେ। ପୋଲିସ ଆମକୁ କୌଣସି ସୂଚନା ଦେଇନାହିଁ। ସୂଚନା ମିଳିଲେ ସର୍ଭିସ ରୁଲ୍ ଅନୁସାରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦୁଇ କଲରାପତରିଆ ଛାଲ ଜବତ, ୨ ଶିକାରୀ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ବାରିପଦା ଅଫିସ, ୬ା୧

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ( ଏସ୍‌ଟିଏଫ୍) ଓ ବନ ବିଭାଗର ମିଳିତ ଟିମ୍ ଚଢ଼ାଉ କରି ୨ଜଣ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୨ଟି କଲରାପତରିଆ ବାଘଛାଲ ଜବତ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଖିରପଦା ଗ୍ରାମର ପ୍ରଶାନ୍ତ ମହାନ୍ତି(୪୦) ଓ ବଡ଼ସାହି ଥାନା ବାଲିଯୋଡା ଗ୍ରାମର ଗୁରା ବିନ୍ଧାଣୀ(୬୫)। ଗିରଫ ପରେ ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ବାରିପଦା ବନ ବିଭାଗକୁ ହସ୍ତାନ୍ତର




କରିଥିଲା। ଉଭୟଙ୍କ ନାମରେ ବେତନଟୀ ରେଞ୍ଜ୍‌ରେ ଏକ ମାମଲା (ନଂ.୧୦୬/୨୨) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଛାଲ ଦୁଇଟି ମଧ୍ୟରୁ ଗୋଟିଏ ବଡ଼ ବାଘର ହୋଇଥିବାବେଳେ ଅନ୍ୟଟି ସାନ ବାଘର। ବଡ଼ ବାଘର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ଓ ସାନ ବାଘର ବୟସ ୨ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଅଧିକ ପରୀକ୍ଷା ପାଇଁ ଦୁଇ ଛାଲକୁ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯାଇଛି। ଅଭିଯୁକ୍ତଦ୍ୱୟ ଶିମିଳିପାଳ ଜଙ୍ଗଲରୁ ବାଘ ଶିକାର କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଓ ବନ ବିଭାଗ ଅଧିକ ତଦନ୍ତ ଚଳାଇଛନ୍ତି।
ବାଘଛାଲ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ବାରିପଦା ବନ ବିଭାଗକୁ ଜଣାଇଥିଲା। ଏହାପରେ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଜଣେ ଅଧିକାରୀ ଗ୍ରାହକ ସାଜି ଅଭିଯୁକ୍ତଦ୍ୱୟଙ୍କୁ ଯୋଗାଯୋଗ କରିଥିଲେ। ବଡ଼ ବାଘ ଚମଡା ୩ଲକ୍ଷ ଓ ସାନର ୧ଲକ୍ଷ ଟଙ୍କାରେ କିଣିବାକୁ ଡିଲ ହୋଇଥିଲା। ଉଭୟଙ୍କୁ ବାଘ ଛାଲ ଧରି ବୁଧବାର ବିଳମ୍ବିତ ରାତିରେ ରାଗ୍ପା କଲେଜ ନିକଟକୁ ଆସିବାକୁ କୁହାଯାଇଥିଲା। ସେମାନେ ସେଠାରେ ପହଞ୍ଚିବା ପରେ ମିଳିତ ଟିମ୍ ଚଢାଉ କରି ଧରିଥିଲା। ସୂଚନାଯୋଗ୍ୟ, ୨୦୨୦ରୁ ଏସ୍‌ଟିଏଫ୍ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଏଯାବତ୍ ୨୪ ବାଘ ଚମଡା, ୧୨ ହାତୀଦାନ୍ତ, ୭ ହରିଣ ଚମଡା, ୯ ବଜ୍ରକାପ୍ତା ଏବଂ ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ସମ୍ପୃକ୍ତ ୫୪ଜଣଙ୍କୁ ଗିରଫ କରାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପ ଜାଳିଲେ ଦଳୀୟ ନେତା, କର୍ମୀ




ଭୁବନେଶ୍ୱର,୬ା୧(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବର ଏକ କାର୍ଯ୍ୟକ୍ରମକୁ ଯିବା ସମୟରେ ତାଙ୍କ କାର୍‌କେଡ୍‌କୁ ରାସ୍ତାରେ ଅଟକିବାକୁ ପଡ଼ିଥିଲା। ଏହାର ପ୍ରତିବାଦରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସହ ରାମମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଛି। ଭାଜପା ଜିଲା କମିଟି ପକ୍ଷରୁ ଦଳର ରାଜ୍ୟ କାର୍ଯ୍ୟାଳୟଠାରୁ ନେତା ଓ କର୍ମୀମାନେ ରାଲିରେ ବାହାରି ରାମମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ସବୁବେଳେ ରାଷ୍ଟ୍ରସେବା କରୁ ଥାଆନ୍ତୁ। ତାଙ୍କ ବିରୋଧରେ ଯାହା ଜଘନ୍ୟ ଷଡ଼ଯନ୍ତ୍ର କରାଯାଇଥିଲା ସେନେଇ ପ୍ରଭୁଙ୍କ ନିକଟରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଗାନ କରାଯାଇଛି। ଜିଲା ସଭାପତି ବାବୁ ସିଂ ପଞ୍ଜାବରେ ଯେଉଁଭଳି ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରାଯାଇଛି, ତାହା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଥିଲେ।

# ବ୍ରାଞ୍ଚ ମ୍ୟାନେଜର ଗିରଫ, ଚାକିରିରୁ ବହିଷ୍କୃତ

**ନକଲି ସୁନା ବନ୍ଧକ ରଖି ୮.୫୩ ଲକ୍ଷ ଠକେଇ**

- ■ ଗ୍ରାହକଙ୍କ ଦସ୍ତଖତ ନେଇ ଋଣ ଉଠାଇଥିଲେ
- ■ ଅଡିଟ୍ ସମୟରେ ଧରାପଡ଼ିଲେ

ଭୁବନେଶ୍ୱର,୬ା୧(ବ୍ୟୁରୋ)

ନକଲି ସୁନା ବନ୍ଧକ ରଖି ଗ୍ରାହକଙ୍କ ନାମରେ ୮ ଲକ୍ଷ ୫୩ ହଜାର ଟଙ୍କାର ଋଣ ହଡ଼ପ କରି ଏକ ଅର୍ଥଲଗାଣକାରୀ ସଂସ୍ଥାର ବ୍ରାଞ୍ଚ ମ୍ୟାନେଜର ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁମାରି ଗ୍ରାମର ସଚ୍ଚିଦାନନ୍ଦ ସାମନ୍ତରା (୩୨)। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏଥିସହ ତାଙ୍କଠାରୁ ନଗଦ ୧୦ଲକ୍ଷ ଟଙ୍କା ଓ ନକଲି ସୁନା ଅଳଙ୍କାର ଜବତ କରାଯାଇଛି। ଠକେଇ ଜଣାପଡିବା ପରେ କମ୍ପାନୀ ପକ୍ଷରୁ ସଚ୍ଚିଦାନନ୍ଦଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏନେଇ ପୋଲିସ ଓ ସଂସ୍ଥା ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ଅର୍ଥଲଗାଣକାରୀ ସଂସ୍ଥା ଫିନ୍‌କର୍ପ ଲିମିଟେଡ୍‌ର ଏକ ଶାଖା ରସୁଲଗଡ଼ଠାରେ ରହିଛି। ଏହି ସଂସ୍ଥା ଗ୍ରାହକଙ୍କଠାରୁ ସୁନା ବନ୍ଧ ରଖି ଋଣ ଯୋଗାଇଥାଏ। ଅଭିଯୁକ୍ତ ସଚ୍ଚିଦାନନ୍ଦ ଏଠାରେ ବ୍ରାଞ୍ଚ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଶାଖାର ୪ଜଣ



ସଚ୍ଚିଦାନନ୍ଦ ସାମନ୍ତରା

ଗ୍ରାହକ ସୁନା ବନ୍ଧା ରଖି ଋଣ ନେଇଥିଲେ। ନଭେମ୍ବର ମାସରେ ସେମାନେ ଋଣ ପାଇଁ କାଗଜପତ୍ର କରିବା ସମୟରେ ଅଭିଯୁକ୍ତ ବ୍ରାଞ୍ଚ ମ୍ୟାନେଜର ସଚ୍ଚିଦାନନ୍ଦ ଚଞ୍ଚକତା କରି ସେମାନଙ୍କଠାରୁ ଅଧିକ ଦସ୍ତଖତ ରଖି ଦେଇଥିଲେ। ଉକ୍ତ ଦସ୍ତଖତ ଆଧାରରେ ସେମାନଙ୍କ ନାମରେ ନକଲି ସୁନା ବନ୍ଧା ରଖି ସେ ୮ ଲକ୍ଷ ୫୩ ହଜାର ୪୬ ଟଙ୍କା ଋଣ ଉଠାଇ ନେଇଥିଲେ। ଅଡିଟବେଳେ ଉକ୍ତ ୪ ଜଣ ଗ୍ରାହକ ଦୁଇଥର ଲେଖାଏ ଋଣ ନେଇ ନ ଥିବା ଜଣାପଡ଼ିଥିଲା। ସଚ୍ଚିଦାନନ୍ଦ ହିଁ ଜାଲିଆତି କରି ଋଣ ନେଇଥିବା କମ୍ପାନୀ ଜାଣିବା ପରେ ଏବାବଦକୁ କ୍ଷତି ହୋଇଥିବା ମୋଟ ୧୦ ଲକ୍ଷ ୫୭ ହଜାର ୭୭୭ ଟଙ୍କା ଫେରାଇ ଦେବାକୁ କୁହାଯାଇଥିଲା। ହେଲେ ସେ ଟଙ୍କା ଫେରାଉ ନ ଥିବାରୁ ଶାଖା ପକ୍ଷରୁ ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଗତ ବର୍ଷ ଡିସେମ୍ବର ୧୧ରେ ମାମଲା (ନଂ.୪୨୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସଚ୍ଚିଦାନନ୍ଦ ଗଞ୍ଜାମସ୍ଥିତ ଘରେ ଥିବାବେଳେ ବୁଧବାର ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ଦେଶରେ ଶ୍ରେଷ୍ଠ

- ■ ସଫଳ ଭାବେ ବିପର୍ଯ୍ୟୟ ମୁକାବିଲା ଲାଗି ପୁରସ୍କୃତ
- ■ ରିଜର୍ଭ ଫୋର୍ସ ସମେତ ସର୍ବାଧିକ ଅଗ୍ନିଶମ କେନ୍ଦ୍ର ରହିଛି

କଟକ ଅଫିସ,୬ା୧

ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ଦିଲ୍ଲୀର ନୋଇଡାରେ ଗତ ଡିସେମ୍ବର ୨ରୁ ୫ତାରିଖ ପର୍ଯ୍ୟନ୍ତ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଫାୟାର ଇଞ୍ଜିନିୟର୍ସ (ଇଣ୍ଡିଆ) ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଫାୟାର ଇଣ୍ଡିଆ-୨୦୨୧ ମେଳାରେ ଏହି ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଶା ପଛକୁ ତାମିଲନାଡୁ ଦ୍ୱିତୀୟ ଓ ଗୁଜରାଟ ତୃତୀୟ ସ୍ଥାନ ଅଧିକାର କରିଛି। ମୁଖ୍ୟତଃ ବିପର୍ଯ୍ୟୟ ମୁକାବିଲାର ଦକ୍ଷତାକୁ ବିଚାରକୁ ନେଇ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାକୁ ପ୍ରଥମ ସ୍ଥାନ ମିଳିଛି।

ସୂଚନାଯୋଗ୍ୟ, ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ଖାଲି ଆମ ରାଜ୍ୟ ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ବିପର୍ଯ୍ୟୟ ମୁକାବିଲା କରି ସୁନାମ ଆଣିବାରେ ସଫଳ ହୋଇଛି। ଏହି ସଂସ୍ଥା ୨୦୧୪ ମସିହାରେ ହୁଡ୍‌ହୁଡ୍ ବାତ୍ୟା ବେଳେ ଆନ୍ଧ୍ରପ୍ରଦେଶ, ୨୦୧୮ରେ ମେଘାଳୟରେ ମାଇନିଂ ଦୁର୍ଘଟଣା ସମୟରେ ଉଦ୍ଧାର, ୨୦୧୮ରେ କେରଳ ବନ୍ୟା ଓ ୨୦୨୦ରେ ପଶ୍ଚିମବଙ୍ଗରେ ଅମ୍ଫନ ମହାବାତ୍ୟା ସମୟରେ ସଫଳତାର ସହ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲା। ଏଥିସହ ଓଡ଼ିଶାରେ ତିତ୍‌ଲି, ବୁଲ୍‌ବୁଲ୍ ଓ ଫନୀ ବାତ୍ୟା ସମୟରେ ମଧ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା କରିଥିଲା। ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ଜନସଂଖ୍ୟା ଅନୁସାରେ ଅଗ୍ନିଶମ ଗାଡ଼ି ଯୋଗାଇ ଦିଆଯାଇଛି ଏବଂ ସର୍ବାଧିକ ୩୪୨ଟି ଅଗ୍ନିଶମ କେନ୍ଦ୍ର ରହିଛି। ଏତଦ୍‌ବ୍ୟତୀତ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର ଏକ ରିଜର୍ଭ ଫୋର୍ସ ରହିଛି, ଯାହା ଦେଶର ଅନ୍ୟ କୌଣସି ଅଗ୍ନିଶମ ବିଭାଗ ନିକଟରେ ନାହିଁ। ସେହିପରି ରାଜ୍ୟରେ ୫ଟି ଆଇଏସ୍‌ଓ ସ୍ୱୀକୃତିପ୍ରାପ୍ତ ଅଗ୍ନିଶମ କେନ୍ଦ୍ର ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଏହାର ସମସ୍ତ କେନ୍ଦ୍ରକୁ ବହୁମୁଖୀ ବିପର୍ଯ୍ୟୟ ଉଦ୍ଧାର କେନ୍ଦ୍ର ଭାବେ ରୂପାନ୍ତର କରାଯିବା ସହ ଜନସାଧାରଣଙ୍କୁ ଅନଲାଇନ୍ ଜରିଆରେ ସେବା ଯୋଗାଇ ଦିଆଯାଉଛି। ଦେଶର ସର୍ବଶ୍ରେଷ୍ଠ ଅଗ୍ନିଶମ ସେବା ସଂସ୍ଥା ଭାବେ ପୁରସ୍କୃତ ହୋଇଥିବାରୁ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ଅଧିକ ଉତ୍ସାହିତ ଓ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି।

DSPL-373

## ଆନ୍ଥ୍ରାକ୍ସ ରୋଗ ଓ ଏହାର ପ୍ରତିକାର




**ଆନ୍ଥ୍ରାକ୍ସ ରୋଗ:**

- ➢ ଆନ୍ଥ୍ରାକ୍ସ ପଶୁମାନଙ୍କର ଏକ ସଂକ୍ରାମକ ରୋଗ। ଏହା ସ୍ପୋର ସୃଷ୍ଟି କରୁଥିବା ଜୀବାଣୁ ବାସିଲସ୍ ଆନ୍ଥ୍ରାସିସ୍ ଦ୍ୱାରା ହୋଇଥାଏ। ଏହା ଏକ ଜୁନୋଟିକ ରୋଗ, ଅର୍ଥାତ୍ ଏହା ପଶୁଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇପାରେ।
- ➢ ପଡ଼ିଆରେ ଚରୁଥିବା ତୃଣଭୋଜି ପଶୁ ଯଥା: ଗୋରୁଗାଈ ଓ ଛେଳିମେଣ୍ଢାଙ୍କ ସହ ହାତୀମାନେ ମଧ୍ୟ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇଥାନ୍ତି। ଆନ୍ଥ୍ରାକ୍ସ ଆକ୍ରାନ୍ତ ଗାଈ ଓ ମେଣ୍ଢାମାନେ ହଠାତ୍ ମରିଯାଇଥାନ୍ତି।
- ➢ ଆନ୍ଥ୍ରାକ୍ସ ଆକ୍ରାନ୍ତ ପଶୁମାନଙ୍କ ଠାରେ ଅସୁସ୍ଥତାର କୌଣସି ଲକ୍ଷଣ ନଥାଇ ସେମାନଙ୍କର ମୃତ୍ୟୁ ହୋଇଥାଏ। ମୃତ୍ୟୁ ପୂର୍ବରୁ ଜ୍ୱର, ମାଂସପେଶୀରେ କମ୍ପନ ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହୋଇପାରେ।
- ➢ ଜମାଟ ବାନ୍ଧି ନଥିବା ରକ୍ତ ଶରୀରର ଖୋଲା ସ୍ଥାନରୁ ବାହାରିପାରେ ଏବଂ ମୃତ୍ୟୁ ପରେ ଶରୀର କଠିନ ହୋଇନଥାଏ।
- ➢ ଆନ୍ଥ୍ରାକ୍ସ ସାଧାରଣତଃ ଗରମ ଦିନରେ ଦେଖାଯାଇଥାଏ, କିନ୍ତୁ ଏହା ବର୍ଷର ଯେକୌଣସି ସମୟରେ ଦେଖାଦେଇପାରେ।

**ଆନ୍ଥ୍ରାକ୍ସ କିପରି ବ୍ୟାପେ:**

- ➢ ଖାଦ୍ୟ, ନିଶ୍ୱାସପ୍ରଶ୍ୱାସ କିମ୍ବା କଟିଯାଇଥିବା ଚର୍ମ ମଧ୍ୟ ଦେଇ ଆନ୍ଥ୍ରାକ୍ସ ଜୀବାଣୁ ପ୍ରବେଶ କରି ରୋଗ ସୃଷ୍ଟି କରିପାରେ।
- ➢ ଆନ୍ଥ୍ରାକ୍ସ ରୋଗର ବାହକ ସ୍ପୋରଗୁଡ଼ିକ ଅତ୍ୟଧିକ ପ୍ରତିରୋଧକ ଏବଂ ମାଟି, ସଂକ୍ରମିତ ପ୍ରାଣୀଙ୍କ ଲୋମ କିମ୍ବା କେଶରେ ବର୍ଷ ବର୍ଷ ଧରି ବଞ୍ଚି ରହିଥାନ୍ତି।
- ➢ ସାଧାରଣତଃ ପଶୁମାନେ ମାଟି କିମ୍ବା ଖାଦ୍ୟରେ ଥିବା ସ୍ପୋର ଖାଇବା ଦ୍ୱାରା ସଂକ୍ରମିତ ହୁଅନ୍ତି।
- ➢ ସଂକ୍ରମିତ ପ୍ରାଣୀଙ୍କ ରକ୍ତର ସଂସ୍ପର୍ଶରେ ଆସୁଥିବା କୀଟ ଓ ଅନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ମଧ୍ୟ ଆନ୍ଥ୍ରାକ୍ସ ବ୍ୟାପିଥାଏ।
- ➢ ସଂକ୍ରମିତ ପଶୁଙ୍କ ମାଂସ ଖାଇବା ଦ୍ୱାରା ଏହି ରୋଗ ମଣିଷକୁ ବ୍ୟାପେ।

**କ'ଣ କରିବେ ?**

- ➢ ମୃତ ପଶୁମାନଙ୍କୁ ନିଆଁରେ ପୋଡ଼ି ନଷ୍ଟ କରନ୍ତୁ କିମ୍ବା ବିକଳ୍ପ ଭାବେ ଚୂନ ସହ ଗଭୀର ଗାତ ଖୋଳି ପୋତି ଦିଅନ୍ତୁ।
- ➢ ଶବକୁ ଏଣେ ତେଣେ ପକାନ୍ତୁ ନାହିଁ। ଅମ୍ଳଜାନ ସଂସ୍ପର୍ଶରେ ଆସି ଏହା ଆନ୍ଥ୍ରାକ୍ସ ଜୀବାଣୁର ସ୍ପୋର ସୃଷ୍ଟି କରିଥାଏ।
- ➢ ସୁସ୍ଥ ଥିବା ସମସ୍ତ ପଶୁଙ୍କୁ ଆନ୍ଥ୍ରାକ୍ସ ବିରୁଦ୍ଧରେ ଟିକାକରଣର ବ୍ୟବସ୍ଥା କରନ୍ତୁ ଏବଂ ଆକ୍ରାନ୍ତ ଓ ମୃତ ପଶୁ ରହିଥିବା ସ୍ଥାନକୁ ତୁରନ୍ତ ବିଶୋଧନ କରନ୍ତୁ।
- ➢ ପଶୁମାନଙ୍କ ଟିକାକରଣ ଓ ସଂକ୍ରମିତ ସ୍ଥାନ ବିଶୋଧନ ନହେବା ପର୍ଯ୍ୟନ୍ତ ସଂକ୍ରମିତ ସ୍ଥାନକୁ ଅନ୍ୟ ପଶୁ ଓ ବ୍ୟକ୍ତିବିଶେଷଙ୍କୁ ଛାଡ଼ନ୍ତୁ ନାହିଁ।
- ➢ ଗୃହପାଳିତ ପଶୁଙ୍କ ରହିବା ସ୍ଥାନକୁ ସଫାସୁତୁରା ରଖିବା ସହ କୀଟପତଙ୍ଗ ଏବଂ ମୂଷା ଆଦି ନିୟନ୍ତ୍ରଣ କରିବା ପାଇଁ ବିଶୋଧକ ପ୍ରୟୋଗ କରନ୍ତୁ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-06014/13/0016/2122

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଉତ୍ସବରେ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ଭୁବନେଶ୍ୱରର ଆଉ ୯ ସ୍ଥାନ କଣ୍ଟେନ୍‌ମେଣ୍ଟ

ଭୁବନେଶ୍ୱର,୬ା୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତ ସଂଖ୍ୟା ହୁହୁ ହୋଇ ବଢୁଥିବାବେଳେ ସଂକ୍ରମଣ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଉଛି। ଗୁରୁବାର ସହରର ଆଉ ୯ଟି ସ୍ଥାନକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ନୂଆ କଣ୍ଟେନମେଣ୍ଟ ଘୋଷଣା ହୋଇଥିବା ସ୍ଥାନ ହେଲା, ଦକ୍ଷିଣ ପଶ୍ଚିମ ଜୋନ୍‌ର ୱାର୍ଡ ନଂ ୩୮ ଅନ୍ତର୍ଗତ ନୟାପଲ୍ଲୀ ବ୍ରିଟ୍ କଲୋନୀସ୍ଥିତ ପ୍ଲଟ୍ ନଂ. ଏଲ୍‌ଆଇଜି ୧୧୮, ୱାର୍ଡ ନଂ. ୪୬ ଅନ୍ତର୍ଗତ ୟୁନିଟ୍-୬ସ୍ଥିତ ଭୀମପୁରର ପ୍ଲଟ୍ ନଂ. ୨୫୨/୨୬୯୯, ୱାର୍ଡ ନଂ. ୪୯ ଆଇଗିଣିଆର ଶ୍ରୀକ୍ଷେତ୍ର ରେସିଡେନ୍ସିର ଫ୍ଲାଟ୍ ନଂ. ଏ/୨-୩୦୩ ଓ ବି/୧-୨୦୪ ରହିଛି। ସେହିପରି ଦକ୍ଷିଣପୂର୍ବ ଜୋନ୍‌ର ୱାର୍ଡ ନଂ ୨୯ ଅନ୍ତର୍ଗତ ୟୁନିଟ୍-୯ସ୍ଥିତ କ୍ୱାର୍ଟର ନଂ.୪ଆର୍‌ଏଫ୍-୨୦, ୱାର୍ଡ ନଂ. ୩୫ ଅନ୍ତର୍ଗତ ୟୁନିଟ-୩ ସ୍ଥିତ ଗୁରୁଦ୍ୱାର ପଛ ପ୍ଲଟ୍ ନଂ ୭, ୱାର୍ଡ ନଂ. ୫୭ ଅନ୍ତର୍ଗତ ଟଙ୍କପାଣି ରୋଡ୍‌ସ୍ଥିତ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟର ଫ୍ଲାଟ୍ ନଂ. ୨୦୯, ୱାର୍ଡ ୫୮ ଅନ୍ତର୍ଗତ ଟଙ୍କପାଣି ରୋଡ୍‌ସ୍ଥିତ ଆପୋଲୋ ଫାର୍ମାସୀ ନିକଟସ୍ଥ ପ୍ଲଟ୍ ନଂ ୧୧୪୭ ଏବଂ ୱାର୍ଡ ନଂ ୫୫ ଅନ୍ତର୍ଗତ ଗୌତମ ନଗରସ୍ଥିତ ଉତ୍କଳ ରୟାଲ ରେସିଡେନ୍ସିର ଫ୍ଲାଟ୍ ନଂ. ଏ/୯୪କୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ବିଏମ୍‌ସି ପକ୍ଷରୁ ସହରର ୫ଟି ସ୍ଥାନକୁ କଣ୍ଟେନମେଣ୍ଟ ଓ ୫ଟି ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିଲା। ଫଳରେ ଦୁଇଦିନରେ କଣ୍ଟେନମେଣ୍ଟ ସ୍ଥାନ ସଂଖ୍ୟା ୧୯ରେ ପହଞ୍ଚିଛି।

## ୪ଶହ ଛୁଇଁଲା ଦୈନିକ ସଂକ୍ରମଣ

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୪ଶହ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩୮ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୩୬୨ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ପଟିଆରୁ ସର୍ବାଧିକ ୪୧ଜଣ ଆକ୍ରାନ୍ତ ବାହାରିଥିବାବେଳେ ନୟାପଲ୍ଲୀରୁ ୨୫ଜଣ, ରସୁଲଗଡରୁ ୧୪, ସୁନ୍ଦରପଦାରୁ ୧୩, ପାତ୍ରପଡାରୁ ୧୨, ଜୟଦେବ ବିହାରରୁ ୧୪, ସିଆରପିଏଫ୍ କ୍ୟାମ୍ପସରୁ ୧୨, ମଞ୍ଚେଶ୍ୱରରୁ ୧୧, ଶହୀଦ ନଗର ଓ ଝାରପଡାରୁ ୧୦ଜଣ ଲେଖାଏ, ବମିଖାଲ ଓ ଚିନ୍ତାମଣିଶ୍ୱରରୁ ୯ଜଣ ଲେଖାଏ, ନିଳାଦ୍ରୀ ବିହାର ଓ ଖଣ୍ଡଗିରିରୁ ୮ଜଣ ଲେଖାଏ, ବାପୁଜୀନଗର, ଆଇଆର୍‌ସି ଭିଲେଜ୍ ଓ ସତ୍ୟ ନଗରରୁ ୬ଜଣ ଲେଖାଏ, କଳିଙ୍ଗ ନଗର, କଳିଙ୍ଗ ବିହାର ଓ ପୋଖରୀପୁଟରୁ ୫ଜଣ ଲେଖାଏ, ବରମୁଣ୍ଡା, ଆଚାର୍ଯ୍ୟ ବିହାର, ବଡଗଡ, ଢୁମୁଢୁମା ଓ ନହରକଣ୍ଟାରୁ ୪ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ସହରରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪ହଜାର ୮୫୪ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୯୩ଜଣ ସୁସ୍ଥ ହୋଇଥିବାରୁ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୨ଲକ୍ଷ ୨ହଜାର ୩୮୭କୁ ବୃଦ୍ଧି ପାଇଛି। ଦିନକରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ସୁଦ୍ଧା ହଜାରେ ୩୭ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଭୁବନେଶ୍ୱର ସ୍ମାର୍ଟ ସିଟି ଦୁଇ ବର୍ଗରେ 'ସ୍କଚ୍' ପୁରସ୍କାର ପାଇଲା

**ଭୁବନେଶ୍ୱର, ୬ା୧ (ବ୍ୟୁରୋ):** ଭୁବନେଶ୍ୱର ସ୍ମାର୍ଟ ସିଟିକୁ ପୁଣି ଏକ ସଫଳତା ମିଳିଛି। ଇ-ଗଭର୍ନାନ୍ସ ପାଇଁ ସ୍ମାର୍ଟସିଟି ଦୁଇଟି ବର୍ଗରେ 'ସ୍କଚ୍' ପୁରସ୍କାର ପାଇଛି। 'ଭୁବନେଶ୍ୱର ଡଟ୍ ମି' ୟୁନିଫାଏଡ୍ ସିଟି ପୋର୍ଟାଲ ପାଇଁ ଅର୍ବାନ ଗଭର୍ନାନ୍ସ ବର୍ଗ ଅଧୀନରେ ଭୁବନେଶ୍ୱର ଗୋଟିଏ ପୁରସ୍କାର ଜିତିଥିବାବେଳେ ନାଗରିକ ଚାଳିତ ସେବା ଏବଂ ଉପଯୋଗିତା କ୍ଷେତ୍ରରେ ବିଲ୍ଡିଂ ପ୍ଲାନ ଅନୁମୋଦନ ବ୍ୟବସ୍ଥା (ବିପିଏଏସ) ପାଇଁ 'ଇଜ୍ ଅଫ ଡୁଇଙ୍ଗ ବିଜ୍‌ନେସ' ପୁରସ୍କାର ଜିତିଛି। ଭାରତକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ବ୍ୟକ୍ତି, ପ୍ରକଳ୍ପ ଏବଂ ଅନୁଷ୍ଠାନକୁ ୨୦୦୩ରୁ ସ୍କଚ୍ ଫାଉଣ୍ଡେଶନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ଚୟନରେ ଡିଜିଟାଲ୍, ଆର୍ଥିକ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣର ଶ୍ରେଷ୍ଠ ପ୍ରୟାସକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଶ୍ରେଷ୍ଠ ଶାସନ, ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ଉତ୍କର୍ଷତା, ପରିଚାଳନା, କର୍ପୋରେଟ୍ ନେତୃତ୍ୱ, କର୍ପୋରେଟ୍ ଶାସନ, ନାଗରିକ ସେବା ବିତରଣ, ଦକ୍ଷତା ବିକାଶ, ସଶକ୍ତୀକରଣ ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ବିଚାରକୁ ନିଆଯାଇଥାଏ।

## ଜମି ଦେବା ନାଁରେ ୧.୨୦ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬ା୧(ବ୍ୟୁରୋ):** ଜମି ଦେବାକୁ କହି ୧.୨୦ ଲକ୍ଷ ଟଙ୍କା ଠକି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଅଜୟ କୁମାର ପରିଡ଼ା(୪୬)। ସୂଚନା ଅନୁଯାୟୀ, ୨୦୧୪ ଜୁନ୍‌ରେ ଅଭିଯୁକ୍ତ ଅଜୟ ବାଲିଅନ୍ତା ଅଞ୍ଚଳର ଅଶ୍ୱିନୀ କୁମାର ମହାନ୍ତିଙ୍କୁ ବଡ଼ଗଡ଼ ଥାନା ଅଞ୍ଚଳ ବେଣ୍ଟକାର ମୌଜାରେ ଏକ ଜମି ଦେବାକୁ କହି ୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ଏଥିପାଇଁ ଏକ ଚୁକ୍ତିନାମା ମଧ ହୋଇଥିଲା। ହେଲେ ସେ ଜମିକୁ ତାଙ୍କ ନାମରେ କରି ନ ଥିଲେ। ଟଙ୍କା ମଧ ଫେରାଇ ନ ଥିଲେ। ଏନେଇ ଅଶ୍ୱିନୀ ୨୦୧୮ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୮୨/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଜାତୀୟ ରାଜପଥରେ ଗର୍ତ୍ତ

**ବାଲିଅନ୍ତା,୬ା୧(ଡି.ଏନ୍.ଏ.):** ୧୬ନଂ ଜାତୀୟ ରାଜପଥ ଭୁବନେଶ୍ୱର- କଟକ ରାସ୍ତାର ହାଇଟେକ ଛକ ନିକଟସ୍ଥ ଫ୍ଲାଏଓଭର ବ୍ରିଜ୍ ସମ୍ମୁଖ ରାସ୍ତାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଭୁବନେଶ୍ୱର ପଟ ରାସ୍ତାର ଡାହାଣ ପାର୍ଶ୍ୱରେ ଏକ ଗୋଲାକାର ଆକୃତିରେ ପିଚୁ ରାସ୍ତାଟି ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି।



ଭୁବନେଶ୍ୱର ଓ ପୁରୀ ଆଡୁ ଆସୁଥିବା ଗାଡ଼ିମୋଟର ଟିକେ ଅସାବଧାନ ହେଲେ ଏହି ଗର୍ତ୍ତ ଭିତରକୁ ଗଳି ପଡ଼ିବାର ସମ୍ଭାବନା ରହିଛି। ସୃଷ୍ଟ ଗର୍ତ୍ତ ପାଖରେ ଏକ ଖାଲ ହୋଇଛି। ରାସ୍ତା ଭିତର ଅଂଶ ଫମ୍ପା। ତୁରନ୍ତ ଏହାର ମରାମତି ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ, କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ଅଭିମୁଖେ ଯାଉଥିବା 'ଅଧିକାର ଯାତ୍ରା'।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର, ୬ା୧(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୫, ୬୧, ୫୧, ୬୪, ୪୯ ଅଞ୍ଚଳରେ ୭ କୋଟି ୫୦ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କରିଛନ୍ତି। ସେଥିରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଅର୍ବାନ ସ୍ମାର୍ଟ ରୋଡ ଯୋଜନାରେ ୱାର୍ଡ ନଂ.୫୫ର ନାଗେଶ୍ୱର ଟାଙ୍ଗୀ, ସୁଡ଼ା ଅଫିସ୍ ନିକଟ, ରବି ଟକିଜ୍ ରୋଡ, ବ୍ଲକ ଅଫିସ ପର୍ଯ୍ୟନ୍ତ ରାସ୍ତା ପାଇଁ ୧.୭୪ କୋଟି, ୱାର୍ଡ ନଂ.୫୧ ଶତାବ୍ଦୀ ନଗରର ସମସ୍ତ ଅଞ୍ଚଳ, ପ୍ରଶାନ୍ତି ବିହାରର ରାସ୍ତା ଓ ଡ୍ରେନ୍ ପାଇଁ ୧.୨୮ କୋଟି, ୱାର୍ଡ ନଂ.୪୯ର ଖଣ୍ଡଗିରି ବିହାର ରାସ୍ତା, କୋଳଥିଆ ଲକ୍ଷ୍ମୀପୂଜା ମଣ୍ଡପ ଏବଂ ଶ୍ମଶାନ ପାଖ ରାସ୍ତାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ୩.୧୪ କୋଟି, ୱାର୍ଡନଂ.୬୪ରେ ୭୭ଲକ୍ଷ ଟଙ୍କାରେ ଏକ ପୋଲ, ୱାର୍ଡ ନଂ.୬୧ର କ୍ରିଷ୍ଟିନ୍ ଗାର୍ଡେନ ଅଞ୍ଚଳର ରାସ୍ତାକୁ ଶିଳାନ୍ୟାସ କରିଥିଲେ। ସେହିପରି କାର୍‌ଗିଲ ବସ୍ତିରେ ଷ୍ଟ୍ରିଟ ଲାଇଟ୍ ଏବଂ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ କୋଳଥିଆ ସତ୍ୟସାଇ ଏନକ୍ଲେଭ୍ ୱେଲ୍‌ଫେୟାର ସୋସାଇଟିର ବରିଷ୍ଠ ନାଗରିକଙ୍କ ପାଇଁ ପାଠାଗାରକୁ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ।

## ବର୍ଷକରେ ୧୭୯ ଅଭିଯୋଗ, ୧୦୭ର ସମାଧାନ

ଭୁବନେଶ୍ୱର,୬ା୧(ବ୍ୟୁରୋ)

ପରିବାର, ସମାଜ ତଥା କାର୍ଯ୍ୟକ୍ଷେତ୍ରରେ ଶାରୀରିକ, ମାନସିକ ଓ ସାମାଜିକ ନିର୍ଯାତନା, ଘରୋଇ ହିଂସା, ଯୌନ ନିର୍ଯାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ୍ ଆକ୍ରମଣର ଶିକାର ପୀଡ଼ିତାଙ୍କୁ ସୁରକ୍ଷା ସହ ଉଚିତ୍ ପରାମର୍ଶ ଦେବା ପାଇଁ 'ମାଧମ' କାର୍ଯ୍ୟକ୍ରମ ଜାରି ରଖିଛି। ଭୁବନେଶ୍ୱର ଡିସିପି ଅଫିସରେ ୨୦୧୪ ସେପ୍ଟେମ୍ବର ୩ରେ ଖୋଲାଯାଇଥିବା 'ମାଧମ' ଦ୍ୱାରା

### ମହିଳା ସହଯୋଗ କେନ୍ଦ୍ର 'ମାଧମ'

୨୦୨୧ରେ ସମୁଦାୟ ୧୭୯ ଅଭିଯୋଗ ଆସିଛି। ସେଥିମଧ୍ୟରୁ ୧୦୭ ମାମଲାରେ ଆପୋସ ବୁଝାମଣା ମାଧମରେ ସମାଧାନ କରାଯାଇ ପାରିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଏହି କେନ୍ଦ୍ର ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ସହ ପୀଡିତା ମହିଳାଙ୍କୁ ସୁରକ୍ଷା ଯୋଗାଇବା ଲାଗି ଆବଶ୍ୟକ ସାହାଯ୍ୟ, ସହଯୋଗ, ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ପ୍ରଦାନ ଲାଗି ପ୍ରଚେଷ୍ଟା ଜାରି ରଖିଛି। ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସେମାନଙ୍କ ସମସ୍ୟାର ଆପୋସ ସମାଧାନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହି କେନ୍ଦ୍ର ବେଶ୍ ସଫଳତା ହାସଲ କରିଛି। 'ମାଧମ' ଦ୍ୱାରା ଅନେକ ପୀଡ଼ିତାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ମାଗଣା ତାଲିମ ନେବାର ବ୍ୟବସ୍ଥା କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ଦିନକ ଆଗରୁ ସରିଲା ଶିଶିର ସରସ ମେଳା

### ୧୦ଦିନରେ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର

ଭୁବନେଶ୍ୱର,୬ା୧(ବ୍ୟୁରୋ)

କରୋନା ସଂକ୍ରମଣ ହଠାତ ବଢ଼ିଯିବା ପରେ ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ୭ ତାରିଖରୁ ଏହା ଲାଗୁ ହେଉଥିବାରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଓର୍‌ମାସ ପକ୍ଷରୁ ଚାଲିଥିବା ଜାତୀୟ ସ୍ତରୀୟ ଶିଶିର ସରସ ମେଳାକୁ ଦିନକ ଆଗରୁ ଗୁରୁବାର ବନ୍ଦ କରିଦିଆଯାଇଛି। ଫଳରେ ବ୍ୟବସାୟୀମାନେ ୧୦ଦିନ ବେପାର କରିବାକୁ ସୁଯୋଗ ପାଇଥିବାବେଳେ ମୋଟ ୮.୦୮ କୋଟିର କାରବାର ହୋଇଥିବା ସୂଚନା ଦିଆଯାଇଛି।

ଗତ ୨ବର୍ଷ ଧରି ବନ୍ଦ ରହିଥିବା ଏହି ମେଳା ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଜାନୁୟାରୀ ୬ ଯାଏ ଚାଲିବାର ଥିଲା। ମେଳାରେ ମୋଟ ୩ଶହ ଷ୍ଟଲ୍ ଖୋଲିଥିଲା। ଦେଶର ପ୍ରାୟ ୨୨ ରାଜ୍ୟରୁ ଆସିଥିବା କାରିଗରଙ୍କ ସହ ଓଡ଼ିଶାର ସମସ୍ତ ଜିଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ଏଠାରେ ନିଜ ହାତତିଆରି ଜିନିଷ ବିକ୍ରିବଟା କରିଥିଲେ। ତେବେ ଗୁରୁବାର ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଏ.କେ.କେ. ମୀନା ଯୋଗଦେଇ ୯ଟି ବର୍ଗର ଶ୍ରେଷ୍ଠ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ କୁମାର, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ କୁମାର ମହାନ୍ତି, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଆର୍ଥିକ) ବନିତା ସେଠୀ ଏବଂ ଓର୍‌ମାସ ମାର୍କେଟିଂ ବିଭାଗ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜୟ କର ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କାରିଗରମାନେ।



### ନିରାଶ ହେଲେ, ଅସନ୍ତୋଷ ପ୍ରକାଶ କଲେ

ଦିନକ ଆଗରୁ ମେଳାକୁ ବନ୍ଦ କରାଯାଇଥିଲେ ମଧ୍ୟ ବୁଧବାରଠାରୁ ବେପାରକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ନେଇ ଗୁରୁବାର ଉଦ୍‌ଯାପନ ଉତ୍ସବ ଚାଲିଥିବାବେଳେ କେତେଜଣ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ବନ୍ଦ ନେଇ ପୂର୍ବରୁ କିଛି ସୂଚନା ପାଇ ନ ଥିବା ସେମାନେ କହିଛନ୍ତି। ରାୟଗଡ଼ାରୁ ଆସିଥିବା କାରିଗର ଗୋପୀନାଥ ସାହୁ କହିଛନ୍ତି, ଗୁରୁବାର ଦିନ ୧୦ଟାରେ ସୂଚନା ଦିଆଗଲା। ପୁଣି ଶେଷ ଦିନରେ ବେପାର ଭଲ ହୋଇଥା'ନ୍ତା। କରୋନା ପାଇଁ ଏଭଳି ବନ୍ଦ ନିଷ୍ପତ୍ତି ଭୁଲ ନ ହୋଇଥିଲେ ମଧ ଶେଷ ଦିନର ବିକ୍ରି ଆଶା ଆଶାରେ ରହିଗଲା।

ସେହିପରି ମେଳାର ଶେଷଆଡକୁ ଦାମ୍ କମିଥାଏ। ତେଣୁ ଅଧିକ ଗହଳି ହୋଇଥାଏ। ଗୁରୁବାର ମଧ କିଣାକିଣି ସହ ମେଳା ବୁଲିବାକୁ ବହୁ ଗ୍ରାହକ ଆସି ନିରାଶରେ ଫେରୁଥିବା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। କିଣାକିଣି କରିବାକୁ ଆସି ଗେଟ୍ ଆଗରୁ ଫେରୁଥିବା ହଂସପାଳ ବାସିନ୍ଦା ଭଗବତୀ ସ୍ୱାଇଁ କହିଛନ୍ତି, ବିନା ସୂଚନାରେ ମେଳା ବନ୍ଦ କରାଯାଇଥିବାରୁ ମୋ ଭଳି ଅନେକ ଲୋକ ଏଠାକୁ ଆସି ହଇରାଣ ହୋଇଛନ୍ତି।

ତେବେ ଏନେଇ ଓର୍‌ମାସ ମାର୍କେଟିଂ ବିଭାଗ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜୟ କର କହିଛନ୍ତି, ମେଳା ବନ୍ଦ ସମ୍ପର୍କରେ ଦିନକ ଆଗରୁ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇ ଦିଆଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପପୁ



@ ଅବନୀ



@ ପ୍ରଭାଶିଷ



@ବିଶ୍ୱରଞ୍ଜନ



@ ମନୀଷ



@ ଅରବିନ୍ଦ

## ଗୁରୁ ପରମ୍ପରା ଭାରତୀୟ ସଂସ୍କୃତିର ଅଭିନ୍ନ ଅଙ୍ଗ

**ଭୁବନେଶ୍ୱର,୬ା୧(ବ୍ୟୁରୋ):** ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ୨୩ତମ ଗୁରୁ ପ୍ରଣାମ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠାନର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ଗୁରୁ ପରମ୍ପରା ଭାରତୀୟ ସଂସ୍କୃତିର ଅଭିନ୍ନ ଅଙ୍ଗ। ନୂତନ ଯୁବପିଢିଙ୍କୁ ଭାରତୀୟ ସଂସ୍କୃତିରେ ଅନୁପ୍ରାଣିତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବାନନ୍ଦ ସରସ୍ୱତୀ କହିଲେ, ଆମ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ଥାନ ଦିଆଯାଇଛି। କିନ୍ତୁ ଆମେ ଆଜି ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାଉଛେ। ଏହା ଆମ ସମାଜ ପାଇଁ କ୍ଷତିକାରକ। ପରିବାରରେ ସଂସ୍କାର ହେଲେ ସମାଜ ପରିବର୍ତ୍ତନ ହେବ ବୋଲି ସ୍ୱାମିଜୀ ଆହ୍ୱାନ ଦେଇଥିଲେ। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପ୍ରଫେସର ହରେକୃଷ୍ଣ ଶତପଥୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ଓ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଗୁରୁବାର କଟକ ନଗର ଭାଜପା ଓବିସି ମୋର୍ଚ୍ଚା ତରଫରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।



ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଶାରଦା ଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଗୁରୁବାର ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।




ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ୨୩ତମ ଗୁରୁ ପ୍ରଣାମ ମହୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

**ମାର୍ଚ୍ଚ ୨୬ରେ ବାର୍ ଆସୋସିଏଶନ ନିର୍ବାଚନ**

କଟକ ଅଫିସ, ୬।୧: ୨୦୨୨-୨୦୨୩ ବର୍ଷ ପାଇଁ ଆସନ୍ତା ମାର୍ଚ୍ଚ ୨୬ରେ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ବାର୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହେବ। ଗୋଟିଏ ବାର୍ ଗୋଟିଏ ଭୋଟ ଆଧାରରେ ଏହି ନିର୍ବାଚନ ହେବ ବୋଲି ଗୁରୁବାର ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନୋଟିସ ପ୍ରକାଶ ପାଇଛି।

# କୋଭିଡ୍ ସମୀକ୍ଷା: ଘରୋଇ ହସ୍ପିଟାଲ ସାମିଲ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ସମ୍ଭାବ୍ୟ କୋଭିଡ୍‌ର ତୃତୀୟ ଲହର ମୁକାବିଲା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଜିଲା, ପୌରାଞ୍ଚଳ ଏବଂ ହସ୍ପିଟାଲସ୍ତରୀୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ବିଭିନ୍ନ ଜିଲାପାଳ, ମହାନଗର ନିଗମ କମିଶନର, ସରକାରୀ ଏବଂ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ ସମସ୍ତ ବେଡ୍, ଆଇସିୟୁ, ଆମ୍ବୁଲାନ୍ସ ଆଦି ପ୍ରସ୍ତୁତ କରିବା ସହ ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା ଦେବା ନିମନ୍ତେ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ ସହାୟକ ଷ୍ଟାଫ୍‌ମାନଙ୍କୁ ନିୟୋଜିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ଜିଲା, ପୌରାଞ୍ଚଳ ସମେତ ରାଜ୍ୟ ସ୍ତରରେ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ରାପିଡ୍ ରେସ୍‌ପନ୍ସ ଟିମ୍, କଲ୍ ସେଣ୍ଟର, ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ଆଦି ଠିକ୍ ଭାବେ ନିୟୋଜିତ କରିବାକୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ଟେଷ୍ଟିଂ, ଟ୍ରାକିଂ ଏବଂ ଟ୍ରିଟ୍‌ମେଣ୍ଟ ନିମନ୍ତେ ସମୁଦାୟ ବ୍ୟବସ୍ଥାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ସମସ୍ତ ଘରୋଇ ହସ୍ପିଟାଲ, ସରକାରୀ ଓ ବେସରକାରୀ ନିଗମ ଏବଂ ପୌରାଞ୍ଚଳଗୁଡ଼ିକ ମଧ୍ୟରେ ସମନ୍ୱିତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ

## ନିଷ୍ଟାର ସହ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ

ଗାଇଡ୍‌ଲାଇନ ପଠାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନାରେ ସମ୍, କିମ୍ସ, ହାଇଟେକ୍, ଆଦିତ୍ୟ-ଅଶ୍ୱିନୀ ଆଦି ହସ୍ପିଟାଲର ବରିଷ୍ଠ ପ୍ରତିନିଧିମାନେ ଯୋଗଦେଇ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ କେଉଁ କେଉଁ ସ୍ଥାନରେ ତୁରନ୍ତ ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇପାରିବ ସେମାନେ ତାହା ଜଣାଇଥିଲେ। ଆଲୋଚନାରୁ ଜଣାପଡ଼ିଥିଲା ଯେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଅନୁଗୋଳ, ତାଳଚେର, ପୁରୀ, ଗଞ୍ଜାମ, ସମ୍ବଲପୁର, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ବାରିପଦା, ବଲାଙ୍ଗୀର, କନ୍ଧମାଳ, ରାଉରକେଲା, ଗଜପତି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କାର୍ଯ୍ୟ କରିବ। ଏହାଛଡ଼ା ସମସ୍ତ ସରକାରୀ ହସ୍ପିଟାଲରେ କୋଭିଡ୍ ଚିକିତ୍ସାର ବ୍ୟବସ୍ଥା ରହିବ। ଆକ୍ରାନ୍ତମାନଙ୍କୁ ସରକାରୀ ଖର୍ଚ୍ଚରେ ପରୀକ୍ଷା, ଆମ୍ବୁଲାନ୍ସ ସେବା ଓ ଚିକିତ୍ସା ଆଦି ଯୋଗାଇ ଦିଆଯିବ । ଏଥିପାଇଁ ରୋଗୀମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଥିଲେ, କୋଭିଡ୍‌ର ୨ୟ ଲହରରେ ସମୁଦାୟ ୫୫ ସ୍ୱତନ୍ତ୍ର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଥିଲା । ଏହାଛଡ଼ା ସରକାରୀ ହସ୍ପିଟାଲଗୁଡ଼ିକରେ କୋଭିଡ୍ ଚିକିତ୍ସାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଦ୍ୱିତୀୟ ଲହର ସମୟରେ ଅସ୍ଥାୟୀ ମେଡିକାଲ କେନ୍ଦ୍ର, କୋଭିଡ୍ କେୟାର କେନ୍ଦ୍ର, ସ୍ୱତନ୍ତ୍ର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଆଦିରେ ପ୍ରାୟ ୯୪,୦୦୦ ବେଡ୍ ପ୍ରସ୍ତୁତ କରାଯାଇଥିଲା। ଆଇସିୟୁ ଏବଂ ଏଚ୍‌ଡିୟୁଗୁଡ଼ିକରେ ପ୍ରାୟ ୩୫୦୦ ବେଡ୍ ପ୍ରସ୍ତୁତ କରାଯାଇଥିବା ବେଳେ ୧୧୦୨ଟି ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରାଯାଇଥିଲା।

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପୌର ପରିଷଦ କମିଶନର ଓ ଜିଲାପାଳମାନେ ବାସ୍ତବ ସ୍ଥିତି ଏବଂ କୋଭିଡ୍ ପ୍ରସ୍ତୁତି ସମ୍ବନ୍ଧରେ ଜଣାଇଥିଲେ।

# ଚୌରାସିଆ ସମାଜର ଏକତା ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୬।୧**

ଜାତିର ହିତ ଓ ସମାଜର ମଙ୍ଗଳ ପାଇଁ ଆଗଭର ହେବା ସହ ନିଜ ଅଧିକାରକୁ ଠିକ୍ ଭାବେ ହାସଲ କରିବା ପାଇଁ ସିକ୍କିମ ରାଜ୍ୟପାଳ ଗଙ୍ଗାପ୍ରସାଦ ଚୌରାସିଆ କହିଛନ୍ତି। ଚୌରାସିଆ ସମାଜ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ଜରିଆରେ ଯୋଗଦେଇ ଗଙ୍ଗାପ୍ରସାଦ ଉତ୍ତର ପ୍ରଦେଶର ଚୌରାସିଆ ସମାଜର ସବୁ ବର୍ଗର ନେତା ଓ ଭାଇମାନଙ୍କୁ ଏକତାର ବାର୍ତ୍ତା ଦେଇଥିଲେ। ଚୌରାସିଆ ସମାଜର ବିକାଶ ପାଇଁ ସମସ୍ତଙ୍କୁ ଏକତାର ଆହ୍ୱାନ ସହ ଜାତିର ସମ୍ମାନ ପାଇଁ ଗୋଟିଏ ବ୍ୟାନର ତଳେ ଏକ ହୋଇ ସମସ୍ତ ଜାତିଭାଇଙ୍କୁ ସ୍ୱର ଉତ୍ତୋଳନ କରିବାକୁ ଗଙ୍ଗାପ୍ରସାଦ ଆହ୍ୱାନ କରିଛନ୍ତି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଦିଲ୍ଲୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସଞ୍ଜୀୟ ଚୌରାସିଆଙ୍କ ସମେତ ଅଖିଳ ଭାରତୀୟ ଚୌରାସିଆ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ, ଆନନ୍ଦ କୁମାର ଚୌରାସିଆ ଏବଂ ଆଦର୍ଶ ଚୌରାସିଆ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ, ରମେଶ ଲଖୁ ଲାଲ ଚୌରାସିଆ, ଦିଘା ପାଟନାର ବିଧାୟକ ତଥା ରାଷ୍ଟ୍ରୀୟ ମହାମନ୍ତ୍ରୀ ରମେଶ ଚୌରାସିଆ, ଗାୱାଲିଅର ନୋଏଡାରୁ ଟି.ଏନ୍. ଚୌରାସିଆ, ଗୋରାଖପୁରର ଚିରଞ୍ଜୀବ ଚୌରାସିଆ,ବନାରସ ଅଶୋକ ଚୌରାସିଆ,ଜବଲପୁର ଶୈଳେଶ ଚୌରାସିଆ,ଅଶୋକ ଚୌରାସିଆ ଏବଂ ଲକ୍ଷ୍ନୌର ରାଜ୍ୟ ସଭାପତି ଋଷି ଚୌରାସିଆ ପ୍ରମୁଖ ଉପସ୍ଥିତ ଥିଲେ।



ଚୌରାସିଆ ସମାଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଭର୍ଚୁଆଲ ଜରିଆରେ ଯୋଗଦେଇଛନ୍ତି।

ଜାତୀୟ ସ୍ୱାର୍ଥରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଏବଂ ସମାଜକୁ ଦୃଢ ଭାବେ ଆଗକୁ ନେବା ପାଇଁ ସଞ୍ଜୀବ ଚୌରାସିଆ ଉପସ୍ଥିତ ଅତିଥି ଓ ଚୌରାସିଆ ସମାଜକୁ ଆଶ୍ୱାସନା ଦେଇ କହିଥିଲେ ଚୌରାସିଆ ସମାଜର ଚେତନା ଓ ସାମାଜିକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଆମ ସମସ୍ତଙ୍କୁ ଆଗକୁ ବଢିବା ସହ ଜାତିଭାଇମାନେ କିପରି ସର୍ବାଧିକ ଲାଭ ଉଠାଇପାରିବେ। ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଚୌରାସିଆ ସମାଜର ବିକାଶ ପାଇଁ ଆମେ ଏକଜୁଟ ହେବା ଉଚିତ ଏବଂ ବାଳକ ଓ ବାଳିକା ଶିକ୍ଷା ଉପରେ ଆମ ସମାଜ ଓ ସରକାର ଅଧିକ ଧ୍ୟାନ ଦେବା ଉଚିତ ବୋଲି ଆନନ୍ଦ କହିଛନ୍ତି। ଏହି ଭର୍ଚୁଆଲ ସମ୍ମିଳନୀରେ ଉତ୍ତରପ୍ରଦେଶ ଚୌରାସିଆ ସମାଜର ସବୁ ବର୍ଗର ଲୋକ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମ ସାମଜର ଲୋକ ଆଗକୁ ବଢ଼ିଲେ, ଆମର ବିକାଶ ହୋଇପାରିବ ବୋଲି ଭର୍ଚୁଆଲରେ ମତପ୍ରକାଶ ପାଇଥିଲା। ଏହି ସମ୍ମିଳନୀକୁ ସଫଳ କରିଥିବାରୁ ଉତ୍ତରପ୍ରଦେଶର ସମସ୍ତ କାର୍ଯ୍ୟକର୍ତ୍ତା ଓ ଜିଲା ସଭାପତି ତଥା ସମାଜର ସଦସ୍ୟମାନଙ୍କୁ ଋଷି ଚୌରାସିଆ ଧନ୍ୟବାଦ ଜଣାଇଥିଲେ।

# ‘ନୋବେଲ ପୁସ୍ତକ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ’

ଭୁବନେଶ୍ୱର, ୬।୧: ୨୦୨୦ ବର୍ଷର ନୋବେଲ ବିଜେତାଙ୍କ କୃତି ଓ ଜୀବନୀ ଉପରେ ଆଧାରିତ ପୁସ୍ତକ ‘ନୋବେଲ-୨୦୨୦’ ଗୁରୁବାର ଉନ୍ମୋଚିତ ହୋଇଛି। ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାକୁ ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷାରେ ପ୍ରକାଶିତ ଏହି ପୁସ୍ତକରୁ ୨୦୨୦ର ସମସ୍ତ ନୋବେଲ ବିଜେତାଙ୍କ ବିଷୟରେ ସୂଚନା ମିଳିପାରିବ। ପ୍ରତିବର୍ଷ ଓଡ଼ିଆ ପାଠକଙ୍କୁ ଏପରି ଏକ ପୁସ୍ତକ ଭେଟିଦେବାର ନୂଆ ପରମ୍ପରା ସୃଷ୍ଟି କରିବାକୁ ଏହାର ସମ୍ପାଦନାମଣ୍ଡଳୀ ଲକ୍ଷ୍ୟ ରଖିଛି। ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ ବୋଲି ଉନ୍ମୋଚନ ଅବସରରେ ରାଜ୍ୟପାଳ କହିଛନ୍ତି। ଏମ୍‌ସ୍‌ର ଡାକ୍ତର ତଥା ପୁସ୍ତକର ଅନ୍ୟତମ ସମ୍ପାଦକ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ, ଆଇଏମ୍‌ଏମ୍‌ଟିର ବୈଜ୍ଞାନିକ ଡ. ବିକାଶ କୁମାର ଜେନା ଏବଂ ‘ଧରିତ୍ରୀ’ର ଉପବାର୍ତ୍ତା ସମ୍ପାଦକ ତଥା ଲେଖକ ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ।



ନୋବେଲ-୨୦୨୦ ପୁସ୍ତକ ଉନ୍ମୋଚନ ଅବସରରେ (ବାମରୁ) ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର କୁମାର ନାୟକ, ଡ. ବିକାଶ କୁମାର ଜେନା ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

## ରେଙ୍ଗାଲି ଡ୍ୟାମ୍‌ରୁ ମିଳିଲା ମୃତ ହାତୀ ଶାବକ

ଦେବଗଡ଼,୬।୧(ଡି.ଏନ.ଏ): ଦେବଗଡ ବନଖଣ୍ଡ ବାରକୋଟ ଫରେଷ୍ଟ ରେଞ୍ଜ୍ ଓ ବଳମ ସେକ୍ସନ ଅନ୍ତର୍ଗତ ମୂଷାବରି ଗ୍ରାମ ନିକଟ ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରରୁ ଗୁରୁବାର ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ହାତୀ ଶାବକର ମୃତଦେହ ଡ୍ୟାମ୍‌ରେ ଭାସୁଥିବା କେତେକ ଗ୍ରାମବାସୀ ଦେଖିବା ପରେ ଏ ନେଇ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## କଟକରେ ୨୪ ଘଣ୍ଟିଆ ...

ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ସତର୍କ କରି କୋଭିଡ୍ ନିୟମ ମାନିବା ପାଇଁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କଟକ ସହରର ବିକାଶ ପାଇଁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି ଏବଂ ସବୁ କାର୍ଯ୍ୟକ୍ରମ ପାଇଁ ତୁରନ୍ତ ବ୍ୟବସ୍ଥା କରିଆସିଛନ୍ତି । ୨୦୨୨ରେ କଟକରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଲୋକାର୍ପିତ ହେବ ଏବଂ କଟକ ସହରର ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ ସ୍ୱାଗତ ଭାଷଣ ଏବଂ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ବିଧାୟକ ଚନ୍ଦ୍ରସାରଥି ବେହେରା, ବିଧାୟକ ସୌଭିକ ବିଶ୍ୱାଳ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଜିଲାପାଳ ଭବାନୀ ଶଙ୍କର ଚୟନି, ମହାନଗର ନିଗମର ପ୍ରଶାସକ ଅନିଲ ସାମଲ, ୱାଟ୍‌କୋ ମୁଖ୍ୟ ନିର୍ବାହୀ ଅଧିକାରୀ ପି. କେ. ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରକଳ୍ପ ବିରୋଧରେ ...

ବୋଲି କହିଥିଲେ। ପ୍ରତିନିଧି ଦଳରେ ଗାନ୍ଧିବାଦୀ ନେତା କ୍ରିଷ୍ଣା ମହାନ୍ତି, ସୁରେଶ ପାଣିଗ୍ରାହୀ, କ୍ଷୀରୋଦ ସିଂହଦେଓ, ପ୍ରଫୁଲ୍ଲ ସାମନ୍ତରା, ମହେନ୍ଦ୍ର ପରିଡା, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶ୍ରୀକାନ୍ତ ମହାନ୍ତି, ପ୍ରମିଳା ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଅପରପକ୍ଷେ ପ୍ରକଳ୍ପ ନିମନ୍ତେ ଏପର୍ଯ୍ୟନ୍ତ ୩ ଗାଁର ୧୬୭ ଜଣଙ୍କ ୧୯୨ଟି ପାନ ବରଜ ସହମତି ଭିତ୍ତିରେ ମାପଚୁପ କରାଯାଇଥିବାବେଳେ ୧୧୮ଟି ଅଧିଗ୍ରହଣ କରାଯାଇଥିବା ପ୍ରଶାସନ ସୂତ୍ରରୁ ପ୍ରକାଶ। ଏ ବାବଦରେ ୫୩ ଜଣଙ୍କୁ ୧ କୋଟି ୪୧ ଲକ୍ଷ, ୯୨ ହଜାର ୭୪୯ ଟଙ୍କା କ୍ଷତିପୂରଣ ଦିଆଯାଇଛି।


# PANCHAYAT SAMITI
## CHITRAKONDA, DIST.- MALKANGIRI
**TENDER CALL NOTICE No. 01/2022-23**
**Dated: 06.01.2022**

Sealed tenders are invited from eligible contractors for the Tender Notice No. 01 dated 06.01.2022.

The details of tender advertisement along with name of the project list and terms and conditions are available in the official website **http://www.malkangiri.nic.in**. Last date of submission of tender paper is 28th January. The authority reserves the right to reject any or all tenders without assigning any reason thereof.

**Sd./- Block Development Officer**
**Chitrakonda**

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER,**
**PUBLIC HEALTH CIRCLE, SAMBALPUR, ODISHA**
E-mail id:- sephsbp@yahoo.in / sephsbp@gmail.com
NATIONAL COMPETITIVE BIDDING THROUGH e-Procurement
**Bid Identification No – ACEPHSBP- 01 /2021-22 Dt. 27.12.2021**

No. C-1822:-

| | | |
|---|---|---|
| 01. Number of Work | : | 05 Nos. |
| 02. Type of Bid | : | Two Bid system |
| 03. Estimated Cost | : | Rs.179.83 lakh to Rs.417.78 lakh |
| 04. Period of Completion | : | 6 (Six) Calendar Months to 9 (Nine) Calendar Months |
| 05. Class of Contractor | : | 'B' 'A' & 'Special' Class. |
| 06. Date & time of availability of bid document in the portal | : | From 11.00 hrs. of Dt.07.01.2022 to 17.00 hrs. of 21.01.2022 |
| 07. Last date/time of seeking clarification | : | 17.00 hrs. of 13.01.2022 |
| 08. Last date / time of receipt of bids in the portal | : | 17.00 hrs. of 21.01.2022 |
| 09. Date & Time of opening of Technical bids | : | At 11.30 hrs. of 24.01.2022 |
| 10. Name and Address of the Officer Inviting Bid | : | Additional Chief Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001 |

Further details can be seen from the e-Procurement portal "**http://www.tendersorissa.gov.in**"
**Sd./- Additional Chief Engineer,**
**P.H. Circle, Sambalpur**
OIPR-13018/11/0002/2122

**OFFICE OF THE**
# NOTIFIED AREA COUNCIL, BOUDHGARH
No. C-1807
**"e" Procurement Notice**
**Tender Call Notice No. 65/NAC/7/2021-22** **Date: 05.01.2022**

| | | |
|---|---|---|
| 1. Name of Work | : | Civil works as mentioned in website. |
| 2. No. of Wroks | : | 1 No. of Electric Works |
| 3. Bid Value | : | Rs.860719/- |
| 4. Date and time of availability, received of the bid documents in the portal | : | From 10.00 A.M. of Dt.06.01.2022 to Dt.13.01.2022 upto 5.00 P.M. only. |
| 5. Bids received online shall be: Opened on | | Dt.14.01.2022 at 11.00 A.M. |
| 6. Submission of Original documents | : | On or before 10.00 A.M. of Dt.14.01.2022 |
| 7. Name & address of the Officer Inviting Bid | : | Executive Officer, Boudhgarh NAC |

For further details can be seen from the procurement portal: **www.tendersorissa.gov.in.**
**Sd./- Executive Officer**
**Boudhgarh NAC**
**OIPR-13155/11/0020/2122**

# N.A.C. OFFICE, CHAMPUA
**Ph. No. 06767-240050, E-mail: champuanac@gmail.com**
**"e" PROCUREMENT NOTICE**
**No. 43** **Date: 05.01.2022**
**BID IDENTIFICATION No. EOCHAMPUANAC No. 38/2021-22**

No. C-1808: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

| | | |
|---|---|---|
| 1. Nautre of the Work | : | Civil |
| 2. No. of works | : | 09 Nos. |
| 3. Estiamted Cost | : | As per DTCN |
| 4. Period of Completion | : | As per DTCN |
| 5. Date & time of availability of the bid documents in the portal | : | 07.01.22 at 11.00 A.M. to 17.01.22 upto 5.00 P.M. |
| 6. Last date/time for receipt of bids in the portal | : | 17.01.22 upto 5.00 P.M. |
| 7. Last date and time of submission of hard copies of the documents original by Speed Post/Registered Post | : | 19.01.22 upto 5.00 P.M. |
| 8. Bids received online shall be opened on | : | 20.01.22 at 11.00 A.M. |
| 9. Name & address of the Officer Inviting Bid | : | Executive Officer, Champua NAC |

Further the details can be seen from the procurement portal: **www.tendersodisha.gov.in**.
**Sd./- Executive Officer, N.A.C., Champua**
**OIPR-13157/11/0014/2122**

**OFFICE OF THE**
# NOTIFIED AREA COUNCIL, DIGAPAHANDI (GANJAM)
**L. No. 23/2022/NAC** **Dated: 05.01.2022**
**QUOTATION CALL NOTICE**

No. C-1810: Sealed tenders are invited from registered authorized intending firms/agencies/sculptors having adequate knowledge for supplying and installation of following beautification works items to Digapahandi NAC.

The rate should be quoted excluding to taxes. The quotationers are essentially required to enclose their GST Registration Certificate, PAN Card, Warranty/Guarranty Certificate. The quotationer shall be required to produce the original copy of the required documents before the undersigned at the time of opening of quotation for verification.

The quotation papers are available in the Office of the undersigned during the office hour from 10 A.M. to 5 P.M. from Dtd.05.01.2022 to 13.01.2022 in the office hour except holiday. The quotation schedule should reach the undersigned on or before Dtd.13.01.2022 by 11.00 A.M. and it will be opened on the same day by 4.00 P.M. in presence of quotationers or their authorized dealers. The same items should be delivered and installed by the Agency/Firm with their own cost in NAC, Digapahandi. The authority reserves the right to accept or reject any or all the quotation without assigning any reason thereof.

| Sl. No. | Features | Description of Item Details | Tender Paper Cost |
|---|---|---|---|
| 1 | Jodi Sankha and Ranapa Dance Sculpture Beautification Work | 1. 5 Nos. of Statue 2. Height - 6 Feet, Frame - G.I. Pipe, Rod, Anglers with proper fiber welding 3. Thickness - 450mm industrial ISO quality Mat, 3 layers 4. Shiny dust free Ducco Weather Proof Paint 5. 8 Nos. of flood AC Light, 3 Nos. of Tree Light, Panel Board, Timer, Wiring included | 2240/- |
| 2 | Unity is Strength | 1. 4 Nos. of Statue and 1 No. of rock 2. Labour Height - 6 Feet, Rock Length 8-10 Feet, Frame - G.I. Pipe, Rod, Anglers with Proper fiber welding 3. Thickness - 450mm industrial ISO quality Mat, 3 layers 4. Shiny Dust Free Ducco Weather Proof Paint 5. Electrification of various lights as required - 50w Multicolour flood light - 8 Nos. | 2240/- |
| 3 | Local Folk Dance Ladies | 1. Two Nos. of Statues, Size - 6 ft., Frame galvanized iron pipe, rod and angler with proper fiber welding 2. Thickness - 450mm industrial ISO quality, Mat layers. 3. 50w AC multi colour flood light - 4 Nos. 4. Transportation, Installation, All Civil Materials etc. are made by agency also | 672/- |
| 4 | I Love Digapahandi | 1. Size: Each Letter comprise of 4 Feet Height, Width - 3 Feet, Depth - 0.5 Feet Length, Thickness - 450mm industrial ISO UV Mat, Frame - GI Angler, Paint - Shiny Dust Free Ducco Paint 2. Morden FRP Planter - Two Nos. of FRP Planter at both ends of the Letter, Size - Height - 2.5 Feet, Frame - GI (Single Phase AC Motor, Panel Board, Wiring and Labour included) 3. Electrification - 50w AC Multi Colour Water Proof Flood Light - 14 Nos., Cable - 30 mtr. (Wiring, Installation, Light Stand, Panal Box, Labour Included) 4. Transpotation Free, Installation Free and Labour & Materials are made by agency. | 4480/- |

**Sd./- Executive Officer, N.A.C., Digapahandi**
**OIPR-13117/11/0003/2122**

# OFFICE OF THE EXECUTIVE ENGINEER, RWS&S DIVISION, KENDRAPARA
**At: Icchapur, Post: Shree Baladevjew, Email: eerwsskendrapara@gmail.com**
**Identification No. RWS/89/2021-2022**
**Letter No.133/Dated 05.01.22**
**2nd Corrigendum**

No.O-1654:- This corrigendum has been made for the NIT-89 invited online vide this office letter No.7629/ Dated 22.12.2021 modified vide 1st corrigendum as date for selling, closing, clarification and opening of the NIT-89 which was on dt.06.01.2022 (selling date), 20.01.2022 (closing date), 10.01.2022 (clarification date), 21.01.2022 (opening date) to be read as **17.01.2022, 02.02.2022, 20.01.2022 and 03.02.2022 respectively** due to unavoidable circumstances and there shall be no EMD to be deposited online due to extend of EMD relaxation by the Govt. till 31.03.2022. All other terms and condition remain unaltered.
OIPR-25004/11/0037/2122 **Sd./- Executive Engineer, RWS&S Division, Kendrapara**

**E-mail: pwdoffngd34@gmail.com**
## 1st Corrigendum to bid Identification No. Superintending Engineer, (R&B) Division, Nayagarh 7/2021-22
**Tender Reference: Superintending Engineer, (R&B) Division, Nayagarh 7/2021-22**

No.B-973:-
The Bid availability period, date of opening of the tenders have been modified as follows:-

| Sl. No. | Existing bid availability period | Revised bid availability period | Existing date of bid opening | Revised date of bid opening |
|---|---|---|---|---|
| 1 | 10.00 A.M. of 28.12.2021 5.00 P.M. of 10.01.2022 | 10.00 A.M. of 07.01.2022 5.00 P.M. of 18.01.2022 | 11.00 A.M. of 11.01.2022 | 11.00 A.M. of 19.01.2022 |

Other terms & conditions remain unchanged.
**Sd./- Superintending Engineer, Nayagarh (R&B) Division, Nayagarh**
OIPR-34138/11/0016/2122

# ODISHA LIFT IRRIGATION CORPORATION LIMITED
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
**e-Mail: eeolicdivn.bbsr@ymail.com, Tel. 0674-2391847**
**e-Procurement Notice**
**Bid Identificatin No. 57/ 2021-22 Dt. 03.01.2022**

No. CAD-2716:- The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for installation & Energisation of Community Lift Irrigation Projects in Puri district under PLAN FUND 2022-23 in TURNKEY BASIS as mentioned below from the reputed Contractors / Firms having valid Civil licence as mentioned JV with HT licence issued by E.L.B.O., Odisha and experience in similar nature of work.

1. Details of works:-

| Pkg. No. | Name of the Block | Name of the LI Projects | Estimated value of tender (In Rs.) | EMD to be deposited (In Rs.) | Cost of tender paper (In Rs.) | Class of contractor | Completion period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kanas | Badas-IV | 1539657 | 1539657 | 6000/- + 5% GST on reverse charge basis GST No. 21AAACO5986G1ZF of OLIC | Civil C with HT licence | 90 days |

1. Date & time of publishing: 07.01.2022 at 10.00 A.M. 2. Date of seeking clarification: 07.01.2022 to 17.01.2022 upto 5.00 P.M. 3. Last date of bid in portal: 18.01.2022 at 05.00 P.M. 4. Opening date & time: 19.01.2022 at 11.00 A.M.
The details of tender are available in the Government tender website i.e. **www.tendersorissa.gov.in** and other related documents are available in the DTCN for bidding. Any addendum / corrigendum / cancellation of tender will be available in the said website.
OIPR-32155/11/0016/2122 **Sd.- Executive Engineer, L.I. Division, Bhubaneswar**

# ODISHA LIFT IRRIGATION CORPORATION LTD.
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION PARALAKHEMUNDI**
**E-mail: www.eeolicpkd@gmail.com, Contact No.- 06815-222282**
**'E'-Procurement Notice**
**BID IDENTIFICATION NO. OLIC-PKD-03/2021-22 Dt.03.01.2022**

No.CAD-2706:- The Executive Engineer, Lift Irrigation Division, Paralakhemundi on behalf of Odisha Lift Irrigation Corporation Limited, Bhubaneswar invites Percentagewise Rate bids in online mode for Revival, Installation & Energisation of Lift Irrigation Projects on turnkey basis from reputed contractors / firms having both valid civil and H.T. licence holders registered within the State issued by PWD/PHED/ RWSS/Irrigation/Rural Works of required class and valid HT licence issued by E.L.B.O., Odisha with experience in similar nature of work of erection of 11 KV line, L.T. line & commissioning of electrical substation for power supply to Community Lift Irrigation Projects along with installation of pump set, starter and its energisation including laying of pipe line & construction of all structures with all materials. Contractors / firms having civil licence can also participate in the above tender making joint venture with valid HT licence holders and vice-versa. Proofs of registration from the appropriate authorities are to be enclosed along with the bid / bids. The details are available in the Government tender website i.e. www.tendersorissa.gov.in.

| | | |
|---|---|---|
| 1. Total No. of Packages | : | 4 Nos. |
| 2. Approximate estimate cost | : | Rs.12.977 lakhs to 13.063 lakhs |
| 3. Tender cost | : | As per DTCN |
| 4. Class for contractor | : | As per DTCN |
| 5. Date & time of publication | : | Dt.07.01.2022 (10.00 A.M.) to 15.01.2022 (5.30 P.M.) |
| 6. Date & time of closing | : | Dt.15.01.2022 (5.30 P.M.) |
| 7. Date & time of opening of bid | : | Dt.17.01.2022 (3.00 P.M.) |
| 8. The bidders have to participate in Online bidding only. | | |

Further details can be seen from the website www.tendersorissa.gov.in Addendum/ corrigendum / cancellation of tender, if any can be seen in the said website.
**Sd./- Executive Engineer, L.I. Division, Paralakhemundi**
OIPR-32348/11/0006/2122



ଅଶୋକ ମହାନ୍ତି

# ପ୍ରସିଦ୍ଧ କ୍ରୀଡ଼ାବିତ୍‌ରୁ ସଫଳ ରାଜନେତା

**ତାରକା କ୍ରୀଡ଼ାବିତ୍‌ମାନେ ରାଜନୀତିରେ ଯୋଗ ଦେଇ ସଫଳତା ହାସଲ କରିବା ନୂଆ କଥା ନୁହେଁ। ସାରା ବିଶ୍ୱରେ ଏହାର ଜ୍ୱଳନ୍ତ ଉଦାହରଣ ବହୁ ପୂର୍ବରୁ ରହିଆସିଛି। କେତେଜଣ ପ୍ରସିଦ୍ଧ କ୍ରୀଡ଼ାବିତ୍ ପରବର୍ତ୍ତୀ ସମୟରେ ସଫଳ ରାଜନେତା ହୋଇପାରିଛନ୍ତି। ଅନ୍ତର୍ଜାତୀୟସ୍ତରରେ ବେଶ୍ ସଫଳତା ଅର୍ଜନ କରିଥିବା ଏକାଧିକ କ୍ରୀଡ଼ାବିତ୍ ରାଜନୀତିରେ ଯୋଗଦେଇ ସାଂସଦ, ବିଧାୟକ, ଏପରିକି ରାଷ୍ଟ୍ରମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି...**

(ଭାଗ-୧)

କ୍ରୀଡ଼ା ଓ ରାଜନୀତି ଉଭୟ କ୍ଷେତ୍ରରେ ସଫଳତା ପାଇଁ ଜନସାଧାରଣଙ୍କ ଶ୍ରଦ୍ଧା, ସମ୍ମାନ ଏବଂ ସ୍ୱୀକୃତି ନିତାନ୍ତ ଆବଶ୍ୟକ ହୋଇଥାଏ। ସର୍ବୋଚ୍ଚ ସ୍ତରରେ ସଫଳ କ୍ରୀଡ଼ାବିତ୍‌ମାନେ ସେମାନଙ୍କର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ ଜରିଆରେ ଲୋକ ସମ୍ପର୍କର ମାନସପଟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାନ୍ତି। ଏପରି କି ଲୋକପ୍ରିୟତା କ୍ଷେତ୍ରରେ ଚଳଚ୍ଚିତ୍ର ତାରକା ଓ ରାଜନେତାମାନଙ୍କୁ ପଛରେ ପକେଇ ଦେବାର ବହୁ ଉଦାହରଣ ରହିଛି। ପର୍ତ୍ତୁଗିଜ ଫୁଟବଲ ତାରକା ଖ୍ରୀଷ୍ଟିଆନୋ ରୋନାଲ୍ଡୋଙ୍କୁ ବିଶ୍ୱର ସର୍ବାଧିକ ପ୍ରାୟ ୩୫ କୋଟି ପ୍ରଶଂସକ ଇନ୍‌ଷ୍ଟାଗ୍ରାମରେ ଫଲୋ କରିଥାନ୍ତି। ଟ୍ୱିଟରରେ ତାଙ୍କର ୧୦କୋଟି ପ୍ରଶଂସକ ରହିଥିଲାବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରାୟ ୭.୨ କୋଟି ପ୍ରଶଂସକ (ଭାରତରେ ସର୍ବାଧିକ) ରହିଛନ୍ତି। ବିଶେଷ ଭାବେ ଲୋକପ୍ରିୟ କ୍ରୀଡ଼ା ଫୁଟବଲ, କ୍ରିକେଟ, ବାସ୍କେଟବଲ ଏବଂ ଟେନିସରେ କ୍ରୀଡ଼ାବିତ୍‌ମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ସେମାନଙ୍କର ଅଜସ୍ର ପ୍ରଶଂସକ ସୃଷ୍ଟି ହୋଇଥାନ୍ତି।

କ୍ରୀଡ଼ାବିତ୍‌ମାନଙ୍କର ଏହି ଲୋକପ୍ରିୟତାକୁ ଆଧାର କରି ଅନେକ ସମୟରେ ରାଜନୈତିକ ଦଳମାନେ ସେମାନଙ୍କୁ ତାଙ୍କ ଦଳରେ ସାମିଲ କରିଥାନ୍ତି ଏବଂ ଅନେକ କ୍ରୀଡ଼ାବିତ୍ ସେମାନଙ୍କର ପ୍ରତିଯୋଗିତାମୂଳକ କ୍ରୀଡ଼ା ଜୀବନ ସମାପ୍ତ ହେଲା ପରେ ରାଜନୀତିରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତାର ଶୀର୍ଷରେ ପହଞ୍ଚିଥିବା ଏକାଧିକ କ୍ରୀଡ଼ାବିତ୍ ରାଜନୀତିରେ ଯୋଗଦେଇ ରାଷ୍ଟ୍ରମୁଖ୍ୟ, ସାଂସଦ ଏବଂ ବିଧାୟକ ହେବାର ଅନେକ ନଜିର ରହିଛି। ବିଶ୍ୱସ୍ତରରେ ଏବଂ ଜାତୀୟ ସ୍ତରରେ ଏହିପରି କିଛି ପ୍ରସିଦ୍ଧ କ୍ରୀଡ଼ାବିତ୍ ପରବର୍ତ୍ତୀ ସମୟରେ ସଫଳ ରାଜନେତା ହୋଇଛନ୍ତି। ସେଭଳି ବ୍ୟକ୍ତିତ୍ୱଙ୍କୁ ନେଇ ପ୍ରସ୍ତୁତ ହୋଇଛି ଏହି ଆଲେଖ୍ୟ।

**୧) ଜର୍ଜ ଉଇଓ୍ୱା (Goerge Weah) ଲାଇବେରିଆ, ଜନ୍ମ-୧, ଅକ୍ଟୋବର ୧୯୬୬ (ଫୁଟବଲ ଖେଳାଳିରୁ ରାଷ୍ଟ୍ରପତି)**

ଆଫ୍ରିକୀୟ ଦେଶ ଲାଇବେରିଆରେ ଜନ୍ମିତ ଜର୍ଜ ଉଇଓ୍ୱା ବିଶ୍ୱର ଜଣେ ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ୧୮ ବର୍ଷ ଧରି (୧୯୯୫ରୁ ୨୦୦୩) ୟୁରୋପର ପ୍ରସିଦ୍ଧ ଫୁଟବଲ କ୍ଲବ ଏସି ମିଲାନ, ଚେଲସି, ମାଞ୍ଚେଷ୍ଟର ସିଟିରେ ଜଣେ ଆଗଧାଡ଼ିର ଷ୍ଟ୍ରାଇକର ଭାବେ ଖେଳିବା ସହିତ ତାଙ୍କ ଦେଶ ଲାଇବେରିଆକୁ ପ୍ରତିନିଧିତ୍ୱ କରିଥିଲେ। ୧୯୯୫ରେ ତାଙ୍କୁ ''ଫିଫା ୱାର୍ଲଡ ପ୍ଲେୟର ଅଫ ଦି ଇୟର'' ଏବଂ ''ବାଲନ ଡିଓର'' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାରୁ ଅବସର ନେଲାପରେ ୨୦୧୮ରେ ସେ ଲାଇବେରିଆର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ କାର୍ଯ୍ୟରତ ଅଛନ୍ତି।

**୨) ସିଟିଭେନି ରାବୁକା (Sitiveni Rabuka), ଫିଜି, ଜନ୍ମ: ୧୩ ସେପ୍ଟେମ୍ବର ୧୯୪୮(ଆଥଲେଟ୍‌ରୁ ପ୍ରଧାନମନ୍ତ୍ରୀ) :** ରାବୁକା ଫିଜିର ୩ୟ ପ୍ରଧାନମନ୍ତ୍ରୀ ଭାବେ ୧୯୯୨ରୁ ୧୯୯୯ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଜଣେ ଉଚ୍ଚକୋଟୀର ଆଥଲେଟ୍ ଭାବେ ସେ ହାମର ଥ୍ରୋ, ସଟ୍‌ପୁଟ୍, ଡିସ୍କସ୍ ଏବଂ ଡେକାଥଲନରେ ଫିଜିକୁ ପ୍ରତିନିଧିତ୍ୱ କରି ୧୯୭୪ରେ ବ୍ରିଟିଶ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିଲେ।

**୩) ଇମ୍ରାନ୍ ଖାଁ (Imran Khan) ପାକିସ୍ତାନ, ଜନ୍ମ: ୫ ଅକ୍ଟୋବର ୧୯୫୨ (ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରଧାନମନ୍ତ୍ରୀ)**

ଲାହୋର ଜନ୍ମିତ ଇମ୍ରାନ ଖାଁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ଅଲରାଉଣ୍ଡର, ପୂର୍ବତନ ଅଧିନାୟକ ଓ ୧୯୯୨ ବିଶ୍ୱକପ୍ ବିଜେତା। କ୍ୟାରିୟରରେ ସେ ୮୮ ଟେଷ୍ଟ ମ୍ୟାଚ୍ ଏବଂ ୧୭୫ଟି ଏକଦିବସୀୟ ଖେଳିଥିଲେ। ୧୮ ଅଗଷ୍ଟ ୨୦୧୮ରେ ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେଲେ। ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି।

**୪) ଫିଲିପ୍ ନୋଏଲ ବେକର (Philip Noel Baker), ୟୁନାଇଟେଡ଼ କିଙ୍ଗଡମ୍: (ଅଲିମ୍ପିକ୍ ପଦକ ବିଜେତାରୁ ସାଂସଦ ଏବଂ ମନ୍ତ୍ରୀ) (୧୮୮୯ରୁ ୧୯୮୨)**

୧୯୨୦ ଆଣ୍ଟୱେର୍ପ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜେତା (୧୫୦୦ମି. ଦୌଡ଼), ନୋବେଲ ପୁରସ୍କାର ବିଜେତା (୧୯୫୪ ଶାନ୍ତି ଓ ନିରସ୍ତ୍ରୀକରଣ), ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ, ବିଶ୍ୱବିଦ୍ୟାଳୟ ପ୍ରଫେସର ବିଶିଷ୍ଟ ବିଦ୍ୱାନ ନୋଏଲ ବେକର ୧୯୩୮ରେ ବ୍ରିଟିଶ ପାର୍ଲାମେଣ୍ଟର ସଦସ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ର ଦାୟିତ୍ୱ ତୁଲାଇବା ସହିତ ଲେବର ଦଳ ଅଧ୍ୟକ୍ଷ ହୋଇଥିଲେ।

**୫) ପେଲେ (Pele) ବ୍ରାଜିଲ୍, ଜନ୍ମ: ୨୩ ଅକ୍ଟୋବର ୧୯୪୦ (ଫୁଟବଲରରୁ କ୍ରୀଡ଼ାମନ୍ତ୍ରୀ)**

'ଫିଫା' ଦ୍ୱାରା ମନୋନୀତ ହୋଇ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଫୁଟବଲ ଖେଳାଳିର ମାନ୍ୟତା ପାଇଥିବା, କିମ୍ବଦନ୍ତୀ ଫୁଟବଲର 'ପେଲେ' ୧୯୯୫ରୁ ୧୯୯୮ ପର୍ଯ୍ୟନ୍ତ ଦେଶର କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

**୬) ରଏ ଫ୍ରେଡ଼ରିକ୍ସ (Roy Fredrieks), ବ୍ରିଟିଶ ଗାଏନା, ୱେଷ୍ଟଇଣ୍ଡିଜ (୧୯୪୨-୨୦୦୦) (ଅନ୍ତର୍ଜାତୀୟ କ୍ରିକେଟରରୁ କ୍ରୀଡ଼ାମନ୍ତ୍ରୀ)**

ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟର ରଏ ଫ୍ରେଡରିକ୍ସ ୧୯୬୮ରୁ ୧୯୭୩ ପର୍ଯ୍ୟନ୍ତ ୫୯ଟି ଟେଷ୍ଟ ଏବଂ ୧୨ଟି ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ପରବର୍ତ୍ତୀ ସମୟରେ ଗାଏନାର କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

**୭) ସେବାଷ୍ଟିନ କୋ (Sebastin Coe), ୟୁନାଇଟେଡ଼ କିଙ୍ଗଡମ୍, ଜନ୍ମ: ୨୯ ସେପ୍ଟେମ୍ବର ୧୯୫୬ (ଅଲିମ୍ପିକ୍ସ ପଦକ ବିଜେତା ଆଥ୍ଲେଟ୍‌ରୁ ସାଂସଦ)**

ବର୍ତ୍ତମାନ ବିଶ୍ୱ ଆଥଲେଟିକ୍ସ (ଆଇଏଏଏଫ)ର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସେବାଷ୍ଟିନ୍ କୋଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମିଡିଲ ଡିଷ୍ଟାନ୍ସ ରନର ହିସାବରେ ମାନ୍ୟତା ଦିଆଯାଇଥାଏ। ୧୯୮୦ ଓ ୧୯୮୪ ଅଲିମ୍ପିକ୍ସରେ ୮୦୦ମି. ଓ ୧୫୦୦ମି. ଦୌଡ଼ରେ ୨ଟି ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତିଥିବା କୋ ୧୯୯୨ରେ କନଜରଭେଟିଭ ଦଳ ପକ୍ଷରୁ ବ୍ରିଟିଶ ପାର୍ଲାମେଣ୍ଟର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

**୮) ସର୍ଗେଇ ବୁବକା (Sergey Bubka) ସୋଭିଏଟ୍-ୟୁକ୍ରେନ, ଜନ୍ମ: ୪ ଡିସେମ୍ବର ୧୯୬୩ (ଅଲିମ୍ପିକ୍ସ ଆଥଲେଟରୁ ସାଂସଦ)**

ଏକଦା ପୋଲଭଲ୍ଟରେ ୩୫ ଥର ନୂତନ ବିଶ୍ୱ କୀର୍ତ୍ତିମାନ ପ୍ରତିଷ୍ଠା କରିଥିବା କିମ୍ବଦନ୍ତୀ କ୍ରୀଡ଼ାବିତ୍ ସର୍ଗେଇ ବୁବ୍‌କା ୧୯୮୮ ସିଓଲ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ୬ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ୨୦୦୨ରୁ ୨୦୦୬ ପର୍ଯ୍ୟନ୍ତ ସେ ୟୁକ୍ରେନ୍ ପାର୍ଲାମେଣ୍ଟର ସଦସ୍ୟ ଭାବେ ଯୁବ ବ୍ୟାପାର, ସଂସ୍କୃତି, କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗର ଦାୟିତ୍ୱରେ ଥିଲେ।

**୯) ରିଚାର୍ଡ ଚାର୍ଲ୍ସୱର୍ଥ (Richard Charlsworth), ଅଷ୍ଟ୍ରେଲିଆ (ଅନ୍ତର୍ଜାତୀୟ ହକି ଖେଳାଳିରୁ ସାଂସଦ)**

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଖେଳାଳି ଭାବେ ପରିଚିତ ଅଷ୍ଟ୍ରେଲିଆର ରିକ ଚାର୍ଲସୱର୍ଥ ୧୯୭୨ରୁ ୧୯୮୮ ପର୍ଯ୍ୟନ୍ତ ୪ଟି ଅଲିମ୍ପିକ୍ସ ଏବଂ ୩ଟି ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ୱେଷ୍ଟର୍ନ ଅଷ୍ଟ୍ରେଲିଆ ତରଫରୁ ୪୭ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚ୍ ଖେଳିଥିଲେ। ଅଷ୍ଟ୍ରେଲିଆନ୍ ଲେବର ଦଳକୁ ପ୍ରାର୍ଥୀ ଭାବେ ବିଜୟ ଲାଭ କରି ୧୯୮୩ରୁ ୧୯୯୩ ପର୍ଯ୍ୟନ୍ତ ସାଂସଦ ଭାବେ କାର୍ଯ୍ୟ କରିଥିଲେ।

**୧୦) ଲାସି ଭିରେନ୍ (Lasse Viren), ଫିନ୍‌ଲାଣ୍ଡ, ଜନ୍ମ: ୨୨ ଜୁଲାଇ ୧୯୪୯ (ଅଲିମ୍ପିକ୍ ପଦକ ବିଜେତା ଆଥ୍ଲେଟ୍‌ରୁ ସାଂସଦ)**

ଲଙ୍ଗ ଡିଷ୍ଟାନ୍ସ ଦୌଡ଼ର ଅନ୍ୟତମ କିମ୍ବଦନ୍ତୀ ଆଥଲେଟ୍ ଭାବେ ପରିଚିତ ଲାସି ଭିରେନ୍ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ଏବଂ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସର ୫୦୦୦ମି. ଓ ୧୦,୦୦୦ ମି. ଦୌଡ଼ରେ ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ନିୟମିତ କ୍ରୀଡ଼ାରୁ ଅବସର ନେଲାପରେ ସେ ନ୍ୟାଶନାଲ କୋଆଲିସନ ଦଳ ପକ୍ଷରୁ ଫିନିଶ ପାର୍ଲାମେଣ୍ଟରେ ସାଂସଦ (୧୯୯୯ରୁ ୨୦୦୭) ଭାବେ କାର୍ଯ୍ୟ କରିଥିଲେ।

**୧୧) ବବ ମାଥିଆସ୍ (Bob Mathias), ଯୁକ୍ତରାଷ୍ଟ୍ର ଆମେରିକା (୧୯୩୦ରୁ ୨୦୦୬) (ଅଲିମ୍ପିକ୍ ପଦକ ବିଜେତାରୁ ସାଂସଦ)**

ବିଶ୍ୱ କ୍ରୀଡ଼ାର ସର୍ବକନିଷ୍ଠ ଆଥଲେଟ୍ ଭାବେ କେବଳ ୧୭ ବର୍ଷ ବୟସରେ ବବ୍ ମାଥିଆସ୍ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ସବୁଠାରୁ କଷ୍ଟସାଧ୍ୟ ଇଭେଣ୍ଟ ''ଡେକାଥଲନ୍''ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଏବଂ ପରବର୍ତ୍ତୀ ହେଲେସିଙ୍କି ଅଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତି ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ୧୯୬୭ରୁ ୧୯୭୫ ମଧ୍ୟରେ କାଲିଫର୍ନିଆ ନିର୍ବାଚନ କ୍ଷେତ୍ରରୁ ରିପବ୍ଲିକାନ ପ୍ରାର୍ଥୀ ଭାବେ ୪ଥର ଆମେରିକା କଂଗ୍ରେସର ପ୍ରତିନିଧି ସଭା (House of Representative)ରେ ସାଂସଦ ଭାବେ ଦାୟିତ୍ୱ ତୁଲାଇଥିଲେ।

**୧୨) ଡନ୍ ଫ୍ରେଜର (Dawn Fraser) ଅଷ୍ଟ୍ରେଲିଆ, ଜନ୍ମ: ୪ ସେପ୍ଟେମ୍ବର ୧୯୩୭ (ଅଲିମ୍ପିକ୍ସ ସନ୍ତରଣକାରୀରୁ ସାଂସଦ)**

ନ୍ୟୁ ସାଉଥ ୱେଲ୍ସ ଜନ୍ମିତ ଡନ୍ ଫ୍ରେଜର ୫୦ ଏବଂ ୬୦ ଦଶକରେ ବିଶ୍ୱର ଶ୍ରେଷ୍ଠ ମହିଳା ସନ୍ତରଣକାରୀ ଭାବେ ୧୯୫୬ ମେଲବୋର୍ନ, ୧୯୬୦ ରୋମ ଏବଂ ୧୯୬୪ ଟୋକିଓ ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ ଏବଂ ୪ ରୌପ୍ୟ ପଦକ ଜିତିଥିଲେ। ପରବର୍ତ୍ତୀ ସମୟରେ ୧୯୮୮ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିଉ ସାଉଥ୍ ୱେଲ୍ସ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।



ସେବାଷ୍ଟିନ କୋ



ଡନ୍ ଫ୍ରେଜର



ଇମ୍ରାନ୍ ଖାଁ



ବବ ମାଥିଆସ୍



ପେଲେ



ଜର୍ଜ ଉଇଓ୍ୱା



ସିଟିଭେନି ରାବୁକା

# ସମସ୍ୟାରେ ବେଜିଂ ୱିଣ୍ଟର ଅଲିମ୍ପିକ୍ସ



ବେଜିଂ ନ୍ୟାଶନାଲ ଷ୍ଟାଡିୟମ

**ଆଉ ମାତ୍ର ୨୮ ଦିନ ପରେ ଆରମ୍ଭ ହେବାକୁ ଯାଉଛି ବେଜିଂ ୱିଣ୍ଟର ଅଲିମ୍ପିକ୍ସ। ୧୬ ଦିନଧରି ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟ ଫେବୃୟାରୀ ୪ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ତେବେ ଚାଇନାରେ ଚାଲିଥିବା ବ୍ୟାପକ ମାନବାଧିକାର ଉଲ୍ଲଂଘନକୁ ନେଇ ଏହି କ୍ରୀଡ଼ା ମହାକୁମ୍ଭର ୨୪ତମ ସଂସ୍କରଣ ବିବାଦ ତଥା ଅନିଶ୍ଚିତତା ଆଡ଼କୁ ଚାଲିଯାଇଛି। ଆମେରିକା ଏହି ଅଲିମ୍ପିକ୍ସକୁ ରାଜନୈତିକ ବହିଷ୍କାର କରିଛି ଓ କେତେକ ପାଶ୍ଚାତ୍ୟ ଦେଶ ଏହାର ସମର୍ଥନ କରିଛନ୍ତି...**

ସ୍ୱାଗତ ସମ୍ପଦ

ବେଜିଂ ଶୀତକାଳୀନ ଅଲିମ୍ପିକ୍ ଗେମ୍ସ ଫେବୃୟାରୀ ୪ରେ ଆରମ୍ଭ ହୋଇ ୨୦ରେ ଉଦ୍‌ଯାପିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଚାଲୁ ରହିଛି। ୱିଣ୍ଟର ଅଲିମ୍ପିକ୍ସର ଏହା ହେବ ୨୪ ତମ ସଂସ୍କରଣ। ଏହାକୁ ବେଜିଂ ୨୦୨୨ ନାମକରଣ କରାଯାଇଛି। ବେଜିଂ ମହାନଗରୀ ଏବଂ ପଡ଼ୋଶୀ ହେବେଇ ରାଜ୍ୟର ମୋଟ ୨୬ଟି ସ୍ଥାନରେ ୭ଟି କ୍ରୀଡ଼ାର ୧୦୯ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ତେବେ ବେଜିଂ ୨୦୨୨କୁ ନେଇ ଅସ୍ଥିର ବାତାବରଣ ଦେଖାଯାଉଛି। ମାନବାଧିକାର ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟକୁ ନେଇ ଅନ୍ତର୍ଜାତୀୟ ଜନଅସନ୍ତୋଷ ଏବେ ଏକ ନୂଆ ମୋଡ଼ରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା ଏହି ପୁଞ୍ଜୀଭୂତ ଅସନ୍ତୋଷ ବଳରେ ଚାଇନାକୁ ଶିକ୍ଷା ଦେବାକୁ ଉଚିତ ମନେକରୁଛି। ଇତିମଧ୍ୟରେ ଆମେରିକା ଚାଇନା, ମ୍ୟାନ୍‌ମାର, ଉତ୍ତର କୋରିଆ ଓ ବାଂଲାଦେଶ ବିପକ୍ଷରେ ମାନବାଧିକାର ସଂକ୍ରାନ୍ତ କଟକଣା ଲାଗୁ କରିଛି। ଚାଇନିଜ୍ ଗୋଇନ୍ଦା କମ୍ପାନୀ ସେନ୍ସ ଟାଇମ୍‌କୁ ମଧ୍ୟ ଆମେରିକା କଳା ତାଲିକାଭୁକ୍ତ କରିଛି। ସେନ୍ସ ଟାଇମ୍ ଉଇଘୁର୍ ମୁସଲମାନଙ୍କୁ ଠାବ କରିବା ଲାଗି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଆମେରିକାକୁ ମଧ୍ୟ ପାଲଟା ଜବାବ ଦେଇଛି ଚାଇନା। କହିଛି, ଆମେରିକା ଅଲିମ୍ପିକ୍ ନୀତିର ବିରୁଦ୍ଧାଚରଣ କରୁଛି। ୨୦୨୮ ଲସ୍ ଏଞ୍ଜେଲ୍ସ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ଏହି କୂଟନୈତିକ ବର୍ଜନର ପ୍ରତିଧ୍ୱନି ଶୁଣାଯିବ ବୋଲି ଚାଇନା ଧମକ ଦେଇଛି। ବର୍ଜନ ନିଷ୍ପତ୍ତିର ପୁନର୍ବିଚାର ଲାଗି ଦୁଇ ରାଷ୍ଟ୍ରପତି ଜୋ. ବାଇଡେନ ଓ ସି. ଜିନପିଙ୍ଗ୍ ଗତ ମାସ ଭିଡିଓ କନ୍‌ଫରେନ୍ସରେ ମତ ବିନିମୟ କରିଥିଲେ। ହେଲେ ଫଳ ଶୂନ୍ୟ ହେଲା। ଆମେରିକାର ବର୍ଜନ ଘୋଷଣା ପରେ ବ୍ରିଟେନ, ଫ୍ରାନ୍ସ, ନରୱେ, ଅଷ୍ଟ୍ରିଆ, କାନାଡ଼ା, ସୁଇଜରଲାଣ୍ଡ ଓ ଜର୍ମାନୀ ଏଥିରେ ସହମତି ପ୍ରକାଶ କରିଛନ୍ତି।





ବେଜିଂ ନ୍ୟାଶନାଲ ଷ୍ଟାଡିୟମରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ବେଜିଂ ନ୍ୟାଶନାଲ ଆକ୍ୱାଟିକ୍ସ ସେଣ୍ଟରରେ ୪ ହଜାର ମିଟର କାର୍ଲିଂ ଇଭେଣ୍ଟ, ନ୍ୟାଶନାଲ ଇନ୍‌ଡୋର ଷ୍ଟାଡିୟମରେ ଆଇସ୍ ହକି, ନ୍ୟାଶନାଲ ସ୍ପିଡ୍ ସ୍କେଟିଂ, ଓଭାଲରେ ସ୍ପୀଡ୍ ସ୍କେଟିଂ, କ୍ୟାପିଟାଲ୍ ଇଣ୍ଡୋର ଷ୍ଟାଡିୟମରେ ଫିଗର ସ୍କେଟିଂ ଓ ଶର୍ଟ ଟ୍ରାକ୍ ସ୍ପିଡ୍ ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଲିମ୍ପିକ୍ ଗ୍ରୀନ୍ ଷ୍ଟାଡିୟମରେ ୫ଟି ବରଫ କ୍ରୀଡ଼ା ଆୟୋଜନ ହେବ। ବରଫ ଷ୍ଟାଡିୟମରେ ଆଇସ୍ ହକି ଏବଂ ତୁଷାର ଆଚ୍ଛାଦିତ ବିସ୍ତୀର୍ଣ୍ଣ ସ୍ଥାନରେ ସ୍କେଟିଂ ଓ ଅନ୍ୟ ପ୍ରତିଯୋଗିତାଗୁଡ଼ିକ ଆୟୋଜନ ହେବ।

୨୦୧୮ ୱିଣ୍ଟର୍ ଅଲିମ୍ପିକ୍ସ ଦକ୍ଷିଣ କୋରିଆର ପିଓଙ୍ଗ୍‌ଚାଙ୍ଗ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଟି କ୍ରୀଡ଼ାରେ ୧୦୨ଟି ଇଭେଣ୍ଟ ରହିଥିଲା। ନରୱେ, ଜର୍ମାନୀ ୧୪ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦକ୍ଷିଣ କୋରିଆ ୧୭, ଜାପାନ୍ ୧୩ ଓ ଚାଇନା ୯ଟି ପଦକ ପାଇଥିଲେ। ତେବେ ଅତୀତକୁ ଦୃଷ୍ଟିପାତ୍ କଲେ ଏହି ବରଫ କ୍ରୀଡ଼ା ସମାରୋହ ୧୯୨୪ ମସିହାରେ ଫ୍ରାନ୍ସର ଚମୋନିକ୍ସଠାରେ ଆରମ୍ଭ ହୋଇଥିବା ଜଣାପଡ଼େ। ସେଥିରେ ୧୯ଟି ଦେଶର ୨୫୦ରୁ ଅଧିକ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ଆଜି ଯାଏ ୧୨ଟି ଦେଶ ପ୍ରତ୍ୟେକ ୱିଣ୍ଟର୍ ଅଲିମ୍ପିକ୍ ଗେମ୍ସରେ ଅଂଶ ଗ୍ରହଣ କରିଛନ୍ତି। ସେମାନେ ହେଲେ ଅଷ୍ଟ୍ରିଆ, କାନାଡା, ଫିନଲାଣ୍ଡ, ଫ୍ରାନ୍ସ, ବ୍ରିଟେନ୍, ହଙ୍ଗେରୀ, ଇଟାଲୀ, ନରୱେ, ସୁଇଜରଲାଣ୍ଡ ଓ ଆମେରିକା। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦେଶ ପଦକ ବିଜେତା ହୋଇଛନ୍ତି। ତେବେ ଆମେରିକା ସର୍ବାଧିକଥର ଶ୍ରେଷ୍ଠତ୍ୱ ବଜାୟ ରଖିଛି। ଥଣ୍ଡା ଜଳବାୟୁରେ ଶୀତକାଳୀନ ଅଲିମ୍ପିକ୍ସ ହେଉଥିଲାବେଳେ ୧୯୨୮ ଅଲିମ୍ପିକ୍ସ ବେଳେ କିନ୍ତୁ ଜଳବାୟୁରେ ବ୍ୟତିକ୍ରମ ଦେଖାଯାଇଥିଲା। ସେଥର ସୁଇଜରଲାଣ୍ଡର ସେଣ୍ଟ ମୋରିଜ୍‌ଠାରେ ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା ଶୀତଳ ଜଳବାୟୁରେ। ହେଲେ ମଧ୍ୟମ ଓ ଶେଷ ପର୍ଯ୍ୟାୟ ପ୍ରତିଯୋଗିତା ହେଲା ଅପେକ୍ଷାକୃତ ଗରମ ଜଳବାୟୁରେ। ଫଳରେ ୧୦ ହଜାର ମିଟର ସ୍ପିଡ୍ ସ୍କେଟିଂକୁ ବାତିଲ କରାଯାଇଥିଲା। ତେବେ ବର୍ଜନ ଘୋଷଣା ପରିପ୍ରେକ୍ଷୀରେ ସଂପୃକ୍ତ ଦେଶର ଖେଳାଳିମାନେ ଅଂଶ ଗ୍ରହଣ କଲେ ବି ସେମାନଙ୍କର କୌଣସି ସରକାରୀ ଅଧିକାରୀ ରହିବେନି। ଅଭିଯୋଗ ରହିଛି ଯେ ଚାଇନାର ଜିନ୍‌ଜିଆଙ୍ଗ୍ ପ୍ରଦେଶରେ ଉଇଘର ମୁସଲମାନଙ୍କ ବିରୋଧରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ବହୁ ପ୍ରାଣହାନି ଘଟିବା ସହ ବହୁ ସଂଖ୍ୟକ ମୁସଲମାନ ବନ୍ଦୀ ଶିବିରରେ ଅଟକ ଅଛନ୍ତି। କିନ୍ତୁ ଏହାକୁ ବେଜିଂ ପ୍ରଶାସନ ଅସ୍ୱୀକାର କରୁଛି। ସେହିପରି ହଂକଂରେ ରାଜନୈତିକ ସ୍ୱାଧୀନତା ଏବଂ ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ଚପାଇ ଦେବାକୁ ଚାଇନାର ଉଦ୍ୟମକୁ ବିରୋଧ କରାଯାଉଛି। ଏଭଳି କୂଟନୈତିକ ବର୍ଜନକୁ ମଧ୍ୟ ଚାଇନା ସରକାର ବିଶେଷ ଗୁରୁତ୍ୱ ଦେଉ ନ ଥିବା ଜଣାପଡୁଛି। ଆମେରିକାର ହ୍ୟୁମାନ୍ ରାଇଟ୍ସ ୱାଚ୍ ସଗଠନ ପକ୍ଷରୁ ହଂକଂରେ ଗୋଟେ ରିପୋର୍ଟ ପ୍ରକାଶ ପାଇଁ ପ୍ରୟାସ ହୋଇଥିଲା। ହେଲେ ସଂଗଠନର ମୁଖ୍ୟ କେନେଥ୍ ରଥ୍‌ଙ୍କୁ ହଂକଂ ପ୍ରଶାସନ ପୁରାଇ ଦେଇନଥିଲେ। ଇତ୍ୟବସରରେ ନ୍ୟୁୟର୍କସ୍ଥିତ ସ୍ନାଗ୍ ହାର୍ବର କଲଚରାଲ ସେଣ୍ଟର ଏଣ୍ଡ ବଟାନିକାଲ୍ ଗାର୍ଡେନରେ ୱିଣ୍ଟର ଅଲିମ୍ପିକ୍ସର ଥିମଡ୍ ଦିବସ ପାଳିତ ହୋଇଯାଇଛି। ଚାଇନିଜ୍ କନ୍‌ସୁଲେଟ୍ ଜେନେରାଲଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗେମ୍ସ ପାଇଁ ସରକାରୀ ମାସ୍କଟ୍, ଗେମ୍ସ ଇତିହାସର ବିଶେଷ ମୁହୂର୍ତ୍ତର ଫଟୋଚିତ୍ର ପ୍ରଦର୍ଶନ ହୋଇଥିଲା। ଆଇଓସି ମୁଖ୍ୟ ଥୋମାସ ବାକ୍‌ଙ୍କ କହିବାନୁସାରେ କେବଳ ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ମାତ୍ର ୯୦ଟି ରାଷ୍ଟ୍ରୀୟ ଅଲିମ୍ପିକ୍ କମିଟି ମଧ୍ୟରୁ ୭୦ କିମ୍ବା ତା'ଠୁ ଅଧିକ କମିଟି ଯୋଗ ଦେବେ ବୋଲି ଆଶା କରାଯାଉଛି। କାରଣ ସେମାନେ ଏଯାଏ କୌଣସି ଘୋଷଣା କରିନାହାନ୍ତି।

**୨୦୨୨ ୱିଣ୍ଟର ଅଲିମ୍ପିକ୍ସ**

ସଂସ୍କରଣ: ୨୪
ଭେନ୍ୟୁ: ବେଜିଂ
ଆରମ୍ଭ: ଫେବୃୟାରୀ ୪
ଶେଷ: ପେବୃୟାରୀ ୨୦
ଇଭେଣ୍ଟ: ୧୦୯ (୭ କ୍ରୀଡ଼ାର ୧୫ ବର୍ଗ)
ଷ୍ଟାଡିୟମ: ବେଜିଂ ନ୍ୟାଶନାଲ ଷ୍ଟାଡିୟମ

# ସନ୍ତୋଷ ଟ୍ରଫି: ଗ୍ରୁପ୍ 'ବି'ରେ ଓଡ଼ିଶା

ଭୁବନେଶ୍ୱର, ୬ା୧ (କ୍ରୀଡ଼ା ପ୍ରତିନିଧି)

କେରଳରେ ଫେବୃୟାରୀ ୨୦ରୁ ଆରମ୍ଭ ହେବ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ୭୫ତମ ସଂସ୍କରଣ। ଏଥିପାଇଁ ଗୁରୁବାର ନୂଆଦିଲ୍ଲୀଠାରେ ଆନୁଷ୍ଠାନିକ ଭାବେ ହୋଇଥିବା ଡ୍ର ଉଠାଣ ଅନୁସାରେ ଓଡ଼ିଶା ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ଗୁଜରାଟ, କର୍ନାଟକ, ସର୍ଭିସେସ ଓ ମଣିପୁର। ଟୁର୍ନାମେଣ୍ଟର ଅନ୍ୟତମ ଶକ୍ତିଶାଳୀ ଦଳ କର୍ନାଟକ ବିପକ୍ଷ ମ୍ୟାଚରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଗ୍ରୁପ୍ 'ଏ'ରେ ମେଘାଳୟ, ପଞ୍ଜାବ, ପଶ୍ଚିମବଙ୍ଗ, ରାଜସ୍ଥାନ ଓ କେରଳ ସ୍ଥାନିତ ହୋଇଛନ୍ତି। ପୂର୍ବତନ ଭାରତୀୟ ଡିଫେଣ୍ଡର ଗୌରମାଙ୍ଗି ସିଂ ଡ୍ର'ଉଠାଣ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗ୍ୟତା ପର୍ଯ୍ୟାୟ ଦେଇ ମୁଖ୍ୟ ଇଭେଣ୍ଟକୁ ଆସିଥିବା ୧୦ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି।

''କେରଳରେ ଫୁଟବଲର ଲୋକପ୍ରିୟତା ରହିଛି। ଏଠାରେ ସନ୍ତୋଷ ଟ୍ରଫି ହେବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଓ କେରଳ ସରକାରଙ୍କ ପକ୍ଷରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବାରୁ ମୁଁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଉଛି'' ବୋଲି ଗୌରମାଙ୍ଗି ପ୍ରକାଶ କରିଛନ୍ତି। ଡ୍ର' ଉଠାଣ ପରେ ଗ୍ରୁପ୍ 'ଏ' ଗ୍ରୁପ୍ ଅଫ୍ ଡେଥ୍‌ଭାବେ ବିବେଚିତ ହେଉଛି। କାରଣ ଏହି ଗ୍ରୁପ୍‌ରେ ପଶ୍ଚିମବଙ୍ଗ, କେରଳ ଓ ପଞ୍ଜାବ ପରି ଦଳ ରହିଛନ୍ତି। ଗ୍ରୁପ୍ 'ବି'ରେ ଗତଥରର ଚାମ୍ପିୟନ ସର୍ଭିସେସର ପଲା ଭାରି ରହିବ। ଫୁଟବଲର ପାୱାର ହାଉସ କୁହାଯାଉଥିବା ଗୋଆକୁ ପଛରେ ପକାଇ ଗୁଜରାଟ ମୁଖ୍ୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ପାଇଛି। ତେଣୁ ଏହି ଗ୍ରୁପ୍‌ରେ ସର୍ଭିସେସ ସହିତ ମଣିପୁର, କର୍ନାଟକ, ଓଡ଼ିଶା ଓ ଗୁଜରାଟ ମଧ୍ୟରେ କଡ଼ା ମୁକାବିଲା ହେବ।



ଗୁରୁବାର ଡ୍ର' ଉଠାଣ ଅବସରରେ ସନ୍ତୋଷ ଟ୍ରଫି ସହ ଗୌରମାଙ୍ଗି ସିଂ।

ସନ୍ତୋଷ ଟ୍ରଫି ପ୍ଲାଟିନମ ଜୁବିଲି ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ ୩୨ଥର ଚାମ୍ପିୟନ ପଶ୍ଚିମବଙ୍ଗ ଓ ୮ ଥର ଟାଇଟଲ ବିଜୟୀ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ହେବ। ପଶ୍ଚିମ ଜୋନ୍ କ୍ୱାଲିଫାୟରରେ ମହାରାଷ୍ଟ୍ରକୁ ୧ ପଏଣ୍ଟରେ ପଛରେ ପକାଇ ଯୋଗ୍ୟତା ଅର୍ଜନ କରିଥିବା ରାଜସ୍ଥାନ ବିପକ୍ଷରେ ଆୟୋଜକ କେରଳ ଏହାର ପ୍ରଥମ ମ୍ୟାଚ ଖେଳିବ। ସେହିପରି ଯୋଗ୍ୟତା ପର୍ଯ୍ୟାୟରେ ମିଜୋରାମକୁ ନକ୍‌ଆଉଟ କରିଥିବା ମଣିପୁର ବିପକ୍ଷରେ ମ୍ୟାଚ ଖେଳି ଡିଫେଣ୍ଡିଂ ଚାମ୍ପିୟନ ସର୍ଭିସେସ ଏହାର ଅଭିଯାନ ଆରମ୍ଭ କରିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

# ବିବିସିଏ ସେମିଫାଇନାଲରେ

ଭୁବନେଶ୍ୱର, ୬ା୧ (କ୍ରୀଡ଼ା ପ୍ରତିନିଧି)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ବିବିସିଏ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିବିସିଏ ୬ ଉଇକେଟରେ ଟାଉନ୍

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଟାଉନ୍ କ୍ଲବ ୨୮ ଓଭରରେ ୧୧୩ ରନକରି ଅଲ୍‌ଆଉଟ ହୋଇଥିଲା। ରାହୁଲ ପଣ୍ଡା ସର୍ବାଧିକ ୩୧ ରନ ସ୍କୋର କରିଥିବାବେଳେ ବିପକ୍ଷ ଦଳର ହିମାଂଶୁ ସାହୁ ଓ ବିଶ୍ୱଜିତ ପ୍ରଧାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୧୪ ରନର ବିଜୟ ଲକ୍ଷ୍ୟକୁ ବିବିସିଏ ୨୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଶ୍ୱଜିତ ପ୍ରଧାନ ୬୫ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଟାଉନ୍ କ୍ଲବର ମହିମା ଅମ୍ଳାନ ୪ଟିଯାକ ଉଇକେଟ ନେଇଥିଲେ। ବିଶ୍ୱଜିତ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅଲ୍‌ଇଣ୍ଡିଆ ୟୁଥ୍ କଂଗ୍ରେସ ସମ୍ପାଦକ ଅମରେଶ ପରିଡ଼ା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ନରେନ୍ଦ୍ର ଦାଶ ଓ ସାର୍ଥକ ଶିବା ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।


ବିଶ୍ୱଜିତ ପ୍ରଧାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଓସ୍କାର ୧୩୫ ରନରେ ବିଜୟୀ

ଭୁବନେଶ୍ୱର, ୬ା୧ (କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓସ୍କାର ସ୍ପୋର୍ଟିଂ ୧୩୫ ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିସାରିଥିବାରୁ ଏହି ଶେଷ ଲିଗ୍ ମ୍ୟାଚଟି କେବଳ ଔପଚାରିକତା ଦୃଷ୍ଟିରୁ ଖେଳା ଯାଇଥିଲା। ଟୁର୍ନାମେଣ୍ଟର ଫାଇନାଲ ୯ ତାରିଖରେ ଅନୁଷ୍ଠିତ ହେବ। ୮ରେ ଭୁବନେଶ୍ୱର ଏକାଦଶ ଓ କଟକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ୩୩.୪ ଓଭରରେ ୨୦୩ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଆୟାନ ନାୟକ ସର୍ବାଧିକ ୭୪ ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ୩ଟି ଏବଂ ନୀତେଶ ନବନୀତ ଦାସ ୨ଟି ଉଇକେଟ ନେଇଥିଲେ। ୨୦୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ସହିଦ ସ୍ପୋର୍ଟିଂ ୨୬.୫ ଓଭରରେ ମାତ୍ର ୬୮ ରନକରି ସମସ୍ତ ଉଇକେଟ ହରାଇଥିଲା। କେବଳ ଜ୍ୟୋତିରଞ୍ଜନ ପୃଷ୍ଟି(୧୨ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଓସ୍କାର ବୋଲରଙ୍କ ମଧ୍ୟରେ ଶୁଭ୍ରାଂଶୁ ଗୌଡ଼ ୪.୫ ଓଭରରେ ୨୪ ରନ ଦେଇ ୫ ଉଇକେଟ ସଫଳତା ପାଇଥିବାବେଳେ ଆୟାନ ନାୟକ ୩ଟି ଓ ଇସହାନ ମହାପାତ୍ର ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆୟାନ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଆୟୋଜକ କ୍ଲବର ସଭାପତି ପ୍ରତାପ ଜେନା ପୁରସ୍କାର ପ୍ରଦାନ କରିଥିଲେ।



ଆୟାନ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିରେ ସାନିଆ-ନାଡିଆ

ଆଡିଲେଡ୍, ୬ା୧

ଏଠାରେ ଚାଲିଥିବା ଆଡିଲେଡ ଇଣ୍ଟରନ୍ୟାଶନାଲ ୧ ଡବ୍ଲ୍ୟୁଟିଏ ଇଭେଣ୍ଟରେ ଭାରତୀୟ ଅଭିଜ୍ଞ ମହିଳା ଟେନିସ ତାରକା ସାନିଆ ମିର୍ଜା ଓ ତାଙ୍କ ୟୁକ୍ରେନ୍ ପାର୍ଟନର ନାଡିଆ କିଚେନୋକ ମହିଳା ଡବଲ୍ସ ଇଭେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଏହି ଯୋଡି ଆମେରିକାର ଶେଲବି ରୋଜର୍ସ ଓ ଗ୍ରେଟ ବ୍ରିଟେନର ହିଦର ୱାଟସନଙ୍କୁ ୬-୦, ୧-୬, ୧୦-୫ ସେଟ୍‌ରେ ମାତ୍ର ୫୫ ମିନିଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି।

ଏହି ଇଣ୍ଡୋ-ୟୁକ୍ରେନ ଯୋଡି ଏବେ ଅଷ୍ଟ୍ରେଲୀୟ ଯୋଡି ଆଶଲେ ବାର୍ଟି ଓ ଷ୍ଟର୍ମ ସାଣ୍ଡର୍ସଙ୍କୁ ସେମିରେ ଭେଟିବେ। ପୂର୍ବରୁ ସାନିଆ- ନାଡିଆ ପ୍ରଥମ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଯୋଡି ଗାବ୍ରିଏଲା ଡାବ୍ରୋୱ୍‌ସ୍କି ଓ ଜିଉଲିଆନ ଓଲମୋସଙ୍କୁ ୧-୬, ୬-୩, ୧୦-୮ ସେଟ୍‌ରେ ପରାସ୍ତ କରିଥିଲେ। ଜାନୁୟାରୀ ୧୭ ତାରିଖରୁ ଅଷ୍ଟ୍ରେଲିଆନ ଓପନ ଟେନିସ ଆରମ୍ଭ ହେବାକୁ ଯାଉଥିବାବେଳେ ଆଡିଲେଡ ଇଭେଣ୍ଟ ଖେଳାଳିଙ୍କ ପାଇଁ ଅଭ୍ୟାସର ସୁଯୋଗ ପ୍ରଦାନ କରିଛି।

# ଏନ୍‌ଆଇଏସ୍ ପଟିଆଲାରେ ୪ କୋଭିଡ୍ ପଜିଟିଭ

ପଟିଆଲା, ୬ା୧ (ପି.ଟି.)

କରୋନା ମହାମାରୀର ତୃତୀୟ ଲହରର ପ୍ରଭାବ ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍) କ୍ୟାମ୍ପସରେ ଦେଖିବାକୁ ମିଳିଛି। ଏହାର ୪ଜଣ ଅନ୍ତେବାସୀ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। କ୍ୟାମ୍ପସରେ ୧୭୦ଜଣଙ୍କର ଆର୍‌ଟି-ପିସିଆର ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରେ ଆଥଲେଟ ଓ କୋଚ୍‌ମାନେ ରହିଥିଲେ। କୋଭିଡ୍ ଟେଷ୍ଟରେ ୩ ଜୁନିୟର ଆଥ୍‌ଲେଟ ଓ ଜଣେ କୋଚ୍‌ଙ୍କ ଫଳାଫଳ ପଜିଟିଭ ଆସିଛି। ସେମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥିଲା। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର କୋଭିଡ୍ ଏସ୍‌ଓପି ଅନୁସାରେ ସେମାନଙ୍କୁ ଆଇସୋଲେଶନରେ ରଖାଯାଇଛି। କ୍ୟାମ୍ପରେ ଯୋଗ ଦେଇଥିବା କୌଣସି ଜାତୀୟ ଆଥଲେଟ କରୋନା ସଂକ୍ରମିତ ହୋଇ ନାହାନ୍ତି। ସେମାନଙ୍କ ଟ୍ରେନିଂ କାର୍ଯ୍ୟ ଏକ ସ୍ୱତନ୍ତ୍ର ବାୟୋ-ବବଲରେ ହେଉଛି। ସେମାନେ ବର୍ତ୍ତମାନ ଜୁନିୟର ଆଥଲେଟ କିମ୍ବା ବାହ୍ୟ ଅଞ୍ଚଳ ସହ ସମ୍ପର୍କରେ ନାହାନ୍ତି।

# ବିଗ୍‌ବାଶ ଲିଗ୍ ମେଲବୋର୍ନକୁ ସ୍ଥାନାନ୍ତର ହେବ

ମେଲବୋର୍ନ, ୬ା୧ (ପି.ଟି.): କୋଭିଡ୍ ଦ୍ୱାରା ପ୍ରଭାବିତ ବିଗ୍‌ବାଶ ଲିଗ୍ (ବିବିଏଲ୍)କୁ ଯେନତେନ ଭାବେ ଶେଷ କରିବାକୁ ଚାହୁଁଛି କ୍ରିକେଟ ଅଷ୍ଟ୍ରେଲିଆ (ସିଏ)। ଟୁର୍ନାମେଣ୍ଟ ଯେପରି ପୁଣି ବାଧାପ୍ରାପ୍ତ ନ ହୁଏ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ମେଲବୋର୍ନ ଘୁଞ୍ଚାଇନେବା ଲାଗି ଯୋଜନା ଚାଲିଛି ବୋଲି ସିଏ'ର କାର୍ଯ୍ୟନିର୍ବାହୀ ଅଧିକାରୀ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ୮ଟି ଦଳକୁ ପର୍ଯ୍ୟାୟକ୍ରମେ ମେଲବୋର୍ନ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଭବିଷ୍ୟତରେ କୌଣସି କୋଭିଡ୍ ମାମଲା ଦେଖାଦେଲେ ମଧ୍ୟ ଟୁର୍ନାମେଣ୍ଟ ଅଟକିବ ନାହିଁ।

# ମିଥାଲିଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ, ୬ା୧

ମାର୍ଚ୍ଚ ୪ରୁ ଏପ୍ରିଲ ୩ ତାରିଖ ମଧ୍ୟରେ ନ୍ୟୁଜିଲାଣ୍ଡରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ମହିଳା ବିଶ୍ୱକପ୍ ପାଇଁ ଗୁରୁବାର ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ ତାରକା ବ୍ୟାଟର ଜେମିମା ରୋଡ୍ରିଗୁଏଜ ଓ ଅଲରାଉଣ୍ଡର ଶିଖା ପାଣ୍ଡେ ଏହି ଦଳରୁ ବାଦ୍ ପଡିଛନ୍ତି। ଅଭିଜ୍ଞ ମିଥାଲି ରାଜଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ସେ ମଧ୍ୟ ଗତ ସଂସ୍କରଣରେ ଅଧିନାୟିକା ଥିଲେ ଓ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଏହି ବିଶ୍ୱକପ୍ ପରେ ମିଥାଲି ଅବସର ନେବା ନେଇ ନିଷ୍ପତ୍ତି ନେବେ ବୋଲି ପୂର୍ବରୁ କହିଥିଲେ।

ଦଳରେ ଅଭିଜ୍ଞ ଖେଳାଳି ସ୍ମୃତି ମାନ୍ଧନା, ଦୀପ୍ତି ଶର୍ମା, ଝୁଲଣ ଗୋସ୍ୱାମୀ ଓ ଯୁବ ବ୍ୟାଟର ଶେଫାଳୀ ବର୍ମା ସାମିଲ ହୋଇଛନ୍ତି। ଦିନିକିଆ ଫର୍ମାଟ୍‌ରେ ଖରାପ ଫର୍ମ ଦେଇ ଗତି କରୁଥିବାରୁ ଜେମିମା ଓ ଶିଖାଙ୍କୁ ଦଳରେ ସ୍ଥାନ ମିଳିନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଦୁଇଜଣ ଉଇକେଟକିପର ରିଚା ଘୋଷ ଓ ତାନିୟା ଭାଟିଆଙ୍କୁ ଦଳରେ ସ୍ଥାନ ମିଳିଛି। ଷ୍ଟାଣ୍ଡ ବାଇ ଭାବେ ୩ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ସାଭିନେନି ମେଘନା, ଏକତା ବିଷ୍ଟ ଓ ସିମରନ ଦିଲ ବାହାଦୁର।

ଫେବୃୟାରୀ ୧୧ରୁ ୨୪ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ମଧ୍ୟ ଘୋଷିତ ଏହି ୧୫ ଜଣିଆ ଦଳ ଅଂଶଗ୍ରହଣ କରିବ। ଟଉରଙ୍ଗାର ବେ ଓଭାଲ ଗ୍ରାଉଣ୍ଡରେ ଭାରତ ମାର୍ଚ୍ଚ ୬ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ମାର୍ଚ୍ଚ ୧୦ରେ ଭାରତ ଆୟୋଜକ ନ୍ୟୁଜିଲାଣ୍ଡ, ୧୨ରେ ୱେଷ୍ଟଇଣ୍ଡିଜ, ୧୬ରେ ଇଂଲଣ୍ଡ, ୧୯ରେ ଅଷ୍ଟ୍ରେଲିଆ, ୨୨ରେ ବାଂଲାଦେଶ ଓ ୨୭ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

୨୦୧୭ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଫାଇନାଲରେ ମାତ୍ର ୯ ରନ ପାଇଁ ଇଂଲଣ୍ଡଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ଅଲ୍ ଇଣ୍ଡିଆ ଓମ୍ୟାନ ଚୟନ କମିଟି ଦିନିକିଆ

**ଦିନିକିଆ ମହିଳା ବିଶ୍ୱକପ୍**

**ଜେମିମା, ଶିଖା ବାଦ୍**

ସିରିଜ ପୂର୍ବରୁ ଫେବୃୟାରୀ ୯ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଏକମାତ୍ର ଟି୨୦ ମ୍ୟାଚ୍ ପାଇଁ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ଦଳ ମଧ୍ୟ ଘୋଷଣା କରିଛି। ଟି୨୦ ଓ ପ୍ରଥମ ଦିନିକିଆ ନାପିଏରରେ ଖେଳାଯିବ। ଏହାପରେ ଫେବୃୟାରୀ ୧୪ରୁ ୧୬ ମଧ୍ୟରେ ନେଲସନରେ ଓ ୨୨ରୁ ୨୪ ମଧ୍ୟରେ କୁଇନ୍ସ ଟାଉନ୍‌ରେ ବାକିଥିବା ଦିନିକିଆ ମ୍ୟାଚଗୁଡିକ ଖେଳାଯିବ।

**ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଘୋଷିତ ଦଳ:** ମିଥାଲି ରାଜ (ଅଧିନାୟିକା), ହରମନପ୍ରୀତ କୌର (ଉପ-ଅଧିନାୟିକା), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ୟସ୍ତିକା ଭାଟିଆ, ଦୀପ୍ତି ଶର୍ମା, ରିଚା ଘୋଷ (ଉଇକେଟକିପର), ସ୍ନେହ ରାଣା, ଝୁଲଣ ଗୋସ୍ୱାମୀ, ପୂଜା ବସ୍ତ୍ରକାର, ମେଘନା ସିଂ, ରେଣୁକା ସିଂ ଠାକୁର, ତାନିୟା ଭାଟିଆ (ଉଇକେଟକିପର), ରାଜେଶ୍ୱରୀ ଗାଏକ୍ୱାଡ ଓ ପୁନମ ଯାଦବ।

**ଏକମାତ୍ର ଟି୨୦ ପାଇଁ ଘୋଷିତ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା (ଉପ- ଅଧିନାୟିକା), ଶେଫାଳୀ ବର୍ମା, ୟସ୍ତିକା ଭାଟିଆ, ଦୀପ୍ତି ଶର୍ମା, ରିଚା ଘୋଷ, ସ୍ନେହ ରାଣା, ପୂଜା ବସ୍ତ୍ରକାର, ମେଘନା ସିଂ, ରେଣୁକା ସିଂ ଠାକୁର, ତାନିଆ ଭାଟିଆ, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ଏକତା ବିଷ୍ଟ, ସାଭିନେନି ମେଘନା ଓ ସିମରନ ଦିଲ ବାହାଦୁର।



ମିଥାଲି ରାଜ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଧାନ ଅମଳ ମେଶିନ ଫ୍ୟାନ୍‌ରେ କଟି ଜଣେ ମୃତ

ବେଗୁନିଆ,୬।୧(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଅଞ୍ଚଳରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଧାନ ବେଙ୍ଗଲା ମେଶିନ୍ ଫ୍ୟାନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସାନବାଡ଼ ସାହିର ଲକ୍ଷ୍ମୀଧର ପରିଡା। ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ଲକ୍ଷ୍ମୀଧର ବେଙ୍ଗଲା ମେଶିନ ସାହାଯ୍ୟରେ ଧାନ ଅମଳ କରୁଥିଲେ। ଅସାବଧାନତାରୁ ଫ୍ୟାନ୍ ଫିତା ସଂସ୍ପର୍ଶରେ ତାଙ୍କ ହାତ ଆସିଯାଇଥିଲା। ଫଳରେ ଲକ୍ଷ୍ମୀଧରଙ୍କ ଶରୀର ଦୁଇ ଖଣ୍ଡ ହୋଇଯାଇଥିଲା। ଖବର ପାଇ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁକରି ତଦନ୍ତ ଚଳାଇଛି।

### ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ, ୬ ଗିରଫ

ବାଲକାଟୀ,୬।୧(ଡି.ଏନ୍.ଏ)- ଏକ ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷରେ ବାଲକାଟୀ ଫାଣ୍ଡି ପୋଲିସ ସାତକାଣିଆ ମୁସଲିମ ବସ୍ତିର ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରଶା ଖାନ, ଇସ୍‌ଲାମ ଖାନ, ଜମିର ଖାନ, ରାଧୁ ଖାନ, ଗଫର ଖାନ ଓ ଜମିର ଖାନ। ସୂଚନାଯୋଗ୍ୟ, ସାତକାଣିଆ ମୁସଲିମ ସାହିରେ ଏକ ସରକାରୀ ଜାଗାକୁ ନେଇ ଏହି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଛକାପଞ୍ଝା ଚାଲିଥିଲା। ତେବେ ବୁଧବାର ଏହି ଜାଗା ଦଖଲକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ହାତାହାତି ହେବା ସହ ରକ୍ତାକ୍ତ ହୋଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ହେଲେ ପୋଲିସ ଯିବାର କିଛି ସମୟରେ ପୁଣି ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଗୁରୁବାର ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ବାଲିଅନ୍ତା ଥାନାରେ ପୃଥକ ମାମଲା(ନଂ. ୬, ୭/୨୨) ରୁଜୁ କରି ପୋଲିସ ୬ଜଣଙ୍କୁ ଗିରଫ କରିଥିଲା।

### ଲେଭଲ କ୍ରସିଂ ସ୍ଥଳ ପରିଦର୍ଶନ କଲେ ଏସ୍‌ଡିପିଓ

ନିରାକାରପୁର,୬।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଗେଟ୍ ବଜାରସ୍ଥିତ ରେଲ୍‌ୱେ ଲେଭଲ କ୍ରସିଂ ଗେଟ୍ ଅନେକ ସମୟରେ ଜାମ୍ ରହୁଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ଜାମ୍ ଯୋଗୁ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ଅଟକି ରହିଥାଏ। ଏନେଇ ଅଞ୍ଚଳର ବରିଷ୍ଠ ନାଗରିକ ଓ ଖବରଦାତାମାନେ ଏସ୍‌ପି ରାଜକିଶୋର ଡୋରା, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକଙ୍କୁ ଅବଗତ କରାଇଥିଲେ। ଗୁରୁବାର ଏସ୍‌ଡିପିଓ ବାରିକ, ଥାନା ଅଧିକାରୀ ନାୟକଙ୍କ ସମେତ ଟାଙ୍ଗୀ ଆଇଆଇସି ବିଜୟ କୁମାର ମଲିକ ଲେଭଲ କ୍ରସିଂଠାରେ ପହଞ୍ଚି ବୁଲି ଦେଖିଥିଲେ। ପରେ ବଜାରରେ ସର୍ବସାଧାରଣ ସ୍ଥାନରେ ହୋଇଥିବା ଅସ୍ଥାୟୀ ଜରିପାଲ ଘରକୁ ଭାଙ୍ଗିବା ପାଇଁ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଏସ୍‌ଡିପିଓ କହିଥିଲେ।

### ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

ଜଟଣୀ,୬।୧(ଡି.ଏନ୍.ଏ.): ଜଟଣୀ ମୁଖ୍ୟ ରାସ୍ତା ନାଇଜର ଛକ ନିକଟରୁ ଦୁଇଜଣ ଯୁବକ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଫୋନ ଝାମ୍ପି ନେଇଥିବା ଜଟଣୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜଟଣୀ ବ୍ଲକ ଅନ୍ତର୍ଗତ ବେଲପଡା ଗ୍ରାମର ଅଶୋକ କୁମାର ସାହୁ ଅପରାହ୍ନ ୨ଟାରେ ଜଟଣୀରୁ ବାଇକ୍‌ରେ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ପହଞ୍ଚି ଅଶୋକଙ୍କ ପକେଟରୁ ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ଅଶୋକ ଥାନାରେ ଅଭିଯୋଗ କରିଥିଲେ।

# ଚାଷୀଙ୍କ କାମରେ ଲାଗୁନି ମନ୍ଦାକିନୀ ବ୍ୟାରେଜ

ନିରାକାରପୁର,୬।୧(ଡି.ଏନ୍.ଏ.)



■ ଧାନଚାଷ ପରେ ୭୫% ଜମି ପଡ଼ିଆ ରହୁଛି
■ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ୯ହଜାର ୮୫୩ ହେକ୍ଟର ଚାଷଜମି ରହିଥିବା ବେଳେ ୯ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ ରହିଛି । ବ୍ଲକର ପ୍ରାୟ ୬୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏଠାରେ ଧାନଚାଷ ପରେ ନଦୀ ନିକଟବର୍ତ୍ତୀ ଅଞ୍ଚଳବାସୀ ବାଦାମ, ମୁଗ ଓ ପନିପରିବା ଚାଷ କରିଥାନ୍ତି। ପ୍ରାୟ ୨୫ ପ୍ରତିଶତ ଜମିରେ ଏହି ଚାଷ ହେଉଥିବା ବେଳେ ଜଳସେଚନର ସୁବିଧା ନ ଥିବାରୁ ଅବଶିଷ୍ଟ ଜମି ପଡ଼ିଆ ରହୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ରାମେଶ୍ୱରସ୍ଥିତ ମନ୍ଦାକିନୀ ନଦୀ ଉପରେ ବ୍ୟାରେଜ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ଚାଷୀଙ୍କ କାମରେ ଲାଗିପାରୁନାହିଁ।

ସୂଚନାଥାଉ କି, ଚାଷୀଙ୍କ ସୁବିଧା ଲାଗି ରାମେଶ୍ୱରଠାରେ ମନ୍ଦାକିନୀ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯାଇଥିଲା। ଫଳରେ ରାମେଶ୍ୱର, ନିରାକାରପୁର, ଡିଆ, ଲେଣ୍ଡୋ, ନୂଆଗଡ ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ। ଏନେଇ କେନାଲ କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ ଚାଷୀଙ୍କ କାମରେ ଆସିପାରୁନାହିଁ। ଫଳରେ କେନାଲ ନିକଟ ଜମିଗୁଡିକ ପଡିଆ ରହୁଛି। ଜଳସେଚନର ସୁବିଧା ନ ଥିବାରୁ ଧାନ ଚାଷ ପରେ ଚାଷୀ ହାତ ବାନ୍ଧି ବସୁଛନ୍ତି। ଏନେଇ ଚାଷୀ ନାରାୟଣ ମହାନ୍ତି କହିଛନ୍ତି, ଜଳସେଚନର ସୁବିଧା କରାଗଲେ ଧାନ ପରେ ପନିପରିବା ଚାଷ ହୋଇପାରନ୍ତା। କେନାଲ ପାର୍ଶ୍ୱରେ ଜମି ରହିଥିଲେ ମଧ୍ୟ ପାଣି ଅଭାବରୁ ତାହା ପଡିଆ ପଡୁଛି। ସେହିପରି ଚାଷୀ ଦେବେନ୍ଦ୍ର ପରିଜା କୁହନ୍ତି, ବ୍ଲକ୍‌ରେ ଜଳସେଚନ କହିଲେ ବର୍ଷା ଉପରେ ନିର୍ଭର କରିବାକୁ ପଡିଥାଏ। ଜଳସେଚନର ସୁବିଧା ନ ଥିବାରୁ କେବଳ ଖରିଫ ଋତୁରେ ଧାନ ବ୍ୟତୀତ ଅନ୍ୟ ଫସଲ ହୋଇପାରୁନାହିଁ। ଫଳରେ ଅଧିକାଂଶ ଜମି ପଡିଆ ପଡୁଛି । ଚାଷୀ ଅଜୟ ଛୋଟରାୟ କୁହନ୍ତି, ବ୍ୟାରେଜ ମରାମତି ସହ ପାଣି ଭର୍ତ୍ତି ରହିଲେ ଜମିରେ ଜଳସେଚନ ହୋଇପାରନ୍ତା। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।



୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ, କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ଅଭିମୁଖେ ଯାଉଥିବା 'ଅଧିକାର ଯାତ୍ରା'।

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କୃଷ୍ଣପ୍ରସାଦ, ୬।୧ (ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକରେ ଗୁରୁବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଗୋମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବିପଣନ ଗୃହ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନୂତନ ଗୃହ, ବିଜୁ ପଟ୍ଟନାୟକ ଗ୍ରାମୀଣ ଉଦ୍ୟାନ, ଟୁବୁକା ଗ୍ରାମରେ ସୋଲାର ଟ୍ୟାଙ୍କର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ମନୋଜ ନାୟକ, ଆଇଆଇସି ଦିଲୀପ ସ୍ୱାଇଁ, ସରପଞ୍ଚ ସଞ୍ଜୁଲତା ଜେନା, ସମିତିସଭ୍ୟ ବିଜୟ ତରେଇ, ସୁବାସ ଚନ୍ଦ୍ର ମିସ୍ତ୍ରି, ସୁକାନ୍ତ ଜେନା, ମାୟାଧର ସାହୁ, ମଙ୍ଗୁଳି ଚରଣ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ଚନ୍ଦ୍ର ମାଝୀ, ପ୍ରଭାତୀ ପ୍ରଧାନ, କାଶୀନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଡ଼ଖାଡ଼ ପଞ୍ଚାୟତ ଅନ୍ତର୍ଗତ ପଥରକଟା ଗ୍ରାମରେ ନୂତନ କମ୍ୟୁନିଟି ସେଣ୍ଟରର ଶୁଭ ଦିଆଯାଇଛି। ଏହି ଅବସରରେ କରୋନା ଗାଇଡ୍‌ଲାଇନ ଅନୁଯାୟୀ ସାଧାରଣ ସଭା ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ସରପଞ୍ଚ ସତ୍ୟବାନ ତରେଇ, ଅଭୟ ମହାପାତ୍ର, ଶାନ୍ତନୁ ମାଝୀ, ହେମନ୍ତ କୁମାର ଜେନା, କୃଷ୍ଣଚନ୍ଦ୍ର ଜେନା, ଅଜୟ ପଲେଇ, ଦିଲୀପ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା ମାମଲା
# ସ୍ୱାମୀଙ୍କ ପତ୍ତା ପାଉନି ପୋଲିସ

ଖୋର୍ଦ୍ଧା ଅଫିସ,୬।୧

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ଗତ ଅକ୍ଟୋବର ୧୦ରେ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି ନିଜ ବାପଘରେ ଥିବା ବେଳେ ତାଙ୍କ ତଣ୍ଟି କାଟି ହତ୍ୟା କରିଥିଲେ ସ୍ୱାମୀ। ଘଟଣାକୁ ୮୭ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ସ୍ୱାମୀ କାର୍ତ୍ତିକ ପ୍ରଧାନଙ୍କ ସନ୍ଧାନ ପୋଲିସ ପାଇପାରିନାହିଁ। ମୃତାଙ୍କ ମାମୁ କୈଳାସ ହରିଚନ୍ଦନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନାଥାଉ କି, ଇନ୍ଦିରାଙ୍କ ପରିବାର ଗୁରୁଜଙ୍ଗ ପତିତପାବନ ଛକର ଏକ ଭଡ଼ାଘରେ ରୁହନ୍ତି। ୨୦୦୫ ମସିହାରେ ଇନ୍ଦିରା ଗୁରୁଜଙ୍ଗର କାର୍ତ୍ତିକଙ୍କୁ ପ୍ରେମ ବିବାହ କରିଥିଲେ। କାର୍ତ୍ତିକ ବ୍ୟବସାୟ କରନ୍ତି। ତାଙ୍କର ଗୋଟିଏ ପୁଅ (୧୫) ରହିଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗି ରହିବାରୁ ଇନ୍ଦିରା ପୁଅଙ୍କୁ ଧରି ବାପଘରକୁ ପଳାଇ ଆସିଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଭଡ଼ାଘରେ ରହୁଥିଲେ। ହତ୍ୟାକାଣ୍ଡର ସପ୍ତାହେ ପୂର୍ବରୁ କାର୍ତ୍ତିକ ଶ୍ୱଶୁର ଘରେ ଆସି ରହୁଥିଲେ। ଇନ୍ଦିରାଙ୍କୁ ଜୀବନରେ ମାରିଦେବା ପାଇଁ କାର୍ତ୍ତିକ ପୂର୍ବରୁ ଯୋଜନା କରିଥିଲେ। ଘଟଣା ଦିନ ରାତି ପ୍ରାୟ ୧ଟା ୩୦ରେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକକୁ କାଟି ହତ୍ୟା କରି ପଳାଇଥିଲେ। ଗୁରୁଜଙ୍ଗ ମେଲଣ ପଡିଆରେ ରହୁଥିବା ନିଜ ଘରକୁ ଯାଇ ସାନଭାଇକୁ ବାଇକ୍ ଦେବା ପାଇଁ କହିଥିଲେ। ଏତେ ରାତିରେ ବାଇକ୍ କ'ଣ କରିବୁ ବୋଲି ପଚାରିବାରୁ ସେ କିଛି ନ କହି ସେଠାରୁ ଦୌଡି ପଳାଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ସନ୍ଧାନ ମିଳି ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରହଛି ବୋଲି ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

# ଟିକାକରଣ, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୬।୧

**କୋଭିଡ୍ ନିୟନ୍ତ୍ରଣ, ପରିଚାଳନା ଲାଗି ଜିଲାସ୍ତରୀୟ ବୈଠକ**

■ ଗୋଟିଏ ସ୍ଥାନରୁ ୫ ଚିହ୍ନଟ ହେଲେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ
■ ୧୦ ଦିନରେ ପ୍ରସ୍ତୁତ ହେବ ନୀଳାଚଳ କୋଭିଡ୍ ମେଡିକାଲ

ଖୋର୍ଦ୍ଧା ଜିଲାରେ କୋଭିଡ୍ ନିୟନ୍ତ୍ରଣ ଓ ପରିଚାଳନା ଲାଗି ଗୁରୁବାର ପ୍ରଶାସନ ପକ୍ଷରୁ ଏକ ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଟେଷ୍ଟିଂ, ଟିକାକରଣ, ଭିଡ଼ ନିୟନ୍ତ୍ରଣ ଏବଂ ଗାଇଡ୍‌ଲାଇନ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି।

ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ରହିବ। ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ। ସେବାଭୁକ୍ତ କର୍ମଚାରୀ ଏବଂ ଜରୁରୀ ସେବାରେ ଯାଉଥିବା ବ୍ୟକ୍ତି ଯାତାୟାତ କରିପାରିବେ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ। କୋଭିଡ୍ ସଂକ୍ରମିତ ରୋଗୀଙ୍କ ଚିକିତ୍ସା, ଅକ୍ସିଜେନ, ଟେଷ୍ଟିଂ ଓ ଟିକାକରଣ ଉପରେ ଜିଲ ମୁଖ୍ୟ ଚିକିତ୍ସା ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ। ଗୋଟିଏ ସ୍ଥାନରେ ୫ଜଣ ପଜିଟିଭ୍ ଚିହ୍ନଟ ହେଲେ, ଉକ୍ତ ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଫିଭର କ୍ଲିନିକ୍ କାର୍ଯ୍ୟ କରିବ। ୧୦ଦିନ ମଧ୍ୟରେ ନୀଳାଚଳ କୋଭିଡ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବ। ହାଟ, ବଜାର, ଶପିଂ ମଲ୍, ଶପିଂ କମ୍ପ୍ଲେକ୍ସ ଆଦି ସ୍ଥାନରେ ଭିଡ଼ ନିୟନ୍ତ୍ରଣ କରାଯିବ। ହୋଟେଲ, ଢାବା ପଚାଶ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ କରିବେ। ସାମାଜିକ ସଭା ପ୍ରଦର୍ଶନୀ, ମେଳା ଓ ଧାର୍ମିକ ସମାବେଶ ବନ୍ଦ କରାଯାଇଛି।



ଧର୍ମାନୁଷ୍ଠାନଗୁଡିକରେ କୋଭିଡ୍ ନିୟମାନୁସାରେ କେବଳ ରୀତିନୀତି ପାଳନ କରାଯିବ। ଭକ୍ତଙ୍କ ଗହଳି ରହିବ ନାହିଁ। ଏଥିଲାଗି ମନ୍ଦିର କମିଟି ଗୁରୁତ୍ୱ ଦେବ। ପର୍ଯ୍ୟଟନ ସ୍ଥଳରେ ବଣଭୋଜିକୁ ବନ୍ଦ କରାଯାଇଛି। ବିନା ମାସ୍କରେ ବୁଲୁଥିବା ବେଳେ ଧରାପଡିଲେ ଜରିମାନା ଆଦାୟ କରାଯିବ। ଖାଦ୍ୟସାମଗ୍ରୀ ଘର ନିକଟ ସ୍ଥାନରୁ କିଣନ୍ତୁ। ବଜାରରେ କିଣିବା ବେଳେ ସାମାଜିକ ଦୂରତ୍ୱ ରଖନ୍ତୁ। ଅତି ଜରୁରୀ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ସ୍ଥାନୀୟ ତହସିଲଦାର, ନିର୍ବାହୀ ଅଧିକାରୀ, ଉପଜିଲାପାଳ ନିଜ ନିଜ ଅଞ୍ଚଳର ବ୍ୟବସାୟୀଙ୍କ ସହ ଆଲୋଚନା କରିବେ। ଅସ୍ଥାୟୀ ଭାବେ ପରିବା ବଜାର ସ୍ଥାନାନ୍ତର, ହାଟ ବଜାରରେ ଭିଡ଼ ନିୟନ୍ତ୍ରଣ ଏବଂ ଦୋକାନୀମାନେ ପରସ୍ପରଠାରୁ ଦୂରତ୍ୱ ରଖି ବେପାର କରିବେ। ଖୋର୍ଦ୍ଧାରେ ମାଛ ମାର୍କେଟ, ହାବେଳି ସ୍ଥିତ ଅସ୍ଥାୟୀ ପରିବା ବଜାରରେ ଗ୍ରାହକମାନେ ପରିବା କିଣିବା ବେଳେ ସାମାଜିକ ଦୂରତ୍ୱ ରଖିବା ଲାଗି ବ୍ୟବସ୍ଥା କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଏସ୍‌ପି ରାଜକିଶୋର ଦୋରା, ଉପଜିଲାପାଳ(ଖୋର୍ଦ୍ଧା) ଆଇ. ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପପୁ


@ ଅବନୀ


@ ପ୍ରଭାଶିଷ


@ବିଶ୍ୱରଞ୍ଜନ


@ ମନିଷ


@ ଅରବିନ୍ଦ

## ଛାତ୍ରାବାସ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ

ବାଲୁଗାଁ, ୬।୧(ଡି.ଏନ୍.ଏ.)

**ନୀଳାଦ୍ରିପ୍ରସାଦ ଆଶ୍ରମ ବିଦ୍ୟାଳୟର ଜଣେ କର୍ମଚାରୀଙ୍କ ସମେତ ୧୦ ଅନ୍ତେବାସୀ ପଜିଟିଭ୍**

ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରିପ୍ରସାଦ ଆଶ୍ରମ ବିଦ୍ୟାଳୟର ଜଣେ କର୍ମଚାରୀଙ୍କ ସମେତ ୧୦ଜଣ ଛାତ୍ରୀଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବିଦ୍ୟାଳୟ ଛୁଟି ଥିବା ବେଳେ ଛାତ୍ରାବାସରେ ୫୭ଜଣ ଅନ୍ତେବାସୀ ରହୁଥିଲେ। କେତେଜଣ ଛାତ୍ରୀଛାତ୍ର ଥଣ୍ଡା, କାଶଜନିତ ରୋଗରେ ପୀଡ଼ିତ ହେବାରୁ ସେମାନଙ୍କର କୋଭିଡ୍ ଟେଷ୍ଟିଂ କରାଯାଇଥିଲା। ବୁଧବାର ୪ ଛାତ୍ର ଓ ୨ ଛାତ୍ରୀଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଗୁରୁବାର ମଧ୍ୟ ଉକ୍ତ ବିଦ୍ୟାଳୟର ଜଣେ କର୍ମଚାରୀଙ୍କ ସମେତ ୨ଜଣ ଛାତ୍ରୀ ଓ ଜଣେ ଛାତ୍ର ପଜିଟିଭ ରିପୋର୍ଟ ଆସିଛି। ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନାଙ୍କ ତତ୍ତ୍ୱାବଧାନରେ ଏକ କରୋନା ଟେଷ୍ଟିଂ ଟିମ୍ ଛାତ୍ରାବାସରେ ପହଞ୍ଚି ଅବଶିଷ୍ଟ ୪୮ ଜଣଙ୍କ ନମୁନା ସଂଗ୍ରହ କରିଛି। ଏଥିସହ ଉକ୍ତ ଛାତ୍ରାବାସକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସଂକ୍ରମିତଙ୍କୁ ବିଦ୍ୟାଳୟ ଗୃହରେ ସଙ୍ଗରୋଧରେ ରଖାଯାଇଛି। ସେମାନଙ୍କୁ ସମସ୍ତ ସୁବିଧା ଓ ଚିକିତ୍ସା ସେବା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି।



ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଗୁରୁବାର କଟକ ନଗର ଭାଜପା ଓବିସି ମୋର୍ଚ୍ଚା ତରଫରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।


ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଶାରଦା ଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଗୁରୁବାର ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।


ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ୨୩ତମ ଗୁରୁ ପ୍ରଣାମ ମହୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## ସଂକ୍ଷେପରେ

### ଭୁବନେଶ୍ୱର ସ୍ମାର୍ଟ ସିଟି ଦୁଇ ବର୍ଗରେ 'ସ୍କଚ୍' ପୁରସ୍କାର ପାଇଲା

**ଭୁବନେଶ୍ୱର,୬।୧(ବ୍ୟୁରୋ):** ଭୁବନେଶ୍ୱର ସ୍ମାର୍ଟ ସିଟିକୁ ପୁଣି ଏକ ସଫଳତା ମିଳିଛି। ଇ-ଗଭର୍ନାନ୍ସ ପାଇଁ ସ୍ମାର୍ଟସିଟି ଦୁଇଟି ବର୍ଗରେ 'ସ୍କଚ୍' ପୁରସ୍କାର ପାଇଛି। 'ଭୁବନେଶ୍ୱର ଡଟ୍ ମି' ୟୁନିଫାଏଡ୍ ସିଟି ପୋର୍ଟାଲ ପାଇଁ ଅର୍ବାନ ଗଭର୍ନାନ୍ସ ବର୍ଗ ଅଧୀନରେ ଭୁବନେଶ୍ୱର ଗୋଟିଏ ପୁରସ୍କାର ଜିତିଥିବାବେଳେ ନାଗରିକ ଚାଳିତ ସେବା ଏବଂ ଉପଯୋଗିତା କ୍ଷେତ୍ରରେ ବିଲ୍ଡିଂ ପ୍ଲାନ ଅନୁମୋଦନ ବ୍ୟବସ୍ଥା (ବିପିଏଏସ) ପାଇଁ 'ଇଜ୍ ଅଫ ଡୁଇଙ୍ଗ ବିଜ୍‌ନେସ' ପୁରସ୍କାର ଜିତିଛି। ଭାରତକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ବ୍ୟକ୍ତି, ପ୍ରକଳ୍ପ ଏବଂ ଅନୁଷ୍ଠାନକୁ ୨୦୦୩ରୁ ସ୍କଚ୍ ଫାଉଣ୍ଡେଶନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ଚୟନରେ ଡିଜିଟାଲ୍, ଆର୍ଥିକ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣର ଶ୍ରେଷ୍ଠ ପ୍ରୟାସକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଶ୍ରେଷ୍ଠ ଶାସନ, ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ଉତ୍କର୍ଷତା, ପରିଚାଳନା, କର୍ପୋରେଟ୍ ନେତୃତ୍ୱ, କର୍ପୋରେଟ୍ ଶାସନ, ନାଗରିକ ସେବା ବିତରଣ, ଦକ୍ଷତା ବିକାଶ, ସଶକ୍ତୀକରଣ ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ବିଚାରକୁ ନିଆଯାଇଥାଏ। ଏ ସମ୍ପର୍କରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସଞ୍ଜୟ କୁମାର ସିଂ କହିଛନ୍ତି, ଡିଜିଟାଲ୍ ଗଭର୍ନାନ୍ସ କ୍ଷେତ୍ରରେ ମନ୍ଦିର ମାଳିନୀ ସହର ଭୁବନେଶ୍ୱର ଦକ୍ଷତା ପ୍ରମାଣିତ କରୁଥିବାବେଳେ ଆଗାମୀ ଦିନରେ ଅଧିକ ନାଗରିକ କେନ୍ଦ୍ରିକ ପଦକ୍ଷେପ ଗ୍ରହଣ କରାଯିବ।

### ପାହାଳ ମିଠା ବ୍ୟବସାୟୀଙ୍କୁ ପୋଲିସର ତାଗିଦ

**ବାଲିଅନ୍ତା,୬।୧(ଡି.ଏନ୍.ଏ.):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାର ସମସ୍ତ ସହରାଞ୍ଚଳରେ ରାତି ୯ଟାରୁ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାତି ୯ଟା ପୂର୍ବରୁ ପାହାଳର ସମସ୍ତ ମିଠା ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାକୁ ପାହାଳ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ବ୍ୟବସାୟୀମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି। ଗୁରୁବାର ଅପରାହ୍ନରେ ପାହାଳ ଥାନା ପରିସରରେ ଏକ ଜରୁରୀ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପାହାଳ ବଜାରରେ ଥିବା ମିଠା ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ସମସ୍ତ ବ୍ୟବସାୟୀ କୋଭିଡ୍ ନିୟମକୁ ମାନିବାକୁ ଥାନାଧିକାରୀ ବିଶ୍ୱାଳ ଅବଗତ କରିଥିଲେ। ଠିକ୍ ସମୟରେ ଖୋଲିବା ଓ ଠିକ୍ ସମୟରେ ଦୋକାନ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ୟତିକ୍ରମ ଘଟିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱାଳ କହିଥିଲେ। ବୈଠକରେ ଯୋଗଦେଇଥିବା ମିଠା ବ୍ୟବସାୟୀ ସଂଘର କର୍ମକର୍ତ୍ତା କୋଭିଡ୍ ନିୟମକୁ ମାନିବାକୁ ରାଜି ହୋଇଥିଲେ।

### ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର,୬।୧(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୫, ୬୧, ୫୧, ୬୪, ୪୯ ଅଞ୍ଚଳରେ ୭ କୋଟି ୫୦ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କରିଛନ୍ତି। କାର୍‌ଗିଲ ବସ୍ତିରେ ଷ୍ଟ୍ରିଟ ଲାଇଟ୍ ଏବଂ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ କୋଳଥିଆ ସତ୍ୟସାଇ ଏନକ୍ଲେଭ୍ ୱେଲ୍‌ଫେୟାର ସୋସାଇଟିର ବରିଷ୍ଠ ନାଗରିକଙ୍କ ପାଇଁ ପାଠାଗାରକୁ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିପିନ୍ ଦାସ, ନୃପେଷ ନାୟକ, ହୃଦୟ ବଲ୍ଲଭ ସାମନ୍ତରାୟ, ବିଜୟିନୀ ଜେନା, ମୁଜାହିଦ ହୁସେନ, ରୁନୁ ଜେନା, ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝି, ବଳରାମ ସ୍ୱାଇଁ, ନାରାୟଣ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀ କୋଚ୍ ସହ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ







ଭୁବନେଶ୍ୱର ରେଳ ଷ୍ଟେଶନଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ ପୁରୀରୁ ବାହାରୁଥିବା ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଗୁରୁବାର ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ର ରାଜଧାନୀ କୋଚ ସହ ଚଳାଚଳକୁ ଭିଡିଓ କନ୍‌ଫରେନ୍ସରେ ଶୁଭାରମ୍ଭ କରିଛନ୍ତି।

ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ପାଇଁ ରେଳପଥ ପକ୍ଷରୁ ୧୮୪୫୨/୧୮୪୫୧ ପୁରୀ-ହାଟିଆ-ପୁରୀ-ତପସ୍ୱିନୀ ଏକ୍ସପ୍ରେସ୍‌କୁ ବର୍ତ୍ତମାନ ପ୍ରଚଳିତ କୋଚ ପରିବର୍ତ୍ତେ ଉନ୍ନତମାନର ରାଜଧାନୀ କୋଚ ଭଳି ଲିଙ୍କେ-ହୋଫ୍‌ମାନ-ବୁଶ୍(ଏଲ୍ଏଚ୍‌ବି) କୋଚ ସହ ଚଳାଚଳ କରାଯାଉଛି। ଏହି ସୁବିଧା ଆରାମଦାୟକ ଯାତ୍ରା ଅଭିଜ୍ଞତା ଏବଂ କମ୍ ଶବ୍ଦ ସହିତ ସୁରକ୍ଷାକୁ ବୃଦ୍ଧି କରାଇବ ବୋଲି ମନ୍ତ୍ରୀ ବୈଷ୍ଣବ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ରେଳଷ୍ଟେଶନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଏବଂ ହାଟିଆଠାରେ ଜନପ୍ରତିନିଧିମାନେ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ।

ଏହି ଅବସରରେ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ରେଳ ପ୍ରକଳ୍ପ ସମ୍ପାଦନ ପାଇଁ ପାଣ୍ଠିର ପ୍ରତିବନ୍ଧକ ପାଇଁ ବିଳମ୍ବ ହେବନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ ହେବ। ଏହାସହ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସେ ଆଲୋକପାତ କରିଛନ୍ତି। ଏହି ଉତ୍ସବରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳପଥ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରାରମ୍ଭିକ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କଟକ ରେଳ ଷ୍ଟେଶନଠାରେ ଦ୍ୱିତୀୟ ପ୍ରବେଶ ପଥର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହ କଟକ ଷ୍ଟେଶନ ନିରୀକ୍ଷଣ କରିବା ସହ ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ମଧ୍ୟ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ସମୟରେ ବୈଷ୍ଣବ ବାଲେଶ୍ୱର ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ଯାତ୍ରୀବାହୀ ଟ୍ରେନ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଅପରାହ୍ନରେ ନୀଳଗିରି, ବସ୍ତା ଏବଂ ଜଳେଶ୍ୱର ରେଳଷ୍ଟେଶନଠାରେ ବିଭିନ୍ନ ପ୍ରକଳ୍ପ ଓ ଯାତ୍ରୀ ପରିସେବାର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି।

ଧର୍ମେନ୍ଦ୍ର କହିଛନ୍ତି, ୨୦୨୧ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାମରା ଗସ୍ତ ସମୟରେ ଭୁବନେଶ୍ୱରରୁ ରେଢ଼ାଖୋଲ ପର୍ଯ୍ୟନ୍ତ ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଯାତ୍ରା କରିଥିଲେ। ଏହି ସମୟରେ ଅନେକ ସହଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯାତ୍ରୀମାନେ ଉକ୍ତ ଟ୍ରେନ୍‌ରେ ଏଲ୍ଏଚ୍‌ବି କୋଚ୍ ଆରମ୍ଭ କରିବା ଲାଗି ଦୀର୍ଘଦିନରୁ ଦାବି ଥିବା କହିଥିଲେ। ସେହି ମାସ ୫ ତାରିଖରେ ସେ ଉକ୍ତ ଟ୍ରେନ୍‌କୁ ଏଲ୍ଏଚ୍‌ବି କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାସହ ପ୍ରତ୍ୟକ୍ଷ ଭେଟି ଏହି କାର୍ଯ୍ୟ ଲାଗି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ ମଧ୍ୟ କରିଥିଲେ। ଦାବି ପୂରଣ ହୋଇଥିବାରୁ ବୈଷ୍ଣବଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଆଜିଠୁ ନନ୍ଦନକାନନ ପାଇଁ ଅନ୍‌ଲାଇନ ଟିକେଟ

**ବାରଙ୍ଗ,୬।୧(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମିତ ଓ ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ଅଫଲାଇନ ଟିକେଟକୁ ବନ୍ଦ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଶୁକ୍ରବାରଠାରୁ ଅନ୍‌ଲାଇନରେ ଟିକେଟ କାଟିବାକୁ ପଡିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଉ ପର୍ଯ୍ୟଟକଙ୍କୁ ଧାଡ଼ିରେ ଛିଡା ହେବାକୁ ପଡିବ ନାହିଁ। ଉଭୟ ପାର୍କ ବୁଲିବାକୁ ଇଚ୍ଛା କରୁଥିବା ପର୍ଯ୍ୟଟକମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି ବୁଲିପାରିବେ। ତେବେ ଉଭୟ ପାର୍କରେ ପ୍ରବେଶ ପାଇଁ ନନ୍ଦନକାନନର ୱେବ୍‌ସାଇଟ୍ www.nandankanan.org ନଚେତ ନନ୍ଦନକାନନର ଆପ୍ ଦ୍ୱାରା ପର୍ଯ୍ୟଟକମାନେ ପ୍ରବେଶ ପାଇଁ ଅନ୍‌ଲାଇନ ଟିକେଟ କାଟିପାରିବେ। ସାମାଜିକ ଦୂରତ୍ୱ ସହ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି।

**ଅଗ୍ନିଶମ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**

# ବୋଲଗଡ଼ ଚାମ୍ପିୟନ



**ବାଲୁଗାଁ,୬।୧(ଡି.ଏନ୍.ଏ.)**

ବାଲୁଗାଁ ଅଗ୍ନିଶମ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟାଳୟ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ଆନ୍ତଃ ଜିଲା ଅଗ୍ନିଶମ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଆୟୋଜକ ବାଲୁଗାଁ ଅଗ୍ନିଶମ ଟିମ୍ ଓ ବୋଲଗଡ଼ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବୋଲଗଡ଼ ଟିମ୍ ୨-୦ ସେଟ୍‌ରେ ବାଲୁଗାଁକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ସୁକାନ୍ତ ବିଶ୍ୱାଳ ଏବଂ ଅଗ୍ନିଶମ ଅଧିକାରୀ ନିତ୍ୟାନନ୍ଦ ଜେନା ଯୋଗଦେଇ ଚାମ୍ପିୟନ ଟିମ୍‌ର ନୀହାର ରଞ୍ଜନ ଦତ୍ତ ଏବଂ ବାବି କୁମାରଙ୍କୁ ଟ୍ରଫି ସହ ୩୫୦୦ ଟଙ୍କା ଓ ରନର୍ସ ଟିମ୍‌କୁ ଟ୍ରଫି ସହ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଦିବଂଗତ ଅମିତ୍ କୁମାର ବିଶ୍ୱାଳ ମେମୋରିଆଲ ଟ୍ରଫି ବିଜେତା ଦଳକୁ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବାବି କୁମାର ଏବଂ ଶୃଙ୍ଖଳିତ ଖେଳାଳି ଭାବେ ଶାଶ୍ୱତ କୁମାରଙ୍କୁ ମାନପତ୍ର ଦିଆଯାଇଥିଲା। ବ୍ରହ୍ମପୁରର ମୁଖ୍ୟ ପ୍ରଶିକ୍ଷକ ରାଜ୍ ସାହା ଏବଂ ବିଶ୍ୱଜିତ ଶତପଥୀ ମ୍ୟାଚ୍ ପରିଚାଳନା କରିଥିଲେ। ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀ ଏବଂ ଆୟୋଜକ ଟିମ୍‌ର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ମାଟ୍ରିକ୍ ସମେଟିଭ୍ ପରୀକ୍ଷାର ଗୁରୁବାର ଦ୍ୱିତୀୟ ଦିବସରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ସମ୍ମୁଖରେ ସୃଷ୍ଟି ହୋଇଥିବା ଭିଡ଼ ଭିତରେ ଛାତ୍ରୀଛାତ୍ର।

## ଦିନକ ଆଗରୁ ସରିଲା ଶିଶିର ସରସ ମେଳା

**ଭୁବନେଶ୍ୱର,୬।୧(ବ୍ୟୁରୋ):** କରୋନା ସଂକ୍ରମଣ ହଠାତ ବଢ଼ିଯିବା ପରେ ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ୭ ତାରିଖରୁ ଏହା ଲାଗୁ ହେଉଥିବାରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଓର୍‌ମାସ ପକ୍ଷରୁ ଚାଲିଥିବା ଜାତୀୟ ସ୍ତରୀୟ ଶିଶିର ସରସ ମେଳାକୁ ଦିନକ ଆଗରୁ ଗୁରୁବାର ବନ୍ଦ କରିଦିଆଯାଇଛି। ଫଳରେ ବ୍ୟବସାୟୀମାନେ ୧୦ଦିନ ବେପାର କରିବାକୁ ସୁଯୋଗ ପାଇଥିବାବେଳେ ମୋଟ ୮.୦୮ କୋଟିର କାରବାର ହୋଇଥିବା ସୂଚନା ଦିଆଯାଇଛି।

**୧୦ଦିନରେ ୮ କୋଟିରୁ ଊର୍ଦ୍ଧ୍ୱ ବେପାର**

## ଜମି ଦେବା ନାଁରେ ୧.୨୦ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬।୧(ବ୍ୟୁରୋ):** ଜମି ଦେବାକୁ କହି ୧.୨୦ ଲକ୍ଷ ଟଙ୍କା ଠକି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଅଜୟ କୁମାର ପରିଡ଼ା(୪୬)। ସୂଚନା ଅନୁଯାୟୀ, ୨୦୧୪ ଜୁନ୍‌ରେ ଅଭିଯୁକ୍ତ ଅଜୟ ବାଲିଅନ୍ତା ଅଞ୍ଚଳର ଅଶ୍ୱିନୀ କୁମାର ମହାନ୍ତିଙ୍କୁ ବଡ଼ଗଡ଼ ଥାନା ଅଞ୍ଚଳ ବେଷ୍ଟକାର ମୌଜାରେ ଏକ ଜମି ଦେବାକୁ କହି ୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ଏଥିପାଇଁ ଏକ ଚୁକ୍ତିନାମା ମଧ୍ୟ ହୋଇଥିଲା। ହେଲେ ସେ ଜମିକୁ ତାଙ୍କ ନାମରେ କରି ନ ଥିଲେ। ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏନେଇ ଅଶ୍ୱିନୀ ୨୦୧୮ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୮୨/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ୩.୩୯ କୋଟି ରାଜସ୍ୱ ଆଦାୟ



**ଜଟଣୀ,୬।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗୁରୁବାର ଜଟଣୀ ତହସିଲ ପରିଦର୍ଶନ କରିବା ସହ ବାର୍ଷିକ ସାଲତାମି ତଦାରଖ କରିଥିଲେ। ଏଥିସହ ତହସିଲ ଅଧୀନ ସମସ୍ତ ରାଜସ୍ୱ ଅଞ୍ଚଳର କାର୍ଯ୍ୟକାରିତା ବିଷୟରେ ପଚାରି ବୁଝିଥିଲେ। ୨୦୨୦-୨୧ ବର୍ଷରେ ଜଟଣୀ ତହସିଲ ଅଞ୍ଚଳରୁ ବିଭିନ୍ନ ମାମଲାରେ ମୋଟ୍ ୩ କୋଟି ୩୯ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ତହସିଲଦାର ତପନ କୁମାର ମହାପାତ୍ର କହିଛନ୍ତି। ସମସ୍ତ ଡିମାର୍କେଶନ କେସ୍‌କୁ ଏକ ମାସ ମଧ୍ୟରେ ଫଇସଲା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏନ୍‌କ୍ରୋଚମେଣ୍ଟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ, ବିଭିନ୍ନ ଖଣିଜ ପଦାର୍ଥ ଚୋରା ଚାଲାଣରେ ଜବତ ଟ୍ରକ୍ ମାଲିକଙ୍କଠାରୁ ୧ଲକ୍ଷ ଟଙ୍କା ଓ ଜବତ ଟ୍ରାକ୍ଟର ମାଲିକଙ୍କଠାରୁ ଗାଡ଼ି ପିଛା ୫୦ହଜାର ଜରିମାନା ଆଦାୟ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ବେଳେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ସମସ୍ତ ଆର୍‌ଆଇ, ଏଆର୍‌ଆଇ ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

**ଜିଲାପାଳଙ୍କ ଜଟଣୀ ତହସିଲ ପରିଦର୍ଶନ**

# ମନ୍ତ୍ରୀଙ୍କ ଦ୍ୱାରା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୋଲଗଡ଼,୬।୧(ଡି.ଏନ୍.ଏ.):** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ମାଣିକାଗୋଡାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରିଛନ୍ତି। ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ନେତା ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ବିଡିଓ ଧୋବେଇ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି, ଜିଲା ସମବାୟ ଡାଇରେକ୍ଟର ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ସମିତିସଭ୍ୟ ବୀର କିଶୋର ଦାସ, ସରପଞ୍ଚ ବବିତା ସାହୁ, ଦଳେଇସାହି ସରପଞ୍ଚ ତାଜର ଅଲ୍ଲୀ ଖାଁ, ସମିତିସଭ୍ୟ ପ୍ରଶାନ୍ତ ସ୍ୱାଇଁ, ପ୍ରଧାନ ଶିକ୍ଷକ ଯୋଗୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦାଶ ଦଳେଇ ସାହି ପଞ୍ଚାୟତର ମାଣିକାଗୋଡ଼ା ଗ୍ରାମରେ ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବୋଲଗଡ଼ରୁ ମାଣିକାଗୋଡା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।




**WATER AND LAND MANAGEMENT INSTITUTE**
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, Pin-754001
(0671) 2586426, 2586432, Fax:- 2586430
Email_Id: walmi_orissa@rediffmail.com
Website: www.walmiodisha.com or www.walmi odisha.org

**TENDER ENQUIRY No. 01/2021-22**

No.A-816:- Sealed Tenders are invited from the qualified man power agencies/ service providers for providing the services of Junior Engineer (Civil), Amin, Community Organiser and CAD & WM Expert to WALMI, Odisha for Soft Component Activities in Rengali Irrigation Project (Ph-2), The details of tender will be web-hosted in the WALMI Website: **www.walmiodisha.com**. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document & EMD is to be remitted in the form of Bank Draft/ Demand Draft in favour of the Deputy Director, WALMI payable at Bhubaneswar or Cuttack, The manpower agencies/ service providers are to send their bids to Deputy Director, WALMI with EMD and Tender fee on or before 17.01.2022 by 3.00 P.M. which is the last date of receipt of application. The time and date of opening of the Technical Proposal is on the same day at 4.00 P.M in the Office chamber of Deputy Director, WALMI. The application received after the due date and time due to any reason shall not be entertained.

OIPR-32199/11/0002/2122 **Sd./- Deputy Director, WALMI, Odisha**



**ଭୂ-ଅର୍ଜନ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ରେତ୍ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି**
**(କ୍ୟାମ୍ପ ଅଫିସ୍, ଭବାନୀପାଟଣା)**

ପତ୍ର ସଂଖ୍ୟା: ୦୪ ତା୦୪।୦୧।୨୦୨୨

**ନୋଟିସ୍**

No. A-818: ଏତଦ୍ୱାରା ଗୁଣ୍ଡୁରି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମୌଜା: ପାଡ଼ପଙ୍ଗା, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି ଗ୍ରାମବାସୀଙ୍କୁ ଜଣାଇ ଦିଆଯାଉଛି ଯେ, ପାଡ଼ପଙ୍ଗା ଗ୍ରାମର ଏ.୦.୬୪ଡି. ଜମି ରେତ୍ ଜଳସେଚନ ପ୍ରକଳ୍ପର ଅତିରିକ୍ତ ବୁଡ଼ି ଅଞ୍ଚଳ ନିମନ୍ତେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅଧିସୂଚନା ସଂଖ୍ୟା ୩୧୬ ତା୧୫।୦୯।୨୦୨୧ରିଖ ମୁତାବକ ଅଧିଗ୍ରହଣ କରାଯାଉଛି। ଏହି ଅଧିଗ୍ରହଣ ଦ୍ୱାରା ପାଡ଼ପଙ୍ଗା ଗ୍ରାମ (କଲୋନୀ ପଡ଼ା) କ୍ଷତିଗ୍ରସ୍ତ ହେଉଅଛି ଓ ବିସ୍ଥାପନ ପାଇଁ ପ୍ରସ୍ତାବ ଅଛି। ଏହି ନିମନ୍ତେ ଉକ୍ତ ଗ୍ରାମରେ ଏକ ଜନଶୁଣାଣି ତା୧୨।୦୧।୨୦୨୨ରିଖରେ କରିବାକୁ ସ୍ଥିର କରାଯାଇଅଛି।

ଏଣୁ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ତା୧୨।୦୧।୨୦୨୨ରିଖ ଦିବା ୧୧ଘଣ୍ଟା ସମୟରେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ହେବେ।

ସ୍ୱା./- ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ
ରେତ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି
OIPR-32426/11/0003/2122



**ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଠିକଟା, ଜିଲ୍ଲା: ସୁନ୍ଦରଗଡ଼**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଲାଠିକଟା ତହସିଲ ଅଧୀନରେ ଥିବା ତିନି (୩)ଗୋଟି ସୈରାତ ଉତ୍ସ (ବାଲି ଓ ପଥର ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ **(www.sundergarh.nic.in)**ରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ଲାଠିକଟା
OIPR-24246/11/0002/2122



**OFFICE OF THE EXECUTIVE ENGINEER, L.I. DIVISION, CUTTACK**

No. CAD-2734: e-mail: eeolic_ctc@yahoo.in

**e-Procurement Notice**
**Bid Identification No. 18/OLIC (CTC)/Dt.05.01.2022**

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited, Bhubaneswar invites Percentage Rate Bids in Online mode for Drilling & Installation of 150mm dia Cluster Shallow Tube Wells in different blocks of Cuttack & Jagatsinghpur districts from reputed drilling contractors having **OWN RIG & Experience** in similar nature of works. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Package | 2 (Two) |
| 2. | Estimated Cost | Rs.22.37 lakh to Rs.26.32 lakh |
| 3. | Cost of Tender Paper | Rs.6000/- (In Online Mode) + 5% GST as revers charge basis vide Challan No. **21AAACO5986G1ZF** of OLIC |
| 4. | Date & time of publication | Dt.07.01.2022 from 10.00 A.M. |
| 5. | Date & time of closing | Dt.12.01.2022 at 5.00 P.M. |
| 6. | Date & time of Opening of Bid | Dt.13.01.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender if any, can be seen in the website.

OIPR-32238/11/0021/2122 **Sd./- Executive Engineer**



**ODISHA POLICE**
**DISTRICT HEAD QUARTERS, JAJPUR**

Address: At: Office of the Superintendent of Police, Jajpur
At/P.O.: Panikoili, District - Jajpur,
Odisha, PIN - 755043
Contact No. 06726-240112
E-mail: spjjp.odpol@nic.in
No. 32/RO Date: 05.01.2022

**TENDER CALL NOTICE FOR HIRING OF VEHICLES**

No. D-269: Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the Jajpur district website **https://jajpur.nic.in**. Interested agencies may submit their tenders in a sealed envelope with super scribing on the top of the sealed envelopes as "Tender for Hiring of Vehicles for NH Patrol on monthly basis to Superintendent of Police, Jajpur".
The tender should reach the office of the undersigned by **23.01.2022 (till 5.30 P.M.)**. The tenders will be opened on **24.01.2022 at 11.00 A.M.** for finalization of Technical Bid. The financial bid will be opened on **24.01.2022 at 11.30 A.M.** The undersigned reserves the right to reject any or all the tenders without assigning any reason thereof.

**Sd./- Superintendent of Police, Jajpur**
OIPR-12103/11/0001/2122



obcc
**OFFICE OF THE SR. PROJECT MANAGER** No. CAD-2733
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
**PURI PROJECT DIVISION NO. II, PURI**
E-mail Id: obccpuridivnii@gmail.com / puridiv2@obcc.in
Letter No. 29 Date: 06.01.2022

**BID IDENTIFICATION NO. 10/2021-22 | TENDER CALL NOTICE**

**3.** The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.), Puri, on behalf of Governor of Odisha, invites Percentage bids in Double Cover system for the following works from 'B' & 'C' Class Contractors registered with the State Government, and contractors of equivalent grade/class registered with Central Government/ MES/ Railways or Manufacturers, Authorized Manufacturers having MSME registration throughout india to be eventually drawn up in P-1 form/ other available forms for execution of the works, on prodection of definite proof from the appropriate authority. But successful bidder other than State/ MES/ Railways/ CPWD/ MSME Company in equivalent rank must register under the State PWD before signing the agreement.

| Sl No. | Name of work | Approx. Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of SFRC boundary wall for Khandolite stockyard at Samanga, Puri | 35.00 | Sr. Project Manager, Puri Project Division No.-II, O.B. & C.C. Ltd., Puri | Nil | Rs.6,720/- | 'B' Class & 'C' Class and Authorized Manufacturers having MSME registration throughout India | 3 (Three) calendar months |

**14.** The Bid document shall be available in the website https://tendersodisha.gov.in from **04.30 P.M. of Dt. 07.01.2022 to 04.30 P.M. of Dt.17.01.2022** for online Bidding. **15.** The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. **16.** The bid shall be received **only through "online" on or before 04.30 P.M. of Dt. 17.01.2022.** **17.** Bids received online shall be opened at **05.00 P.M. on Dt. 17.01.2022** in the office of the Sr. Project Manager, Puri Division-II, Odisha Bridge & Construction Corporation Ltd., Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **18.** The authority reserves the right to cancel any or all bids without assigning any reason thereof. **19.** Further details with any addendum, corrigendum, cancellation can be seen from the website only **https://tendersodisha.gov.in**.

OIPR-34152/11/0006/2122 Sd./- Sr. Project Manager, Puri Project Divn. No.-II, O.B. & C.C. Ltd., Puri

**ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର**

ପୁରୀ ଅଫିସ: ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟିଜ୍ ପକ୍ଷରୁ ଗୁରୁବାର ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ପୁରୀ ବିଦ୍ୟୁତ୍ ଡିଭିଜନର ଉପମୁଖ୍ୟ ପରିଚାଳକ ଶିବପ୍ରସାଦ ସ୍ୱାଇଁଙ୍କୁ ସ୍ମାରକପତ୍ର ଦିଆଯାଇଛି। ସହରର ଅନେକ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ତାର ଓ ଟ୍ରାନ୍ସଫର୍ମର ପ୍ରଭୃତି ରହିଛି, ଯାହାକି ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସେସବୁ ମରାମତି କରାଯିବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଅନୁଷ୍ଠାନର ସଭାପତି ସୁଧାଂଶୁ ଜେନା, ସମ୍ପାଦକ ଆଇନଜୀବୀ ଦେବାଶିଷ ଦାସ, ଉପସଭାପତି ବିସ୍ମୟ ମିଶ୍ର, ସହସମ୍ପାଦକ ଆଦିତ୍ୟ ନାରାୟଣ ବାରିକ, ସତ୍ୟନାରାୟଣ ସାହୁ, ବିପିନ ମହାନ୍ତି, ମାନସ ରଥ, ସୌମ୍ୟକାନ୍ତ ସାହୁ, କୃଷ୍ଣ ପ୍ରଧାନ ଏବଂ ସତ୍ୟାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧।୨୦୨୨

| ୩,୨୦,୯୧୮ ଟଙ୍କା | |
|---|---|
| ସୁନା | ୧୫୦ ଗ୍ରାମ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର

ପୁରୀ ଅଫିସ, ୬।୧: ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ଗୁରୁବାର ଏକ ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର ହୋଇଛି। ଛାତ୍ର ଜ୍ୟୋତି ପ୍ରକାଶ ସାହୁ ଓ ସୌମ୍ୟ ରଞ୍ଜନ ବରାଳ ଏହି ପକ୍ଷୀଟିକୁ ଉଦ୍ଧାର କରିଛନ୍ତି। ଦୁହେଁ କ୍ଲାସ ସାରି ଫେରୁଥିବାବେଳେ କଲେଜ ପରିସରରେ ପକ୍ଷୀଟି ଆହତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେମାନେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଆହତ ପକ୍ଷୀଟିକୁ ଚିକିତ୍ସା ନିମନ୍ତେ ସାଥିରେ ନେଇଛନ୍ତି। ଶୀତଦିନରେ ବିଦେଶୀ ପକ୍ଷୀ ଚିଲିକାକୁ ଆସିଥାନ୍ତି। ପକ୍ଷୀଟି ଚିଲିକାକୁ ଆସିଥିବା ଅନୁମାନ କରାଯାଉଛି। ପକ୍ଷୀଟି ୱାଟର କକ୍ ବୋଲି ବନ ବିଭାଗ ଅନୁମାନ କରିଛି। ଏହି ପକ୍ଷୀ ଭାରତ ଆର୍ଦ୍ରଭୂମିରେ ଦେଖାଯାନ୍ତି। ମାତ୍ର ଏବେ ଏଭଳି ପକ୍ଷୀ ଦେଖିବାକୁ ମିଳୁନାହାନ୍ତି ବୋଲି ବନ ବିଭାଗର କର୍ମଚାରୀ କହିଛନ୍ତି।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ସାକ୍ଷୀଗୋପାଳ, ୬।୧(ଡି.ଏନ୍.ଏ)- ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟ ଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ତହସିଲଦାର ଜୟନ୍ତ ଜୟସିଂ, ବିଡିଓ କ୍ଷୀରୋଦ କୁମାର ବେହେରା, ସିଡିପିଓ ରାଜଲକ୍ଷ୍ମୀ ଦାସ, ମହିଳା ମିଶନଶକ୍ତି ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସରପଞ୍ଚ ତ୍ରିନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୩୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟ, ୭ ଲକ୍ଷ ଟଙ୍କାର ଅଙ୍ଗନୱାଡି କେନ୍ଦ୍ର, ୬ଲକ୍ଷ ଟଙ୍କାରେ ଗ୍ରାମୀଣ ପାଠାଗାର ଓ ୫ଲକ୍ଷ ଟଙ୍କା ବ୍ୟୟରେ ମହିଳା ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ବଳପୁର ଶାସନ, ଆନନ୍ଦପୁର, ପଣ୍ଡାସାହି, ଦିହୁଡିସାହି, ବଁରପାଳ, କୁସୁମେଶ୍ୱର ଆଦି ଗ୍ରାମର ଯୁବ, ଛାତ୍ର, ମହିଳା ଓ ବିଜେଡିର ପ୍ରମୁଖ କର୍ମୀମାନେ ବିଭୂତି ବାଟିକା ନିକଟରୁ ଶୋଭାଯାତ୍ରାରେ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ।

### ଅନ୍ତର୍ଜାତୀୟ ବେଦାନ୍ତ ସୋସାଇଟି ପ୍ରତିଷ୍ଠାତାଙ୍କ ଆବିର୍ଭାବ ଦିବସ

ପୁରୀ ଅଫିସ, ୬।୧: ଅନ୍ତର୍ଜାତୀୟ ବେଦାନ୍ତ ସୋସାଇଟିର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଭଗବାନଙ୍କ ୮୧ତମ ଆବିର୍ଭାବ ଦିବସ ପୁରୀ ବଳିଆପଣ୍ଡା ସିପସରୁବାଲିସ୍ଥିତ ଅନ୍ତର୍ଜାତୀୟ ବେଦାନ୍ତ ସୋସାଇଟି, ନୀଳମାଧବ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ଅପୂର୍ବାନନ୍ଦ, ସ୍ୱାମୀ ବୋଦ୍ଧାନନ୍ଦ ଏବଂ ହରିଦ୍ୱାରର ସ୍ୱାମୀ କେଶଭାନନ୍ଦଙ୍କ ସମେତ ୧୫୦ରୁ ଅଧିକ ଭକ୍ତ ଯୋଗଦେଇଥିଲେ। ମହାମନ୍ତ୍ର କୃଷ୍ଣନାମ ପଠନ ପରେ ଗୁରୁ ବନ୍ଦନା, ଭକ୍ତି ଗୀତ ଏବଂ ଆଧାତ୍ମିକ ଆଲୋଚନା ହୋଇଥିଲା। ପରେ ଭୋଗ ଅର୍ପଣ ଓ ଗୀତାପାଠ ସହ ସାଧୁବନ୍ଦନା କରାଯାଇଥିଲା। ଆଶ୍ରମ ପକ୍ଷରୁ ବଳିଆପଣ୍ଡା ବିଜୟ ନଗର ଅଞ୍ଚଳରେ ନିଃସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ଚନ୍ଦ୍ରଭାଗା ଇକୋ ସେନ୍ସିଟିଭ ଅଞ୍ଚଳକୁ ବିକ୍ରି ଉଦ୍ୟମ

**ହାଇକୋର୍ଟଙ୍କ ଜବାବ ତଲବ**

କୋଣାର୍କ,୬।୧(ଡି.ଏନ୍.ଏ.)

କୋଣାର୍କକୁ ବିଶ୍ୱସ୍ତରୀୟ ରୂପରେଖ ଦେବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ହେଲେ ଏଥିପାଇଁ ଚତୁଃପାର୍ଶ୍ୱରେ ଥିବା ପରିବେଶକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେବାକୁ ମସୁଧା ଚାଲିଛି। ଏଠାରେ ଥିବା କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟକୁ ବିପଦରେ ପକାଇ ଏହାର କିଛି ଅଂଶ ସହ ଏହାର ଇକୋ ସେନ୍ସିଟିଭ ଅଞ୍ଚଳକୁ ମିଶାଇ ପ୍ରଥମ ପର୍ଯ୍ୟାୟରେ ସମୁଦ୍ର ନିକଟସ୍ଥ ପ୍ରାୟ ୩୦୦ ଏକର ଜମିକୁ ସରକାର ଏକ ସଂସ୍ଥା ଜରିଆରେ ଭାଗ ଭାଗ କରି ହୋଟେଲ ମାଲିକମାନଙ୍କୁ ବିକ୍ରି କରିବା ଉଦ୍ୟମ ଚାଲିଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ତଥା ପରିବେଶବିତ ନାପସନ୍ଦ କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ସାମାଜିକ କର୍ମୀ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ କରିଛନ୍ତି। ଏହି ଗମ୍ଭୀର ମାମଲାକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ଗୁରୁବାର ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି।

ଘଟଣାରୁ ପ୍ରକାଶ, ମୌଜା କୋଣାର୍କ ହାଲ୍ ଖାତା ନମ୍ବର ୫୨୮, ହାଲ୍ ପ୍ଲଟ ନମ୍ବର ୨୧୩୭, ୨୧୪୩, ୨୨୨୬ ଓ ହାଲ୍ ଖାତା ନମ୍ବର ୫୩୧, ହାଲ୍ ପ୍ଲଟ ନମ୍ବର ୨୧୩୬, ୨୦୧୫/୨୭୬୯, ୨୦୧୫ ସମ୍ବନ୍ଧ ମୋଟ ୭୦ ଏକରରୁ ଉର୍ଦ୍ଧ୍ୱ ଜମି ଏକ ସଂସ୍ଥା ଜରିଆରେ ହୋଟେଲ ମାଲିକଙ୍କୁ ବିକ୍ରି ପାଇଁ ପ୍ରସ୍ତୁତି ଚାଲିଛି। ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ଝାଉଁ ଗଛ ଏହି ଜମି ଉପରେ ଥିବାବେଳେ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ଏହାର ରକ୍ଷଣାବେକ୍ଷଣ କରୁଛି। ଏହି ପ୍ରସ୍ତାବିତ ଜମି ସମ୍ପୂର୍ଣ୍ଣ ଭାବେ ଅତି ସମ୍ବେଦନଶୀଳ ସିଆର୍‌ଜେଡ୍ ଓ ଇକୋ ସେନ୍ସିଟିଭ ଅଞ୍ଚଳ ମଧ୍ୟରେ ଆସୁଛି। ଆହୁରି କିଛି ଅଂଶ ମାଘ ମେଳା ପଡିଆ ପାଇଁ ମାଷ୍ଟରପ୍ଲାନରେ ପୁରୀ କୋଣାର୍କ ଉନ୍ନୟନ ସଂସ୍ଥା ଦ୍ୱାରା ସଂରକ୍ଷିତ ରଖାଯାଇଛି। ଏହି ସବୁ କାରଣରୁ ଉକ୍ତ ସ୍ଥାନରେ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାକୁ ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରର ହସ୍ତାନ୍ତର ହୁଏ ନାହିଁ। ଏହାବାଦ୍ ମଧ୍ୟ ବେଆଇନ ହସ୍ତାନ୍ତର ପ୍ରକ୍ରିୟା ଚାଲୁ ରଖାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବିନାୟକ ସ୍ୱାଇଁ ଓ ଅନ୍ୟ କେତେଜଣଙ୍କ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତିକରି ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁପି(ସି) ନଂ.୩୭୬୩/୨୦୨୧ ରୁଜୁ କରାଯାଇଛି। ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଉକ୍ତ ଜବାବ ଚଳିତ ମାସ ୧୧ ତାରିଖ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ କେ. ଆର. ମହାପାତ୍ରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଗ୍ରାମବାସୀଙ୍କ ପକ୍ଷରୁ କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ଓ ଆଇନଜୀବୀ ଶିବ ଶଙ୍କର ମହାନ୍ତି ପରିଚାଳନା କରିଥିଲେ। ଯଦି ସରକାର ଏହି ଭୁଲ ନିଷ୍ପତ୍ତିକୁ ରଦ୍ଦ ନ କରନ୍ତି, ତେବେ କୋଣାର୍କବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସଭାପତି ଭାଗୀରଥି ସ୍ୱାଇଁ, ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ସଭାପତି ସୁକାନ୍ତ ମହାନ୍ତି, ପରିବେଶବିତ ରାଜକିଶୋର ମହାପାତ୍ର, ଭାସ୍କର ବେହେରା, ସରୋଜ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।




୨୦୦୮ ମସିହା ପରବର୍ତ୍ତୀ ଅଧାପକ, କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ଅଭିମୁଖେ ଯାଉଥିବା 'ଅଧିକାର ଯାତ୍ରା'।

# କୋଣାର୍କ ପ୍ରତି ବିପଦ ବାଲିଚାଲାଣ

- କାର୍ଯ୍ୟାନୁଷ୍ଠାନ ଦାବି କଲା ବାଲିବନ୍ତ ସୁରକ୍ଷା ସମିତି
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ପୁରୀ ଅଫିସ, ୬।୧:

କୋଣାର୍କ ବାଲିବନ୍ତ ଏବେ ବିପଦରେ। ପ୍ରଶାସନ-ବାଲିମାଫିଆ-ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଶହ ଶହ ବର୍ଷର ବାଲିବନ୍ତ ଅସୁରକ୍ଷିତ ହୋଇପଡ଼ିଛି। ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଚାଲାଣ ଯୋଗୁ ଅର୍କକ୍ଷେତ୍ର କୋଣାର୍କ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କୋଣାର୍କ ବାଲିବନ୍ତ ସୁରକ୍ଷା ସମିତି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ସମିତି କର୍ମକର୍ତ୍ତା କହିଛନ୍ତି, ଶହ ଶହ ବର୍ଷ ଧରି କୋଣାର୍କ ସମେତ ଉପକୂଳ, ଜୈବ ବିବିଧତା, ପ୍ରାଣୀ ଓ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେଇଆସୁଥିବା ବାଲିବନ୍ତ ଉପରେ ବାଲିମାଫିଆମାନେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ବାଲିବନ୍ତରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଲୁଟ୍ ହେଉଛି। ଦୀର୍ଘ ୪୮୦ କିଲୋମିଟର ବେଳାଭୂମିରେ ଗଢ଼ିଉଠିଥିବା ବାଲିବନ୍ତ କୋଣାର୍କ ସମେତ ବେଳାଭୂମି ଓ ଜଙ୍ଗଲକୁ ସୁରକ୍ଷା ଦେଇଆସୁଛି। ରାଜ୍ୟ ସରକାରଙ୍କ ଦ୍ୱାରା କୋଣାର୍କ ଅଞ୍ଚଳର ପରିପାର୍ଶ୍ୱିକ ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ସୁଯୋଗ ନେଇ ବାଲିମାଫିଆମାନେ କୌଣସି ପ୍ରକାର ଲିଜ୍ କିମ୍ବା ସ୍ୱୀକୃତି ବିନା ଦୈନିକ ବାଲି ଚୋରା ଚାଲାଣ କରୁଛନ୍ତି। ଏହାର ପ୍ରତିବାଦରେ କୋଣାର୍କ ବାଲିବନ୍ତ ସୁରକ୍ଷା ସମିତି ଦୀର୍ଘଦିନ ହେବ ଆନ୍ଦୋଳନ କରିଆସୁଛି। ସେହିପରି ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସମେତ ହେଲିପ୍ୟାଡ୍ ଓ ବେଳାଭୂମି ପାଖ ସମ୍ବେଦନଶୀଳ ଅଞ୍ଚଳରୁ ବାଲିବନ୍ତ ନିଶ୍ଚିହ୍ନ ହେବାକୁ ବସିଲାଣି। ଫଳରେ ଜୈବ ବିବିଧତା ଓ ପ୍ରାଚୀନ ସୂର୍ଯ୍ୟମନ୍ଦିର ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାଲିବନ୍ତଗୁଡ଼ିକ ଜୀବଜନ୍ତୁଙ୍କଠାରୁ ଆରମ୍ଭକରି ଲୋକଙ୍କୁ ଆଶ୍ରୟ ଦେଇଥାଏ। ବାଲିବନ୍ତ ନିଶ୍ଚିହ୍ନ ହେବା ସହ ଅଭୟାରଣ୍ୟ ଅଞ୍ଚଳରୁ କଣ୍ଟାଗଛ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଗଛ ଲୁଟ୍ ହେଲାଣି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ଉନ୍ନତୀକରଣ କାର୍ଯ୍ୟକୁ ବାଲିବନ୍ତ ସୁରକ୍ଷା ସମିତି ସ୍ୱାଗତ କରୁଥିଲେ ମଧ୍ୟ ବାଲି ଲୁଟ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛି। ଏହାକୁ ଜିଲାପାଳ ସମର୍ଥ ବର୍ମା ଗୁରୁତ୍ୱର ସହ ନେଇଛନ୍ତି। ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ଓ ଗୋପ ତହସିଲଦାରଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋଣାର୍କ ବାଲିବନ୍ତର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ବଳଙ୍ଗା, ୬।୧(ଡି.ଏନ୍.ଏ)

ରୂପଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମିତ ମହାରଥୀ କଲ୍ୟାଣ ମଣ୍ଡପ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ପରିଷଦ ସଭ୍ୟା ରାଧାରାଣୀ ପ୍ରଧାନ, ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ର, ସମିତି ସଭ୍ୟା ସ୍ମିତା ମହାରଣା, ବିଡିଓ ରଶ୍ମିତା ନାଥ, ବିଭାଗୀୟ ମନ୍ତ୍ରୀ ବସନ୍ତ କୁମାର ସାହୁ, ଶାନ୍ତିଲତା ସେଠୀ, ନିର୍ବାହୀ ଅଧିକାରୀ ତପୋଇ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୬।୧:

ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶାରଦା ଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଗୁରୁବାର ନବଦିନାତ୍ମକ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହି ମହୋତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଏଭଳି ମହାନ ଆୟୋଜନ ମାଧ୍ୟମରେ ବିଶ୍ୱରୁ କରୋନା ଦୂରେଇ ଯାଉ ଆଶା ବ୍ୟକ୍ତ କରିବା ସହ ଅତ୍ୟାଧୁନିକ ଶୈଳୀରେ ଗୋଶାଳା ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସଜୀ ମହାରାଜ, ନେବଳ ଦାସ ମଠର ମହନ୍ତ ଡ. ରାମଚରଣ ଦାସଜୀ ମହାରାଜ, ଶ୍ରୀମନ୍ଦିର ବରିଷ୍ଠ ସେବକ ମଧୁସୂଦନ ସିଂହାରୀ, ଭାଜପା ମହିଳା ମୋର୍ଚ୍ଚାର ମହାସଚିବ ରଶ୍ମିରେଖା ଦାସ ଯୋଗଦେଇଥିଲେ। ମହୋତ୍ସବର ମାର୍ଗଦର୍ଶକ ତଥା ଶ୍ରୀମନ୍ଦିର ସେବାୟତ ରଜତ କୁମାର ପ୍ରତିହାରୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ଅର୍ନ୍ତରାଷ୍ଟ୍ରୀୟ ରାମକଥା ବାଚକ ବ୍ୟାସ ସୁରେଶ ସାରଡ଼ା, ଶରତ ସାରଡ଼ା ରାମାୟଣ ପାଠ କରିଥିଲେ। ଟ୍ରଷ୍ଟର ସଂଯୋଜକ ରଞ୍ଜିତା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବକୁ ମୁଖ୍ୟ ପ୍ରବକ୍ତା ବିଷ୍ଣୁଦତ୍ତଦାସ ପରିଚାଳନା କରିଥିଲେ। ଟ୍ରଷ୍ଟ ସଭାପତି ଭାଗିରଥି ପୂଜାପଣ୍ଡା, ଜ୍ୟୋତିଷେ ଆଚାର୍ଯ୍ୟ ନିତ୍ୟାନନ୍ଦ କର, ସଦସ୍ୟା ଲକ୍ଷ୍ମୀପ୍ରିୟା ପଣ୍ଡା ଓ ସଦସ୍ୟ କାର୍ତ୍ତିକ ପଣ୍ଡା, ପଣ୍ଡିତ ସୌମ୍ୟରଞ୍ଜନ ଆଚାର୍ଯ୍ୟ, ଗଣେଶ୍ୱର ପଣ୍ଡା, ପୀତାମ୍ବର ପଣ୍ଡା, ହରପ୍ରସାଦ ମହାପାତ୍ର, ପ୍ରକାଶ ଚନ୍ଦ୍ର ଦାଶ, ମନୋଜ କୁମାର ପଣ୍ଡା ଏବଂ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପପୁ


@ ଅବନୀ


@ ପ୍ରଭାଶିଷ


@ବିଶ୍ୱରଞ୍ଜନ


@ ମନୀଷ


@ ଅରବିନ୍ଦ

# ଶ୍ରୀକ୍ଷେତ୍ରକୁ ନିଶାମୁକ୍ତ କରିବା ପାଇଁ ଅଭିଯାନ

ପୁରୀ ଅଫିସ, ୬।୧:

ଶ୍ରୀକ୍ଷେତ୍ରକୁ ନିଶାମୁକ୍ତ କରିବା ପାଇଁ ପୁରୀ ନିଶାମୁକ୍ତ ଅଭିଯାନ ଅଣ୍ଟା ଭିଡ଼ିଛି। ଏ ନେଇ ଅଭିଯାନ ପକ୍ଷରୁ ଗୁରୁବାର ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭକ୍ତ ସାଲବେଗ ସମାଧିପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ୩୦ଟି ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପୁରୀ ସହରରେ ନିଶା କାରବାର ବଢୁଛି। ଫଳରେ ପୁରୀର ପବିତ୍ରତା ଓ ଆଧାତ୍ମିକ ପରିବେଶ ନଷ୍ଟ ହେଉଛି। ତେଣୁ ପୁରୀକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ନିମନ୍ତେ ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୦ ତାରିଖରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯିବ। ସେହିପରି ୧୭ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦିଆଯିବ। ୧୨ତାରିଖରେ ରକ୍ତଦାନ ଶିବିର ଓ ଗାନ୍ଧିବାଦୀ ପଦ୍ମଶ୍ରୀ ଏସ୍.ଏନ୍. ସୁବାରାଓଙ୍କ ଅସ୍ଥିକଳସ ଯାତ୍ରା କରି ମହୋଦଧିରେ ବିସର୍ଜନ କରାଯିବ। ଏହି ବୈଠକରେ ଦି ମିରର ସଭାପତି ସଞ୍ଜୟ କୁମାର ପ୍ରଧାନ, ପୁରୀ ବିକାଶ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କର୍ମକର୍ତ୍ତା ରମାକାନ୍ତ ନାୟକ, ଗୋପବନ୍ଧୁ ସେବା ପରିଷଦ ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣା, ଭଏସ୍ ଅଫ କମନମ୍ୟାନ ହେକ୍ଟର ମିଶ୍ର, ଖାଉଟି ସୁରକ୍ଷା ମଞ୍ଚର ଛାୟାକାନ୍ତ ନାୟକ, ସୁରକ୍ଷା ସମ୍ପାଦକ ରାଧାଶ୍ୟାମ ରଥ, ନୀଳାଚଳ ନାରୀ ସେବା ସମିତିର ବିଦ୍ୟୁତଲତା ଆଚାର୍ଯ୍ୟ, ସମର୍ପଣର ଗୋବିନ୍ଦ ପାତ୍ର, ସୌମ୍ୟ ରଞ୍ଜନ ପାତ୍ର, ମିତ୍ରସଙ୍ଗର ଅନନ୍ତ ସେନାପତି, ମାଟିର ମଣିଷ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ସେଣ୍ଟ ଜନ ଆମ୍ବୁଲାନ୍ସର ଲାଲା ଅନନ୍ତ କୁମାର ସିଂ, ଯୁବଶକ୍ତିର ସମ୍ପାଦକ ସନ୍ଦୀପ କର୍ମକାର, ଏଚ୍‌ଏସ୍‌ଇରସଂଗ୍ରାମ ମହାନ୍ତି, ରତ୍ନାକର ବେହେରା, ଶିବ କୁମାର ପଲେଇ ଏବଂ କାର୍ତ୍ତିକ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦଳିତ ଆଦିବାସୀ ମହାସଂଘର ସମାବେଶ

ପିପିଲି,୬।୧(ଡି.ଏନ୍.ଏ.)

ପିପିଲି ଜଗନ୍ନାଥପୁରରେ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମେଟ୍ରୋ ଟିଭିର ସମ୍ପାଦକ ପ୍ରକାଶ ରଥ, ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ବିଭୁଦତ୍ତ ତରାଇ, ମୁଖ୍ୟବକ୍ତା ବଡ଼ ଖବର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାଶ, ଅନ୍ୟତମ ଅତିଥି ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ, ବରିଷ୍ଠ ଶିକ୍ଷାବିତ୍ ବୃନ୍ଦାବନ ଜେନା, ଆଇନଜୀବୀ କବିରାଜ ପ୍ରଧାନ, ଖବରଦାତା ପ୍ରମୋଦ ସାମନ୍ତରାୟ, ଡା. ଉସିମ ଉଦ୍ଦିନ ଅହମଦ, ପ୍ରବୀର ହାଲଦାର ପ୍ରମୁଖ ଯୋଗଦେଇଥିଲେ। ଦଳିତ, ଆଦିବାସୀ ଓ ମାଇନରିଟି ଉପରେ ହେଉଥିବା ଅତ୍ୟାଚରକୁ ଦୃଢ଼ ବିରୋଧ କରିବା ସହିତ ସେମାନଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ସମସ୍ତେ ସହଯୋଗର ମନୋବୃତ୍ତି ରଖି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି, ଡେଲାଙ୍ଗ, ନିମାପଡ଼ା, ବଳଙ୍ଗା ଅଞ୍ଚଳର ଖବରଦାତା, ଶିକ୍ଷାବିତ୍, ସାମାଜିକ କର୍ମୀ, ପୂର୍ବତନ ଶିକ୍ଷକ ଓ ଡାକ୍ତରମାନଙ୍କ ସହିତ ସଫଳ ହୋଇଥିବା କେତେଜଣ ଦିବ୍ୟାଙ୍ଗଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମାବେଶରେ ୨ହଜାରରୁ ଅଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।




ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଗୁରୁବାର କଟକ ନଗର ଭାଜପା ଓବିସି ମୋର୍ଚ୍ଚା ତରଫରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।



ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଶାରଦା ଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଗୁରୁବାର ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।



ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ୨୩ତମ ଗୁରୁ ପ୍ରଣାମ ମହୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## ଇକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

କାକଟପୁର: କାକଟପୁର ମୁଖ୍ୟ ବଜାରରେ ଥିବା ଇକୋ ବ୍ୟାଙ୍କର ୭୯ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କ ପରିସରରେ ପାଳିତ ହୋଇଛି। ପୂର୍ବତନ (ଡିଜିଏମ) ପ୍ରମୋଦ ଚନ୍ଦ୍ର ନାୟକ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ସୁବିଧା, କମ ସୁଧରେ ଋଣ ପ୍ରଦାନ ବିଷୟରେ ବୁଝାଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କବିରାଜ ବିଶ୍ୱାଳ, ବରିଷ୍ଠ ଶାଖା ପ୍ରବନ୍ଧକ ଅକ୍ଷୟ କୁମାର ପାଢ଼ୀ, ପ୍ରବନ୍ଧକ ଅମିତାଭ ମିଶ୍ର, ସୌମ୍ୟକାନ୍ତ ରାଉତରାୟ, ଶାଳିନୀ ମହାନ୍ତି, ଅଜିତ ମହାନ୍ତି, ଭୋଳାନାଥ ମାର୍ଥା, ସୁମନ୍ତ ନାୟକ, ନିର୍ମଳ ଚନ୍ଦ୍ର ସୁବୁଦ୍ଧି, ପବିତ୍ର ମୋହନ ଦୀକ୍ଷିତ ଓ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ଗ୍ରାହକମାନେ ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜିଲ୍ଲାରେ ୨୯,୩୦୬ ନୂଆ ମତଦାତା

ପୁରୀ ଅଫିସ,୬।୧: ପୁରୀ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧୩ ଲକ୍ଷ ୯୧ ହଜାର ୬୪ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭ଲକ୍ଷ ୧୭ହଜାର ୩୮୨ ପୁରୁଷ, ୬ଲକ୍ଷ ୭୩ହଜାର ୬୦୬ଜଣ ମହିଳା ଏବଂ ୭୬ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ପୂର୍ବରୁ ଜାରି ଚିଠା ତାଲିକାରେ ଜିଲ୍ଲାରେ ୧୩ ଲକ୍ଷ ୬୧ ହଜାର ୭୫୮ ଭୋଟର ଥିଲେ। ମୃତ ଭୋଟରଙ୍କୁ ବାଦ୍ ଦିଆଯିବା ପରେ ନୂତନ ଭୋଟର ଓ ସ୍ଥାନାନ୍ତରିତ ମତଦାତାଙ୍କୁ ମିଶାଇ ମୋଟ ୨୯ ହଜାର ୩୦୬ ଜଣ ନୂଆ ମତଦାତା ସାମିଲ ହୋଇଛନ୍ତି। ଜିଲ୍ଲାର ୬ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୧୫୯୩ଟି ମତଦାନ କେନ୍ଦ୍ର ଥିବା ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି। କାକଟପୁରର ୨୮୦ଟି ବୁଥ୍‌ରେ ୨ଲକ୍ଷ ୪୩ ହଜାର ୯୫ ଜଣ, ନିମାପଡ଼ାର ୨୮୦ ବୁଥ୍‌ରେ ୨ଲକ୍ଷ ୪୩ ହଜାର ୩୭, ପୁରୀର ୨୩୫ଟି ବୁଥ୍‌ରେ ୨ ଲକ୍ଷ ୩୫ ହଜାର ୨୦୩, ବ୍ରହ୍ମଗିରିର ୨୭୧ ବୁଥ୍‌ରେ ୨ ଲକ୍ଷ ୨୪ ହଜାର ୪୭୧, ସତ୍ୟବାଦୀର ୨୫୪ଟି ବୁଥ୍‌ରେ ୨ ଲକ୍ଷ ୧୧ ହଜାର ୩୭୭ ଏବଂ ପିପିଲିର ୨୭୩ଟି ବୁଥ୍‌ରେ ୨ଲକ୍ଷ ୩୩ ହଜାର ୮୮୧ ଜଣ ଭୋଟର ଥିବା ଜଣାପଡ଼ିଛି।

### 'ସାମାଜିକ ସଂସ୍କାରରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ ଅଫିସ, ୬।୧: ସମାଜ କଲ୍ୟାଣ ତଥା ବିଭିନ୍ନ ସାମାଜିକ ସଂସ୍କାର କ୍ଷେତ୍ରରେ ଖବରଦାତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀକ୍ଷେତ୍ର ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକରେ ମତ ପ୍ରକାଶ ପାଇଛି। ଶ୍ରୀକ୍ଷେତ୍ର ପ୍ରେସ୍ କ୍ଲବ୍ ଅଧ୍ୟକ୍ଷ ସାମ୍ବାଦିକ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ରୋଡସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର କ୍ଲବ୍‌ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ଶଙ୍କର୍ଷଣ ଦାସ, ସାମାଜିକ କର୍ମୀ ବିଭୁ ପ୍ରସାଦ ସାହୁ ଏବଂ ଶ୍ରୀମନ୍ଦିର ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରେସ କ୍ଲବର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାଥୁଆ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ସୌମିତ୍ର ରଞ୍ଜନ ହରିଚନ୍ଦନ ସଙ୍ଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ପ୍ରତି ଖବରଦାତାମାନେ କର୍ମକ୍ଷେତ୍ରରେ ନିଜକୁ ଅସୁରକ୍ଷିତ ମଣୁଥିବା ଏବଂ ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ପ୍ରଦୀପ କୁମାର ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ମଧୁସୂଦନ ମିଶ୍ର, ନୃସିଂହ ଚରଣ ମହାନ୍ତି, ଶୈଳେନ୍ଦ୍ର ଆଚାର୍ଯ୍ୟ, ନିମାଇଁ ଚରଣ ମହାନ୍ତି, ଶରତ ଚନ୍ଦ୍ର ପାତ୍ର, ରମେଶ ପ୍ରସାଦ ସିଂ, ପ୍ରଦ୍ୟୁମ୍ନ କୁମାର ମିଶ୍ର, ମହେନ୍ଦ୍ର ବିଶୋଇ, ମହେଶ୍ୱର ଦାସ, ପ୍ରଦୀପ କୁମାର ନାୟକ, ଅଜିତ୍ ମହାନ୍ତି ଏବଂ ଯଜ୍ଞେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ଲିଗାଲ୍ ସେଲ୍ କର୍ମକର୍ତ୍ତା ଚୟନ

ପୁରୀ ଅଫିସ, ୬।୧: ବିଜୁ ଜନତା ଦଳର ପୁରୀ ଜିଲ୍ଲା ଲିଗାଲ ସେଲ୍‌କୁ ଗୁରୁବାର ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ସଂପ୍ରସାରଣ କରାଯାଇଛି। ସାମ୍ମୁଖ୍ୟର ଜିଲ୍ଲା ଆବାହକ ପ୍ରକାଶ ମିଶ୍ର ଏନେଇ ସୂଚନା ଦେଇଛନ୍ତି। ଉପଦେଷ୍ଟା ଭାବେ ଆଇନଜୀବୀ ଦେବାଶିଷ ରାୟ, ଅଶୋକ କୁମାର ମଲ୍ଲିକ, ସଭାପତି ଭାବେ ଆଇନଜୀବୀ ବିଶ୍ୱଜିତ ପ୍ରଧାନଙ୍କୁ ଚୟନ କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଅନିଲ ସାହୁ, ସମ୍ପାଦକ ଭାବେ ଶୁଭାଶିଷ ମହାନ୍ତି, କର୍ଣ୍ଣବୀର ମହାପାତ୍ର ଏବଂ ରାକେଶ ଜେନାଙ୍କୁ ଚୟନ କରାଯାଇଛି। ପ୍ରଥମେ ତାଲିକାରେ ଭଗବାନ ପଡିଆରୀଙ୍କ ନାମ ଥିଲା। ପରେ ତାଙ୍କ ନାମ ବିଜ୍ଞପ୍ତିରୁ ହଟାଯାଇଥିଲା। ଏ ନେଇ ପଡ଼ିଆରୀ କହିଛନ୍ତି, ତାଙ୍କୁ ଏ ସମ୍ପର୍କରେ କେହି ପଚାରି ନାହାନ୍ତି କି ମତାମତ ନେଇନାହାନ୍ତି। ଅନ୍ୟପକ୍ଷରେ ପ୍ରକାଶ ମିଶ୍ର କହିଛନ୍ତି, ପଢ଼ିଆରୀ ଆପତ୍ତି କରିବା ପରେ ତାଲିକାରୁ ତାଙ୍କ ନାମକୁ ବାଦ୍ ଦିଆଯାଇଛି।

# ରାଜଧାନୀ କୋଚ୍ ସହ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୬।୧(ବ୍ୟୁରୋ)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଗୁରୁବାର ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ର ରାଜଧାନୀ କୋଚ ସହ ଚଳାଚଳକୁ ଭିଡିଓ କନ୍‌ଫରେନ୍ସରେ ଶୁଭାରମ୍ଭ କରିଛନ୍ତି।

ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ପାଇଁ ରେଳପଥ ପକ୍ଷରୁ ୧୮୪୫୨/୧୮୪୫୧ ପୁରୀ-ହାଟିଆ-ପୁରୀ-ତପସ୍ୱିନୀ ଏକ୍ସପ୍ରେସ୍‌କୁ ବର୍ତ୍ତମାନ ପ୍ରଚଳିତ କୋଚ ପରିବର୍ତ୍ତେ ଉନ୍ନତମାନର ରାଜଧାନୀ କୋଚ ଭଳି ଲିଙ୍କେ-ହୋଫ୍‌ମାନ-ବୁଶ୍(ଏଲ୍ଏଚ୍‌ବି) କୋଚ ସହ ଚଳାଚଳ କରାଯାଇଛି। ଏହି ସୁବିଧା ଆରାମଦାୟକ ଯାତ୍ରା ଅଭିଜ୍ଞତା ଏବଂ କମ୍ ଶବ୍ଦ ସହିତ ସୁରକ୍ଷାକୁ ବୃଦ୍ଧି କରାଇବ ବୋଲି ମନ୍ତ୍ରୀ ବୈଷ୍ଣବ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ରେଳଷ୍ଟେଶନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଏବଂ ହାଟିଆଠାରେ ଜନପ୍ରତିନିଧିମାନେ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ।







ଭୁବନେଶ୍ୱର ରେଳ ଷ୍ଟେଶନଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ ପୁରୀରୁ ବାହାରୁଥିବା ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରୁଛନ୍ତି।

ଏହି ଅବସରରେ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ରେଳ ପ୍ରକଳ୍ପ ସମ୍ପାଦନ ପାଇଁ ପାଣ୍ଠିର ପ୍ରତିବନ୍ଧକ ପାଇଁ ବିଳମ୍ବ ହେବନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ ହେବ। ଏହାସହ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସେ ଆଲୋକପାତ କରିଛନ୍ତି। ଏହି ଉତ୍ସବରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳପଥ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରାରମ୍ଭିକ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କଟକ ରେଳ ଷ୍ଟେଶନଠାରେ ଦ୍ୱିତୀୟ ପ୍ରବେଶ ପଥର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହ କଟକ ଷ୍ଟେଶନ ନିରୀକ୍ଷଣ କରିବା ସହ ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ମଧ୍ୟ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ସମୟରେ ବୈଷ୍ଣବ ବାଲେଶ୍ୱର ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ଯାତ୍ରୀବାହୀ ଟ୍ରେନ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଅପରାହ୍ନରେ ନୀଳଗିରି, ବସ୍ତା ଏବଂ ଜଳେଶ୍ୱର ରେଳଷ୍ଟେଶନଠାରେ ବିଭିନ୍ନ ପ୍ରକଳ୍ପ ଓ ଯାତ୍ରୀ ପରିସେବାର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି।

ଧର୍ମେନ୍ଦ୍ର କହିଛନ୍ତି, ୨୦୨୧ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାମରା ଗସ୍ତ ସମୟରେ ଭୁବନେଶ୍ୱରରୁ ରେଢ଼ାଖୋଲ ପର୍ଯ୍ୟନ୍ତ ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଯାତ୍ରା କରିଥିଲେ। ଏହି ସମୟରେ ଅନେକ ସହଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯାତ୍ରୀମାନେ ଉକ୍ତ ଟ୍ରେନ୍‌ରେ ଏଲ୍ଏଚ୍‌ବି କୋଚ୍ ଆରମ୍ଭ କରିବା ଲାଗି ଦୀର୍ଘଦିନରୁ ଦାବି ଥିବା କହିଥିଲେ। ସେହି ମାସ ୫ ତାରିଖରେ ସେ ଉକ୍ତ ଟ୍ରେନ୍‌କୁ ଏଲ୍ଏଚ୍‌ବି କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାସହ ପ୍ରତ୍ୟକ୍ଷ ଭେଟି ଏହି କାର୍ଯ୍ୟ ଲାଗି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ ମଧ୍ୟ କରିଥିଲେ। ଦାବି ପୂରଣ ହୋଇଥିବାରୁ ବୈଷ୍ଣବଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଆଜିଠୁ ନନ୍ଦନକାନନ ପାଇଁ ଅନ୍‌ଲାଇନ୍ ଟିକେଟ

ବାରଙ୍ଗ,୬।୧(ଡି.ଏନ୍.ଏ.): ରାଜ୍ୟରେ କରୋନା ସଂକ୍ରମିତ ଓ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ଅଫଲାଇନ ଟିକେଟକୁ ବନ୍ଦ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଶୁକ୍ରବାରଠାରୁ ଅନ୍‌ଲାଇନରେ ଟିକେଟ କାଟିବାକୁ ପଡିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଭୟ ପାର୍କ ବୁଲିବାକୁ ଇଚ୍ଛା କରୁଥିବା ପର୍ଯ୍ୟଟକମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି ବୁଲିପାରିବେ। ଉଭୟ ପାର୍କରେ ପ୍ରବେଶ ପାଇଁ ନନ୍ଦନକାନନର ୱେବ୍‌ସାଇଟ୍ www.nandankanan.org ନଚେତ ନନ୍ଦନକାନନର ଆପ୍ ଦ୍ୱାରା ପର୍ଯ୍ୟଟକମାନେ ପ୍ରବେଶ ପାଇଁ ଅନ୍‌ଲାଇନ ଟିକେଟ କାଟିପାରିବେ। କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର କହିଛନ୍ତି।

# ଶିଳାନ୍ୟାସ ପରେ ଦୁର୍ବୃତ୍ତ ଭାଙ୍ଗିଲେ ଫଳକ

କୋଣାର୍କ,୬।୧(ଡି.ଏନ୍.ଏ.)

**କ୍ରୀଡ଼ା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ**



ପ୍ରସିଦ୍ଧ ଦେବୀପୀଠ ମା' ଭଗବତୀ ପୀଠକୁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଗୁରୁବାର କ୍ରୀଡ଼ାମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ହେଲେ ଏହାର କିଛି ସମୟ ପରେ କେତେଜଣ ଦୁର୍ବୃତ୍ତ ଏହି ଫଳକକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଶାସକ ଦଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବରରୁ ପ୍ରକାଶ ଯେ, କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତାଠାରୁ ଦେବୀପୀଠ ମା' ଭଗବତୀ ପୀଠକୁ ପର୍ଯ୍ୟଟକଙ୍କ ଯାତାୟାତ ନିମନ୍ତେ ରାସ୍ତା ନ ଥିଲା। ଗ୍ରାମବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ପୀଠରେ ପ୍ରଶସ୍ତୀକରଣ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୧୮ ଲକ୍ଷ ୮୫ହଜାର ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟର ଶିଳାନ୍ୟାସ ନିମନ୍ତେ କୋଣାର୍କ ଏନ୍ଏସି ପକ୍ଷରୁ ଗୁରୁବାର ଶିଳାନ୍ୟାସ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ବେହେରା ଶିଳାନ୍ୟାସ ଉଦ୍‌ଘାଟନ କରିବା ପରେ କିଛି ସମୟ ରହି ଚାଲିଯାଇଥିଲେ। ହେଲେ ଯିବାର ଅଳ୍ପ ସମୟ ପରେ କେତେଜଣ ଦୁର୍ବୃତ୍ତ ଏହି ଫଳକକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ କୋଣାର୍କ ଏନ୍ଏସିରେ ବିଜେଡିର ଗୋଷ୍ଠୀ କନ୍ଦଳ ଭଳି ପରିସ୍ଥିତି ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମକୁ ଏନ୍ଏସି କର୍ତ୍ତୃପକ୍ଷ ତରବରିଆ ଭାବେ କରି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୂରେଇ ରଖିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣା ସମ୍ପର୍କରେ କୋଣାର୍କ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ନେଇ ମନ୍ତ୍ରୀ ବେହେରାଙ୍କୁ ପଚାରିବାରେ ଏଭଳି ଘଟଣା କେବେ ଘଟି ନ ଥିଲା କି ଗୋଷ୍ଠୀକନ୍ଦଳ ବି ନାହିଁ। ଏହା କୌଣସି ବିରୋଧୀଙ୍କ ହୋଇପାରେ ବୋଲି ସେ କହିଥିଲେ।



ମାଟ୍ରିକ୍ ସମେଟିଭ୍ ପରୀକ୍ଷାର ଗୁରୁବାର ଦ୍ୱିତୀୟ ଦିବସରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ସମ୍ମୁଖରେ ସୃଷ୍ଟି ହୋଇଥିବା ଭିଡ଼ ଭିତରେ ଛାତ୍ରୀଛାତ୍ର।

# କଟକଣା ଉଲ୍ଲଂଘନ, ଦଣ୍ଡ ଗଣିଲେ ୧୩ ଅମାନିଆ

ଡେଲାଙ୍ଗ,୬।୧(ଡି.ଏନ୍.ଏ.)

ଡେଲାଙ୍ଗ ଅଞ୍ଚଳରେ କେତେକ ଅମାନିଆ ବିନା ମାସ୍କ ଓ ଅଯଥାରେ ବଜାରରେ ରହି ଆଡ୍ଡା ମାରୁଥିବା ଦେଖିବାକୁ ମିଳିଛି। ଡେଲାଙ୍ଗ ପୋଲିସ ପକ୍ଷରୁ ଗୁରୁବାର ମାସ୍କ ଚେକ୍ କରାଯାଇଥିଲା। ଏସ୍ଆଇ ଲାଇକା ମହାରଣା ଓ ହାଟଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍କ ସଦଳବଳେ ଡେଲାଙ୍ଗ ବଜାର, ହାଟ ବଜାର, ଘୋରଡିଆ ପ୍ରଭୃତି ସ୍ଥାନରେ ମାସ୍କ ଚେକିଂ କରାଯାଇଥିଲା। ଏଥିରେ ୧୩ଜଣ ଅମାନିଆଙ୍କଠାରୁ ୧୩୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ପୋଲିସ ପକ୍ଷରୁ ବଜାର ଛକରେ କୋଭିଡ୍ ସଚେତନତା କରାଯାଇଥିଲା।

# ହଣ୍ଟର ଇଲେଭେନ ଚାମ୍ପିୟନ

କଣାସ, ୬।୧(ସ୍ୱ.ପ୍ର.)

**ସାହସପୁର କ୍ରିକେଟ ପ୍ରିମିୟର ଲିଗ୍**

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ସାହସପୁର ଗ୍ରାମର ମା' ମଙ୍ଗଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ୨ୟତମ ସାହସପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ସାହସପୁର ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୨ ପଞ୍ଚାୟତରୁ ୫ଟି ଦଳ ଭାଗ ନେଇଛନ୍ତି। ସାମାଜିକ କର୍ମୀ ଚିତ୍ରସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଓମ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବର ଫାଇନାଲ ମ୍ୟାଚ ହଣ୍ଟର ଇଲେଭେନ ଏବଂ ସୁପର ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହଣ୍ଟର ଇଲେଭେନ ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ୯.୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ସୁପରଷ୍ଟ୍ରାଇକର ୧୦ ଓଭରରେ ୬ ଉଇକେଟ ହରାଇ ୮୬ ରନ କରି ପରାଜୟ ହୋଇଥିଲା। ମୁଖ୍ୟ ଅତିଥି ଚାମ୍ପିୟନ ଦଳ ହଣ୍ଟର ଇଲେଭେନକୁ ଟ୍ରଫି ପ୍ରଦାନ କରିଥିବାବେଳେ ରନର୍ସ ଅପ ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ବିଟୁ ସାହୁ ୨୨ ରନ ସଂଗ୍ରହ କରିବା ସହିତ ୧ ଓଭର ବୋଲିଂରେ ୧ ଉଇକେଟ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ୍ ଦି ସିରିଜ ସୌରଭ କୁମାର ସାହୁଙ୍କୁ ଅରେଞ୍ଜ କ୍ୟାପ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରୀଧର ପ୍ରଧାନ ଓ ଦିଗମ୍ବର ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଶିଶିର କୁମାର ହରିଚନ୍ଦନ, ସାହୁପଡା ମଣ୍ଡଳ ସଭାପତି ଅଜୟ ପ୍ରଧାନ, ସାମାଜିକ କର୍ମୀ ଦୁଃଶାସନ ସ୍ୱାଇଁ, ରମେଶ ହରିଚନ୍ଦନ, ଏସ୍‌ପିଏଲ୍‌ର ଅଧ୍ୟକ୍ଷ ସମୀର ସାମନ୍ତରାୟ, ଉପାଧ୍ୟକ୍ଷ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ହଣ୍ଟର ଇଲେଭେନ୍ ଦଳର ଖେଳାଳିମାନେ।

# କଡ଼ାକଡ଼ି ହୋଇପାରେ ଶ୍ରୀମନ୍ଦିର ଦର୍ଶନ

**ଚିନ୍ତା ବଢାଉଛି ସଂକ୍ରମଣ**

ପୁରୀ ଅଫିସ,୬।୧:

ପୁରୀ ଜିଲ୍ଲାରେ କରୋନା ଓ ଓମିକ୍ରନ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ପୁରୀ ପୌରାଞ୍ଚଳରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ସତ୍ୟବାଦୀରୁ ଜଣେ ଲେଖାଏ, ପିପିଲିରୁ ୫, ପୁରୀ ସଦରରୁ ୨, ମହାରାଷ୍ଟ୍ରରୁ ପୁରୀ ଆସିଥିବା ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରେ ଗତ ୨୪ ଘଣ୍ଟାରେ ସଂକ୍ରମିତଙ୍କ ସଂଖ୍ୟା ୫୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ପୁରୀ ସହରରେ ଗହଳି ରୋକାଯାଇପାରୁନାହିଁ। ଶ୍ରୀମନ୍ଦିରରେ ଦର୍ଶନ ଓ ବେଳାଭୂମି ବୁଲା କଟକଣା ଶୂନ୍ୟ ହୋଇଥିବାରୁ ଜନସମାଗମ ହେଉଛି। ଅନେକ ହୋଟେଲ କଟକଣା ପାଳନ କରୁନାହାନ୍ତି। ସହରରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ବନ୍ଦ ରଖିବାକୁ କେତେଜଣ ଦାବି କରୁଥିବାବେଳେ ଆଉ କେତେଜଣ ଅଧିକ କଟକଣା ସହ ଦର୍ଶନ ବ୍ୟବସ୍ଥା ଜାରି ରଖାଯାଉ ବୋଲି ମତ ଦେଉଛନ୍ତି। ତେଣୁ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଅଧିକ କଡ଼ାକଡ଼ି ହୋଇପାରେ ବୋଲି ସୂଚନା ମିଳିଛି। ଏ ନେଇ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବ। ସେହି ବୈଠକରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବ୍ୟବସ୍ଥା ନେଇ ନିଷ୍ପତ୍ତି ନିଆଯିବ। ସେହିପରି ଜିଲ୍ଲାପାଳ କହିଛନ୍ତି, ଜିଲ୍ଲାରେ ୮୮ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ୮୩ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ବଳକା ଲୋକଙ୍କୁ ତୁରନ୍ତ ଟିକା ଦିଆଯିବାକୁ ପ୍ରୟାସ ଚାଲିଛି। ଆସନ୍ତା ୧୦ ତାରିଖରୁ ବୁଷ୍ଟର ଡୋଜ୍ ଦିଆଯିବ। ବୟସ୍କ ଓ କୋଭିଡ୍ ଯୋଦ୍ଧାଙ୍କୁ ଅତିରିକ୍ତ ଡୋଜ୍ ଦିଆଯିବ।

**WATER AND LAND MANAGEMENT INSTITUTE**
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, Pin-754001
(0671) 2586426, 2586432, Fax:- 2586430
Email_Id: walmi_orissa@rediffmail.com
Website: www.walmiodisha.com or www.walmi odisha.org

**TENDER ENQUIRY No. 01/2021-22**

No.A-816:- Sealed Tenders are invited from the qualified man power agencies/ service providers for providing the services of Junior Engineer (Civil), Amin, Community Organiser and CAD & WM Expert to WALMI, Odisha for Soft Component Activities in Rengali Irrigation Project (Ph-2), The details of tender will be web-hosted in the WALMI Website: www.walmiodisha.com. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document & EMD is to be remitted in the form of Bank Draft/ Demand Draft in favour of the Deputy Director, WALMI payable at Bhubaneswar or Cuttack, The manpower agencies/ service providers are to send their bids to Deputy Director, WALMI with EMD and Tender fee on or before 17.01.2022 by 3.00 P.M. which is the last date of receipt of application. The time and date of opening of the Technical Proposal is on the same day at 4.00 P.M in the Office chamber of Deputy Director, WALMI. The application received after the due date and time due to any reason shall not be entertained.

OIPR-32199/11/0002/2122 Sd./- Deputy Director, WALMI, Odisha

**ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଠିକଟା, ଜିଲ୍ଲା: ସୁନ୍ଦରଗଡ଼**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଲାଠିକଟା ତହସିଲ ଅଧୀନରେ ଥିବା ତିନି (୩)ଗୋଟି ସୈରାତ ଉତ୍ସ (ବାଲି ଓ ପଥର ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ (www.sundergarh.nic.in)ରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ଲାଠିକଟା
OIPR-24246/11/0002/2122

**OFFICE OF THE EXECUTIVE ENGINEER, L.I. DIVISION, CUTTACK**
No. CAD-2734: e-mail: eeolic_ctc@yahoo.in

**e-Procurement Notice**
Bid Identification No. 18/OLIC (CTC)/Dt.05.01.2022

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited, Bhubaneswar invites Percentage Rate Bids in Online mode for Drilling & Installation of 150mm dia Cluster Shallow Tube Wells in different blocks of Cuttack & Jagatsinghpur districts from reputed drilling contractors having **OWN RIG & Experience** in similar nature of works. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Package | 2 (Two) |
| 2. | Estimated Cost | Rs.22.37 lakh to Rs.26.32 lakh |
| 3. | Cost of Tender Paper | Rs.6000/- (In Online Mode) + 5% GST as revers charge basis vide Challan No. **21AAACO5986G1ZF** of OLIC |
| 4. | Date & time of publication | Dt.07.01.2022 from 10.00 A.M. |
| 5. | Date & time of closing | Dt.12.01.2022 at 5.00 P.M. |
| 6. | Date & time of Opening of Bid | Dt.13.01.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender if any, can be seen in the website.

OIPR-32238/11/0021/2122 Sd./- Executive Engineer

**ଭୂ-ଅର୍ଜନ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ରେତ୍ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି**
**(କ୍ୟାମ୍ପ ଅଫିସ୍, ଭବାନୀପାଟଣା)**

ପତ୍ର ସଂଖ୍ୟା: ୦୪ ତା୦୪।୦୧।୨୦୨୨

**ନୋଟିସ୍**

No. A-818: ଏତଦ୍ୱାରା ଗୁଣ୍ଡୁରି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମୌଜା: ପାଡ଼ପଙ୍ଗା, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି ଗ୍ରାମବାସୀଙ୍କୁ ଜଣାଇ ଦିଆଯାଉଛି ଯେ, ପାଡ଼ପଙ୍ଗା ଗ୍ରାମର ଏ.୦.୬୪ଡି. ଜମି ରେତ୍ ଜଳସେଚନ ପ୍ରକଳ୍ପର ଅତିରିକ୍ତ ବୁଡ଼ି ଅଞ୍ଚଳ ନିମନ୍ତେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅଧିସୂଚନା ସଂଖ୍ୟା ୩୧୬ ତା୧୫।୦୯।୨୦୨୧ରିଖ ମୁତାବକ ଅଧିଗ୍ରହଣ କରାଯାଉଛି। ଏହି ଅଧିଗ୍ରହଣ ଦ୍ୱାରା ପାଡ଼ପଙ୍ଗା ଗ୍ରାମ (କଲୋନୀ ପଡ଼ା) କ୍ଷତିଗ୍ରସ୍ତ ହେଉଅଛି ଓ ବିସ୍ଥାପନ ପାଇଁ ପ୍ରସ୍ତାବ ଅଛି। ଏହି ନିମନ୍ତେ ଉକ୍ତ ଗ୍ରାମରେ ଏକ ଜନଶୁଣାଣି ତା୧୨।୦୧।୨୦୨୨ରିଖରେ କରିବାକୁ ସ୍ଥିର କରାଯାଇଅଛି।

ଏଣୁ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ତା୧୨।୦୧।୨୦୨୨ରିଖ ଦିବା ୧୧ଘଣ୍ଟା ସମୟରେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ହେବେ।

ସ୍ୱା./- ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ
ରେତ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି
OIPR-32426/11/0003/2122

**ODISHA POLICE**
**DISTRICT HEAD QUARTERS, JAJPUR**
Address: At: Office of the Superintendent of Police, Jajpur
At/P.O.: Panikoili, District - Jajpur,
Odisha, PIN - 755043
Contact No. 06726-240112
E-mail: spjjp.odpol@nic.in
No. 32/RO Date: 05.01.2022

**TENDER CALL NOTICE FOR HIRING OF VEHICLES**

No. D-269: Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the Jajpur district website **https://jajpur.nic.in**. Interested agencies may submit their tenders in a sealed envelope with super scribing on the top of the sealed envelopes as "Tender for Hiring of Vehicles for NH Patrol on monthly basis to Superintendent of Police, Jajpur".
The tender should reach the office of the undersigned by **23.01.2022 (till 5.30 P.M.)**. The tenders will be opened on **24.01.2022 at 11.00 A.M.** for finalization of Technical Bid. The financial bid will be opened on **24.01.2022 at 11.30 A.M.** The undersigned reserves the right to reject any or all the tenders without assigning any reason thereof.

Sd./- Superintendent of Police, Jajpur
OIPR-12103/11/0001/2122

obcc
**OFFICE OF THE SR. PROJECT MANAGER** No. CAD-2733
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
**PURI PROJECT DIVISION NO. II, PURI**
E-mail Id: obccpuridivnii@gmail.com / puridiv2@obcc.in
Letter No. 29 Date: 06.01.2022

**BID IDENTIFICATION NO. 10/2021-22 | TENDER CALL NOTICE**

3. The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.), Puri, on behalf of Governor of Odisha, invites Percentage bids in Double Cover system for the following works from 'B' & 'C' Class Contractors registered with the State Government, and contractors of equivalent grade/class registered with Central Government/ MES/ Railways or Manufacturers, Authorized Manufacturers having MSME registration throughout india to be eventually drawn up in P-1 form/ other available forms for execution of the works, on prodection of definite proof from the appropriate authority. But successful bidder other than State/ MES/ Railways/ CPWD/ MSME Company in equivalent rank must register under the State PWD before signing the agreement.

| Sl No. | Name of work | Approx. Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **Construction of SFRC boundary wall for Khandolite stockyard at Samanga, Puri** | 35.00 | Sr. Project Manager, Puri Project Division No.-II, O.B. & C.C. Ltd., Puri | Nil | Rs.6,720/- | 'B' Class & 'C' Class and Authorized Manufacturers having MSME registration throughout India | 3 (Three) calendar months |

**14.** The Bid document shall be available in the website https://tendersodisha.gov.in from **04.30 P.M. of Dt. 07.01.2022 to 04.30 P.M. of Dt.17.01.2022** for online Bidding. **15.** The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. **16.** The bid shall be received **only through "online" on or before 04.30 P.M. of Dt. 17.01.2022.** **17.** Bids received online shall be opened at **05.00 P.M. on Dt. 17.01.2022** in the office of the Sr. Project Manager, Puri Division-II, Odisha Bridge & Construction Corporation Ltd., Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **18.** The authority reserves the right to cancel any or all bids without assigning any reason thereof. **19.** Further details with any addendum, corrigendum, cancellation can be seen from the website only **https://tendersodisha.gov.in**.

OIPR-34152/11/0006/2122 Sd./- Sr. Project Manager, Puri Project Divn. No.-II, O.B. & C.C. Ltd., Puri

## ଆଜି କ'ଣ କେଉଁଠି

କଟକ

- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଟକ ରେଳ ଷ୍ଟେଶନ ପରିଦର୍ଶନ, କଟକ ରେଳ ଷ୍ଟେଶନ, ସକାଳ ୯ଟା ୩୦।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କଟକ ମହୋତ୍ସବର ୫ମ ସନ୍ଧ୍ୟା, ଶାରଳା ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### କ୍ଷୁଲ କଳପଡ଼ାରେ ବୋମା ମାଡ଼

**କଟକ ସଦର,୬।୧(ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ କ୍ଷୁଲ କଳପଡା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ବୋମା ମାଡ଼ ହୋଇଛି। ବୋମାମାଡ଼ ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ ଅନୀତା ସାହୁ ଓ ଏସିପି ଚନ୍ଦନ ଘଡେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମାତ୍ର ବୋମାମାଡ଼ରେ କାହାର କ୍ଷତି ହୋଇ ନାହିଁ। ଏପରିକି ବୋମା ବିସ୍ଫୋରଣ ପରେ କୌଣସି ବିସ୍ଫୋରକ ସାମଗ୍ରୀ ମଧ ପୋଲିସର ହସ୍ତଗତ ହୋଇ ନାହିଁ। ତେବେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଅନ୍ୟ ଜଣେ ବ୍ୟକ୍ତି କଂକ୍ରିଟ ରାସ୍ତା ଉପରେ ବୋମାମାଡ଼ କରିଥିଲା। ଏହା କୌଣସି ପୂର୍ବ ଶତ୍ରୁତାକୁ ନେଇ ଏହି ବୋମା ମାଡ଼ କରାଯାଇଥିବା ପୋଲିସ ଅନୁମାନ କରୁଛି। ପୋଲିସ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ବୋମା ମାଡ଼ ସମ୍ପର୍କରେ କେହି ଥାନାରେ ଅଭିଯୋଗ କରିନାହାନ୍ତି।

### ସ୍ତ୍ରୀ, ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ

**କଣ୍ଟାପଡ଼ା,୬।୧(ଡି.ଏନ୍.ଏ.):** ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଜଣେ ସ୍ୱାମୀ କେତେକ ଅସାମାଜିକ ଯୁବକଙ୍କୁ ଲଗାଇ ବୁଧବାର ସ୍ତ୍ରୀ ଓ ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦପୁର ଥାନାସ୍ଥିତ ସାଇଲୋ ଝାରପଡା ଗ୍ରାମର ହୃଦାନନ୍ଦ ପାତ୍ର ତାଙ୍କ ସ୍ତ୍ରୀଙ୍କୁ ବାରମ୍ବାର ଧମକଚମକ ଦେବାରୁ ସେ ବାପଘରକୁ ଚାଲି ଆସିଥିଲେ। ମାତ୍ର ବୁଧବାର ହୃଦାନନ୍ଦ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି ବୋଲି ଜଣେ ବ୍ୟକ୍ତିଙ୍କ ଜରିଆରେ ସ୍ତ୍ରୀଙ୍କୁ ଜଣାଇଥିଲେ। ଖବର ପାଇ ସୁନିତା ଓ ତାଙ୍କ ମା' ଅଡ଼ଶପୁର ଆସୁଥିଲେ। ହେଲେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ହୃଦାନନ୍ଦ କେତେଜଣ ଦୁର୍ବୃତ୍ତଙ୍କ ସହ ମିଶି ସ୍ତ୍ରୀ ଓ ଶାଶୁଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

**କଟକ ଅଫିସ,୬।୧:** ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଗୁରୁବାର କଟକ ନଗର ଭାଜପା ଓବିସି ମୋର୍ଚ୍ଚା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ,ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସ୍ୱାଇଁ, ରାଜ୍ୟ ସଂଯୋଜକ ଅମ୍ବିକା ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଜେନା ପ୍ରମୁଖ ନବୀନ ସରକାରଙ୍କ ଓବିସି ବିରୋଧୀ ନୀତିର ସମାଲୋଚନା କରିଥିଲେ। କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, ମହେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ କଟକ ଏସପିଙ୍କ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଆସି ଡେପୁଟି କଲେକ୍ଟର ଶୁଭାଶିଷ ପାଲଟାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିକନ୍ଦର ଅଲ୍ଲି, ଲକ୍ଷ୍ମୀଧର ପ୍ରଧାନ, ବୈଦେଶ୍ୱର ପଣ୍ଡା, ସବ୍ୟସାଚୀ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ଭାଗୀରଥି ଦଲେଇ, ରଞ୍ଜିତା ନାଏକ,ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସହରରୁ ୧୧୧, ଜିଲାରୁ ୧୪୩ ସଂକ୍ରମିତ

**କଟକ ଅଫିସ, ୬।୧**

## ୨୬, ୩୭, ୫୪ ନଂ. ୱାର୍ଡ କଣ୍ଟେନମେଣ୍ଟ

କଟକ ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଗୁରୁବାର ଜିଲା ସମେତ କଟକ ସହରରୁ ୧୪୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ କେବଳ କଟକ ସହରରୁ ୧୧୧ ଜଣ ସଂକ୍ରମିତ ରହିଛନ୍ତି। ଇନଷ୍ଟିଚ୍ୟୁଟନାଲ ସଙ୍ଗରୋଧରୁ ୧୪, ଗୃହ ସଙ୍ଗରୋଧରୁ ୪୯ ଓ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୪୮ଜଣ ରହିଥିବା ସିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗୁରୁବାର ୩ଟି ୱାର୍ଡରୁ କୋଭିଡ ରୋଗୀ ଚିହ୍ନଟ ହେବାପରେ ଉକ୍ତ ସ୍ଥାନକୁ ସିଏମସି ପକ୍ଷରୁ ସିଲ କରାଯାଇଛି। ୩୭ନଂ ୱାର୍ଡ ଶଙ୍କରପୁରର ଡିଅସାହିରୁ ୫ ଜଣ, ୨୬ନଂ ୱାର୍ଡର ନନ୍ଦିସାହିରୁ ୬ଜଣ, ୫୪ ୱାର୍ଡ ବିଦ୍ୟାଧରପୁର ଗୌତମ ନଗରରୁ ୫ ଜଣ ଗୋଟିଏ ପରିବାରରରୁ ସଂକ୍ରମିତ ଚିହ୍ନଟ ହେବା ପରେ ଉକ୍ତ ଘରକୁ ସିଲ କରାଯାଇ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଗୁରୁବାର ଚିହ୍ନଟ ୧୧୧ ସଂକ୍ରମିତଙ୍କ ମଧ୍ୟରୁ ତୁଳସୀପୁରରୁ ସର୍ବାଧିକ ୧୧ଜଣ ରହିଛନ୍ତି। ସେହିପରି ସିଏମ୍ସି ଅଞ୍ଚଳରୁ ୧୧୫, ବାରଙ୍ଗରୁ ୧୧, କଣ୍ଟାପଡ଼ାରୁ ୩, କଟକ ସଦର, ମାହାଙ୍ଗା, ଟାଙ୍ଗୀ, ତିଗିରିଆ, ଚୌଦ୍ୱାରରୁ ୨ଜଣ ଲେଖାଏ ଏବଂ ଆଠଗଡ଼, ବାଙ୍କୀ, ନିଆଳି, ନିଶ୍ଚିନ୍ତକୋଇଲିରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଭୁବନେଶ୍ୱରର ଆଉ ୯ ସ୍ଥାନ କଣ୍ଟେନ୍ମେଣ୍ଟ

**ଭୁବନେଶ୍ୱର,୬।୧ (ବ୍ୟୁରୋ)**

ଭୁବନେଶ୍ୱରରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଲାଣି। ଫଳରେ ସଂକ୍ରମଣକୁ ରୋକିବା ପାଇଁ ବିଏମ୍ସି ପକ୍ଷରୁ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କରାଯାଉଛି। ଗୁରୁବାର ସହରର ଆଉ ୯ଟି ସ୍ଥାନକୁ କଣ୍ଟେନ୍ମେଣ୍ଟ କରାଯାଇଛି। ଦୁଇଦିନ ମଧ୍ୟରେ ୧୯ ସ୍ଥାନକୁ କଣ୍ଟେନ୍ମେଣ୍ଟ ଘୋଷଣା କରାଗଲାଣି। ମହାନଗର ନିଗମର ଦକ୍ଷିଣ ପଶ୍ଚିମ ଜୋନ୍‌ର ୱାର୍ଡ ନଂ ୩୮ ଅନ୍ତର୍ଗତ ନୟାପଲ୍ଲୀ ବ୍ରିଟ୍ କଲୋନୀସ୍ଥିତ ପ୍ଲଟ୍ ନଂ. ଏଲ୍ଆଇଜି ୧୧୮କୁ କଣ୍ଟେନମେଣ୍ଟ କରାଯାଇଛି। ସେହିପରି ୱାର୍ଡ ନଂ. ୪୬ ଅନ୍ତର୍ଗତ ୟୁନିଟ୍-୬ସ୍ଥିତ ଭୀମପୁରର ପ୍ଲଟ୍ ନଂ. ୨୫୨/୨୬୯୯, ୱାର୍ଡ ନଂ. ୪୯ ଅନ୍ତର୍ଗତ ଆଇଗିଣିଆର ଶ୍ରୀକ୍ଷେତ୍ର ରେସିଡେନ୍ସିର ଫ୍ଲାଟ୍ ନଂ. ଏ/୨-୩୦୩ ଓ ବି/୧-୨୦୪କୁ କଣ୍ଟେନ୍ମେଣ୍ଟ କରାଯାଇଛି। ସେହିପରି ଦକ୍ଷିଣପୂର୍ବ ଜୋନ୍‌ର ୱାର୍ଡ ନଂ ୨୯ ଅନ୍ତର୍ଗତ ୟୁନିଟ୍-୯ସ୍ଥିତ କ୍ୱାର୍ଟର ନଂ.୪ଆର୍ଏଫ୍-୨୦, ୱାର୍ଡ ନଂ.୩୫ ୟୁନିଟ-୩ ସ୍ଥିତ ଗୁରୁଦ୍ୱାର ପଛ ପ୍ଲଟ୍ ନଂ ୭, ୱାର୍ଡ ନଂ ୫୭ ଟଙ୍କପାଣି ରୋଡ୍‌ସ୍ଥିତ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟର ଫ୍ଲାଟ୍ ନଂ ୨୦୯, ୱାର୍ଡ ୫୮ ଅନ୍ତର୍ଗତ ଟଙ୍କପାଣି ରୋଡ୍‌ସ୍ଥିତ ଆପୋଲୋ ଫାର୍ମାସୀ ନିକଟସ୍ଥ ପ୍ଲଟ୍ ନଂ ୧୧୪୭ ଏବଂ ୱାର୍ଡ ନଂ ୫୫ ଅନ୍ତର୍ଗତ ଗୌତମ ନଗରସ୍ଥିତ ଉତ୍କଳ ରୟାଲ ରେସିଡେନ୍ସିର ଫ୍ଲାଟ୍ ନଂ. ଏ/୯୪କୁ କଣ୍ଟେନ୍ମେଣ୍ଟ ଘୋଷଣା କରାଯାଇଛି।




୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ, କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ଅଭିମୁଖେ ଯାଉଥିବା 'ଅଧିକାର ଯାତ୍ରା'।

# ବନ୍ଧୁକ ଦେଖାଇ ୧.୩୪ ଲକ୍ଷ ଲୁଟ୍

**ଚୌଦ୍ୱାର,୬।୧(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ମଧୁସେତୁ ନିକଟରେ ବୁଧବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଏକ କାର୍‌କୁ ଅଟକାଇବା ସହିତ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ୧ଲକ୍ଷ ୩୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କଟକ ସିଡିଏ ଅଞ୍ଚଳରେ ରହୁଥିବା କଖଡ଼ି ମହାଲପଡ଼ା ଗ୍ରାମର ବିଭୂତି ଭୂଷଣ ସାହୁଙ୍କର ଧବଳେଶ୍ୱର ନୂଆପାଟଣା ରାସ୍ତାକଡରେ ଏକ ପେଟ୍ରୋଲ ପମ୍ପ ଅଛି। ତାଙ୍କର ହଠାତ୍ ଟଙ୍କା ଦରକାର ହେବାରୁ ବୁଧବାର ରାତିରେ ସେ ପେଟ୍ରୋଲ ପମ୍ପରୁ ଟଙ୍କା ଆଣିବା ପାଇଁ ତାଙ୍କ କାର୍ ସହିତ ଡ୍ରାଇଭରଙ୍କୁ ପଠାଇଥିଲେ। ଡ୍ରାଇଭର ଜଣକ ପମ୍ପରୁ ୧ଲକ୍ଷ ୩୪ହଜାର ଟଙ୍କା ନେଇ କାର୍ ଯୋଗେ କଟକ ଫେରୁଥିଲେ। ହେଲେ ନୂଆପାଟଣା ମଧୁସେତୁ ନିକଟରେ ୩ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ କାର୍‌କୁ ଅଟକାଇବା ସହିତ କାଚ ଭାଙ୍ଗି ଡ୍ରାଇଭରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟିନେଇଥିଲେ। ଏ ନେଇ ଡ୍ରାଇଭର ଜଣକ ବିଭୂତିଙ୍କୁ ଫୋନ୍‌ରେ ଜଣାଇଥିଲେ। ବିଭୂତି ଡ୍ରାଇଭର ସହିତ ଆସି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଡ୍ରାଇଭରଙ୍କୁ ଅଟକ ରଖି ପଚରା ଉଚରା କରୁଛି।

# ଦ୍ୱିତୀୟ ଦିନରେ ପରୀକ୍ଷା ଦେଲେ ୩୦,୨୨୫

**କଟକ ଅଫିସ, ୬।୧**

## ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସମେଟିଭ-୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଗୁରୁବାର ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ୨ଟି ସିଟିଂରେ ପରୀକ୍ଷା ହୋଇଥିଲା । ଜିଲାରେ ଦ୍ୱିତୀୟ ଦିନରେ ୩୧୩୭୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦୨୨୫ ପରୀକ୍ଷା ପାଇଁ ଉପସ୍ଥିତ ଥିଲେ। ୧୧୪୭ଜଣ ଏହି ପରୀକ୍ଷାରେ ଅନୁପସ୍ଥିତ ଥିଲେ। ତେବେ ପରୀକ୍ଷାରେ କେହି ବି କପି କରି ନାହାନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ରାଣୀହାଟ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଆଡ୍‌ମିଟ କାର୍ଡ ଦେଖାଇ ନ ପାରିବାରୁ ତାଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇ ନ ଥିଲା। ଫଳରେ ସାହିତ୍ୟ ବିଷୟରେ ପରୀକ୍ଷା ଦେଇପାରି ନ ଥିଲେ ବାଦାମବାଡି ନିୟୁ କଲୋନୀ ହାଇସ୍କୁଲର ଛାତ୍ର ଦୀପକ ମହାନ୍ତି । ଜଣେ ପରୀକ୍ଷାର୍ଥୀ ଯଦି ପରୀକ୍ଷା କେନ୍ଦ୍ରକୁ ଆଡମିଟ କାର୍ଡ ନ ନେଇଥାନ୍ତି ତାହେଲେ ଅଣ୍ଡର ଟେକିଂ ଲେଖି ମଧ ପରୀକ୍ଷା ଦେଇପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ହେଲେ ସମ୍ପୃକ୍ତ ଛାତ୍ର ପରୀକ୍ଷାରୁ ବଞ୍ଚିତ ହେବାରୁ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଅଭିଭାବକ ଡିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ବୋର୍ଡ ପକ୍ଷରୁ ରାଣୀହାଟ ହାଇସ୍କୁଲକୁ ଗୁରୁବାର କରାଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ବସ୍ତିରେ ରେଲ୍‌ୱେ ପାଚେରି ନିର୍ମାଣକୁ ନେଇ ଉତ୍ତେଜନା

**କଟକ ଅଫିସ,୬।୧**

ନିମପୁରସ୍ଥିତ ଆଦିବାସୀ ବସ୍ତି ସମ୍ମୁଖ ରାସ୍ତାକଡରେ ରେଲ୍‌ୱେ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ପାଚେରି ନିର୍ମାଣକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ପାଚେରି ନିର୍ମାଣ କରାଗଲେ ବସ୍ତି ବାସିନ୍ଦାମାନେ ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ଜୀବନ ଯାତ୍ରା ପ୍ରଭାବିତ ହେବ ବୋଲି ବସ୍ତିବାସନ୍ଦା ବିରୋଧ କରିଥିଲେ । ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶତାଧିକ ବସ୍ତିବାସିନ୍ଦା କାମ ନ ହେବା ପାଇଁ ଜିଦ୍ ଧରିଥିଲେ। ବସ୍ତି ବାସିନ୍ଦାଙ୍କ ମୁରବି ନାଗେଶ୍ୱର ବେହେରା ଓ ରେଲ୍‌ୱେ ପକ୍ଷରୁ ଆର୍‌ପିଏଫ୍ ଥାନାର ପୋଲିସ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ପରେ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ପାଚେରି ନିର୍ମାଣ କାମ ସ୍ଥଗିତ ରଖିବା ପାଇଁ ସ୍ଥିର ହୋଇଥିଲା । ଏହି ୪ ଦିନ ମଧ୍ୟରେ ରେଲ୍‌ୱେ ଅଧିକାରୀ, କଟକ ଜିଲାପାଳ ଓ ବିଧାୟକଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବସ୍ତି ମୁରବୀ ନାଗେଶ୍ୱର ବେହେରା କହିଛନ୍ତି ।

# ଡ୍ରିମ୍‌ସରେ କ୍ୟାମ୍ପସ ଚୟନ: ୭୮ ଆଇଟିଆଇ ଛାତ୍ରଙ୍କୁ ନିଯୁକ୍ତି

**କଟକ ଅଫିସ, ୬।୧**

ପ୍ରତିଷ୍ଠିତ ଉଦ୍ୟୋଗ 'ଇଣ୍ଡଟଟେକ୍' ପକ୍ଷରୁ ଡ୍ରିମ୍‌ସରେ କ୍ୟାମ୍ପସ ଚୟନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୭୮ ଜଣ ଆଇଟିଆଇ ଛାତ୍ରଙ୍କୁ ନିଯୁକ୍ତି ମିଳିଛି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ନିଯୁକ୍ତି ସୁଯୋଗ ପାଇଥିବା ମେଧାବୀ ବିଦ୍ୟାର୍ଥୀମାନେ ନିଜର ବୈଷୟିକ ଦକ୍ଷତା ପ୍ରତିପାଦନ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ସିଡିସି ସହ ନିର୍ଦ୍ଦେଶକ ପ୍ରଫେସର ରମାକାନ୍ତ କାସ୍ତା, ଜିତେନ୍ଦ୍ର ଶତପଥୀ, ରବିନାରାୟଣ ରାଉତ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଇଂ. ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସୂଚନା ଓ ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ଧନ୍ୟବାଦ ଦେଇଥିଲେ।

# ଖୁଣ୍ଟୁଣୀ ବନାଞ୍ଚଳରେ ୫୬୭୮ ପକ୍ଷୀ

**ଖୁଣ୍ଟୁଣୀ,୬।୧(ଡି.ଏନ୍.ଏ.)**

## ଗତବର୍ଷ ତୁଳନାରେ ୨ ହଜାର ଅଧିକ

ଖୁଣ୍ଟୁଣୀ ବନାଞ୍ଚଳରେ ବୁଧବାର ଦିନିକିଆ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗଣନା କାର୍ଯ୍ୟକ୍ରମ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନାଞ୍ଚଳ ଅଧୀନରେ ଥିବା ୫ଟି ଫରେଷ୍ଟ ସେକ୍ସନର ୧୫ ଗୋଟି ୟୁନିଟ୍‌ରେ ହୋଇଥିଲା। ୟୁନିଟ୍ ପିଛା ୨ଜଣ କରି ମୋଟ ୩୦ ବନ କର୍ମଚାରୀ ଗଣନାରେ ନିୟୋଜିତ ହୋଇଥିଲେ। ତେବେ ଚଳିତବର୍ଷ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟି ୫୬୭୮ ଥିବା ଗଣନା ବେଳେ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ୩୦୬୧ଟି ପକ୍ଷୀ ଥିଲେ। ଗଣନା ବେଳେ ଦୃଶ୍ୟମାନ ହୋଇଥିବା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ମଧ୍ୟରେ ଧଳାବଗ, ବଡ଼ବଗ, ସାନବଗ, କାଣ୍ଠିବଗ, ହଂସରାଳି, ଗେଣ୍ଡାଳିଆ, ଡାହୁକ, ପାଣିକୁଆ, ଚକୁଆ, ଟେଣ୍ଟେଇ, ପାଣିଚିରି, ମାଛରଙ୍କା ଥିବା ବିଭାଗ ସୂଚନା ଦେଇଛି। ଖୁଣ୍ଟୁଣୀ ବନାଞ୍ଚଳର ଖୁଣ୍ଟୁଣୀ ପାଟିଆ ଆର୍ଦ୍ରଭୂମି, କୁମାରପୁର ପୋଖରୀ, କୃଷ୍ଣଶ୍ୟାମପୁର କୁମାରୀବନ୍ଧ, ଗୁରୁ ପୋଖରୀ, ଜାମୁଝର ୱାଟର ବଡ଼ି, ଭଗୁଆ ୱାଟର ବଡି, ଗୋବରା ପୋଖରୀ, ଡାଳୁଆ ପୋଖରୀ, ମହାଲକ୍ଷ୍ମୀପୁର ବାଜିଆନାଳୀ ବନ୍ଧ, କଂସର ପୋଖରୀ, ଧବଳେଶ୍ୱର-ନୂଆପାଟଣା ଘାଟ, ପାଇକେରାପୁର ପାଟ, ନାକଶୁଣି ପାଟ, କଖଡ଼ି ମହାନଦୀ ରିଭର ବ୍ୟାଙ୍କ, ରାମଶ୍ୟାମପୁର ପାଟ ଆଦି ୧୫ଗୋଟି ସ୍ଥାନରେ ଏହି ଗଣନା କାର୍ଯ୍ୟ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପପୁ



@ ଅବନୀ



@ ପ୍ରଭାଶିଷ



@ବିଶ୍ୱରଞ୍ଜନ



@ ମନୀଷ



@ ଅରବିନ୍ଦ

# ଧାନ ସଂଗ୍ରହ ପାଳିକୁ ନେଇ ଚିନ୍ତାରେ ଚାଷୀ

**କଟକ ସଦର,୬।୧(ଡି.ଏନ୍.ଏ.)**

ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ କଟକ ସଦର ବ୍ଲକର ବିଭିନ୍ନ ମଣ୍ଡିରୁ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଧାନ କିଣାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ସପ୍ତାହର ବିଭିନ୍ନ ବାରରେ ସମବାୟ ସମିତି ଜରିଆରେ ମିଲର ଧାନ କିଣିବେ। ମାତ୍ର ପଞ୍ଜୀକୃତ ଚାଷୀଙ୍କ ପାଖକୁ ସାପ୍ତାହିକ ପାଳି ପରିବର୍ତ୍ତେ ତାରିଖ ଅନୁଯାୟୀ ଧାନ ବିକିବା ପାଇଁ ମେସେଜ ଆସିଛି। ଅନ୍ୟପଟେ ସପ୍ତାହରେ ମାତ୍ର ଗୋଟିଏ ଦିନ ଧାନ କିଣିବା ପାଇଁ ଧାର୍ଯ୍ୟ ହୋଇଛି। କିନ୍ତୁ ତାରିଖକୁ ବିଚାର କଲେ ସପ୍ତାହରେ ବିଭିନ୍ନ ଦିନରେ ଧାନ କିଣିବାକୁ ପଡ଼ିବ, ଫଳରେ ମଣ୍ଡିରେ ଧାନ ଦେବାକୁ ନେଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ତେବେ ଏହି ତ୍ରୁଟିକୁ ସୁଧାରିବା ପାଇଁ ଗତିରାଉତପାଟଣା ସେବା ସମବାୟ ସମିତିର କେତେଜଣ ପଞ୍ଜୀକୃତ ଚାଷୀ କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି। ନଚେତ୍ ସବୁ ଚାଷୀ ଧାନ ବିକିବାରୁ ବଞ୍ଚିତ ହେବେ ବୋଲି ସେମାନେ କହିଛନ୍ତି।




ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଗୁରୁବାର କଟକ ନଗର ଭାଜପା ଓବିସି ମୋର୍ଚ୍ଚା ତରଫରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।



ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଶାରଦା ଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଗୁରୁବାର ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।



ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ୨୩ତମ ଗୁରୁ ପ୍ରଣାମ ମହୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜାନୁୟାରୀ, ୨୦୨୨



## ୪ ନମ୍ବର ଜୋନ୍ କଂଗ୍ରେସର ବୈଠକ

ଫୁଲନଖରା (ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଆମଣ ପଞ୍ଚାୟତସ୍ଥିତ ବିଶ୍ୱାଳପଡାର ଗ୍ରାମେଶ୍ୱର ମନ୍ଦିର ପରିସରରେ ୪ ନମ୍ବର ଜୋନ୍ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଆମଣ ପଞ୍ଚାୟତର ସଭାପତି କୃଷ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ, ଖଣ୍ଡାଏତା ପଞ୍ଚାୟତର ସଭାପତି ରାଜେଶ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସମ୍ପାଦକ ଆଲୋକ ପୃଷ୍ଟି, ସତ୍ୟବ୍ରତ ସାହୁ, ବ୍ରଜକିଶୋର ସାହୁ, ଭାରତ ରଞ୍ଜନ ନାୟକ, ମହମ୍ମଦ କାଶିମ, ତ୍ରିଲୋଚନ ସାହୁ, ସେକ ଆସିଫ, ପ୍ରଶାନ୍ତ କୁମାର ମଲ୍ଲିକ, ନିହାର ରଞ୍ଜନ ନନ୍ଦ, ଅଂଶୁମାନ ପ୍ରଧାନ, ଦାମୋଦର ସାହୁ, ବିଚିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଗଡାବୋଲୁଅ କଲୋନୀ ସାହି ଟ୍ରାନ୍ସଫର୍ମର ଚୋରି

**ଖୁଣ୍ଟୁଣୀ,୬।୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଓପିଟିସିଏଲ ବିଦ୍ୟୁତ୍ ସେକ୍ସନ ଅଧୀନ କଣ୍ଡରେଇ ପଞ୍ଚାୟତର ଗଡାବୋଲୁଅଠାରେ ଲାଗିଥିବା ୧୬ କେଭି ଟ୍ରାନ୍ସଫର୍ମରକୁ ଗତ ୪ ତାରିଖ ରାତିରେ କେହି ଚୋରି କରି ନେଇଥିବା ଗ୍ରାମବାସୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି । ଏହି ଟ୍ରାନ୍ସଫର୍ମର ଉପରେ କଲୋନୀ ସାହି, ଗଡା ବୋଲୁଅ ଓ ହେଁତେରାବାରି ଆଦି ୩ଟି ଗାଁର ୩ ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ନିର୍ଭର କରୁଛନ୍ତି। ଏବେ ସମସ୍ତେ ଅନ୍ଧାରରେ ଅଛନ୍ତି। ଉକ୍ତ ଅଞ୍ଚଳରେ ବଣୁଆ ଦନ୍ତା ହାତୀ ବୁଲୁଥିବାରୁ କେତେବେଳେ କାହାର ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଖୁଣ୍ଟୁଣୀ ସେକ୍ସନ ଅଧିକାରୀ ନେପାଳ ସେନ ତାର୍ଜନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ତୁରନ୍ତ ଏକ ଟ୍ରାନ୍ସଫର୍ମର ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସେକ୍ସନ ଅଫିସର ତାର୍ଜନଙ୍କୁ ପଚାରିବାରେ ଦିନେ ଦୁଇଦିନ ମଧରେ ସେଠାରେ ନୂଆ ଟ୍ରାନ୍ସଫର୍ମର ଲାଗିଯିବ ବୋଲି କହିଥିଲେ।

### ପୋଷ୍ଟ ଅଫିସକୁ କାର୍ଯ୍ୟକ୍ଷମ କରାଯାଉ

**କଟକ ଅଫିସ,୬।୧:** କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ପୋଷ୍ଟ ଅଫିସକୁ ସ୍ଥାନାନ୍ତର କିମ୍ବା ମିଶ୍ରଣ ନ କରି ପୂର୍ବବତ କାର୍ଯ୍ୟକ୍ଷମ କରିବାକୁ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ସ୍ମାରକପତ୍ର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ସିନିୟର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ଦେବୀ ପ୍ରସାଦ ଦାସଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି, କଟକ ସହରର ଏହି ପୋଷ୍ଟ ଅଫିସଟି ୮୦ ବର୍ଷରୁ ଊର୍ଦ୍ଧ୍ୱର ପୁରାତନ। ଗତ ଫନୀ ବାତ୍ୟାରେ ଉକ୍ତ ପୋଷ୍ଟ ଅଫିସ ଗୃହ ଭାଙ୍ଗି ଯାଇଥିଲା। ଏହା ପରଠାରୁ ବକ୍ସିବଜାରସ୍ଥିତ ଜିପିଓରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଭାଙ୍ଗି ଯାଇଥିବା କାରଣରୁ ଭାରତୀୟ ଡାକ ସେବା ବିଭାଗର ପଦସ୍ଥ ଅଧିକାରୀମାନେ ପୋଷ୍ଟ ଅଫିସକୁ ଅନ୍ୟତ୍ର ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ଦୀର୍ଘ ବର୍ଷ ଧରି ସହରବାସୀଙ୍କୁ ସେବା ଯୋଗାଇ ଆସିଥିବା ଉକ୍ତ ପୋଷ୍ଟ ଅଫିସ ଗୃହକୁ ନବୀକରଣ କରିବାକୁ ସେ ଦାବି କରିଛନ୍ତି। ବେହେରାଙ୍କ ନେତୃତ୍ୱରେ ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, ଅଶ୍ୱିନୀ ମହାରଣା, ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କା, ସ୍ମୃତିରଞ୍ଜନ ରାଉତ, ସନ୍ତୋଷ ପାତ୍ର, କ୍ଷୀରୋଦ କୁମାର ସାହୁ, ଶ୍ରୀୟା ସମ୍ବେଦନା, ଲିଜାରାଣୀ ରାଉତ, ସେକ୍ ଗୁଲାମଉଦ୍ଦିନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

### ଟାଟା ପାୱାର ବିରୋଧରେ ବିକ୍ଷୋଭ

**କଟକ ଅଫିସ,୫।୧:** ଟାଟା ପାୱାର ବିରୋଧରେ ଗୁରୁବାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ବିଜୁଳି ମଣିଷର ସର୍ବନିମ୍ନ ଆବଶ୍ୟକତା। ରାଜ୍ୟରେ ଯେଉଁ ବିଦ୍ୟୁତ୍ ସଂସ୍କାର ଚାଲିଛି ସେଥିରେ ସାଧାରଣ ଉପଭୋକ୍ତାଙ୍କୁ ହଇରାଣ କରାଯାଉଛି। ଟାଟା ପାୱାର କର୍ମଚାରୀମାନେ ଗ୍ରାହକଙ୍କ ଘରକୁ ବିନା ଅନୁମତିରେ ପ୍ରବେଶ କରିବା, ବାରମ୍ବାର ଲାଇନ୍ କାଟିବା, ଭୁଲ ମିଟରକୁ ପରିବର୍ତ୍ତନ ନ କରିବା ଇତ୍ୟାଦି ବେଆଇନ କାମ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ବିକ୍ଷୋଭରେ ଟାଙ୍ଗି-ଚୌଦ୍ୱାର ଅଞ୍ଚଳରୁ ବହୁ ଉପଭୋକ୍ତା ଯୋଗଦେଇ ଟାଟା ପାୱାର ହାତରୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଜୟ୍ ସିଂ, ସମ୍ପାଦକ ବିଷ୍ଣୁଚରଣ ସାହୁ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ହରିହର ପରିଡ଼ା, ଲିଙ୍ଗରାଜ ସାହୁ, ନିର୍ମଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀ କୋଚ୍ ସହ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୬।୧(ବ୍ୟୁରୋ)





ଭୁବନେଶ୍ୱର ରେଳ ଷ୍ଟେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ ପୁରୀରୁ ବାହାରୁଥିବା ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରୁଛନ୍ତି।

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଗୁରୁବାର ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ର ରାଜଧାନୀ କୋଚ ସହ ଚଳାଚଳକୁ ଭିଡିଓ କନ୍‌ଫରେନ୍ସରେ ଶୁଭାରମ୍ଭ କରିଛନ୍ତି।

ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ପାଇଁ ରେଳପଥ ପକ୍ଷରୁ ୧୮୪୫୨/୧୮୪୫୧ ପୁରୀ-ହାଟିଆ-ପୁରୀ-ତପସ୍ୱିନୀ ଏକ୍ସପ୍ରେସ୍‌କୁ ବର୍ତ୍ତମାନ ପ୍ରଚଳିତ କୋଚ ପରିବର୍ତ୍ତେ ଉନ୍ନତମାନର ରାଜଧାନୀ କୋଚ ଭଳି ଲିଙ୍କେ-ହୋଫ୍‌ମାନ-ବୁଶ୍(ଏଲ୍‌ଏଚ୍‌ବି) କୋଚ ସହ ଚଳାଚଳ କରାଯାଇଛି। ଏହି ସୁବିଧା ଆରାମଦାୟକ ଯାତ୍ରା ଅଭିଜ୍ଞତା ଏବଂ କମ୍ ଶବ୍ଦ ସହିତ ସୁରକ୍ଷାକୁ ବୃଦ୍ଧି କରାଇବ ବୋଲି ମନ୍ତ୍ରୀ ବୈଷ୍ଣବ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ରେଳଷ୍ଟେଶନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଏବଂ ହାଟିଆଠାରେ ଜନପ୍ରତିନିଧିମାନେ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ।

ଏହି ଅବସରରେ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ରେଳ ପ୍ରକଳ୍ପ ସମ୍ପାଦନ ପାଇଁ ପାଣ୍ଠିର ପ୍ରତିବନ୍ଧକ ପାଇଁ ବିଳମ୍ବ ହେବନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ ହେବ। ଏହାସହ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସେ ଆଲୋକପାତ କରିଛନ୍ତି। ଏହି ଉତ୍ସବରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳପଥ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରାରମ୍ଭିକ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କଟକ ରେଳ ଷ୍ଟେଶନଠାରେ ଦ୍ୱିତୀୟ ପ୍ରବେଶ ପଥର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହ କଟକ ଷ୍ଟେଶନ ନିରୀକ୍ଷଣ କରିବା ସହ ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ମଧ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ସମୟରେ ବୈଷ୍ଣବ ବାଲେଶ୍ୱର ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ଯାତ୍ରୀବାହୀ ଟ୍ରେନ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଅପରାହ୍ନରେ ନୀଳଗିରି, ବସ୍ତା ଏବଂ ଜଳେଶ୍ୱର ରେଳଷ୍ଟେଶନଠାରେ ବିଭିନ୍ନ ପ୍ରକଳ୍ପ ଓ ଯାତ୍ରୀ ପରିସେବାର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି।

ଧର୍ମେନ୍ଦ୍ର କହିଛନ୍ତି, ୨୦୨୧ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାମରା ଗସ୍ତ ସମୟରେ ଭୁବନେଶ୍ୱରରୁ ରେଢ଼ାଖୋଲ ପର୍ଯ୍ୟନ୍ତ ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଯାତ୍ରା କରିଥିଲେ। ଏହି ସମୟରେ ଅନେକ ସହଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯାତ୍ରୀମାନେ ଉକ୍ତ ଟ୍ରେନ୍‌ରେ ଏଲ୍‌ଏଚ୍‌ବି କୋଚ୍ ଆରମ୍ଭ କରିବା ଲାଗି ଦୀର୍ଘଦିନରୁ ଦାବି ଥିବା କହିଥିଲେ। ସେହି ମାସ ୫ ତାରିଖରେ ସେ ଉକ୍ତ ଟ୍ରେନ୍‌କୁ ଏଲ୍‌ଏଚ୍‌ବି କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାସହ ପ୍ରତ୍ୟକ୍ଷ ଭେଟି ଏହି କାର୍ଯ୍ୟ ଲାଗି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ ମଧ କରିଥିଲେ। ଦାବି ପୂରଣ ହୋଇଥିବାରୁ ବୈଷ୍ଣବଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

## ଆଜିଠୁ ନନ୍ଦନକାନନ ପାଇଁ ଅନ୍‌ଲାଇନ୍ ଟିକେଟ

**ବାରଙ୍ଗ,୬।୧(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମିତ ଓ ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ଅଫଲାଇନ ଟିକେଟକୁ ବନ୍ଦ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଶୁକ୍ରବାରଠାରୁ ଅନ୍‌ଲାଇନରେ ଟିକେଟ କାଟିବାକୁ ପଡିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଉ ପର୍ଯ୍ୟଟକଙ୍କୁ ଧାଡ଼ିରେ ଛିଡା ହେବାକୁ ପଡିବ ନାହିଁ। ଉଭୟ ପାର୍କ ବୁଲିବାକୁ ଇଚ୍ଛା କରୁଥିବା ପର୍ଯ୍ୟଟକମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି ବୁଲିପାରିବେ। ତେବେ ଉଭୟ ପାର୍କରେ ପ୍ରବେଶ ପାଇଁ ନନ୍ଦନକାନନର ୱେବ୍‌ସାଇଟ୍ www.nandankanan.org ନଚେତ ନନ୍ଦନକାନନର ଆପ୍ ଦ୍ୱାରା ପର୍ଯ୍ୟଟକମାନେ ପ୍ରବେଶ ପାଇଁ ଅନ୍‌ଲାଇନ ଟିକେଟ କାଟିପାରିବେ। ସାମାଜିକ ଦୂରତ୍ୱ ସହ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି।

## ପ୍ରଦୀପ୍ତ ପଣ୍ଡାଙ୍କୁ ଗଙ୍ଗାଧର ବଳ ସ୍ମୃତି ସମ୍ମାନ

କଟକ ଅଫିସ, ୬।୧

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାହିତ୍ୟ ସମାଲୋଚକ ଡ. ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ବଳ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଜଣେ ଉଚ୍ଚକୋଟିର ଗବେଷକ ଥିଲେ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଡ. ସୁଧାକର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଜାତିର ସ୍ୱାଭିମାନ ପ୍ରତିଷ୍ଠା ଦିଗରେ ମଧ୍ୟଯୁଗୀୟ କବିମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ଗବେଷକ ଡ. ପ୍ରଦୀପ୍ତ କୁମାର ପଣ୍ଡାଙ୍କୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ଅଧ୍ୟାପକ କମଳ ମାହୁନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହିକା କମିଟି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ମାନପତ୍ର ପାଠ କରିଥିଲେ । ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଶ୍ରମିକଙ୍କୁ ଜବ୍‌କାର୍ଡ ବଣ୍ଟନ

କଟକ ସଦର,୬।୧(ଡି.ଏନ୍.ଏ.)

କରୋନା ସମୟରେ କାମ ଯୋଗାଇଦେବା ଲକ୍ଷ୍ୟରେ ଗୁରୁବାର କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ କାର୍ଯ୍ୟାଳୟରେ ୨୦୦ ଶ୍ରମିକଙ୍କୁ ଜବ୍‌କାର୍ଡ କୋଭିଡ୍ ନିୟମ ଅନୁଯାୟୀ ବଣ୍ଟନ କରାଯାଇଥିଲା। ସରପଞ୍ଚ ମିନତି ବେହେରା, ସମିତି ସଭ୍ୟ ପ୍ରଭାକର ବେହେରା ଓ ଜିଲା ପରିଷଦ ସଭ୍ୟ ଝିନୁ ବେହେରା ଏହି କାର୍ଡ ବଣ୍ଟନ କରିଥିଲେ। ୨୬ ଜଣଙ୍କୁ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲ, ଦୈତାରୀ ବେହେରା ଓ ସନ୍ତୋଷ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାସ୍କ ଚେକିଂ କଡ଼ାକଡ଼ି

ଖୁଣ୍ଟୁଣୀ,୬।୧(ଡି.ଏନ୍.ଏ.)

ରାଜ୍ୟରେ ଓମିକ୍ରନ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ତତ୍ପର ହୋଇଉଠିଛନ୍ତି। ଏ ନେଇ ସରକାର କରୋନା କଟକଣା ଜାରି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ସମସ୍ତ ବାଇକ୍ ଆରୋହୀ ଓ ଖୁଣ୍ଟୁଣୀ ବଜାରରେ ଥିବା ଦୋକାନରେ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍‌ଆଇ କେଦାରନାଥ ବିଶ୍ୱାଳ, ଏସ୍‌ଆଇ ପାନାମଣି ସୋରେନ ଓ ସମସ୍ତ ସହଯୋଗୀ ପ୍ରଥମ ଦିନରେ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଦୋକାନୀଙ୍କୁ ମାସ୍କ ପିନ୍ଧିବା, ସାବୁନରେ ହାତକୁ ବାରମ୍ବାର ଧୋଇବା ଆଦି କହି ସଚେତନ କରିଥିଲେ।



ମାଟ୍ରିକ୍ ସମେଟିଭ୍ ପରୀକ୍ଷାର ଗୁରୁବାର ଦ୍ୱିତୀୟ ଦିବସରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ସମ୍ମୁଖରେ ସୃଷ୍ଟି ହୋଇଥିବା ଭିଡ଼ ଭିତରେ ଛାତ୍ରୀଛାତ୍ର।

## ଅନ୍ୟଙ୍କ ପାଇଁ ପ୍ରେରଣା ଟ୍ରି ମ୍ୟାନ ପ୍ରଭାସ

କଟକ ଅଫିସ,୬।୧



ପିଲାଟି ଦିନରୁ ଗଛ ପ୍ରତି ଭଲପାଇବା ପ୍ରଭାସ ମଙ୍ଗରାଜ (୫୦)ଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଏକ ଲକ୍ଷରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଗଛ ପ୍ରତି ତାଙ୍କର ଏହି ଭଲ ପାଇବା ପାଇଁ ଏବେ ଟ୍ରି ମ୍ୟାନ ଭାବେ ସମାଜରେ ତାଙ୍କର ପରିଚୟ ସୃଷ୍ଟି ହୋଇଛି । ରାଜ୍ୟର ବିଭିନ୍ନ ଜିଲାକୁ ଯାଇ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଗଛକୁ ରକ୍ଷା କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥାନ୍ତି । ଏଥିସହ ଅନେକ ଶୋଭାଯାତ୍ରାର ନେତୃତ୍ୱ ନେଇ ଯୁବପିଢ଼ିଙ୍କୁ ଏକଜୁଟ କରି ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥାନ୍ତି।

୧୯୭୨ରେ ଫୁଲନଖରାର ସାଶୋଳ ଗ୍ରାମରେ ପ୍ରଭାସଙ୍କ ଜନ୍ମ । ବାପା ସ୍ୱର୍ଗତ ରାମଚନ୍ଦ୍ର ମଙ୍ଗରାଜ ଭାରତ-ଚାଇନା, ଭାରତ-ପାକିସ୍ତାନ ଯୁଦ୍ଧରେ ସାମିଲ ଥିଲେ। ମା’ ସ୍ୱର୍ଗତ ମେନକା ସୁନ୍ଦରୀ ଗୃହିଣୀ ଥିଲେ। ପରିବାରର ସମସ୍ତେ ସାମରିକ ବାହିନୀରେ କାର୍ଯ୍ୟ କରୁଥିଲା ବେଳେ ପିଲାଟି ଦିନରୁ ପ୍ରଭାସଙ୍କର ଗଛ ପ୍ରତି ଭଲପାଇବା ରହିଆସିଛି। ୮ ବର୍ଷ ବୟସରୁ ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏହାପରେ ପକେଟ୍ ଖର୍ଚ୍ଚରେ ଗାଁ ପିଲାଙ୍କୁ ମେଳିକରି ସେ ବିଭିନ୍ନ ସ୍ଥାନରେ ଗଛ ଲଗାଇଥିଲେ। ବିଭିନ୍ନ ଜିଲାକୁ ବୁଲି ସେ ଗଛ ଲଗାଇଲେ। ତେବେ ବାତ୍ୟା ଫନୀ ସମୟରେ ବିଭିନ୍ନ ସ୍ଥାନରେ ଉପୁଡିଯାଇଥିବା ୧୦ ହଜାରୁ ଊର୍ଦ୍ଧ୍ୱ ଗଛକୁ ପୁନର୍ଜୀବିତ କରିଥିଲେ। ପ୍ରଭାସଙ୍କର ଗ୍ରୀନ ୱାରିୟର ନାମକ ଏକ ଟିମ ମଧ ରହି ଚାରା ଲଗାଇବା ସହ ସଚେତନା କରୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟକଳାପ ବିଷୟରେ ଖବର ପାଇ ଅଷ୍ଟ୍ରେଲିଆରୁ କେତେଜଣ ଛାତ୍ରୀଛାତ୍ର ତାଙ୍କ ନିକଟକୁ ଆସି ଜୈବିକ ପଦ୍ଧତିରେ କିପରି ସହଜରେ ଚାଷ କରିବାକୁ ହେବ ଏବଂ ଗ୍ରାମାଞ୍ଚଳର ଚାଷୀମାନେ କେଉଁ କେଉଁ ସମସ୍ୟା ଦେଇ ଗତି କରୁଛନ୍ତି ସେ ସମ୍ପର୍କରେ ବୁଝିଥିଲେ ।

ପ୍ରଭାସଙ୍କ ଫକିରପଡା ଅଞ୍ଚଳରେ ଏକ ଫାର୍ମ ରହିଛି। ସେଠାରେ ୪ରୁ ୫ ପ୍ରକାର ତୁଳସୀ, ପିପଳି, ଗୋଲମରିଚ, ଲିମ୍ବ, ଗୋକର୍ଣ୍ଣବଟ ଆଦି ଔଷଧୀୟ ବୃକ୍ଷ ଓ ବିଭିନ୍ନ ଫଳ ଗଛ ଲଗାଇଛନ୍ତି। ଏଥିସହ ନିଜ ଘରେ ବିଭିନ୍ନ ଫୁଲଗଛ ସମେତ ଔଷଧୀୟ ବୃକ୍ଷର ଚାରା ତିଆରି କରି ସେ ସହର ତଥା ଆଖପାଖ ଅଞ୍ଚଳରେ ଚାରାରୋପଣ କରି ଆସୁଛନ୍ତି। ପ୍ରତ୍ୟେକ ମଣିଷ ଜୀବନ କାଳରେ ୭ରୁ ୮ଟି ଗଛ ଲଗାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ଦିନକୁ ଦିନ ବ୍ୟାପକ ଭାବେ ଗଛ କଟାଯିବା ଯୋଗୁ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ସହ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି। ଫଳରେ ବିଭିନ୍ନ ସମୟରେ ମନୁଷ୍ୟକୁ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଅଧିକ ଚାରାରୋପଣର ଆବଶ୍ୟକ ରହିଛି ବୋଲି ପ୍ରଭାସ କହିଛନ୍ତି।

## ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସେବା ରତ୍ନ ସମ୍ମାନ

କଟକ ଅଫିସ, ୬।୧

**ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ବାର୍ଷିକୋତ୍ସବ**

ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ୧୧ତମ ବାର୍ଷିକ ଉତ୍ସବ ଶ୍ରୀରାମ ଚନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସଂସଦର ସଭାପତି ମୁରଲୀଧର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସଂଗୀତ ଗୁରୁ ଅରୂପଲାଲ ଘୋଷ, ନୀଳଚକ୍ରର ସଭାନେତ୍ରୀ ନମିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସେବା ରତ୍ନ ସମ୍ମାନ ଓ ତବଲା ବାଦକ ଯୋଗେନ୍ଦ୍ର ନାଥ ସ୍ୱାଇଁଙ୍କୁ ଗୁରୁ ଧୋବି ବେହେରା ଲୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉତ୍ସବରେ ସଂଗଠନ ସମ୍ପାଦକ ସଂଯୋଜ କୁମାର ସାମନ୍ତରାଏ ଅତିଥି ପରିଚୟ, ସମ୍ପାଦକ ନିବାସ ରାଉତ ସମ୍ପାଦକୀୟ ପାଠ କରିଥିଲେ। ଏଥିରେ ସଂସଦ ଉପସଭାପତି ଜୀବନଜ୍ୟୋତି ଶତପଥୀ, ଅଦୈତ ପ୍ରଧାନ, ପ୍ରଦୀପ ସାମଲ, ଜିତୁ ମହାନ୍ତି, ଅକ୍ଷୟ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।


**WATER AND LAND MANAGEMENT INSTITUTE**
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, Pin-754001
(0671) 2586426, 2586432, Fax:- 2586430
Email_Id: walmi_orissa@rediffmail.com
Website: www.walmiodisha.com or www.walmi odisha.org

**TENDER ENQUIRY No. 01/2021-22**

No.A-816:- Sealed Tenders are invited from the qualified man power agencies/ service providers for providing the services of Junior Engineer (Civil), Amin, Community Organiser and CAD & WM Expert to WALMI, Odisha for Soft Component Activities in Rengali Irrigation Project (Ph-2), The details of tender will be web-hosted in the WALMI Website: **www.walmiodisha.com**. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document & EMD is to be remitted in the form of Bank Draft/ Demand Draft in favour of the Deputy Director, WALMI payable at Bhubaneswar or Cuttack, The manpower agencies/ service providers are to send their bids to Deputy Director, WALMI with EMD and Tender fee on or before 17.01.2022 by 3.00 P.M. which is the last date of receipt of application. The time and date of opening of the Technical Proposal is on the same day at 4.00 P.M in the Office chamber of Deputy Director, WALMI. The application received after the due date and time due to any reason shall not be entertained.

OIPR-32199/11/0002/2122 **Sd./- Deputy Director, WALMI, Odisha**



**ଭୂ-ଅର୍ଜନ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ରେତ୍ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି**
**(କ୍ୟାମ୍ପ ଅଫିସ୍, ଭବାନୀପାଟଣା)**

ପତ୍ର ସଂଖ୍ୟା: ୦୪ ତା୦୪।୦୧।୨୦୨୨

**ନୋଟିସ୍**

No. A-818: ଏତଦ୍ୱାରା ଗୁଣ୍ଡୁରି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମୌଜା: ପାଡ଼ପଙ୍ଗା, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି ଗ୍ରାମବାସୀଙ୍କୁ ଜଣାଇ ଦିଆଯାଉଛି ଯେ, ପାଡ଼ପଙ୍ଗା ଗ୍ରାମର ଏ.୦.୬୪ଡି. ଜମି ରେତ୍ ଜଳସେଚନ ପ୍ରକଳ୍ପର ଅତିରିକ୍ତ ବୁଡ଼ି ଅଞ୍ଚଳ ନିମନ୍ତେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅଧିସୂଚନା ସଂଖ୍ୟା ୩୧୬ ତା୧୫।୦୯।୨୦୨୧ରିଖ ମୁତାବକ ଅଧିଗ୍ରହଣ କରାଯାଉଛି। ଏହି ଅଧିଗ୍ରହଣ ଦ୍ୱାରା ପାଡ଼ପଙ୍ଗା ଗ୍ରାମ (କଲୋନୀ ପଡ଼ା) କ୍ଷତିଗ୍ରସ୍ତ ହେଉଅଛି ଓ ବିସ୍ଥାପନ ପାଇଁ ପ୍ରସ୍ତାବ ଅଛି। ଏହି ନିମନ୍ତେ ଉକ୍ତ ଗ୍ରାମରେ ଏକ ଜନଶୁଣାଣି ତା୧୨।୦୧।୨୦୨୨ରିଖରେ କରିବାକୁ ସ୍ଥିର କରାଯାଇଅଛି।

ଏଣୁ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ତା୧୨।୦୧।୨୦୨୨ରିଖ ଦିବା ୧୧ଘଣ୍ଟା ସମୟରେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ହେବେ।

ସ୍ୱା./- ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ
ରେତ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି
OIPR-32426/11/0003/2122



**ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଠିକଟା, ଜିଲ୍ଲା: ସୁନ୍ଦରଗଡ଼**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଲାଠିକଟା ତହସିଲ ଅଧୀନରେ ଥିବା ତିନି (୩)ଗୋଟି ସୈରାତ ଉତ୍ସ (ବାଲି ଓ ପଥର ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ (www.sundergarh.nic.in)ରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ଲାଠିକଟା
OIPR-24246/11/0002/2122



**OFFICE OF THE EXECUTIVE ENGINEER, L.I. DIVISION, CUTTACK**
No. CAD-2734: e-mail: eeolic_ctc@yahoo.in

**e-Procurement Notice**
Bid Identification No. 18/OLIC (CTC)/Dt.05.01.2022

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited, Bhubaneswar invites Percentage Rate Bids in Online mode for Drilling & Installation of 150mm dia Cluster Shallow Tube Wells in different blocks of Cuttack & Jagatsinghpur districts from reputed drilling contractors having **OWN RIG & Experience** in similar nature of works. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Package | 2 (Two) |
| 2. | Estimated Cost | Rs.22.37 lakh to Rs.26.32 lakh |
| 3. | Cost of Tender Paper | Rs.6000/- (In Online Mode) + 5% GST as revers charge basis vide Challan No. **21AAACO5986G1ZF** of OLIC |
| 4. | Date & time of publication | Dt.07.01.2022 from 10.00 A.M. |
| 5. | Date & time of closing | Dt.12.01.2022 at 5.00 P.M. |
| 6. | Date & time of Opening of Bid | Dt.13.01.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender if any, can be seen in the website.

OIPR-32238/11/0021/2122 Sd./- Executive Engineer



**ODISHA POLICE**
**DISTRICT HEAD QUARTERS, JAJPUR**
Address: At: Office of the Superintendent of Police, Jajpur
At/P.O.: Panikoili, District - Jajpur,
Odisha, PIN - 755043
Contact No. 06726-240112
E-mail: spjjp.odpol@nic.in
No. 32/RO Date: 05.01.2022

**TENDER CALL NOTICE FOR HIRING OF VEHICLES**

No. D-269: Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the Jajpur district website **https://jajpur.nic.in**. Interested agencies may submit their tenders in a sealed envelope with super scribing on the top of the sealed envelopes as “Tender for Hiring of Vehicles for NH Patrol on monthly basis to Superintendent of Police, Jajpur”.

The tender should reach the office of the undersigned by **23.01.2022 (till 5.30 P.M.)**. The tenders will be opened on **24.01.2022 at 11.00 A.M.** for finalization of Technical Bid. The financial bid will be opened on **24.01.2022 at 11.30 A.M.** The undersigned reserves the right to reject any or all the tenders without assigning any reason thereof.

**Sd./- Superintendent of Police, Jajpur**
OIPR-12103/11/0001/2122



**OFFICE OF THE SR. PROJECT MANAGER** No. CAD-2733
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
**PURI PROJECT DIVISION NO. II, PURI**
E-mail Id: obccpuridivnii@gmail.com / puridiv2@obcc.in
Letter No. 29 Date: 06.01.2022

**BID IDENTIFICATION NO. 10/2021-22 | TENDER CALL NOTICE**

**3.** The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.), Puri, on behalf of Governor of Odisha, invites Percentage bids in Double Cover system for the following works from ‘B’ & ‘C’ Class Contractors registered with the State Government, and contractors of equivalent grade/class registered with Central Government/ MES/ Railways or Manufacturers, Authorized Manufacturers having MSME registration throughout india to be eventually drawn up in P-1 form/ other available forms for execution of the works, on prodection of definite proof from the appropriate authority. But successful bidder other than State/ MES/ Railways/ CPWD/ MSME Company in equivalent rank must register under the State PWD before signing the agreement.

| Sl No. | Name of work | Approx. Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **Construction of SFRC boundary wall for Khandolite stockyard at Samanga, Puri** | 35.00 | Sr. Project Manager, Puri Project Division No.-II, O.B. & C.C. Ltd., Puri | Nil | Rs.6,720/- | 'B' Class & 'C' Class and Authorized Manufacturers having MSME registration throughout India | 3 (Three) calendar months |

**14.** The Bid document shall be available in the website https://tendersodisha.gov.in from **04.30 P.M. of Dt. 07.01.2022 to 04.30 P.M. of Dt.17.01.2022** for online Bidding. **15.** The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. **16.** The bid shall be received **only through "online" on or before 04.30 P.M. of Dt. 17.01.2022.** **17.** Bids received online shall be opened at **05.00 P.M. on Dt. 17.01.2022** in the office of the Sr. Project Manager, Puri Division-II, Odisha Bridge & Construction Corporation Ltd., Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **18.** The authority reserves the right to cancel any or all bids without assigning any reason thereof. **19.** Further details with any addendum, corrigendum, cancellation can be seen from the website only **https://tendersodisha.gov.in**.

OIPR-34152/11/0006/2122 Sd./- Sr. Project Manager, Puri Project Divn. No.-II, O.B. & C.C. Ltd., Puri